# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୨୬/୨୦୨୨ (୧୪ ପୃଷ୍ଠା) | Bhubaneswar, Thursday, May 26/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୧୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**୧୫୦୦ରେ ମଡେଲିଂ**

ଐଶ୍ୱର୍ଯ୍ୟା ରାୟ ବଚ୍ଚନ ୧୮ ବର୍ଷ ବୟସରେ ମଡେଲିଂ କ୍ୟାରିୟର ଆରମ୍ଭ କରିଥିବାବେଳେ ଏଥିରୁ ସେ ୧୫୦୦ ଟଙ୍କା ଆୟ କରିଥିଲେ।

୧୦

୧୨

**ଟ୍ରେନିଂ ବେସ୍ ବଦଳାଇବେ ନୀରଜ**

ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଜାଭେଲିନ୍ ତାରକା ଭାରତର ନୀରଜ ଚୋପ୍ରା ତୁର୍କୀରୁ ନିଜ ଟ୍ରେନିଂ ବେସ୍ ଫିନ୍‌ଲାଣ୍ଡକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଛନ୍ତି।



# ବାହାର ଟୁରିଷ୍ଟ ବସ୍‌କୁ କଳିଙ୍ଗା ଘାଟି ମନା

**ଭୁବନେଶ୍ୱର, ୨୫।୫(ବ୍ୟୁରୋ)**

ଗଞ୍ଜାମ-କନ୍ଧମାଳ ଜିଲାକୁ ସଂଯୋଗ କରୁଥିବା ରାସ୍ତାର କଳିଙ୍ଗା ଘାଟିରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଥିବା ବସ୍ ଦୁର୍ଘଟଣା ପାଇଁ ରାଜ୍ୟ ସରକାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବାରମ୍ବାର ଏହି ଘାଟିରେ ଦୁର୍ଘଟଣା ଘଟୁଥିବାରୁ ବାହାର ରାଜ୍ୟର ପର୍ଯ୍ୟଟକମାନଙ୍କୁ ଧରି ଆସୁଥିବା ବସ୍‌କୁ କଳିଙ୍ଗା ଘାଟି ଦେଇ ଯିବାକୁ ଅନୁମତି ନ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବୁଧବାର ଗଣମାଧ୍ୟମକୁ କହିଛନ୍ତି ଯେ, ଅତୀତରେ ଅନ୍ୟ ରାଜ୍ୟରୁ ଆସୁଥିବା ବସ୍‌ଗୁଡ଼ିକ କଳିଙ୍ଗା ଘାଟିରେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ପାହାଡ଼ିଆ ଲମ୍ବା ଘାଟିରେ ଗାଡ଼ି ଚଳାଇବାରେ ସମ୍ପୃକ୍ତ ଡ୍ରାଇଭରମାନଙ୍କର ଅଭିଜ୍ଞତା ନାହିଁ। ବାହାର ରାଜ୍ୟରୁ ଆସୁଥିବା ବସ୍‌ଗୁଡ଼ିକ ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଗାଇଡ୍‌ଲାଇନ୍ ଜାରି କରିବେ। ସେମାନେ ଏହି ଘାଟି ବାଟରେ ନ ଆସି ଅନ୍ୟ ବାଟରେ ଯିବାକୁ ପରାମର୍ଶ ଦିଆଯିବ। ☞ପୃଷ୍ଠା-୪



## ରୋକି ହେଉନି ଦୁର୍ଘଟଣା

**ଭଞ୍ଜନଗର, ୨୫।୫(ଡି.ଏନ.ଏ)**

ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ କଳିଙ୍ଗା ଘାଟି। ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଦୁର୍ଗାପ୍ରସାଦରୁ ଘାଟି ରାସ୍ତା ଆରମ୍ଭ ହୋଇ କନ୍ଧମାଳ ଜିଲା କଳିଙ୍ଗାରେ ଘାଟି ସରିଛି। ୧୦ କି.ମିର ଏହି ଘାଟିର ଭୌଗୋଳିକ ସ୍ଥିତି ଏବଂ ଗାଡ଼ି ଚାଳକଙ୍କ ଅସାବଧାନତା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଅନେକ ଧନଜୀବନ କ୍ଷତି ହେଉଛି। ବ୍ରିଟିଶ ଶାସନ ସମୟରେ କଳିଙ୍ଗା ଘାଟି ପାଦଚଲା ରାସ୍ତା ଥିଲା। ପରେ ଗମନାଗମନ ଏବଂ ବାଣିଜ୍ୟ ପାଇଁ ପର୍ଯ୍ୟାୟକ୍ରମେ ଉକ୍ତ ରାସ୍ତାର ବିକାଶ କରାଗଲା। ବର୍ତ୍ତମାନ ଉକ୍ତ ରାସ୍ତା ରାଞ୍ଚି-ବିଜୟୱାଡା କରିଡର ☞ପୃଷ୍ଠା-୪

## ଓଲଟିଲା ବସ୍: ୬ ପର୍ଯ୍ୟଟକ ମୃତ



- ୪୨ ଆହତ, ୧୪ ଗୁରୁତର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି
- ଦାରିଙ୍ଗବାଡ଼ିରୁ ବିଶାଖାପଟଣା ଯାଉଥିଲେ ପଶ୍ଚିମବଙ୍ଗ ପର୍ଯ୍ୟଟକ
- ଶୋକବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

**ଭଞ୍ଜନଗର,(ଡି.ଏନ୍.ଏ.)/ଫୁଲବାଣୀ ଅଫିସ/ବ୍ରହ୍ମପୁର ଅଫିସ, ୨୫।୫**

ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିର ଦୁର୍ଗାପ୍ରସାଦ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଟୁରିଷ୍ଟ ବସ୍ ଓଲଟି ପଡ଼ିଛି। ଏଥିରେ ଜଣେ ରୋଷେୟାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୨ ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୧୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବସ୍‌ଟି ପଶ୍ଚିମବଙ୍ଗରୁ ପର୍ଯ୍ୟଟକଙ୍କୁ ନେଇ କନ୍ଧମାଳ ଜିଲା ଦାରିଙ୍ଗବାଡ଼ିକୁ ଆସିଥିଲା। ଦାରିଙ୍ଗବାଡ଼ିରୁ ଫେରିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଟୁଇଟ୍ ମାଧ୍ୟମରେ ଦୁଃଖ ପ୍ରକାଶ କରି ସ୍ୱର୍ଗତ ଆତ୍ମାର ସଦ୍‌ଗତି ଏବଂ ଆହତମାନଙ୍କ ଆଶୁ ☞ପୃଷ୍ଠା-୪

## ୟାସିନ୍ ମଲିକଙ୍କୁ ଆଜୀବନ ଜେଲ

- ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲା



**ନୂଆଦିଲ୍ଲୀ, ୨୫।୫**

ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ବଳରେ ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇଥିବା କଶ୍ମୀରର ବିଚ୍ଛିନ୍ନତାବାଦୀ ନେତା ୟାସିନ୍ ମଲିକଙ୍କୁ ବୁଧବାର ଆଜୀବନ କାରାଦଣ୍ଡାଦେଶ ହୋଇଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ୟାସିନ୍‌ଙ୍କ ପାଇଁ ସର୍ବାଧିକ ମୃତ୍ୟୁ ଦଣ୍ଡାଦେଶ ଦାବି କରିଥିବାବେଳେ ଦିଲ୍ଲୀର ଏକ ସ୍ୱତନ୍ତ୍ର ଅଦାଲତ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ନୂଆଦିଲ୍ଲୀର ସ୍ୱତନ୍ତ୍ର ଏନ୍ଆଇଏ ବିଚାରପତି ପ୍ରବୀଣ ସିଂଙ୍କ କୋର୍ଟରେ ୟାସିନ୍ ମଲିକଙ୍କ ଦଣ୍ଡାଦେଶ ନେଇ ଉଭୟ ଅଭିଯୋଜନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଗଣମାଧ୍ୟମ ସ୍ୱାଧୀନତାର ଲଢ଼େଇ

## ସ୍ନାନବେଦିରେ ମିଳିବ ଦାରୁଦିଅଁଙ୍କ ଦର୍ଶନ

**ପୁରୀ ଅଫିସ, ୨୫।୫**

ନୀଳାଦ୍ରିଭକ୍ତନିବାସରେ ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ସ୍ନାନଯାତ୍ରା ଓ ରଥଯାତ୍ରା ନୀତିକାନ୍ତି ଚୂଡ଼ାନ୍ତ ହୋଇଛି। ବୈଠକରେ ରାଜେନ୍ଦ୍ରାଭିଷେକ, ରୁକ୍ମିଣୀ ହରଣ ଏକାଦଶୀ, ଚମ୍ପକ ଦ୍ୱାଦଶୀ, ଦଇତାପତି ପ୍ରବେଶ, ସେନାପଟାଲାଗି, ଦେବସ୍ନାନ ପୂର୍ଣ୍ଣିମା, ଚକାବିଜେ, ଖଳିଲାଗି ଏକାଦଶୀ, ରାଜପ୍ରସାଦ ବିଜେ, ନବଯୌବନ ଦର୍ଶନ ସମେତ ଶ୍ରୀଗୁଣ୍ଡିଚା ଯାତ୍ରାର ନୀତିକାନ୍ତି ସ୍ଥିର ହୋଇଛି। ଦୁଇବର୍ଷ ପରେ ଚଳିତବର୍ଷ ଭକ୍ତଙ୍କ ଗହଣରେ ରଥଯାତ୍ରା ହେବାକୁ ଯାଉଛି। ଏଣୁ ଶୃଙ୍ଖଳିତ ନୀତିକାନ୍ତିକୁ ଗୁରୁତ୍ୱ ଦିଆଯାଇଛି। ଏଥର ଶ୍ରଦ୍ଧାଳୁମାନେ ସ୍ନାନବେଦିରେ ଦାରୁଦିଅଁଙ୍କୁ ଦର୍ଶନ କରିପାରିବେ। ସକାଳେ ପହଣ୍ଡି ବେଳେ ପାରମାଣିକ ଦର୍ଶନ ବ୍ୟବସ୍ଥା ହେବ। ତେବେ ଶ୍ରୀବିଗ୍ରହଙ୍କୁ କେହି ସ୍ପର୍ଶ କରିପାରିବେ ନାହିଁ।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଯାଦବ ସୂଚନା ଦେଇ କହିଛନ୍ତି, ନୀତି ସବ୍‌କମିଟି ବୈଠକରେ ଛତିଶା ନିଯୋଗ ସହ ଆଲୋଚନା କରାଯାଇ ସ୍ନାନପୂର୍ଣ୍ଣିମାଠାରୁ ବାହୁଡ଼ା ଯାତ୍ରା ଓ ସୁନାବେଶ ଭଳି ପ୍ରମୁଖ ଯାନିଯାତ୍ରା ତଥା କାର୍ଯ୍ୟକ୍ରମର ନୀତିକାନ୍ତି ଚୂଡ଼ାନ୍ତ ହେଲା। ଚଳିତବର୍ଷ ରଥଯାତ୍ରା ଓ ସୁନାବେଶରେ ପୂର୍ବାପେକ୍ଷା ଭକ୍ତଙ୍କ ଅଧିକ ସମାଗମ ହେବା ସମ୍ଭାବନା ଥିବାରୁ ☞ପୃଷ୍ଠା-୪

**ଛତିଶା ନିଯୋଗ ବୈଠକରେ ନୀତିକାନ୍ତି ଚୂଡ଼ାନ୍ତ**

- ଭୋର ୪ରୁ ପହଣ୍ଡି, ୧୨ଟା ୧୫ରେ ଛେରାପହଁରା
- ଶ୍ରୀଜୀଉଙ୍କୁ ଛୁଇଁବା ମନା, ପହଣ୍ଡି ବେଳେ ପାରମାଣିକ ଦର୍ଶନ



### 'ତୀର୍ଥଭୂମିର ଅସ୍ତିତ୍ୱ ବିଲୁପ୍ତ ହେଉଛି'

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

**ପୁରୀ ଅଫିସ, ୨୫।୫**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ ଦିନକୁ ଦିନ ବଢୁଥିବା ବେଳେ ଏହି ପ୍ରସଙ୍ଗରେ ବୁଧବାର ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମତ ରଖିଛନ୍ତି। ବିକାଶ ନାମରେ ତୀର୍ଥଭୂମିର ଆଦର୍ଶ, ଅସ୍ତିତ୍ୱ ବିଲୁପ୍ତ କରାଯାଉଛି। ଏଥିପ୍ରତି ଧ୍ୟାନ ଦେଇ ତୀର୍ଥସ୍ଥଳକୁ ଭୋଗସ୍ଥଳୀର ରୂପ ଦିଆ ନ ଯାଉ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦକୁ ନେଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଉପସ୍ଥିତିରେ ପୁରୀ ଗୋବର୍ଦ୍ଧନ ମଠ ପରିସରରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦଳର ନେତା, ସଂଗଠକ, ବୁଦ୍ଧିଜୀବୀ, ଐତିହ୍ୟ ବିଶାରଦ ଉପସ୍ଥିତ ରହି ପ୍ରକଳ୍ପ ପାଇଁ ମତ ରଖୁଥିବା ବେଳେ ସପକ୍ଷବାଦୀ ଏବଂ ବିପକ୍ଷବାଦୀ ନେଇ ଆଲୋଚନା ହୋଇଥିଲା। ଦୀର୍ଘସମୟ ଧରି ଆଲୋଚନା ହେବା ପରେ ବୈଠକର ପରଦିନ ଶଙ୍କରାଚାର୍ଯ୍ୟ ତାଙ୍କ ମତ ରଖିଛନ୍ତି। ସେ କହିଛନ୍ତି, ଧାର୍ମିକ



ସହର ପୁରୀ ସମେତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିକାଶର ମୁଁ ପକ୍ଷଧର କିନ୍ତୁ ତୀର୍ଥର ଅସ୍ତିତ୍ୱ ଆଦର୍ଶ ବିକାଶ ନାମରେ ବିଲୁପ୍ତ ହେଉ ତାହାର ସପକ୍ଷରେ ନାହିଁ। ମାର୍ଗକୁ ପ୍ରଶସ୍ତ କରିବା ପାଇଁ ମଠ ମନ୍ଦିର ଭାଙ୍ଗି ଯେଉଁ ବିନାଶ ଚାଲିଛି ତାହାର ପକ୍ଷଧର ମୁଁ ନୁହେଁ। ଦେବଦେବୀଙ୍କ ସ୍ଥାନକୁ ବିଲୁପ୍ତ କରାଯାଉଛି। ବିକାଶ ନାମରେ ମଠ ଭାଙ୍ଗିବା ଅନୁଚିତ। ରାସ୍ତା ପ୍ରଶସ୍ତ ଆଳରେ ଏକ ପ୍ରକାର ☞ପୃଷ୍ଠା-୪

## ଟେକ୍ସାସ୍ ସ୍କୁଲରେ ଗୁଳି: ୨୧ ମୃତ

- ମୃତକଙ୍କ ମଧ୍ୟରେ ୧୯ ଶିଶୁ
- ସୁରକ୍ଷା ଅଧିକାରୀଙ୍କ ଗୁଳିରେ ବନ୍ଧୁକଧାରୀ ନିହତ

**ଟେକ୍ସାସ୍, ୨୫।୫**

ମାତ୍ର ୧୦ ଦିନର ବ୍ୟବଧାନରେ ଆମେରିକାରେ ଗୁଳିକାଣ୍ଡ ଘଟି ପୁଣି ଯାଇଛି ନୀରିହଙ୍କ ଜୀବନ। ଟେକ୍ସାସର ଉଭାଲ୍‌ଡେ ସହରସ୍ଥିତ ରୋବ୍ ପ୍ରାଥମିକ ସ୍କୁଲରେ ମଙ୍ଗଳବାର ଜଣେ ଆତତାୟୀଙ୍କ ଗୁଳିମାଡ଼ରେ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୯ ଶିଶୁ ରହିଛନ୍ତି, ଯାହାଙ୍କ ବୟସ ୫ରୁ ୧୧ ବର୍ଷ ମଧ୍ୟରେ ହେବ। ଅନ୍ୟ ଦୁଇ ମୃତକ ହେଲେ ସ୍କୁଲ ଶିକ୍ଷୟିତ୍ରୀ। ଖରାଦିନିଆ ଛୁଟି ଘୋଷଣାର ଦୁଇ ଦିନ ପୂର୍ବରୁ ୧୮ ବର୍ଷୀୟ ହାଇସ୍କୁଲ ଛାତ୍ର ସାଲ୍‌ଭେଡର ରାମୋସ୍ ଏହି କାଣ୍ଡ ଭିଆଇଛନ୍ତି। ଘଟଣା ପରେ ସୁରକ୍ଷାକର୍ମୀଙ୍କ ଗୁଳିରେ ସେ ନିହତ ହୋଇଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍, ତାଙ୍କ ସ୍ତ୍ରୀ ତଥା ଫାଷ୍ଟ ଲେଡି ଜିଲ୍ ବାଇଡେନ୍, ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ବନ୍ଧୁକ ଉପରେ ନିୟନ୍ତ୍ରଣ ଆଣିବା ସପକ୍ଷରେ ଆମେ କେବେ ଛିଡ଼ା ହେବା ବୋଲି ବାଇଡେନ୍ ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କରିଛନ୍ତି। ନରସଂହାର ଭିତରେ କାହିଁକି ବଞ୍ଚିବାକୁ ଇଚ୍ଛା କରୁଛେ। ଆମକୁ ଏବେ ଏହା ଉପରେ ତ୍ୱରିତ ପଦକ୍ଷେପ ନେବାକୁ ପଡ଼ିବ ବୋଲି ସେ ଦୋହରାଇଛନ୍ତି। ଟେକ୍ସାସ୍ ଇତିହାସରେ ଏହାକୁ ସବୁଠୁ ଭୟଙ୍କର ଗୁଳିକାଣ୍ଡ ବୋଲି କୁହାଯାଉଛି।



ମୃତ ଅଭିଯୁକ୍ତ ସାଲ୍‌ଭେଡର ରାମୋସ୍

ମଙ୍ଗଳବାର ସ୍ଥାନୀୟ ସମୟ ସକାଳ ପ୍ରାୟ ସାଢ଼େ ୧୧ଟାରେ ସାଲ୍‌ଭେଡର ଏଲିମେଣ୍ଟାରି ସ୍କୁଲ ଭିତରେ ପଶିଥିଲେ। ତାଙ୍କ ହାତରେ ଏଆର୍-୧୫ ସେମି-ଅଟୋମେଟିକ୍ ରାଇଫଲ ଏବଂ ହାଇ-କାପାସିଟି ମାଗାଜିନ୍ ଥିଲା। ସେତେବେଳେ ସ୍କୁଲରେ ପ୍ରାୟ ୬୦୦ ପିଲା ଉପସ୍ଥିତ ଥିଲେ। ବିଦ୍ୟାଳୟର ଗୋଟିଏ ଶ୍ରେଣୀରେ ପଶିବା ପରେ ସେଠାରେ ସେ ଆଖିବୁଜା ଗୁଳିଚାଳନା କରିଥିଲେ। ସ୍କୁଲରେ ଗୁଳିକାଣ୍ଡ ଘଟାଇବା ପୂର୍ବରୁ ସାଲ୍‌ଭେଡର ଏକ ବନ୍ଧୁକ ଧରି ନିଜ ଘରକୁ ଯାଇଥିଲେ। ଘରେ ଆଈ ମା'ଙ୍କ ସହ ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ସେ ଉତ୍କ୍ଷିପ୍ତ ହୋଇ ଆଈ ମା'ଙ୍କୁ ଗୁଳି କରିଥିଲେ, ଯାହାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏଭଳି କରିବା ପଛର କାରଣ ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ିନାହିଁ। ମାସେ ତଳେ ଏକ ରେଷ୍ଟୁରାଣ୍ଟରେ ଅଭିଯୁକ୍ତ କାମ କରୁଥିଲେ ବୋଲି ଜଣାପଡ଼ିଛି। ଗତ ୧୬ ତାରିଖରେ ତାଙ୍କ ଜନ୍ମଦିନ ଥିବାବେଳେ ସେହିଦିନ ସେ ବନ୍ଧୁକ କିଣି ଏହାର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପୋଷ୍ଟରେ କ୍ୟାପ୍‌ସନ୍ ଲେଖିଥିଲେ, ସ୍କୁଲ ପିଲାମାନେ ଭୟରେ ରହିବା ଉଚିତ। ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ଜଣେ ୧୮ ବର୍ଷୀୟ ଯୁବକ ନ୍ୟୁୟର୍କର ବଫାଲୋ ସହରରେ ଗୁଳି ଚଳାଇ ୧୦ ଜଣଙ୍କ ଜୀବନ ନେଇଥିଲେ। କୃଷ୍ଣକାୟଙ୍କୁ ଟାର୍ଗେଟ କରି ସେ ଏହି ଗୁଳିକାଣ୍ଡର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଥିଲେ। ବଫାଲୋ ଅଭିଯୁକ୍ତ ପେଟୋନ୍ ଗେନ୍‌ଡ୍ରୋନ୍‌ଙ୍କ ଭଳି ସାଲ୍‌ଭେଡର ମଧ୍ୟ ବଡି ଆର୍ମର ପିନ୍ଧିଥିଲେ। ତେଣୁ ଗେନ୍‌ଡ୍ରୋନ୍‌ଙ୍କ ଶୈଳୀରେ ସେ ଅନୁପ୍ରାଣିତ ହୋଇଥିବା କୁହାଯାଉଛି।




## ୨୪ ପରିବାରର କୋଟିଏ ଟଙ୍କା ଟପ୍ପୁ

### ପୋଷ୍ଟମାଷ୍ଟରଙ୍କ ଆଇପିଏଲ୍ ବେଟିଂ ନିଶା

**ଭୋପାଳ, ୨୫।୫**

ଅତି ଲୋଭ କରି ମଧ୍ୟପ୍ରଦେଶ ସାଗର ଜିଲାର ବୀଣା ଅଞ୍ଚଳର ସବ୍-ପୋଷ୍ଟ ଅଫିସ ପୋଷ୍ଟମାଷ୍ଟର ବିଶାଳ ଅହିରୱାର ଏବେ ପୋଲିସ ହାଜତରେ। ସେ ୨୪ ଜମାକାରୀଙ୍କ ଏଫ୍‌ଡି (ଫିକ୍ସ ଡିପୋଜିଟ୍)କୁ ଆଇପିଏଲ୍ ବେଟିଂରେ ଉଡ଼ାଇ ଦେଇଛନ୍ତି। ତାହାର ପରିମାଣ ପ୍ରାୟ ୧ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଅଳ୍ପ ସମୟରେ ବିପୁଳ ଟଙ୍କା ରୋଜଗାର କରିବା ନିଶା ବିଶାଳଙ୍କୁ ଘାରିଥିଲା। ଏଥିପାଇଁ ସେ କ୍ରିକେଟ୍ ମ୍ୟାଚ୍ ବେଳେ ବେଟିଂରେ ଟଙ୍କା ଲଗାଇ ଆସୁଛନ୍ତି। ବର୍ତ୍ତମାନ ଆଇପିଏଲ୍ ସିଜିନ୍ ଚାଲିଥିବାବେଳେ ତାହାକୁ ନେଇ ହେଉଥିବା ବେଟିଂରେ ବିଶାଳ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହରାଇ ଦେଇଛନ୍ତି। ଏଥିପାଇଁ ୨୪ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। କାରଣ ବିଶାଳ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଫିକ୍ସ ଡିପୋଜିଟ୍ ଭାବେ ନେଇ ନକଲି ଏଫ୍‌ଡି ପାସ୍‌ବୁକ୍ ଧରାଇ ଦେଇଛନ୍ତି। ପ୍ରାୟ ୨ ବର୍ଷ ହେଲା ସେ ଏଭଳି କରୁଥିବା ଜଣାପଡ଼ିଛି। ନିକଟରେ କେତେଜଣ ଜମାକାରୀ ସେମାନଙ୍କ ଟଙ୍କା ଆଣିବା ପାଇଁ ପୋଷ୍ଟ ଅଫିସରେ ପହଞ୍ଚିବା ପରେ ବିଶାଳଙ୍କ କାରନାମା ପଦାକୁ ଆସିଥିଲା। ସମ୍ପୃକ୍ତ ଜମାକାରୀଙ୍କ ନାମରେ କୌଣସି ଏଫ୍‌ଡି କିମ୍ବା ଆକାଉଣ୍ଟ ନ ଥିବା ପୋଷ୍ଟାଲ କର୍ମଚାରୀ କହିଥିଲେ। ଫଳରେ ଜମାକାରୀମାନେ ସ୍ଥାନୀୟ ପୋଲିସ ଷ୍ଟେଶନରେ ଅଭିଯୋଗ କରିଥିଲେ। ତଦନ୍ତ କରି ପୋଲିସ ବିଶାଳଙ୍କୁ ଗତ ୨୦ ତାରିଖରେ ଗିରଫ କରିଥିଲା। ପଚରାଉଚରା ପରେ ସେ ୨୪ ଜମାକାରୀଙ୍କ ଫିକ୍ସ ଡିପୋଜିଟ୍‌କୁ ଆଇପିଏଲ୍ ବେଟିଂ ଆପ୍‌ରେ ବିନିଯୋଗ କରିଥିବା ସ୍ୱୀକାର କରିଥିଲେ। ଆଇପିସି ଦଫା ୪୨୦(ଠକେଇ), ୪୦୮ (ବିଶ୍ୱାସ ଭଙ୍ଗ)ରେ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

ଉକ୍ତ ପୋଷ୍ଟ ଅଫିସ୍‌ରେ ଟଙ୍କା ଜମା କରିଥିବା ବର୍ଷା ବାଥରୀ ଏବେ କ'ଣ କରିବେ ତାଙ୍କୁ କିଛି ବୁଦ୍ଧି ଦିଶୁନାହିଁ। କରୋନାରେ ସ୍ୱାମୀଙ୍କ ମୃତ୍ୟୁ ପରେ ପିଲାମାନଙ୍କ ଭବିଷ୍ୟତ ପାଇଁ ପୋଷ୍ଟ ଅଫିସ୍‌ରେ ୯ ଲକ୍ଷ ଟଙ୍କା ଏଫ୍‌ଡି କରିଥିଲେ। ତାଙ୍କ ଜମା ନେଇ କିଛି ଗଡ଼ବଡ଼ ହୋଇଥିବା ସେ ଗଣମାଧ୍ୟମରୁ ଜାଣିବାକୁ ପାଇଥିଲେ। ଠକେଇ ହୋଇଥିବା ଜାଣିବା ପରେ ସେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏବେ ତାଙ୍କର ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଯାଇଥିବା କହିଛନ୍ତି।

**୩ କୋଟିର ହେରୋଇନ୍ ଜବତ**

ପଶ୍ଚିମବଙ୍ଗ ସିଆଇଡି ବୁଧବାର ନଦିଆରୁ ୩ କୋଟି ଟଙ୍କାର ହେରୋଇନ୍ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରି ନେଇଛି।ଏକ ବ୍ୟାଗ୍‌ରେ ତିନିଟି ପ୍ୟାକେଟରେ ମାଟିଆ ରଙ୍ଗର ପାଉଡର ମିଳିବା ପରେ ଚିହ୍ନଟ ପାଇଁ ତଦନ୍ତକାରୀ ଏଜେନ୍ସି ପକ୍ଷରୁ ଏହାର ପରୀକ୍ଷା କରାଯାଇଥିଲା। ଉକ୍ତ ପାଉଡର ହେରୋଇନ୍ ବୋଲି ଜଣାପଡ଼ିଥିଲା। ୨.୮୫ କିଲୋ ଓଜନର ହେରୋଇନ୍‌ର ବଜାର ମୂଲ୍ୟ ୨.୫ରୁ ୩ କୋଟି ଟଙ୍କା ହେବ ବୋଲି କୁହାଯାଉଥିବାବେଳେ ଏ ନେଇ କାଳିଗଞ୍ଜ ପୋଲିସ ଷ୍ଟେଶନରେ ଅଭିଯୋଗ କରାଯାଇଛି।

# ଆମେରିକୀୟଙ୍କ ପାଖରେ ଏକାଧିକ ବନ୍ଧୁକ

**■ଜନସଂଖ୍ୟା ୩୩୨ ନିୟୁତ**
**■ବନ୍ଧୁକ ସଂଖ୍ୟା ୩୯୩ ନିୟୁତ**

ୱାଶିଂଟନ୍, ୨୫।୫

ହିଂସା ଅପରାଧ ରୋକିବା ଏବେ ଆମେରିକା ପାଇଁ କାଠିକର ପାଠ ହୋଇଛି। ବିଶେଷକରି ବନ୍ଧୁକଜନିତ ହିଂସା ବୃଦ୍ଧି ଏହି ଦେଶ ଆଗରେ ଏକ ବଡ଼ ଆହ୍ୱାନ ହୋଇ ଛିଡ଼ାହୋଇଛି। ମାତ୍ର ୧୦ ଦିନରେ ଦୁଇ ଦୁଇଟା ଗୁଳିକାଣ୍ଡ ଏବଂ ଏଥିରେ ୩୦ରୁ ଊର୍ଦ୍ଧ୍ୱ ଜୀବନ ଯିବା ଏଠାକାର ବନ୍ଧୁକ ସଂସ୍କୃତିର ଭୟାବହତାକୁ ଦର୍ଶାଉଛି। ସଂଖ୍ୟାଲଘୁ ତଥା କୃଷ୍ଣକାୟ ଏପରି କି ଛୋଟ ଶିଶୁ ମଧ୍ୟ ଆତତାୟୀଙ୍କ ଗୁଳିମାଡ଼ର ଶିକାର ହେଉଛନ୍ତି। ମସ୍କେଟଠାରୁ ଆରମ୍ଭ କରି ମେଶିନ୍ ଗନ୍ ଆମେରିକୀୟମାନଙ୍କ ନିକଟରେ ମିଳିବା ବେଶ୍ ସାଧାରଣ କଥା। ବନ୍ଧୁକ ବ୍ୟବହାର ଉପରେ ନିୟନ୍ତ୍ରଣ ତଥା ଗନ୍ ଲବି ଅଭାବରୁ ଘରକରଣା ସାମଗ୍ରୀ ଭଳି ପ୍ରତି ଆମେରିକୀୟଙ୍କ ଘରେ ବନ୍ଧୁକ ରହିଛି। ସୁଇଜରଲାଣ୍ଡର ଏକ ପ୍ରମୁଖ ରିସର୍ଚ୍ଚ ପ୍ରୋଜେକ୍ଟ ସ୍ମଲ ଆର୍ମ୍ସ ସର୍ଭେ ଅନୁଯାୟୀ, ଆମେରିକାରେ ୩୯୩ ନିୟୁତରୁ ଊର୍ଦ୍ଧ୍ୱ ବନ୍ଧୁକ ଆମେରିକାବାସୀ ରଖିଛନ୍ତି। ଏହି ଦେଶର ଲୋକସଂଖ୍ୟା ୩୩୨ ନିୟୁତ ହୋଇଥିବାବେଳେ ଜଣକ ପିଛା ବନ୍ଧୁକ ସଂଖ୍ୟା ଅଧିକ ରହିଛି। ହାରାହାରି ଦେଖିବାକୁ ଗଲେ ପ୍ରତି ଶହେ ଜଣଙ୍କ ନିକଟରେ ୧୨୦ରୁ ଅଧିକ ବନ୍ଧୁକ ରହିଥିବା ଜଣାପଡ଼ିଛି।

ଆମେରିକାରେ ପ୍ରତିବର୍ଷ ଗୁଳିକାଣ୍ଡଜନିତ ମୃତ୍ୟୁସଂଖ୍ୟା ପ୍ରାୟ ୩୦ ହଜାର ରହିଛି। ଏହି ମୃତ୍ୟୁର ଦୁଇ–ତୃତୀୟାଂଶ ହେଉଛି ଆତ୍ମହତ୍ୟା। ପିଉ ରିସର୍ଚ୍ଚ ସେଣ୍ଟରର ଏକ ସର୍ଭେ ଅନୁସାରେ ଆତ୍ମରକ୍ଷା ଉଦ୍ଦେଶ୍ୟରେ ଆମେରିକାର ୬୭% ଲୋକ ସେମାନଙ୍କ ଘରେ ବନ୍ଧୁକ ରଖିଛନ୍ତି। ଅଧିକାଂଶ ଆମେରିକୀୟ ବନ୍ଧୁକର ମାଲିକାନାକୁ ଏକ ମୌଳିକ ଅଧିକାର ଭାବେ ଉପଭୋଗ କରିଥାନ୍ତି। ଆମେରିକା ସମ୍ବିଧାନର ଦ୍ୱିତୀୟ ସଂଶୋଧନ ଅନୁସାରେ, ମୁକ୍ତ ରାଷ୍ଟ୍ରର ନିରାପତ୍ତା ନିମନ୍ତେ ଏକ ସୁନିୟନ୍ତ୍ରିତ ମିଲିସିଆ (ଜରୁରୀ ପରିସ୍ଥିତିରେ ବେସାମରିକ ଲୋକଙ୍କୁ ନେଇ ଗଠିତ ସାମରିକ ବାହିନୀ) ନିହାତି ଆବଶ୍ୟକ। ନିଜ ପାଖରେ ଅସ୍ତ୍ରଶସ୍ତ୍ର ରଖିବା ନେଇ ଲୋକଙ୍କ ଅଧିକାରରେ ହସ୍ତକ୍ଷେପ କରାଯାଇପାରିବ ନାହିଁ।


ଗୁଳିକାଣ୍ଡରେ ନିଜ ପୁଅକୁ ହରାଇ ଭାଙ୍ଗି ପଡ଼ିଛନ୍ତି ଦମ୍ପତି।

## ଗନ୍ ପଲିଟିକ୍ସ: ଅସ୍ପଷ୍ଟ ଆଭିମୁଖ୍ୟ

ଆମେରିକାରେ ବନ୍ଧୁକ ହିଂସା ଏକ ମହାମାରୀ ରୂପ ନେଇସାରିଛି । ଏହା ଆମ ପାଇଁ ଏକ ଆନ୍ତର୍ଜାତିକ ଲଜ୍ଜା। ବହୁତ ହୋଇଗଲାଣି। ଏବେ କାର୍ଯ୍ୟାନୁଷ୍ଠାନର ବେଳ ବୋଲି ୨୦୨୧ ଏପ୍ରିଲ ୮ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିଜ ନାଗରିକମାନଙ୍କୁ ସତର୍କ କରାଇଥିଲେ। ସାଉଥ୍ କାରୋଲିନା ସ୍ଥିତ ରକ୍‌ହିଲ୍ ବାସଭବନରେ ୭୦ ବର୍ଷୀୟ ଡାକ୍ତର ରବର୍ଟ ଲେସ୍‌ଲି ଓ ତାଙ୍କ ପରିବାରର ୪ ସଦସ୍ୟଙ୍କୁ ଗୁଳି କରି ହତ୍ୟା କରାଯିବା ପରେ ବାଇଡେନ୍ ଏହି ମନ୍ତବ୍ୟ ଦେଇଥିଲେ। କିନ୍ତୁ ଏହା ପରେ ବନ୍ଧୁକ ନିୟନ୍ତ୍ରଣ ଉପରେ ବାଇଡେନ୍ ପ୍ରଶାସନ କୌଣସି ବଡ଼ ପଦକ୍ଷେପ ନେଇ ନ ଥିବା ଏପ୍ରିଲ ୮ ଗୁଳିକାଣ୍ଡ ପରଠୁ ଅଦ୍ୟାବଧି ଘଟିଥିବା ଅନେକ ବନ୍ଧୁକ ହିଂସାରୁ ସ୍ପଷ୍ଟ ହେଉଛି।

ଦେଖିବାକୁ ଗଲେ ଆମେରିକାରେ ବ୍ୟକ୍ତିଗତ ବନ୍ଧୁକ ମାଲିକାନାକୁ ନେଇ ଦୁଇଟି ବିରୋଧୀ ବିଚାରଧାରା 'ଗନ୍ ପଲିଟିକ୍ସ'କୁ ପ୍ରଭାବିତ କରିଥାଏ। ଗୋଟିଏ ଗୋଷ୍ଠୀ ବନ୍ଧୁକ ନିୟନ୍ତ୍ରଣ ସପକ୍ଷରେ ଓକିଲାତି କରୁଥିବାବେଳେ ଆଉ ଏକ ଗୋଷ୍ଠୀ ବନ୍ଧୁକ ଉପରେ ନାଗରିକଙ୍କ ଅଧିକାର ସାବ୍ୟସ୍ତ ପାଇଁ ଉଦ୍ୟମ ଚଳାଇ ଆସିଛନ୍ତି। ଉଭୟ ଗୋଷ୍ଠୀ ସର୍ବସାଧାରଣରେ ବନ୍ଧୁକ ଧାରଣର ପ୍ରଭାବ ଏବଂ ଏହା ସମ୍ପର୍କିତ ଆଇନର ସମୀକ୍ଷାକୁ ନେଇ ପରସ୍ପର ବିରୋଧୀ ମନୋଭାବ ପୋଷଣ କରିଥାନ୍ତି। ଆମେରିକା ସମ୍ବିଧାନର ଦ୍ୱିତୀୟ ସଂଶୋଧନ ଲୋକଙ୍କୁ ବନ୍ଧୁକ ଧାରଣର ସୁରକ୍ଷା ଦେଇଥାଏ। ଆତ୍ମରକ୍ଷା, ଶିକାର ଓ ଅବସର ବିନୋଦନ ପାଇଁ ବନ୍ଧୁକ ବ୍ୟବହାର ସେଠାରେ ସାଧାରଣ କଥା। କିନ୍ତୁ ଏହି ସୁବିଧା ଆମେରିକୀୟଙ୍କୁ ମୃତ୍ୟୁ ଆଡ଼କୁ ଟାଣିନେଉଛି। ନ୍ୟାଶନାଲ ରାଇଫଲ ଆସୋସିଏଶନ (ଏନ୍‌ଆର୍‌ଏ) ମତରେ ନାଗରିକଙ୍କ ହାତରେ ଯେତେ ଅଧିକ ବନ୍ଧୁକ ରହିବ ଆମେରିକା ସେତେ ସୁରକ୍ଷିତ ରହିପାରିବ। ଏହି ସଙ୍ଗଠନ ବନ୍ଧୁକ ନିୟନ୍ତ୍ରଣକୁ ବିରୋଧ କରେ। ଆମେରିକାରେ ଏହା ହେଉଛି ସବୁଠୁ ପ୍ରଭାବଶାଳୀ ସ୍ପେଶାଲ ଇଣ୍ଟ୍ରେଷ୍ଟ ଲବି ଗ୍ରୁପ୍, ଯାହା ପାଖରେ ବନ୍ଧୁକ ନୀତି ଉପରେ କଂଗ୍ରେସ ସଦସ୍ୟମାନଙ୍କୁ ପ୍ରଭାବିତ କରିବା ପାଇଁ ସ୍ୱତନ୍ତ୍ର ବଜେଟ ରହିଛି।

ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ୨୦୧୬ ରାଷ୍ଟ୍ରପତି ନିର୍ବାଚନବେଳେ ବନ୍ଧୁକ ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚିତ ହେବା ପରେ ବି ସେ ଏକାଧିକ ଥର ବନ୍ଧୁକ ଉପରେ କଟକଣା ପାଇଁ ମନ୍ତବ୍ୟ ଦେଇଥିଲେ। ତେବେ ତାଙ୍କ କାର୍ଯ୍ୟକାଳରେ ଟ୍ରମ୍ପ ବନ୍ଧୁକର ଉପଲବ୍ଧତାକୁ ସଙ୍କୁଚିତ କରିବା ପାଇଁ କୌଣସି ଆଇନଗତ ବଡ଼ ପଦକ୍ଷେପ ନେଇ ନ ଥିଲେ। ବାଇଡେନ୍ ମଧ୍ୟ ବନ୍ଧୁକର ଅବାଧ ପ୍ରଚଳନକୁ ଅନେକ ସମୟରେ ବିରୋଧ କରିଥିବା ଜଣାଯାଏ। ଟେକ୍ସାସ ସ୍କୁଲ ଗୁଳିକାଣ୍ଡ ପରେ ରାଷ୍ଟ୍ରପତି ନିଜ ଆଭିମୁଖ୍ୟ ଦୋହରାଇଛନ୍ତି। ଡେମୋକ୍ରାଟିକ୍ ସିନେଟରମାନେ ବନ୍ଧୁକ ବ୍ୟବହାର ନିଷିଦ୍ଧ କରିବା ପାଇଁ କଂଗ୍ରେସରେ ଉଦ୍ୟମ କରୁଥିବା ସତ୍ତ୍ୱେ ଏ ନେଇ ବାଇଡେନ୍ କଠୋର ନ ଥିବା ମନେହୁଏ।


ଜୋ ବାଇଡେନ୍


ଡୋନାଲ୍ଡ ଟ୍ରମ୍ପ

## ଲାସ୍ ଭେଗାସ୍‌ରୁ ଟେକ୍ସାସ୍

**ଆଧୁନିକ ଆମେରିକା ଇତିହାସରେ ସବୁଠୁ ଘାତକ ଥିଲା ୨୦୧୭ର ଲାସ୍ ଭେଗାସ୍ ଶୁଟିଂ। ବିଗତ କିଛି ବର୍ଷ ମଧ୍ୟରେ ଘଟିଥିବା ଅସଂଖ୍ୟ ବନ୍ଧୁକ ହିଂସା ମଧ୍ୟରୁ ସବୁଠୁ ଚର୍ଚ୍ଚିତ କେତୋଟି ଆକ୍ରମଣର ଅବତାରଣା କରାଗଲା।**



➜୨୦୧୭ ଅକ୍ଟୋବର ୧ ସନ୍ଧ୍ୟାରେ ଲାସ୍ ଭେଗାସ୍‌ର ନେଭାଡାସ୍ଥିତ ପାରାଡାଇଡ୍ ସହରରେ ଗୁଳିକାଣ୍ଡ ଘଟିଥିଲା। ଏଥିରେ ୫୮ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିଲେ ଓ ୮୬୯ ଜଣ ଆହତ ହୋଇଥିଲେ। ୧୦୦୦ରୁ ଅଧିକ ରାଉଣ୍ଡ ଗୁଳି ଚଳାଇଥିବା ୬୪ ବର୍ଷୀୟ ଷ୍ଟିଫେନ୍ ପେଡୋକ୍ ଗିରଫ ହୋଇଥିଲେ।

➜୨୦୧୬ ଜୁନ୍ ୧୨ରେ ଫ୍ଲୋରିଡାର ଓର୍ଲାଣ୍ଡୋ ନାଇଟ୍ କ୍ଲବ୍‌ରେ ଶୁଟିଂ ହୋଇଥିଲା। ୫୦ ନିହତ ଓ ୫୮ ଆହତ ହୋଇଥିଲେ। ୩ ଘଣ୍ଟାର ଗୁଳି ବିନିମୟ ପରେ ୪୯ ବର୍ଷୀୟ ଆତତାୟୀ ଓମାର ମଟିନଙ୍କ ଜୀବନ ଯାଇଥିଲା ସୁରକ୍ଷା ବଳ ହାତରେ।

➜୨୦୦୭ ଏପ୍ରିଲ ୧୬ରେ ଭର୍ଜିନିଆ ଟେକ୍ ଶୁଟିଂରେ ୩୨ ମୃତ ଓ ୨୩ ଆହତ ହୋଇଥିଲେ। ବ୍ଲାକ୍ସବର୍ଗ ଟାଉନ୍‌ର ଦୁଇଟି ବିଲ୍ଡିଂରେ ହୋଇଥିଲା ଏହି ଘାତକ ଆକ୍ରମଣ।

➜୨୦୧୨ ଡିସେମ୍ବର ୧୪ରେ ନ୍ୟୁଟାଉନ୍‌ର ସାଣ୍ଡି ହୁକ୍ ଏଲିମେଣ୍ଟାରି ସ୍କୁଲ ଗୁଳିକାଣ୍ଡ ଆମେରିକାର ଅନ୍ୟତମ ଚର୍ଚ୍ଚିତ ଘାତକ ହିଂସା। ୨୦ ବର୍ଷୀୟ ଆଡାମ୍ ଲାଞ୍ଜା ୨୬ ଜଣଙ୍କୁ ଗୁଳି କରି ହତ୍ୟା କରିଥିଲେ। ମୃତକଙ୍କ ମଧ୍ୟରୁ ୨୦ ଜଣ ଶିଶୁଙ୍କ ବୟସ ଥିଲା ୬ରୁ ୭ ବର୍ଷ।

➜୨୦୧୭ ନଭେମ୍ବର ୫ରେ ଟେକ୍ସାସର ସଥରଲାଣ୍ଡ ସ୍ପ୍ରିଙ୍ଗ୍ ଶୁଟିଂ ସମସ୍ତଙ୍କୁ ଚକିତ କରିଦେଇଥିଲା। ଫାଷ୍ଟ ବାପ୍ଟିଷ୍ଟ ଚର୍ଚ୍ଚ ସମ୍ମୁଖରେ ଗୁଳିବର୍ଷା ଧୋଇନେଇଥିଲା ୨୬ ଜୀବନ। ଏଥିରେ ୨୦ ଜଣ ଆହତ ହୋଇଥିଲେ।

➜୨୦୨୧ ମାର୍ଚ୍ଚ ୧୬ରେ ଜର୍ଜିଆର ଆଟଲାଣ୍ଟା ସହରରେ ଥିବା ଅନେକ ସ୍ପା ଓ ମସାଜ ପାର୍ଲରରେ ଆଖିବୁଜା ଗୁଳି ଚଳାଇଥିଲେ ୨୧ ବର୍ଷୀୟ ଆତତାୟୀ ରବର୍ଟ ଆରୋନ୍ ଲଙ୍ଗ୍। ଏଥିରେ ୮ ଜଣଙ୍କ ଜୀବନ ଯାଇଥିଲା। ମୃତକଙ୍କ ମଧ୍ୟରୁ ୬ ଜଣ ଥିଲେ ଏସୀୟ ମହିଳା।

➜୨୦୨୧ ମାର୍ଚ୍ଚ ୨୨ କଲରାଡୋର ବୋଲ୍ଡର ସହରସ୍ଥିତ କିଙ୍ଗ୍ ସୁପର୍ସ ସୁପରମାର୍କେଟ ଦେଖିଥିଲା ଆଉ ଏକ ଗୁଳିକାଣ୍ଡ। ୨୧ ବର୍ଷୀୟ ଅହମ୍ମଦ ଅଲ୍ ଅଲିୱି ଅଲ୍–ଇସାଙ୍କ ଗୁଳିମାଡ଼ରେ ଜଣେ ପୋଲିସ ଅଧିକାରୀଙ୍କ ସମେତ ୧୦ ଜଣଙ୍କ ଜୀବନ ଯାଇଥିଲା।

➜୨୦୨୧ ଏପ୍ରିଲ ୧୫ରେ ଇଣ୍ଡିଆନାପୋଲିସ୍‌ରେ ଥିବା ଫେଡ୍‌ଏକ୍ସ ଫାସିଲିଟି ନିକଟରେ ବ୍ରାନ୍‌ଡୋନ୍ ସ୍କଟ୍ ହୋଲ ନାମକ ଜଣେ ୧୯ ବର୍ଷୀୟ ଯୁବକଙ୍କ ଗୁଳିରେ ୮ ଜଣଙ୍କ ମୃତ୍ୟୁ ଘଟିଥିଲା।

➜୨୦୨୧ ମେ ୨୬ରେ ସାନ୍ ଜୋସସ୍ଥିତ ଭିଟିଏ କଣ୍ଟ୍ରୋଲ ସେଣ୍ଟର ନିକଟରେ ଆତତାୟୀଙ୍କ ଗୁଳିରେ ୯ ଜଣଙ୍କ ଜୀବନ ଯାଇଥିଲା।

➜୨୦୨୨ ଜାନୁୟାରୀ ୨୩ରେ ମିଲୱାଉକିରେ ଗୁଳିକାଣ୍ଡରେ ୬ ଜଣ ଜୀବନ ହରାଇଥିଲେ।

➜୨୦୨୨ ଏପ୍ରିଲ ୩ରେ କାଲିଫର୍ନିଆରେ ଆତତୀୟଙ୍କ ଗୁଳିରେ ୬ ଜଣଙ୍କ ମୃତ୍ୟୁ ଘଟିଥିଲା।

➜୨୦୨୨ ମେ ୧୪ରେ ନ୍ୟୁୟର୍କର ବଫାଲୋ ସହରରେ ଥିବା ଏକ ସୁପରମାର୍କେଟରେ ୧୮ ବର୍ଷୀୟ ପେଟୋନ୍ ଗେନ୍‌ଡ୍ରୋନ୍‌ଙ୍କ ଗୁଳିରେ ୧୦ ଜଣଙ୍କ ଜୀବନ ଯାଇଥିଲା।



କାଲିଫର୍ନିଆର ସାନ୍ ଡିଏଗୋ ବର୍ଡର ପଏଣ୍ଟରେ କାଲିଫର୍ନିଆ ୱେଲ୍‌କମିଂ ଟାସ୍କ ଫୋର୍ସ ସଦସ୍ୟମାନେ ଟାଇଟଲ ୪୨କୁ ତୁରନ୍ତ ହଟାଇବାକୁ ଦାବି କରିଛନ୍ତି। ଟାଇଟଲ ୪୨ ହେଉଛି ଏକ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶନାମା, ଯାହା ବଳରେ ଆମେରିକାର ଶରଣ ଲୋଡୁଥିବା ପ୍ରବାସୀମାନଙ୍କ ଉପରେ କଟକଣା ଜାରି କରାଯାଇଥାଏ।

## ସଂକ୍ଷେପରେ

### ୩ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୫।୫:** ଜମ୍ମୁ-କଶ୍ମୀର ବାରମୁଲା ଜିଲାର ନାକସ ଚେକ୍ ପୋଷ୍ଟ ନିକଟରେ ସେନା ଗୁଳିରେ ୩ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ବୁଧବାର ପୋଲିସ ଆଇଜି ବିଜୟ୍ କୁମାର ଏହି ସୂଚନା ଦେଇଛନ୍ତି। ମୃତ ଆତଙ୍କବାଦୀମାନେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ବୋଲି ଜଣାପଡ଼ିଛି। ଶ୍ରୀନଗରରେ ହିଂସାକାଣ୍ଡ ଭିଆଇବା ପାଇଁ ସେମାନେ ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରିଥିବା ଆଶଙ୍କା କରାଯାଉଛି। ସେନା ପାଇଁ ଏହା ଏକ ବଡ଼ ସଫଳତା ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୨ ଆତଙ୍କାବାଦୀ ପ୍ରାଣ ହରାଇଥିବା ଆଇଜି କହିଛନ୍ତି।

### ପ୍ରଥମ ମହିଳା ଯୁଦ୍ଧବିମାନ ପାଇଲଟ୍ ସମ୍ମାନିତ



**ନୂଆଦିଲ୍ଲୀ,୨୫।୫:** କ୍ୟାପ୍ଟେନ୍ ଅଭିଲାଷା ବାରାକ ସ୍ଥଳସେନାର ପ୍ରଥମ ମହିଳା ଯୁଦ୍ଧବିମାନ ଚାଳିକା ହୋଇପାରିଛନ୍ତି। ଆର୍ମିର ଯୁଦ୍ଧ ବିମାନ ଉଡାଣ ପାଇଁ ଥିବା ସ୍ୱତନ୍ତ୍ର କୋର୍ସ କରିବା ପରେ ଅଭିଲାଷାଙ୍କୁ ଏହି ସଫଳତା ମିଳିଛି। ନାସିକର କମ୍ବାଟ୍ ଆର୍ମି ଆଭିଏଶନ୍ ଟ୍ରେନିଂ ସ୍କୁଲରେ ଆୟୋଜିତ ଏକ କାର୍ଯ୍ୟକ୍ରମ ଜରିଆରେ ଅଭିଲାଷାଙ୍କ ସମେତ ଅନ୍ୟ ୩୬ ଜଣ ଆର୍ମି ପାଇଲଟଙ୍କୁ ସାଧାରଣ ନିର୍ଦ୍ଦେଶକ ଏବଂ କଲୋନେଲ କମାଣ୍ଡାଣ୍ଟ କର୍ଭଟେଡ୍ ୱିଙ୍ଗ୍‌ସ୍ ସମ୍ମାନ ପ୍ରଦାନ କରିଛନ୍ତି। ହରିୟାଣାରେ ଅଭିଲାଷାଙ୍କ ଘର ହୋଇଥିବାବେଳେ ୨୦୧୮ରେ ସେ ଆର୍ମି ଏୟାର ଫୋର୍ସ କପ୍‌ରେ ସାମିଲ ହୋଇଥିଲେ। ତାଙ୍କ ବାପା ଓମ୍ ସିଂ ମଧ୍ୟ ଜଣେ ସେନା ଅଧିକାରୀ ଥିଲେ।

### କଶ୍ମୀର ପ୍ରସଙ୍ଗ: ଜାତିସଂଘର ହସ୍ତକ୍ଷେପ ଲୋଡ଼ିଲେ ବିଲାୱଲ



**ଇସ୍‌ଲାମାବାଦ,୨୫।୫:** ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ମିଶେଲ ବାଚେଲେଟ୍‌ଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, କଶ୍ମୀରୀ ବିଚ୍ଛିନ୍ନତାବାଦୀ ନେତା ୟାସିନ୍ ମଲିକଙ୍କୁ ତୁରନ୍ତ ସମସ୍ତ ଅଭିଯୋଗରୁ ମୁକ୍ତ କରି ତାଙ୍କୁ ଜେଲରୁ ଖଲାସ କରାଯାଉ। ଏଥିସହ କଶ୍ମୀର ଉପତ୍ୟକାରେ ସାଧାରଣ ନାଗରିକଙ୍କ ଉପରେ ଭାରତୀୟ କର୍ତ୍ତୃପକ୍ଷ ଚଳାଇଥିବା ଦମନଲୀଳା ବନ୍ଦ କରାଯାଉ। ଜମ୍ମୁ-କଶ୍ମୀରରେ ମାନବାଧିକାର ଉଲ୍ଲଂଘନ ପ୍ରସଙ୍ଗରେ ଜାତିସଂଘ ହସ୍ତକ୍ଷେପ କରୁ ବୋଲି ବିଲାୱଲ ମଙ୍ଗଳବାର ଚିଠି ଲେଖିଛନ୍ତି।

### ନାବାଳକଙ୍କ ଧର୍ମ ପରିବର୍ତ୍ତନ କରି ବିବାହ: ୪ ଗିରଫ

**କାନପୁର,୨୫।୫:** ଦଳିତ ନାବାଳକଙ୍କ ଧର୍ମପରିବର୍ତ୍ତନ କରି ତାଙ୍କ ବାହାଘର ଜଣେ ମୁସଲମାନ ସମ୍ପ୍ରଦାୟର ୨୪ ବର୍ଷୀୟା ଯୁବତୀଙ୍କ ସହ କରିବା ଅଭିଯୋଗରେ ୟୁପି କାନପୁରର କାକାଦେଓ ପୋଲିସ ୪ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ମହମ୍ମଦ ହାନିଫ୍ (୪୨), ଜମିଲା ବନୋ (୪୦), ସିମ୍ରନ୍ (୨୪) ଏବଂ ମୌଲବୀ ତାଉହିଦ୍ (୫୨) । ନାବାଳକ ଏବଂ ଯୁବତୀଙ୍କ ଭେଟ ସୋସିଆଲ ମିଡିଆ ଜରିଆରେ ହୋଇଥିଲା। ଦୁହେଁ କିଛି ଦିନ ଚାଟିଂ କରିବା ପରେ ପରସ୍ପର ପ୍ରେମରେ ପଡ଼ିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସେମାନେ ବିବାହର ନିଷ୍ପତ୍ତି ନେଇଥିଲେ। ରବିବାର ନାବାଳକ ଜଣଙ୍କ ଘରକୁ ଆସି ତାଙ୍କ ମା'ଙ୍କୁ କହିଥିଲେ ଯେ, ସିମ୍ରନ୍ ତାଙ୍କ ଘରେ ନାବାଳକଙ୍କୁ କିଛି ଖାଇବାକୁ ଦେବା ପରେ ତାଙ୍କ ମୁଣ୍ଡ ବୁଲାଇଥିଲା। ଏହାପରେ ସିମ୍ରନ୍‌ଙ୍କ ଘରଲୋକେ ତାଙ୍କୁ ମୁସଲମାନ ଧର୍ମ ଗ୍ରହଣ କରାଇ ଯୁବତୀଙ୍କ ସହ ତାଙ୍କ ବାହାଘର କରିଥିବା ନାବାଳକ କହିଥିଲେ। ଏହାପରେ ତାଙ୍କ ମା' ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ପରେ ଥାନା ଅଧିକାରୀ କୌଣସି ଠୋସ୍ ପଦକ୍ଷେପ ନ ନେବା ଅଭିଯୋଗରେ ଡିସିପି ମୂର୍ତ୍ତି କାକାଦେଓ ପୋଲିସ ଷ୍ଟେଶନ୍ ଅଧିକାରୀ ରାମ କୁମାର ଗୁପ୍ତା ଏବଂ ସବ୍-ଇନ୍‌ସ୍ପେକ୍ଟର ଶେର ସିଂଙ୍କୁ ନିଲମ୍ବନ କରିଛନ୍ତି।

**ଶିବଲିଙ୍ଗଙ୍କ ପୂଜା ପାଇଁ ଆବେଦନ**

## ଫାଷ୍ଟଟ୍ରାକ୍ କୋର୍ଟରେ ଶୁଣାଣି ହେବ

ବାରାଣସୀ,୨୫।୫

ବାରାଣସୀସ୍ଥିତ ଜ୍ଞାନବାପି ମସ୍‌ଜିଦ ପରିସରରେ ଥିବା ତଥାକଥିତ ଶିବଲିଙ୍ଗଙ୍କୁ ପୂଜା କରିବା ପାଇଁ ଜିଲା କୋର୍ଟଙ୍କ ଅନୁମତି ଲୋଡ଼ି ଏକ ପିଟିଶନ ଦାଖଲ ହୋଇଥିଲା। ଜିଲା କୋର୍ଟ ବିଚାରପତି ଏ.କେ. ବିଶ୍ୱେଶ ବିଶ୍ୱ ବୈଦିକ ସନାତନ ସଂଘ ପକ୍ଷରୁ ଦାଏର ଉକ୍ତ ପିଟିଶନର ତ୍ୱରିତ ଶୁଣାଣି ପାଇଁ ବୁଧବାର ଫାଷ୍ଟ ଟ୍ରାକ୍ କୋର୍ଟକୁ ସ୍ଥାନାନ୍ତର କରିଛନ୍ତି। ମେ' ୩୦ରେ ଏହାର ଶୁଣାଣି କରାଯିବ ବୋଲି ସରକାରୀ ଓକିଲ ରାଣା ସଞ୍ଜୀବ ସିଂ ସୂଚନା ଦେଇଛନ୍ତି।

## ଆତଙ୍କବାଦୀଙ୍କ ଗୁଳିରେ ଅଭିନେତ୍ରୀ ନିହତ

ଶ୍ରୀନଗର, ୨୫।୫

ଜମ୍ମୁ–କଶ୍ମୀରର ବୁଦ୍‌ଗାମ ଜିଲାରେ ବୁଧବାର ଆତଙ୍କବାଦୀଙ୍କ ଗୁଳିରେ ଜଣେ ଟେଲିଭିଜନ ଅଭିନେତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ହିଶୋରା ଚଦୋରାର ବାସିନ୍ଦା ଆମ୍ରିନ୍ ଭଟ୍ଟ(୩୫)। ଗୁଳି ବାଜି ତାଙ୍କ ୧୦ ବର୍ଷୀୟ ପୁତୁରା ଆହତ ହୋଇଛନ୍ତି। ଉଭୟେ ଘର ବାହାରେ ଥିବାବେଳେ ସନ୍ଧ୍ୟା ପ୍ରାୟ ୮ଟାରେ କେତେଜଣ ଆତଙ୍କବାଦୀ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଆମ୍ରିନ୍‌ଙ୍କ ମୃତ୍ୟୁ ଘଟିଛି । ତାଙ୍କ ପୁତୁରାଙ୍କ ହାତରେ ଗୁଳି ବାଜିଥିବାବେଳେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ସମ୍ପୃକ୍ତ ଅଞ୍ଚଳକୁ ଘେରାଉ କରି ସର୍ଚ୍ଚ ଅପରେଶନ ଜାରି ରଖିଛି।


ଆମ୍ରିନ୍ ଭଟ୍ଟ

## ୨୧ରୁ 'ଶ୍ରୀ ରାମାୟଣ ଯାତ୍ରା' ଟ୍ରେନ୍

ଲକ୍ଷ୍ନୌ, ୨୫।୫

ଜୁନ୍ ୨୧ ତାରିଖରେ ଇଣ୍ଡିଆନ୍ ରେଲ୍‌ୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି) ଏକ ୧୮ ଦିନିଆ ସ୍ୱତନ୍ତ୍ର ଟ୍ରେନ୍ 'ଶ୍ରୀ ରାମାୟଣ ଯାତ୍ରା' ଆରମ୍ଭ କରିବାକୁ ଯାଉଛି। ଶ୍ରଦ୍ଧାଳୁମାନେ ଶ୍ରୀରାମଙ୍କ ଜୀବନୀ ସହ ଜଡ଼ିତ ସ୍ଥାନଗୁଡ଼ିକୁ ଏହି ଟ୍ରେନ୍‌ରେ ଯାଇପାରିବେ। 'ଭାରତ ଗୌରବ ଟୁରିଷ୍ଟ ଟ୍ରେନ୍' ଦ୍ୱାରା ଏହି ରାମାୟଣ ସର୍କିଟରେ ଯାତ୍ରା ପାଇଁ ବୁକିଂ ଆରମ୍ଭ ହୋଇଯାଇଛି। ଜୁନ୍ ୨୧ରେ ଏହି ସ୍ୱତନ୍ତ୍ର ଟ୍ରେନ୍ ଦିଲ୍ଲୀ ସଫଦରଜଙ୍ଗ ଷ୍ଟେଶନରୁ ବାହାରିବ ବୋଲି ଲକ୍ଷ୍ନୌ ଆଇଆର୍‌ସିଟିସି ମ୍ୟାନେଜର ଅଜିତ କୁମାର ସିହ୍ନା କହିଛନ୍ତି। ଏଥିରେ ୧୧ ତୃତୀୟ ଶ୍ରେଣୀ ଏସି କୋଚ୍ ରହିଥିବାବେଳେ ୬୦୦ ଯାତ୍ରୀ ଏକାଥରରେ ଯାତ୍ରା କରିପାରିବେ। ପ୍ରତି ଯାତ୍ରୀଙ୍କ ପିଛା ୬୨,୩୭୦ ଟଙ୍କା ପଡ଼ିବ। ଜଙ୍ଗଲରେ ୧୪ ବର୍ଷ ବନବାସବେଳେ ଶ୍ରୀରାମ, ଦେବୀ ସୀତା ଏବଂ ଲକ୍ଷ୍ମଣଙ୍କ ପଦଚିହ୍ନ ଥିବା ସ୍ଥାନଗୁଡ଼ିକ ପରିଦର୍ଶନ ନିମନ୍ତେ ଥିବା ଶ୍ରଦ୍ଧାଳୁଙ୍କ ସ୍ୱପ୍ନ ପୂରଣ କରିବା ଏହି ଟୁର୍ ପ୍ୟାକେଜର ଲକ୍ଷ୍ୟ ବୋଲି ସିହ୍ନା କହିଛନ୍ତି। ଟ୍ରେନ୍‌ଟି ଅଯୋଧ୍ୟା, ନେପାଳର ଜନକପୁର, ସୀତାମାଢ଼ି, ବକ୍ସର, ବାରାଣସୀ, ପ୍ରୟାଗରାଜ, ଶ୍ରୀଙ୍ଗଭରପୁର, ଚିତ୍ରକୋଟ, ନାଶିକ୍, ହାମ୍ପି, ରାମେଶ୍ୱରମ୍, କାଞ୍ଚିପୁରମ୍, ଭଦ୍ରାଚାଲମ ଆଦି ସ୍ଥାନକୁ ମିଶାଇ ପ୍ରାୟ ୮,୦୦୦ କିଲୋମିଟର ଯାତ୍ରା କରିବ। ଯାତ୍ରୀମାନେ ଇଏମ୍‌ଆଇ ମାଧ୍ୟମରେ ମଧ୍ୟ ଟଙ୍କା ଦେଇ ଏହି ଟ୍ରେନ୍‌ରେ ଯାଇପାରିବେ।

## ଶିବରାଜଙ୍କ ଅଭିନବ ପ୍ରୟାସ

**ଅଙ୍ଗନୱାଡି ପିଲାଙ୍କ ପାଇଁ ସଂଗ୍ରହ କଲେ ୧୦ ଟ୍ରକ୍ କଣ୍ଢେଇ, ବହି**

ଭୋପାଳ,୨୫।୫

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ମଙ୍ଗଳବାର ରାଜଧାନୀ ଭୋପାଳରେ ବୁଲି ବୁଲି କଣ୍ଢେଇ, ପୁସ୍ତକ ଆଦି ସଂଗ୍ରହ କରୁଥିବା ଦେଖିବାକୁ ମିଳିଥିଲା। ତାଙ୍କ ସହ ଡାକ୍ତରୀ ଶିକ୍ଷା ମନ୍ତ୍ରୀ ବିଶ୍ୱବ ସାରଙ୍ଗ ଓ ସ୍ଥାନୀୟ ବିଧାୟକ କ୍ରିଷ୍ଣା ଗୌର ମଧ୍ୟ ଏହି ଅଭିଯାନରେ ସାମିଲ ହୋଇଥିଲେ। ସରକାରଙ୍କ ଦ୍ୱାରା ପରିଚାଳିତ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ପିଲାଙ୍କ ପାଇଁ ସେ ଲୋକଙ୍କୁ ବହି ଓ ଖେଳଣା ମାଗୁଥିବାବେଳେ ପ୍ରବଳ ଜନଗହଳି ହୋଇଥିଲା। ୩ ଘଣ୍ଟା ଭିତରେ ପ୍ରାୟ ୮୦୦ ମିଟର ଯାତ୍ରା କରି ମୁଖ୍ୟମନ୍ତ୍ରୀ ୧୦ ଟ୍ରକ୍ ପୁସ୍ତକ, ଖେଳଣା ଓ ଅନ୍ୟ ସାମଗ୍ରୀ ଠୁଳ କରିଥିଲେ। ଏଥିସହ ୨ କୋଟି ଟଙ୍କାର ଚେକ୍ ମଧ୍ୟ ଗ୍ରହଣ କରିଥିଲେ। ଏପରି କି କେତେଜଣ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ପାଇଁ ବ୍ୟକ୍ତି ଟିଭି, କୁଲର, ଫ୍ୟାନ୍ ଓ ଅନ୍ୟ ଆସବାବପତ୍ର ମଧ୍ୟ ଦାନ କରିଥିବା ଜଣାପଡ଼ିଛି। ଭୋପାଳରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ସେସବୁ ବିତରଣ କରାଯିବ। ଅଭିନେତା ଅକ୍ଷୟ କୁମାର ଏଥିରେ ଅନୁପ୍ରାଣିତ ହୋଇ ରାଜ୍ୟର ୫୫ ଅଙ୍ଗନୱାଡି କେନ୍ଦ୍ରକୁ ପୋଷ୍ୟ ଭାବେ ଗ୍ରହଣ କରି ୧ କୋଟି ଟଙ୍କା ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୯୨,୪୭,୨୯୮ | ୬୩,୦୪,୪୭୬ | ୪୯,୯୮,୦୫,୧୨୫ |
| ଭାରତ | ୪,୩୧,୪୨,୧୯୨ | ୫,୨୪,୫୦୭ | ୪,୨୬,୦୨,୭୧୪ |
| ଓଡ଼ିଶା | ୧୨,୮୮,୩୯୦ | ୯୧୨୬(+୫୩) | ୧୨,୭୯,୧୪୩ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମୁଖ୍ୟ ଶାସନ ସଚିବ, କୁଳପତିଙ୍କୁ ଏନ୍‌ଏଚ୍‌ଆରସି ନୋଟିସ

## ଭୀମ ଭୋଇ ମେଡିକାଲ କଲେଜ ଛାତ୍ର ମୃତ୍ୟୁ ଘଟଣା

■ ୪ ସପ୍ତାହ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ବଲାଙ୍ଗୀର ଅଫିସ, ୨୫।୫**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବର୍ଷ ଛାତ୍ର ନିଶାନ୍ତ କୁମାରଙ୍କ ର୍‍ୟାଗିଂ ଯୋଗୁ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜାତୀୟ ମାନବିକ ଅଧିକାର ଆୟୋଗ(ଏନ୍‌ଏଚ୍‌ଆରସି) ଓଡିଶା ମୁଖ୍ୟ ଶାସନ ସଚିବ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ବୁଧବାର ନୋଟିସ ଜାରି କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ନିଶାନ୍ତ କୁମାର ମୃତ୍ୟୁ ଘଟଣା ଉପରେ ସବିଶେଷ ରିପୋର୍ଟ ଦାଖଲ କରିବାକୁ ଆୟୋଗ କହିଛନ୍ତି। ପୁରୀ ଜିଲା ପିପିଲି ନିବାସୀ ମାନବ ଅଧିକାର କର୍ମୀ ଶ୍ରୀ ଅଖଣ୍ଡ ଛାତ୍ର ମୃତ୍ୟୁ ଘଟଣାରେ ଜାତୀୟ ମାନବିକ ଅଧିକାର ଆୟୋଗ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବଲାଙ୍ଗୀର ସରକାରୀ ଭୀମ ଭୋଇ ମେଡିକାଲ କଲେଜରେ ପ୍ରଥମ ବର୍ଷ ଛାତ୍ର ହରିୟାଣାର କରନାଲ ନିବାସୀ ନିଶାନ୍ତ କୁମାରଙ୍କ ଗତ ଏପ୍ରିଲ ୨୨ ତାରିଖରେ ହଷ୍ଟେଲ ଛାତରୁ ଖସି ପଡି ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଏହାକୁ ର୍‍ୟାଗିଂଜନିତ ହତ୍ୟାକାଣ୍ଡ ବୋଲି ସ୍ଥାନୀୟ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ମେଡିକାଲ କଲେଜର ଆଣ୍ଟିର୍‍ୟାଗିଂ ସେଲଙ୍କ ଦାୟିତ୍ୱହୀନତାରୁ ତାଙ୍କ ପୁଅଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଆଇପିସି ଦଫା ୩୦୬ ଏବଂ ୩୪ରେ ଏକ ମାମଲା ରୁଜୁ କରିଥିଲା। ପରେ ନିଶାନ୍ତଙ୍କ ମୋବାଇଲ ଚାଟିଂ ଏବଂ ସୁଇସାଇଡ୍ ନୋଟ୍‌ରୁ ଉକ୍ତ କଲେଜର ସିନିଅର ଛାତ୍ରମାନେ ତାଙ୍କୁ ର୍‍ୟାଗିଂ କରିଥିବା ଘଟଣା ଲୋକଲୋଚନକୁ ଆସିଥିଲା। ଏଭଳିକି ଗତବର୍ଷ ଏହି କଲେଜରେ ଜଣେ ଛାତ୍ରୀ ମଧ୍ୟ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଭୀମ ଭୋଇ ମେଡିକାଲ କଲେଜରେ ଭାରତୀୟ ମେଡିକାଲ କାଉନସିଲ ଗାଇଡଲାଇନ୍ ୨୦୦୯ ଠିକ୍ ଭାବେ ଅନୁପାଳନ କରାଯାଇ ନ ଥିବା ଏବଂ ବିଧିଅନୁଯାୟୀ କଲେଜରେ ଆଣ୍ଟିର୍‍ୟାଗିଂ କମିଟି ଏବଂ ଆଣ୍ଟିର୍‍ୟାଗିଂ ସ୍କ୍ୱାଡ ଗଠନ କରାଯାଇ ନ ଥିବା ମାନବ ଅଧିକାର କର୍ମୀ ଅଖଣ୍ଡ ଅଭିଯୋଗ କରିଥିଲେ। ଏଭଳିକି ଏହି କଲେଜରେ କ୍ୟାମ୍ପସ ର୍‍ୟାଗିଂ ବନ୍ଦ କରିବା ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସୁପାରିସ ଉଲ୍ଲଂଘନ କରାଯାଇଛି। ରାଜ୍ୟର ଶିକ୍ଷାନୁଷ୍ଠାନଗୁଡିକରେ ର୍‍ୟାଗିଂ ବନ୍ଦ ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସୁପାରିସ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାର ବିଫଳ ହୋଇଥିବା ସେ ଅଭିଯୋଗ କରିଥିଲେ। ଏଣୁ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଏ ସଂକ୍ରାନ୍ତରେ ନୋଟିସ ଜାରି କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆୟୋଗଙ୍କଠାରେ ସେ ପ୍ରାର୍ଥନା କରିଥିଲେ। ର୍‍ୟାଗିଂ ମାମଲାରେ ଦୋଷୀ ଅଫିସର ଏବଂ ସିନିଅର ଛାତ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତ ଛାତ୍ର ନିଶାନ୍ତ କୁମାରଙ୍କ ଅଭିଭାବକଙ୍କୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ମାନବ ଅଧିକାର କର୍ମୀ ଅଖଣ୍ଡ ଆୟୋଗଙ୍କ ନିକଟରେ ଅନୁରୋଧ କରିଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ରିପୋର୍ଟ ପ୍ରଦାନ ନ କଲେ ମାନବିକ ଅଧିକାର ସୁରକ୍ଷା ଆଇନ ୧୯୯୩ର ସେକ୍ସନ୍ ୧୩ ଅନୁଯାୟୀ ବ୍ୟକ୍ତିଗତ ଭାବେ ଉଭୟ ପକ୍ଷ ଆୟୋଗଙ୍କଠାରେ ହାଜର ହୋଇ ରିପୋର୍ଟ ପ୍ରଦାନ କରିବାକୁ ଆୟୋଗ ପକ୍ଷରୁ ନୋଟିସ କରାଯାଇଛି।


ମୃତ ମେଡିକାଲ ଛାତ୍ର ନିଶାନ୍ତ କୁମାର

## ସଂକ୍ଷେପରେ

### ପୁଅ, ବୋହୂଙ୍କ ନିର୍ଯାତନା: ଆତ୍ମହତ୍ୟା କଲେ ମା'

**ପୁରୁଷୋତ୍ତମପୁର,୨୫।୫(ଡି.ଏନ୍.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହରରେ ଏକ ଅଭାବନୀୟ ଘଟଣା ଘଟିଛି। ନିଜ ପୁଅବୋହୂଙ୍କ ନିର୍ଯାତନା ଅସହ୍ୟ ହେବାରୁ ମଙ୍ଗଳବାର ରାତିରେ ମା' (୫୦) ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାକୁ ଚପାଇ ଦେବା ଲାଗି ପୁଅ କିଛି ବ୍ୟକ୍ତିଙ୍କ ସହାୟତାରେ ବୁଧବାର ମୃତଦେହ ଋଷିକୁଲ୍ୟା ନଦୀ ନିକଟରେ ପୋତି ଦେଇଛନ୍ତି। ମହିଳାଙ୍କ ଏକମାତ୍ର ପୁଅ ଜନ୍ମର ପ୍ରାୟ ୫ ବର୍ଷ ହୋଇଥିବା ବେଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ମା' ଦିନରାତି କଷ୍ଟ କରି ପୁଅକୁ ମଣିଷ କରିଥିଲେ। ଏପରିକି ପ୍ରାୟ ତିନି ବର୍ଷ ହେବ ସରକାରଙ୍କ ଆବାସ ଯୋଜନାରେ ଘର ତିଆରି କରିବା ସହ ପୁଅକୁ ବିବାହ କରାଇଥିଲେ। ମାତ୍ର ବିବାହର କିଛି ଦିନ ପରେ ପୁଅ ସେହି ମା'ର ସବୁ କଷ୍ଟକୁ ଭୁଲିଯାଇ ଓ ସ୍ତ୍ରୀ ସହ ମିଶି ମା'କୁ ନାନା ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଗତ ପାଞ୍ଚ ଦିନ ତଳେ ମା'ଙ୍କୁ ଧକ୍କା ମାରି ତଳେ ପକାଇ ମାଡ଼ମାରିଥିବାରୁ ସେ ଆହତ ହେବା ସହ ଏହି ମାଡ଼ର ଯନ୍ତ୍ରଣାକୁ ଆଉ ସହିନପାରି ପାଞ୍ଚ ଦିନ ଧରି ଭୋକ ଉପାସରେ ରହି ଶେଷରେ ଆତ୍ମହତ୍ୟା କରିବାର ପନ୍ଥା ବାଛି ନେଇଥିଲେ। ସେ ବ୍ୟାଙ୍କରେ ଜମା ରଖିଥିବା କିଛି ଟଙ୍କା ଆଣି ଘର ଲାଗି କେତେଜଣଙ୍କଠାରୁ କରିଥିବା ଋଣକୁ ପରିଶୋଧ କରିବା ସହ ଆଉ କିଛି ଟଙ୍କାକୁ ପୁଅ ପାଇଁ ପେଡ଼ିରେ ରଖିଥିଲେ। ପିନ୍ଧିଥିବା ସୁନା ଗହଣାକୁ ବାହାର କରି ପେଡ଼ିରେ ଥୋଇ ଚାବି ଖୋଲା ରଖିଦେଇ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

### ୬ କେଜି ବଜ୍ରକାପ୍ତା କାତି ଜବତ, ଜଣେ ଅଟକ

**ଭୁବନେଶ୍ୱର,(ବ୍ୟୁରୋ)/ନୂଆପଡ଼ା ଅଫିସ, ୨୫।୫:** କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ନୂଆପଡ଼ା ଜିଲା ସାହିପଲ୍ଲା ଅଞ୍ଚଳରେ ଚଢ଼ାଉ କରି ଜଣେ ବନ୍ୟପ୍ରାଣୀ ଶିକାରୀଙ୍କୁ କାବୁ କରିଛି। ସେ ହେଲେ ନୂଆପଡ଼ା ସଦର ଥାନା ଅଞ୍ଚଳର ବିକ୍ରମ ମାଝି। ତାଙ୍କଠାରୁ ୬ କେଜି ବଜ୍ରକାପ୍ତା କାତି ଜବତ କରାଯାଇଛି। ଏଥିସହ କାର୍ଯ୍ୟାନୁଷ୍ଠାନ ପାଇଁ ଅଟକ ବିକ୍ରମଙ୍କୁ ଖରିଆର ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ତେବେ ନୂଆପଡ଼ା ରେଞ୍ଜ କାର୍ଯ୍ୟାଳୟରେ ତାଙ୍କୁ ଅଟକ ରଖାଯାଇଛି। ଅଭିଯୁକ୍ତ ବିକ୍ରମ କେଉଁଠୁ ବଜ୍ରକାପ୍ତା କାତି ଆଣିଲେ, ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ଓ ବନବିଭାଗ ତଦନ୍ତ ଜାରି ରଖିଛି। ଏନେଇ ନୂଆପଡ଼ା ବନପାଳ ଦିପ୍ତିମାନ ପଣ୍ଡା କହିଛନ୍ତି, ବଜ୍ରକାପ୍ତା କାତି ଚାଲାଣ ର୍‍ୟାକେଟ ନେଇ ବିକ୍ରମଙ୍କୁ ଅଧିକ ପଚରାଉଚରା କରାଯାଉଛି। ଗୁରୁବାର ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ନୂଆପଡା-ବରଗଡ ବିଜୁ ଏକ୍ସପ୍ରେସ ୱେ ସାହିପଲାଠାରେ ବହୁ ଦିନରୁ ବ୍ରଜକାପ୍ତା କାତି କାରବାର ହୋଇ ଆସୁଥିବା ନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ର୍‍ୟାକେଟକୁ ଧରିବାକୁ ଯୋଜନା ପ୍ରସ୍ତୁତି କରିଥିଲା। ମଙ୍ଗଳବାର ଅପରାହ୍ନରେ ଏସ୍‌ଟିଏଫ୍‌ର କେତେଜଣ ଅଧିକାରୀ ସାହିପଲା ଛକରେ ଗ୍ରାହକ ହୋଇ ଅପେକ୍ଷା କରିଥିବାବେଳେ ଅନ୍ୟମାନେ ଚାରିପଟୁ ଜଗି ରହିଥିଲେ। ବିକ୍ରମ ବଜ୍ରକାପ୍ତା ଆଣି ସେମାନଙ୍କୁ ଦେଖାଇଥିଲା। ସେହି ସମୟରେ ଏସ୍‌ଟିଏଫ୍ ଟିମ୍ ତାଙ୍କୁ କାବୁ ବଜ୍ରକାପ୍ତା କାତି ଜବତ କରିଥିଲା।

# ଗୋରୁ ହାଟରେ ବ୍ୟବସାୟୀଙ୍କୁ ଗୁଳି କରି ୨୦ ଲକ୍ଷ ଲୁଟ

**ରାଇରଙ୍ଗପୁର,୨୫।୫(ଡି.ଏନ.ଏ.)**

୪ଦିନ ପୂର୍ବେ ମୟୂରଭଞ୍ଜ ଜିଲା ଯଶୀପୁର ଅଞ୍ଚଳରେ ଗୋରୁ ବ୍ୟବସାୟୀମାନେ ଗୁଳି ଫୁଟାଇ ଆତଙ୍କ ଖେଳାଇଥିବା ବେଳେ ବୁଧବାର ଦୁର୍ବୃତ୍ତଙ୍କ ଗୁଳିମାଡ଼ର ଶିକାର ହୋଇଛନ୍ତି ଜଣେ ଗୋରୁ ବ୍ୟବସାୟୀ। ଚଳଚଞ୍ଚଳ ହାଟରେ ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରି ୨୦ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଘଟଣା ଘଟିଛି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ହାଟବାଦଡ଼ା ହାଟରେ। ଘଟଣାସ୍ଥଳରେ ଗୋରୁ ବ୍ୟବସାୟୀ ପଶ୍ଚିମବଙ୍ଗ ଝାଡଗ୍ରାମ ଅଞ୍ଚଳର ଶେଖ ଜାମସେଦ ଅଲ୍ଲୀଙ୍କ ମୃତ୍ୟୁ ହୋଇଛି।

ସୂଚନା ଅନୁଯାୟୀ, ଜାମସେଦ ଏକ ସ୍କର୍ପିଓରେ ହାଟବାଦଡ଼ା ହାଟକୁ ଗୋରୁ କିଣିବା ପାଇଁ ଆସିଥିଲେ। ହାଟ ନିକଟସ୍ଥ ୨୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ସେ ଗାଡ଼ିରେ ବସିଥିଲେ। ଏହି ସମୟରେ ୨ଟି ବାଇକ୍‌ରେ ୪ ଦୁର୍ବୃତ୍ତ ଆସି ତାଙ୍କ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇ ୨୦ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଜାମସେଦଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ୍, ଏସ୍‌ପି କେ.ଆର. ଦ୍ୟାନଦେଓ, ଅତିରିକ୍ତ ଏସ୍‌ପି ମନୋରଞ୍ଜନ ବିଶ୍ୱାଳ, ଏସ୍‌ଡିପିଓ ରତିକାନ୍ତ ଗିରି, ଥାନା ଅଧିକାରୀ ନିରୋଜ କୁମାର ମଲ୍ଲିକ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଲୁଟେରାମାନଙ୍କୁ ଧରିବା ପାଇଁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ରାସ୍ତାକୁ ସିଲ୍ କରି ପୋଲିସ ଯାଞ୍ଚ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୯୨/୨୨) ରୁଜୁହୋଇଛି।

ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜ ଜିଲାରେ ଗୋରୁ ବ୍ୟବସାୟକୁ ନେଇ ବାରମ୍ବାର ଗୁଳିକାଣ୍ଡ ଘଟୁଛି। ଗତ ୨୧ ତାରିଖରେ ଯଶୀପୁର ଥାନା ଅଧୀନ ୪୯ ନଂ. ଜାତୀୟ ରାଜପଥର ଛେଳି ଗୁଦୁଲି ଟୋଲଗେଟ୍‌ଠାରେ ଗୋରୁ ବେପାରୀଙ୍କ ଗୁଳି ମାଡ଼ରେ ଗୋସୁରକ୍ଷା ବାହିନୀର ଦୁଇ କର୍ମୀ ଗୁରୁତର ହୋଇଥିଲେ। ଗୋଚାଲାଣ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବା ବେଳେ ବ୍ୟବସାୟୀମାନେ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୋଲିସ ୧୨ ଗୋରୁ ବ୍ୟବସାୟୀଙ୍କୁ ଗିରଫ କରିଥିଲା।




ଧରିତ୍ରୀ DHARITRI
**ଖବରଦାତା ଆବଶ୍ୟକ**
କଟକ ଓ ରାଉରକେଲା ଲାଗି ଖବରଦାତା ଆବଶ୍ୟକ। ପ୍ରାର୍ଥୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୩ ସହ ଖବରଦାତା ଭାବେ ୩ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ସାମ୍ବାଦିକତା ଶିକ୍ଷା ଲାଭ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ। ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍‌ରେ ଆବେଦନ କରିପାରିବେ।
Email: recruitment@dharitri.com

# ଚଢ଼ିଗଲା ହାଇୱା, ୩ ମୃତ

## ଡ୍ରାଇଭର ଅଟକ

**ସମ୍ବଲପୁର,୨୫।୫(ବ୍ୟୁରୋ)**

ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥର ଯୁଯୁମୁରା ଥାନା ଭବାନୀପାଲି ଗ୍ରାମ ନିକଟରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ହାଇୱା ଚାପାରେ ବାଇକ୍‌ରେ ଥିବା ୩ କମ୍ପାନୀ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଯୁଯୁମୁରା ଥାନା ଖଇରମାଲ ଗ୍ରାମର ଗୌତମ ସାହୁ (୪୦), ଧମା ଥାନା ଧମା ଗ୍ରାମର ସତ୍ୟ ସାହୁ (୩୫) ଓ ଧନୁପାଲି ଥାନା ଗୋବିନ୍ଦଟୁଲାର ବଲଜିତ ସିଂ (୪୫)। ପୋଲିସ ମୃତଦେହ ଜବତ କରି ଜିଲା ସଦର ଡାକ୍ତରଖାନା ଫ୍ରିଜରରେ ରଖିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ପୋଲିସ ଡ୍ରାଇଭରଙ୍କୁ ଅଟକ ରଖିବା ସହ ହାଇୱା ଓ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁସାରେ ଉପରୋକ୍ତ ୩ କର୍ମଚାରୀ ବାଇକ୍ (ଓଡି୧୫କ୍ୟୁ-୯୯୭୦) ଯୋଗେ ହ୍ୟୁମ ପାଇପ୍ ଫ୍ୟାକ୍ଟ୍ରିକୁ ଯାଉଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ହାଇୱା (ଓଡି୧୫ବି-୫୬୬୦) ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ୩ ଯୁବକ ତଳେ ପଡିଯିବା ପରେ ହାଇୱା ସେମାନଙ୍କ ଉପରେ ଚଢିଯାଇଥିଲା। ଫଳରେ ବାଇକ୍ ଚୂର୍ମାର୍ ହୋଇଥିବାବେଳେ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ହାଇୱା ଡ୍ରାଇଭରଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

## ପିଟିହେଲା ବାଇକ୍, ୨ ମୃତ

**ପାଲଲହଡା,୨୫।୫(ଡି.ଏନ.ଏ.):** ୧୪୯ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା ପାଲଲହଡା ଥାନା ବାଇପାସ ରୋଡ୍ ମାଙ୍କଡା ବ୍ରିଜ୍ ନିକଟରେ ବୁଧବାର ଏକ ବାଇକ୍ ଡିଭାଇଡରରେ ପିଟି ହୋଇଯିବାରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ଗୁରୁତର ଅନ୍ୟ ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସମଲ ଥାନା ପବିତ୍ରନଗର ଗ୍ରାମର ୩ ଜଣ ଯୁବକ ହଡ଼ା ସାମଲ (୧୯), ବିଜୁ ସେଠୀ (୩୫) ଓ ସୁମନ୍ତ ପ୍ରଧାନ ଠିଆନାଳ ଗ୍ରାମରୁ କିଛି କାମ ସାରି ବାଇକ୍ ଯୋଗେ ପବିତ୍ରନଗର ଫେରୁଥିଲେ। ସୁମନ୍ତ ବାଇକ୍ ଚଳାଉଥିଲେ। ହେଲେ ପାଲଲହଡା ବାଇପାସ ରୋଡ୍ ମାଙ୍କଡା ବ୍ରିଜ୍ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ଟି ଡିଭାଇଡରରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଥିବା ୩ ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ ପାଲଲହଡା ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ହଡ଼ା ସାମଲଙ୍କୁ ମୃତ ଘୋଷଣା କରିଥିଲେ। ବିଜୁ ଓ ସୁମନ୍ତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ବିଜୁଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପାଲଲହଡା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

# 'ଛବି ଖରାପ କରିବାକୁ ଚାଲିଛି ଷଡ଼ଯନ୍ତ୍ର'

## ସାଇବର ଥାନା ଦ୍ୱାରସ୍ଥ ହେଲେ ବର୍ଷା

**କଟକ ଅଫିସ, ୨୫।୫**

ଓଡ଼ିଆ ସିନେମା ଷ୍ଟାର ଦମ୍ପତି ବର୍ଷା ପ୍ରିୟଦର୍ଶିନୀ ଏବଂ ଅନୁଭବ ମହାନ୍ତିଙ୍କ ପାରିବାରିକ ବିବାଦ ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ପୁରୀଘାଟ ଥାନାରେ ଅଭିଯୋଗ କରିବାର ୨ଦିନ ପରେ ବର୍ଷା ବୁଧବାର ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ଗୋଟିଏ ପରେ ଗୋଟିଏ ଭିଡିଓ ଛାଡ଼ି ତାଙ୍କର ଛବି ଖରାପ କରାଯାଉଛି। ଏପରି କି ସ୍ୱାମୀ ଅନୁଭବ ଅଦାଲତରେ ଡିଭୋର୍ସ କେସ୍ ଫାଇଲ୍ କରିବା ପରଠାରୁ ୨୦୨୦ରୁ ଏଯାବତ୍ କେହି ଅଜଣା ବ୍ୟକ୍ତି ମୋର ବ୍ୟକ୍ତିଗତ ଚାଟ୍ ଓ ଭିଡିଓକୁ କଟ୍, ଜଏଣ୍ଟ ଏଡିଟିଂ କରି 'ଅନୁଭବ ମହାନ୍ତି ଦି ରିଅଲ ହିରୋ ଅଫ୍ କେନ୍ଦ୍ରାପଡ଼ା' ନାମରେ ଏକ ଫେସ୍‌ବୁକ ଆକାଉଣ୍ଟ ପେଜ୍‌ରେ ଛଡ଼ାଯାଉଛି। ଚରିତ୍ର ସଂହାର ଏବଂ ସମାଜରେ ନିନ୍ଦିତ କରିବା ଉଦ୍ଦେଶ୍ୟରେ କେହି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏଭଳି କରୁଛନ୍ତି। ତେଣୁ ଏହି ଆକାଉଣ୍ଟରେ ଭିଡିଓକୁ ପୋଷ୍ଟ ଏବଂ ଅପରେଟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବର୍ଷା ଏତଲାରେ ଦର୍ଶାଇଛନ୍ତି। ବର୍ଷାଙ୍କ ଅଭିଯୋଗକୁ ଭିତ୍ତିକରି ଆଇପିସି ଦଫା ୫୦୯ ଏବଂ ଆଇଟି ଆକ୍ଟର ଦଫା ୬୭ରେ ଏକ ମାମଲା(ନଂ.୧୪/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ବର୍ଷାଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ଦିଆଯାଉଛି। ଆଇଟି ଆକ୍ଟ ଅନୁଯାୟୀ ତଦନ୍ତ କରାଯାଇ ସୋସିଆଲ୍ ମିଡିଆରେ ପୋଷ୍ଟର କରାଯାଇଥିବା ଲେଖାର ଏହାର ସ୍କ୍ରିନ୍‌ଶଟ୍ ଜବତ କରାଯାଇଛି। ଅରୁଚିକର ମନ୍ତବ୍ୟ ଆସିଥିବା ସୋସିଆଲ ମିଡିଆ ପେଜ କିଏ ବ୍ୟବହାର କରୁଛି ଏବଂ ଏଥିରେ କାହାର ସମ୍ପୃକ୍ତି ରହିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ଡିସିପି ମିଶ୍ର କହିଛନ୍ତି।

ଅପରପକ୍ଷରେ ବର୍ଷାଙ୍କ ଏଭଳି ଅଭିଯୋଗ ପରେ ଅନୁଭବ ମଧ୍ୟ ପାଲଟା ଲିଖିତ ଅଭିଯୋଗ ଆଣିଛନ୍ତି। ନିଜ ଟୁଇଟରେ ଏକ ପୋଷ୍ଟ କରି କହିଛନ୍ତି , ବର୍ଷା ଏକ ଫ୍ୟାନ କ୍ଲବ କରି ଫୁଲ୍ ଟିମ୍ ସୋସିଆଲ ମିଡିଆର ଅପବ୍ୟବହାର କରୁଛନ୍ତି। ପ୍ରକାଶ ଯେ, ଅନୁଭବ ସୋସିଆଲ ମିଡିଆରେ ୨ଟି ଭିଡିଓ ଛାଡ଼ିବା ସହ ତାଙ୍କ ବିରୋଧରେ ମିଥ୍ୟା କାହାଣୀ କହିବା ସହ ଚରିତ୍ରକୁ ଆକ୍ଷେପ କରୁଥିବା ଅଭିଯୋଗ କରି ଗତ ୨୨ତାରିଖରେ ବର୍ଷା ପୁରୀଘାଟ ଥାନାରେ ଅନୁଭବଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ମଙ୍ଗଳବାର ଅନୁଭବ ତୃତୀୟ ଭିଡିଓ ଜାରି କରିବା ସହ ମେଡିକାଲ ଟେଷ୍ଟ, ଫୋରେନ୍‌ସିକ୍ ଲାବ୍‌ରେ ବର୍ଷାଙ୍କ ଅଡିଓ ଟେଷ୍ଟ ଏବଂ ପଲିଗ୍ରାଫି ବା ଲାଏ ଡିଟେକ୍ସନ୍ ଟେଷ୍ଟ କରିବାକୁ ସେ ବର୍ଷାଙ୍କୁ ଆହ୍ୱାନ ଦେଇଛନ୍ତି। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଜଟିଳ ହେବାରେ ଲାଗିଛି।





**ଆଜିର ମନ୍ତବ୍ୟ**
"ଦିନ ଆସିବ ଯେତେବେଳେ ଭାରତ ସହ କୂଟନୈତିକ ଓ ଅର୍ଥନୈତିକ ସ୍ତରରେ ପାକିସ୍ତାନ ଆଲୋଚନା କରିବାକୁ ସମର୍ଥ ହେବ।
**-ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାରା
ପରିବାରବର୍ଗ


ଶୁଭଶ୍ରୀ
ପରିବାରବର୍ଗ


ଅଲେଖଚନ୍ଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଊଣା ହିଡ଼ ଯୋଉଠି**
**ପାଣି ଗଡ଼େ ସେଇଠି।**
ପାଣିର ଧର୍ମ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ବହି ଚାଲିବା। ଯେଉଁଠି ଗଡ଼ାଣିଆ ବା ଖାଲିସ୍ଥାନ ରହିଥାଏ ସେହି ଆଡ଼କୁ ପାଣି ସହଜରେ ଗଡ଼ି ଆସିଥାଏ। ଅନ୍ୟ ଅର୍ଥରେ ଦୁର୍ବଳତାର ସୁଯୋଗ ନେଇ ଆଧିପତ୍ୟ ବିସ୍ତାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଦାଳକ ଋଷିଙ୍କ ଘରକୁ ଅଲକ୍ଷଣୀ**
**ଶିବଙ୍କ ଛାତି ଉପରେ କାଳୀ ଠାକୁରାଣୀ।**
ଅଲକ୍ଷ୍ମୀଙ୍କୁ ବର ନ ମିଳିବାରୁ ଉଦାଳକ ଋଷି ଲକ୍ଷ୍ମୀଙ୍କ ପ୍ରସ୍ତାବ କ୍ରମେ ତାଙ୍କୁ ବିବାହ କରିବସିବା ଭଳି ଜଗତର ମଙ୍ଗଳ ପାଇଁ ଶିବ ମାତା କାଳୀଙ୍କୁ ବିବାହ କରିଥିବା ପୁରାଣ ପୃଷ୍ଠାରୁ ଜଣାଯାଏ। ସାମାଜିକ ଲକ୍ଷ୍ୟରେ ଯାହାକୁ ଯେମିତି ବିହି ଖଞ୍ଜି ଥିବା ବେଳେ ଏହାକୁ ମାନି ନେବାକୁ ସମସ୍ତେ ବାଧ୍ୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଦାରିଙ୍ଗବାଡ଼ି ଘାଟିରେ ଓଲଟିଲା ଟ୍ରାଭେଲର, ୧୨ ଆହତ

ସୋରଡ଼ା,୨୫।୫(ଡି.ଏନ୍.ଏ.)

ଗଞ୍ଜାମ-କନ୍ଧମାଳ ସୀମାନ୍ତ ସୋରଡ଼ା-ଦାରିଙ୍ଗବାଡ଼ି ଜାତୀୟ ରାଜପଥ ଗାଜଲବାଡ଼ି ନିକଟ ଭୂତପଙ୍କାଳ ରାସ୍ତାରେ ବୁଧବାର ଏକ ଟ୍ରାଭେଲର ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୧୨ ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ କୁମୁଦିନୀ ସାହୁ, ମଧୁସୂଦନ ସାହୁ, ସୁଜାତା ସାହୁଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ, ବ୍ରହ୍ମପୁର ନିକଟ ନରେନ୍ଦ୍ରପୁର ଟାଟା କଲୋନୀ ନିବାସୀ ଉମାଶଙ୍କର ସାହୁଙ୍କ ବୁଧବାର ନିର୍ବନ୍ଧ ଥିଲା। ସମ୍ପର୍କୀୟମାନେ ଏକ ଟ୍ରାଭେଲରରେ ସକାଳେ ଦାରିଙ୍ଗବାଡ଼ି ଯାଇଥିଲେ। ସେଠାରେ ଉମାଶଙ୍କର ନିର୍ବନ୍ଧ କାମ ସାରି ଅପରାହ୍ନରେ ଘରକୁ ଫେରୁଥିଲେ। ଏହି ସମୟରେ ଗାଜଲବାଡ଼ି ନିକଟ ଭୂତପଙ୍କାଳ ରାସ୍ତାରେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦମକଳ ବାହିନୀ ଓ ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

# ବିଷ ପିଇ ନବମ ଶ୍ରେଣୀ ଛାତ୍ରୀ ମୃତ

ଦିଗପହଣ୍ଡି,୨୫।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଗୋକର୍ଣ୍ଣପୁର ଗ୍ରାମ ନୋଡାଲ ହାଇସ୍କୁଲରେ ଅଧ୍ୟୟନ କରୁଥିବା ଜଣେ ନବମ ଶ୍ରେଣୀ ଛାତ୍ରୀ ବୁଧବାର କୌଣସି କାରଣରୁ ଆତ୍ମହତ୍ୟା କରିଛନ୍ତି। ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଏକ ଗ୍ରାମର ନାବାଳିକା ଛାତ୍ରୀ ଜଣକ ତାଙ୍କ ମାମୁଘରେ ରହି ପାଠ ପଢୁଥିବା ବେଳେ ସବୁଦିନ ଭଳି ବୁଧବାର ସକାଳେ ସ୍କୁଲକୁ ଆସିଥିଲେ। ସକାଳ ୬ଟା ୫ ମିନିଟ ସମୟରେ ପ୍ରାର୍ଥନା ପାଇଁ ସମସ୍ତ ଛାତ୍ରୀଛାତ୍ରଙ୍କୁ କ୍ଲାସ ରୁମ୍‌ରୁ ଡକାଯାଇଥିଲା। କିନ୍ତୁ ଛାତ୍ରୀ ଜଣକ ଆକସ୍ମିକ ଅସୁସ୍ଥତା ଯୋଗୁ ପ୍ରାର୍ଥନାରେ ଅନୁପସ୍ଥିତ ରହିଥିଲେ। ପ୍ରାର୍ଥନା ସରିବା ପରେ ଛାତ୍ରୀଛାତ୍ରମାନେ କ୍ଲାସ ରୁମ୍‌କୁ ଆସିବା ବେଳକୁ ଛାତ୍ରୀ ଜଣକ ବାନ୍ତି କରୁଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ କେତେଜଣ ଛାତ୍ରୀଛାତ୍ର ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। କିଛି ସମୟ ପରେ ପୁଣିଥରେ ଛାତ୍ରୀ ଜଣକ ବେହୋସ୍ ହୋଇଯିବାରୁ ହାଇସ୍କୁଲ କର୍ତ୍ତୃପକ୍ଷ ତାଙ୍କ ପରିବାରକୁ ଫୋନରେ ଜଣାଇଥିଲେ। ଛାତ୍ରୀଙ୍କ ପରିବାର ସଦସ୍ୟ ଆସି ପ୍ରାୟ ୭ଟାରେ ଗୁରୁତର ଅସୁସ୍ଥ ଛାତ୍ରୀଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସା ପରେ ଛାତ୍ରୀ ଜଣକ କୌଣସି କୀଟନାଶକ ଔଷଧ ପିଇ ଦେଇଥିବା ଜଣାପଡ଼ିଥିଲା। ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।


## classifieds Everyday
0674-2580101, 2549302



**SALE**

ଭୁବନେଶ୍ୱରର ଛତାବରରେ Rs.-299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-512

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

Bhubaneswar Retanga Station ପାଖରେ 30ft. ରୋଡ୍ ଥାଇ 5000sqft. plot- 35,00,000/-ରେ ବିକ୍ରିହେବ। (registration/ boundary free). 9938016295. D-73252



Refreshing your mind and body with the best therapy, 7873794731. D-317

Mesmerizing, energetic body, mind qualitative relaxing massage experienced therapists. 9668374480. D-73609

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73801

**Relax, Refresh your body, mind at Saikrupa Spa with best therapies. 8984068077.** D-488

Newly open full body massage ladies and gents. 8327740003, 8093860513. D-73902

**AFFIDAVIT**

I, Padmapalas Mallick of Village Muthanagar, P.O.- Khadipada, P.S.- Dhamnagar, Dist.- Bhadrak, Pin- 756117 here declared by affidavit before the Judicial Magistrate that I changed my son's name Jyotiraditya Mallick to Siladitya Mallick for his future need. Padmapalas Mallick, Father of Siladitya Mallick. D-563

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Niranjana Naik, Alias Niranjan Nayak aged about 50 years, S/o Krushna Chandra Naik, Plot No.- 65, Lane No.- 5, Bhagabat Sandhan, GGP Canal Road, Rasulgarh, Bhubaneswar, Dist.- Khorda do hereby solemnly affirm and declare that, my father's name given as Krushna Chandra Naik and Krushna Chandra Nayak which are different names of the same person as used in few documents from time to time. Though there is a little difference in the names, I further confirm that all these names belong to my father only. D-73907

**LOST**

I, Subhasmita Panda, 26 years, W/o- Tapas Kumar Dwibedy, residing at RD Colony, Khordha. That on dtd. 18.05.2022 on my way to Begunia I lost my hand bag somewhere containing original sale deed No. 11141801598, ROR Bearing Khata No. 648/3581, Plot No. 201/5841/6175 of seller Kadambini Pradhan, wife of Rajesh Pradhan, Khordha, Finder may please contact on- 7008172566, 7008424871. D-566

Your classified advertisement published in Dharitri will be listed free in Dharitri online edition :
**www.dharitri.com**


## ପ୍ରଥମ ପୃଷ୍ଠାରୁ...

### ବାହାର ଟୁରିଷ୍ଟ ବସ୍‌କୁ ...

ପଶ୍ଚିମବଙ୍ଗରୁ ଆସିଥିବା ପର୍ଯ୍ୟଟକ ବସ୍ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୨ଜଣ ଆହତ ହୋଇଛନ୍ତି। ପଶ୍ଚିମବଙ୍ଗ ସରକାର ମଧ୍ୟ ଏକ ଉଚ୍ଚସ୍ତରୀୟ ଟିମ୍ ଓଡ଼ିଶା ପଠାଇ ରାଜ୍ୟ ସରକାରଙ୍କ ସହାୟତାରେ ଆହତ ଯାତ୍ରୀଙ୍କ ଚିକିତ୍ସା ବ୍ୟବସ୍ଥାକୁ ତଦାରଖ କରୁଛନ୍ତି। ଆହତମାନଙ୍କୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ଚିକିତ୍ସା କରାଯାଉଛି। ପଶ୍ଚିମବଙ୍ଗ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ସଚିବ ଓ ଉଦୟନାରାୟଣପୁର ବିଧାୟକଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟିମ୍ ଓଡ଼ିଶା ଗସ୍ତରେ ଆସି ଦୁର୍ଘଟଣାଗ୍ରସ୍ତ ଯାତ୍ରୀମାନଙ୍କୁ ସହାୟତା କରୁଛନ୍ତି।

ସୂଚନାଯୋଗ୍ୟ ଯେ କଳିଙ୍ଗାଘାଟି ପ୍ରାୟ ପ୍ରତିବର୍ଷ ଏକାଧିକ ବଡ଼ ଦୁର୍ଘଟଣା ଘଟୁଛି। କରୋନା ଲକ୍‌ଡାଉନ ପରେ ୨୦୨୦ ମେ' ୨ରେ ଗୁଜରାଟର ସୁରଟରୁ ଗଞ୍ଜାମକୁ ଶ୍ରମିକମାନଙ୍କୁ ନେଇ ଫେରୁଥିବା ଏକ ବସ୍ କଳିଙ୍ଗା ଘାଟିରେ ଦୁର୍ଘଟଣାର ଶିକାର ହୋଇଥିଲା। ସେହି ଘଟଣାରେ ୨ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ଅର୍ଥାତ୍ ୩ ତାରିଖରେ ସୁରଟରୁ ଆସୁଥିବା ଆଉ ଏକ ବସ୍ କଳିଙ୍ଗାଘାଟିରେ ଡିଭାଇଡରରେ ପିଟି ହୋଇ ଓଲଟି ପଡ଼ିଥିଲା। ଫଳରେ ୩ ଜଣ ଗୁରୁତର ଆହତ ହୋଇଥିଲେ। ସେତେବେଳେ ପରିବହନ ମନ୍ତ୍ରୀ ସଫେଇ ଦେଇଥିଲେ ଯେ ବାହାର ରାଜ୍ୟରୁ ଆସୁଥିବା ଡ୍ରାଇଭରମାନେ ପାହାଡ଼ିଆ ରାସ୍ତା ପ୍ରତି ଅଭ୍ୟସ୍ତ ନ ଥିବାରୁ ଏଭଳି ଦୁର୍ଘଟଣା ଘଟୁଛି। ଅନ୍ୟ ରାଜ୍ୟରୁ ଆସୁଥିବା ବସ୍‌ଗୁଡ଼ିକୁ ଏହି ଘାଟି ଦେଇ ଆସିବାକୁ ଅନୁମତି ଦିଆଯିବ ନାହିଁ।

ସେହିପରି ୨୦୨୧ ଡିସେମ୍ବର ୧୬ରେ ପଶ୍ଚିମବଙ୍ଗର ଏକ ପର୍ଯ୍ୟଟକ ବସ୍ କଳିଙ୍ଗା ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଥିରେ ୧୫ ଜଣ ଆହତ ହୋଇଥିବା ବେଳେ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିଲା। ସେତେବେଳେ ମନ୍ତ୍ରୀ କହିଥିଲେ, ରାସ୍ତାରେ ଡ୍ରାଇଭରମାନଙ୍କୁ ସଚେତନ କରିବା ପାଇଁ ବ୍ୟବସ୍ଥା କରାଯିବ। ଦୁର୍ଘଟଣା ପରେ ମନ୍ତ୍ରୀ ପ୍ରତିକାର କରିବା ନେଇ ଗଣମାଧ୍ୟମକୁ ବାରମ୍ବାର କହୁଥିଲେ ମଧ୍ୟ ଏ ନେଇ କୌଣସି ପ୍ରତିକାର କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଦୁର୍ଘଟଣା ପାଇଁ ଲୋକମାନେ ପ୍ରଶାସନର ଖାମଖିଆଲ ମନୋଭାବକୁ ଦାୟୀ କରୁଛନ୍ତି।

### ରୋକି ହେଉନି ...

ଯୋଜନାରେ ୧୫୭ ନଂ. ଜାତୀୟ ରାଜପଥ ଭାବେ ପରିଚିତ। ରାସ୍ତାଟି ବର୍ତ୍ତମାନ ଚଉଡା ହୋଇଛି। ନିୟମିତ ଯାତାୟାତ କରୁଥିବା ଚାଳକମାନଙ୍କ ପାଇଁ ଉକ୍ତ ରାସ୍ତାରେ ସେଭଳି ଅସୁବିଧା ହେଉ ନ ଥିବା ବେଳେ ଅନ୍ୟ ରାଜ୍ୟରୁ ଆସୁଥିବା ଗାଡ଼ିଗୁଡ଼ିକ ମୁଖ୍ୟତଃ ରାତିରେ ଦୁର୍ଘଟଣାଗ୍ରସ୍ତ ହେଉଛି। ଦ୍ରୁତଗତି ଏବଂ ଚାଳକଙ୍କ ଅସାବଧାନତା ଯୋଗୁ ଏଭଳି ସମସ୍ୟା ହେଉଥିବା ଆଶଙ୍କା କରାଯାଉଛି। ଘାଟିରେ ଦୁର୍ଘଟଣା କମାଇବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। କିନ୍ତୁ ତାହା ସଫଳ ହେଉନାହିଁ।

### ଓଲଟିଲା ବସ୍ ...

ଆରୋଗ୍ୟ କାମନା କରିଛନ୍ତି। ରାଜ୍ୟ ସରକାର ଆହତମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରୁଥିବା ବେଳେ ମୃତଦେହ ଏବଂ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଅନ୍ୟ ଯାତ୍ରୀମାନଙ୍କୁ ପଶ୍ଚିମବଙ୍ଗ ପଠାଇଛନ୍ତି।

ପଶ୍ଚିମବଙ୍ଗର ହାୱଡ଼ା ଜିଲା ଉଦୟନାଥପୁର ଥାନା ଅନ୍ତର୍ଗତ ସୁଲତାନପୁରରୁ ୭୧ଜଣ ପର୍ଯ୍ୟଟକ ବସ୍(ନଂ.ଡବ୍ଲ୍ୟୁବି-୧୯ଜି-୦୯୮୯)ରେ ଆସି ଗତ ମଙ୍ଗଳବାର ଅପରାହ୍ନରେ ଦାରିଙ୍ଗବାଡ଼ିରେ ପହଞ୍ଚିଥିଲେ। ଦାରିଙ୍ଗବାଡିର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବୁଲିବା ପରେ ରାତି ପ୍ରାୟ ୮ଟାରେ ବିଶାଖାପାଟଣା ଅଭିମୁଖେ ବାହାରିଥିଲେ। ବାଟରେ କଳିଙ୍ଗା ଘାଟି ପୂର୍ବରୁ ରାତିପ୍ରାୟ ୧୧ଟାରେ ପର୍ଯ୍ୟଟକମାନେ ଏକ ହୋଟେଲରେ ଖାଇଥିଲେ। ସେଠାରୁ ବସ୍ ଛାଡ଼ିବା ପରେ ଭଞ୍ଜନଗର ଠାରୁ ୨୩ କି.ମି. ଦୂର କଳିଙ୍ଗା ଘାଟିରେ ରାତି ପ୍ରାୟ ୧୨ଟା ୧୦ମିନିଟରେ ଗାଡ଼ିର ବ୍ରେକ୍ ଫେଲ ହୋଇଯାଇଥିଲା। ଡ୍ରାଇଭର ଭାରସାମ୍ୟ ହରାଇଥିଲେ ମଧ୍ୟ ବସ୍‌କୁ ଘାଟି ତଳକୁ ଆଣିବାରେ ସକ୍ଷମ ହୋଇଥିଲେ। ଘାଟିତଳେ ବସ୍‌ଟି ଏକ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇ ରାସ୍ତାରେ ଓଲଟି କିଛି ମିଟର ଘୋଷାଡ଼ି ହୋଇଥିଲା। ଫଳରେ ଯାତ୍ରୀମାନେ ଚିତ୍କାର କରିବାକୁ ଲାଗିଲେ। ସ୍ଥାନୀୟ ଦୁର୍ଗାପ୍ରସାଦ ଅଞ୍ଚଳବାସୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବସ୍ କାଚ ଭାଙ୍ଗି ପର୍ଯ୍ୟଟକଙ୍କୁ ବାହାରକୁ ଆଣିଥିଲେ। ପ୍ରାୟ ୫ ଜଣ ବସ୍ ତଳେ ଚାପି ହୋଇ ରହିଯାଇଥିଲେ। ଭଞ୍ଜନଗର ଓ କନ୍ଧମାଳ ଜିଲା ଜି. ଉଦୟଗିରିରୁ ଦମକଳ ବାହିନୀ, ପୋଲିସ ପ୍ରଶାସନ ସହଯୋଗରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ଭଞ୍ଜନଗର ମେଡିକାଲକୁ ଅଣାଯାଇଥିଲା। ସେଠାରେ ୪ ମହିଳା ଓ ୨ ପୁରୁଷ ଯାତ୍ରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନେ ହେଲେ ସୁପ୍ରିୟା ଦିନରେ (୩୩), ସଞ୍ଜୀବ ପାତ୍ର (୩୪), ରିମା ଦିନରେ (୨୨), ମୌସୁମୀ ଦିନରେ (୪୦), ବର୍ଣ୍ଣାଳୀ ମନ୍ନା (୩୪) ଓ ରୋଷେୟା ସ୍ୱପନ ଗୁଚାଇତ (୪୪)। ଦୁର୍ଘଟଣାରେ ଆହତ ୪୨ ଜଣଙ୍କ ମଧ୍ୟରୁ ୧୪ ଜଣଙ୍କୁ ଭଞ୍ଜନଗରରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ପଠାଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ରୂପାଲି ଗାୟେନା (୩୭)ଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏମ୍‌କେସିଜି ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଜିଲାପାଳଙ୍କ ପରିଦର୍ଶନ ବେଳେ ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ, ଏମକେସିଜି ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ଉପସ୍ଥିତ ଥିଲେ। ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ତହସିଲଦାର ଆଲୋକ ପ୍ରଧାନ, ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, ଥାନା ଅଧିକାରୀ ଧିରେଶ ଦାସ, ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ଭଞ୍ଜନଗର ମେଡ଼ିକାଲରେ ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଛନ୍ତି। ସାମାନ୍ୟ ଆହତ ହୋଇଥିବା ୪୧ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ରେଡକ୍ରସ ସହଯୋଗରେ ଏକ ସ୍ୱତନ୍ତ୍ର ବସ୍ ଯୋଗେ ପଶ୍ଚିମବଙ୍ଗକୁ ପଠାଇଦିଆଯାଇଛି। ୬ ମୃତଦେହକୁ ଭଞ୍ଜନଗର ମେଡିକାଲରେ ବ୍ୟବଚ୍ଛେଦ ପରେ ସେମାନଙ୍କ ଗ୍ରାମକୁ ବେଲେଶ୍ୱର ଆମ୍ବୁଲାନ୍ସ ସେବା ଏବଂ ନୟାଗଡ଼ରୁ ଆସିଥିବା ଏକ ଘରୋଇ ଆମ୍ବୁଲାନ୍ସରେ ପଠାଯାଇଛି। ଭଞ୍ଜନଗର ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍‌ର କାଗଜପତ୍ର ଜବତ କରିବା ସହ ଏକ ମାମଲା (ନଂ.୨୪୯/୨୨) ରୁଜୁ କରି ତଦନ୍ତ ଚଳାଇଛି।

### ୟାସିନ୍ ମଲିକଙ୍କୁ...

ଓ ପ୍ରତିବାଦୀ ପକ୍ଷ ନିଜ ନିଜ ଯୁକ୍ତି ଉପସ୍ଥାପନ କରିଥିଲେ। ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ କହିଥିଲା, ଉପତ୍ୟକାରୁ କଶ୍ମୀରୀ ପଣ୍ଡିତମାନଙ୍କ ଗଣପଳାୟନ ପାଇଁ ୟାସନ୍ ଦାୟୀ। ତେଣୁ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ। ତେବେ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ୟାସିନ୍‌ଙ୍କୁ ସର୍ବନିମ୍ନ ଦଣ୍ଡାଦେଶ ଦିଆଯାଉ ବୋଲି କହିଥିଲେ। ବିଚାରପତିଙ୍କ ଚାମ୍ବରରେ ଶୁଣାଣି ବେଳେ ୟାସିନ୍ କହିଥିଲେ, ବିଗତ ୨୮ ବର୍ଷ ମଧ୍ୟରେ ସେ କୌଣସି ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ତାଙ୍କ ବିରୋଧରେ ପ୍ରମାଣ ଦେଇପାରିଲେ ସେ ଫାଶୀଖୁଣ୍ଟରେ ଝୁଲିବାକୁ ପ୍ରସ୍ତୁତ। ସେ ରାଜକ୍ଷମା ମାଗିବେ ନାହିଁ। କୋର୍ଟ ନିଜ ଇଚ୍ଛାନୁସାରେ ଦଣ୍ଡ ଦିଅନ୍ତୁ। ତେବେ ବିଚାରପତି ପ୍ରବୀଣ ସିଂ କହିଥିଲେ, ୟାସିନ୍ ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇସାରିଥିବାରୁ ଏହି ମାମଲାରେ ତଥ୍ୟକୁ ନେଇ ଆଉ ଯୁକ୍ତିର ଆବଶ୍ୟକତା ନାହିଁ। ପ୍ରକାଶ ଯେ, ମେ' ୧୦ରେ ୟାସିନ୍ ତାଙ୍କ ବିରୋଧରେ ୟୁଏପିଏର ଧାରା ୧୬ (ଆତଙ୍କବାଦୀ କାର୍ଯ୍ୟ), ୧୭ (ଆତଙ୍କାବାଦୀ କାର୍ଯ୍ୟ ପାଇଁ ପାଣ୍ଠି ସଂଗ୍ରହ), ୧୮ (ଆତଙ୍କବାଦ ପାଇଁ ଷଡ଼ଯନ୍ତ୍ର ରଚିବା) ଓ ୨୦ (ଆତଙ୍କବାଦୀ ସଙ୍ଗଠନର ସଦସ୍ୟ ହେବା) ଏବଂ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି)ର ଦଫା ୧୨୦-ବି (ଆପରାଧିକ ଷଡ଼ଯନ୍ତ୍ର) ସହ ୧୨୪-ଏ (ଦେଶଦ୍ରୋହ) ବଳରେ ଆଗତ ଅଭିଯୋଗକୁ ଚ୍ୟାଲେଞ୍ଜ କରିବେ ନାହିଁ ବୋଲି କୋର୍ଟଙ୍କୁ ଜଣାଇଥିଲେ। ଗତ ୧୯ ତାରିଖରେ ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ୟାସିନ୍‌ଙ୍କୁ କେତେ ପରିମାଣର ଜରିମାନା କରାଯାଇପାରିବ ତାହା ସ୍ଥିର କରିବା ପାଇଁ କୋର୍ଟ ଏନ୍‌ଆଇଏ ଅଧିକାରୀମାନଙ୍କୁ ତାଙ୍କ ଆର୍ଥିକ ସ୍ଥିତି ଆକଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ପ୍ରତିଷ୍ଠାତା ହାଫିଜ୍ ସୟିଦ ଓ ହିଜ୍‌ବୁଲ୍ ମୁଜାହିଦିନ୍ ମୁଖ୍ୟ ସୟଦ ସଲାହୁଦ୍ଦିନ୍‌ଙ୍କ ସମେତ ଅନ୍ୟ କେତେଜଣଙ୍କ ବିରୋଧରେ ଚାର୍ଜଶିଟ୍ ହୋଇଥିଲା।

### ସ୍ନାନବେଦିରେ ମିଳିବ ...

ବ୍ୟବସ୍ଥିତ ଢଙ୍ଗରେ ପ୍ରସ୍ତୁତି କରାଯାଇଛି। ସେହିପରି ବରିଷ୍ଠ ସେବାୟତ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ୧୫ ଦିନ ଧରି ଅନବସର ନୀତି ହେବ। ଆସନ୍ତା ୧୪ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା। ରାତି ୯ଟା ପର୍ଯ୍ୟନ୍ତ ସାଧାରଣ ଲୋକେ, ୯ଟାରୁ ୯ଟା ୩୦ ପର୍ଯ୍ୟନ୍ତ ସେବାୟତ ପରିବାର ବର୍ଗ ଦର୍ଶନ କରିବେ। ବେଶ ଲାଗିବେଳେ ସେବାୟତମାନଙ୍କ ବିଶୃଙ୍ଖଳା ଆଚରଣ ଉପରେ ରୋକ୍ ଲଗାଯିବ। ମହାପ୍ରଭୁଙ୍କୁ ଯେପରି ଲୋକେ ଭଲ ଭାବେ ଦର୍ଶନ କରିପାରିବେ ସେ ନେଇ ପ୍ରତିହାରୀ ଓ ଦଇତା ନିଯୋଗଙ୍କୁ ଦାୟିତ୍ୱ ଦିଆଗଲା। ଅଧିକ ଶ୍ରଦ୍ଧାଳୁଙ୍କ ଗହଣରେ ସ୍ନାନଯାତ୍ରା ହେବାକୁ ଥିବାରୁ ଭୋର ୪ଟାରୁ ପହଣ୍ଡି ଆରମ୍ଭ ହୋଇ ୬ଟାରେ ଶେଷ ହେବ। ପୂର୍ବାହ୍ନ ୯ଟା ୩୦ରୁ ୧୧ଟା ୩୦ ମଧ୍ୟରେ ଜଳବିଜେ ଓ ୧୨ଟା ୧୫ରେ ଛେରା ପହଁରା କରାଯିବ। ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୨ଟା ୩୦ ମଧ୍ୟରେ ହାତୀବେଶ ଶେଷ ହେବ। ସକାଳେ ପାରମାଣିକ ଟିକେଟ୍ ଦର୍ଶନ ବ୍ୟବସ୍ଥା କରାଯିବ। ପହଣ୍ଡି ବେଳେ ପାରମାଣିକ ଦର୍ଶନ ହେବ। ଜଳଲାଗି ପରେ ଶଙ୍କରାଚାର୍ଯ୍ୟ ଏବଂ ଗଜପତିଙ୍କ ନୀତିକାନ୍ତି ସମ୍ପାଦନ କରାଯିବ। ଭୋଗ ସରିବା ପରେ ଭକ୍ତମାନେ ସ୍ନାନମଣ୍ଡପ ଉପରେ ଜଳଲାଗି ଓ ହାତୀବେଶ ଦର୍ଶନ ପାଇଁ ୩ ଘଣ୍ଟାର ସୁଯୋଗ ପାଇବେ। ହେଲେ କେହି ବିଗ୍ରହଙ୍କୁ ସ୍ପର୍ଶ କରିପାରିବେ ନାହିଁ। ସେହିପରି ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଦର୍ଶନ ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯିବ। ବିଶେଷକରି ଜଳଲାଗି ବେଳେ ଶୃଙ୍ଖଳା ରକ୍ଷା ଓ ହାତୀବେଶ ସମୟରେ ଶୃଙ୍ଖଳିତ ବ୍ୟବହାର ପ୍ରଦର୍ଶନ ପାଇଁ ସମ୍ପୃକ୍ତ ସେବାୟତମାନଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଯେଭଳି କୌଣସି ସେବାୟତ ଠିଆ ହୋଇ ଦର୍ଶନରେ ବାଧା ସୃଷ୍ଟି କରିବେ ନାହିଁ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି।

### ତୀର୍ଥଭୂମିର ଅସ୍ତିତ୍ୱ ...

ପ୍ରଦର୍ଶନସ୍ଥଳୀ କରିବା ଉଚିତ ନୁହେଁ। ବିକାଶ ନାମରେ ଯେଉଁ କାର୍ଯ୍ୟ ଚାଲିଛି ଏଥିରେ ଦେବଦେବୀ କ୍ରୋଧିତ ହେବେ, ଫଳରେ ରାଜ୍ୟରେ ସଙ୍କଟ ଦେଖାଦେବ। ଗଣତନ୍ତ୍ରକୁ ଆଧ୍ୟାତ୍ମିକ କ୍ଷେତ୍ରରେ ସହଭାଗିତା ଓ ସହଯୋଗିତାର ଅଧିକାର ରହିଛି। ନିଜ ଆଡୁ ନିର୍ଣ୍ଣୟ ନେବାର ଅଧିକାର ନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଧ୍ୟାନ ଦେବା ଉଚିତ। ଦେବଦେବୀଙ୍କ ଆସ୍ଥାନ ଭଙ୍ଗାଯାଇଥିବାରୁ ସରକାର ଦୁଃଖ ପ୍ରକାଶ କରନ୍ତୁ ବୋଲି ଶଙ୍କରାଚାର୍ଯ୍ୟ ମତ ରଖିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କୃଷ୍ଣପକ୍ଷର ଦ୍ୱାଦଶ ଚନ୍ଦ୍ର କଲ୍ୟାଣକାରକ ହେତୁ ଯାହା କରିବେ ନିର୍ବିଘ୍ନରେ ଫଳପ୍ରଦ ହେବ। ପାରିବାରିକ ସମସ୍ୟା, ପରିବହନରେ ଝଗଡ଼ା, ଯାନବାହନରେ କ୍ଷତିର ଆଶଙ୍କା ହେତୁ ସତର୍କତା ଭଲ। କର୍ମକ୍ଷେତ୍ରସ୍ଥ ବିଶୃଙ୍ଖଳିତ ପରିସ୍ଥିତିରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ସହକର୍ମୀଙ୍କ ଦୌରାତ୍ମ୍ୟରୁ ବିବ୍ରତବୋଧ କରିପାରନ୍ତି।

**ବୃଷ**
ସାଧାରଣ କଥାରେ ଉତ୍ତେଜିତ ହେବା ନିଜର ହିଁ କ୍ଷତି ସାଧନ କରିବ। ରବି ବୁଧଜନିତ ସାମୟିକ ଆଲୋଚନାରୁ ପ୍ରମାଣସିଦ୍ଧ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ, କିନ୍ତୁ ସକାଳେ ମନଟା ବିଗିଡ଼ି ଯାଇପାରେ। ଆର୍ଥିକ ସ୍ଥିତି ଅଭାବନୀୟ ପରିସ୍ଥିତି ସୃଷ୍ଟି କରିବାର ସୂଚନା ରହିଛି।

**ମିଥୁନ**
ଏକାଧିକ ଗ୍ରହ କର୍ମସ୍ଥ ହେତୁ ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା ଲାଗି ରହିବ। କଠିନ ଶ୍ରମ ହେତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହି କାମ କରିବା ଭଲ ହେବ। ବନ୍ଧୁଙ୍କ ସାହାଯ୍ୟ କାରଣରୁ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବ। ମାଲିମକଦ୍ଦମା, ପ୍ରଶାସନ, ରାଜନୀତି ତଥା ଗଠନମୂଳକ କାର୍ଯ୍ୟରେ ଉତ୍ସାହିତ ହେବେ।

**କର୍କଟ**
ଆଜି ଭାଗ୍ୟ ଭାବରେ ଚନ୍ଦ୍ର, ମଙ୍ଗଳ ଓ ବୃହସ୍ପତି ଥିବାରୁ କର୍ମାରମ୍ଭ କରି କୃତକାର୍ଯ୍ୟ ହେବେ। କିନ୍ତୁ ସାମୟିକ ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବାର ଆଶଙ୍କା ଉପୁଜିବ। ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ବହୁଦିନରୁ ଆଶା କରୁଥିବା ବନ୍ଧୁଙ୍କ ସହ ଦେଖା କରିବାର ସୁଯୋଗ ପାଇ ଖୁସି ହେବେ।

**ସିଂହ**
ଅବହେଳାଜନିତ କର୍ମକ୍ଷେତ୍ରରେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ପ୍ଲଟିଂ କାରବାର, ପରିବହନ, ପ୍ରଶାସନ, ମାଲିମକଦ୍ଦମା ଚିନ୍ତାଜନକ ରହିବ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ରର ଦ୍ରୁତୋନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ବ୍ୟବସାୟ ଓ ବାଣିଜ୍ୟରେ ସମସ୍ୟା ଦୂର ହୋଇପାରେ। ପଡ଼ୋଶୀଙ୍କ ସହ କଳହର ଆଶଙ୍କା ରହିଛି।

**କନ୍ୟା**
ଆଜି ସକାଳୁ ସକାଳୁ ବିଭିନ୍ନ ପ୍ରକାର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଦୀର୍ଘଦିନାନ୍ତେ ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୂରଯାତ୍ରାରେ ବିଳମ୍ବ ଘଟିପାରେ। ହସ୍ତା ନକ୍ଷତ୍ର କିନ୍ତୁ କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ।

**ତୁଳା**
ସକାଳୁ ସକାଳୁ ଶୁଭ ଖବର ପାଇ ମନ ଏକପ୍ରକାର ଖୁସୀ ହୋଇଯିବ। ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କରି ନିଜର ଅତି ବିଶ୍ୱସ୍ତ କର୍ମଚାରୀଟିର ମନୋଭାବ ବଦଳି ଯାଇପାରେ। ଚିତ୍ରା ନକ୍ଷତ୍ର ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ସହାୟତାରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**ବିଛା**
ପ୍ରତି କ୍ଷେତ୍ରରେ ଅସ୍ଥିରତା ଲାଗି ରହିବାରୁ ବିଭିନ୍ନ ଦୁଃଭାବନାରେ ମନ ବିଚଳିତ ରହିବ। ଅନୁରାଧା ନକ୍ଷତ୍ର ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଯାତ୍ରା ସମୟରେ ଅଜଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ପାରିବାରିକ କ୍ଷେତ୍ରରେ ଛୋଟ ସମସ୍ୟାକୁ ନେଇ ବ୍ୟସ୍ତ ହୋଇପାରନ୍ତି।

**ଧନୁ**
ବିଭିନ୍ନ ସମସ୍ୟା ସାଙ୍ଗକୁ ଖର୍ଚ୍ଚ ବଢ଼ିଯିବା କାରଣରୁ ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ଅତି ନିଜର ଲୋକଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମଧ୍ୟ ସେହି ବ୍ୟକ୍ତି କାମ କରିବେ ନାହିଁ। ଘର କଥା କହି ମୂଳା ନକ୍ଷତ୍ର ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ। ବନ୍ଧୁଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରନ୍ତି।

**ମକର**
ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ବନ୍ଧୁଙ୍କ ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କୁମ୍ଭ**
ବିନା ଆହ୍ୱାନରେ ଅନ୍ୟର ଭଲ କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ଶତଭିଷା ନକ୍ଷତ୍ର ବିନା କାରଣରେ କଳହକୁ ନିମନ୍ତ୍ରଣ କରିପାରନ୍ତି। ହଠାତ୍ ଯାତ୍ରା କରିବାକୁ ମନସ୍ଥ କରି ବାଟରୁ ଫେରି ଆସିବାକୁ ପଡ଼ିପାରେ। ଶିକ୍ଷା, ଗବେଷଣା, ବିଦେଶ ଯାତ୍ରା, କଳା, ସାହିତ୍ୟ, ସଙ୍ଗୀତ ଓ ଆଲୋଚନା କ୍ଷେତ୍ର ପ୍ରଶସ୍ତ ରହିବ।

**ମୀନ**
ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିପାରେ। ଅଧସ୍ଥନ କର୍ମଚାରୀଙ୍କୁ ଅସହ୍ୟ କଟୁକଥା ପ୍ରୟୋଗ କଲେ ନିଜକୁ ହିଁ ଅପମାନିତ ହେବାକୁ ପଡ଼ିବ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟା କଲେ ମଧ୍ୟ ସଫଳ ହେବେନାହିଁ। ଉତ୍ତର ଭାଦ୍ରବ ନକ୍ଷତ୍ର କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି– କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। –ଶ୍ରୀମା



# ଗଣମାଧ୍ୟମ ସ୍ୱାଧୀନତାର ଲଢ଼େଇ



ଜୋସ୍ ମିଡାସ୍ ବାର୍ଟମ୍ୟାନ

ଫିଲିପାଇନ୍ସର ପାଲାୱାନ ପ୍ରୋଭିନ୍ସ ଜୈବ ବିବିଧତାର ଭରପୁର ଦ୍ୱୀପ ଭାବେ ବେଶ୍ ଜଣାଶୁଣା। ନିକଟରେ ସେଠାରେ ଏକ ବିଷମ ରାଜନୈତିକ ରୋମାଞ୍ଚ ସାମ୍ନାକୁ ଆସିଥିଲା। ମେ ୯ରେ, ୨୦୧୧ର ତଥାକଥିତ ରେଡିଓ ବ୍ରଡକାଷ୍ଟର ଗେରୀ ଓର୍‌ଟେଗା ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ଜୋଏଲ ଟି. ରିୟେସ ପୁନର୍ବାର ଗଭର୍ନର ନିର୍ବାଚନ ଦୌଡ଼ରେ ସାମିଲ ହୋଇଥିଲେ। ରିୟେସ ଜିତିଥିଲେ ଓର୍ଟେଗା ହତ୍ୟା ମାମଲାରେ ନ୍ୟାୟ ପାଇବା ସମ୍ଭାବନା କ୍ଷୀଣ ହୋଇଯାଇଥାଆନ୍ତା। ଭାଗ୍ୟବଶତଃ ରିୟେସ ନିର୍ବାଚନ ହାରିଗଲେ। ଓର୍‌ଟେଗାଙ୍କ ହତ୍ୟା ଭଳି ବହୁ ମାମଲାର ଗମ୍ଭୀରତା ଥିବାବେଳେ ଅନେକଙ୍କୁ ଏହା ସାଧାରଣ ମନେହେଉଛି। ରିୟେସଙ୍କ ଭଳି କ୍ଷମତାଶାଳୀ ଏକଚ୍ଛତ୍ରବାଦୀ ବର୍ଗର ସ୍ଥାନୀୟ ନେତାମାନେ ରାଜନୈତିକ ସମର୍ଥନରେ ବହୁ ସମୟରେ ଦଣ୍ଡମୁକ୍ତ ହେବା ସାମ୍ବାଦିକମାନଙ୍କ ଜୀବନ ପ୍ରତି ଭୟଙ୍କର ବିପଦ ସୃଷ୍ଟି କରୁଛି।

୨୦୦୨ରୁ ୨୦୧୧ ଯାଏ ପାଲାୱାନର ଗଭର୍ନର ଥିଲେ ରିୟେସ। ତାଙ୍କ ବିରୋଧରେ ଗୁପ୍ତରେ ଅର୍ଥ ସଂଗ୍ରହ କରୁଥିବା ଅଭିଯୋଗ ସାଧାରଣରେ ପ୍ରକାଶ କରିଥିଲେ ଓର୍‌ଟେଗା। ଫଳରେ ଓର୍‌ଟେଗାଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଜଡ଼ିତ ସମସ୍ତଙ୍କୁ ଗିରଫ କରାଯାଇଥିଲା ଏବଂ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। କିନ୍ତୁ ମଜଭୁତ ପ୍ରମାଣ ସତ୍ତ୍ୱେ ତାଙ୍କ ବିରୋଧରେ ଔପଚାରିକ ଅଭିଯୋଗକୁ ରୋକିବା ଲାଗି ରିୟେସ ପ୍ରୋସେକ୍ୟୁଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ହତ୍ୟା ଯୋଜନାର ମଧ୍ୟସ୍ଥ ଥିବା ରୋଡୋଲ୍ଫୁ ଏର୍ଡାଡ୍ ମାଷ୍ଟରମାଇଣ୍ଡ ଭାବେ ରିୟେସଙ୍କୁ ଦର୍ଶାଇଥିଲେ ଓ ତାଙ୍କୁ ମୁଖ୍ୟ ସାକ୍ଷୀ ଭାବେ ରଖାଯାଇଥିଲା। ତେବେ ପ୍ରୋସେକ୍ୟୁଟରମାନେ ଏର୍ଡାଡ୍‌ଙ୍କ ସାକ୍ଷ୍ୟକୁ ପ୍ରମାଣ ଭାବେ ନିଶ୍ଚିତ କରି ନ ଥିଲେ। ପ୍ରୋସେକ୍ୟୁଟରମାନେ ନିଷ୍ପତ୍ତି ନେଇଥିଲେ ଯେ, ହତ୍ୟା ପୂର୍ବରୁ ଓ ପରେ ଏର୍ଡାଡଙ୍କ ପାଖକୁ ରିୟେସ ପଠାଇଥିବା ଟେକ୍ସଟ ମେସେଜକୁ ପ୍ରମାଣ ଭାବେ ବ୍ୟବହାର କରାଯାଇପାରିବ ନାହିଁ। କିନ୍ତୁ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିଯୁକ୍ତ ନୂତନ ପ୍ରୋସେକ୍ୟୁଟୋରିଆଲ ଟିମ୍ ଏହି ଟେକ୍ସଟ୍ ମେସେଜକୁ ପ୍ରମାଣ ଭାବେ ଗ୍ରହଣ କରି ମାମଲା ଆରମ୍ଭ କଲା ପରେ ରିୟେସ ଭିଏତ୍‌ନାମ ପଳାଇଲେ। ଯଦିଓ ପରେ ଏକ କୋର୍ଟ ଏହି ପ୍ରୋସେକ୍ୟୁଟୋରିଆଲ କମିଟିକୁ ଅବୈଧ ବୋଲି ରାୟ ଦେଇଥିଲେ, ତେବେ ସେହି କୋର୍ଟର ଏକ ନୂଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ ଯେ, ଏହି ମାମଲାର ବିଚାର ଆଗକୁ ବଢ଼ିବା ଉଚିତ। କିନ୍ତୁ ୨୦୨୧ରେ ଜାରି ରିୟେସଙ୍କ ଗିରଫ ୱାରେଣ୍ଟକୁ ସାମୟିକ ଭାବେ ଉଠାଇ ନିଆଗଲା, ଯଦ୍ୱାରା ସେ ଗଭର୍ନର ପାଇଁ ନିର୍ବାଚନ ପ୍ରଚାର କରିବାକୁ ସକ୍ଷମ ହୋଇଥିଲେ।



ଏହି ସମୟରେ ଓର୍‌ଟେଗାଙ୍କ ପରିବାର, ସେମାନଙ୍କ ଓକିଲମାନେ ଏବଂ ଅଫିସ ଅଫ୍ ଦି ସୋଲିସିଟର ଜେନେରାଲ ରିୟେସଙ୍କୁ ଗିରଫ କରିବା ଲାଗି ନିର୍ଦ୍ଦେଶ ଦେବା ସକାଶେ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ। ଏହି ପଦକ୍ଷେପକୁ ବିଶ୍ୱସ୍ତରରେ ଗଣମାଧ୍ୟମ ସ୍ୱାଧୀନତା ଲାଗି ସ୍ୱର ଉଠାଉଥିବା ସଂଗଠନଗୁଡ଼ିକ ସମର୍ଥନ କରିଥିଲେ। ତେବେ ରିୟେସଙ୍କ ବିରୋଧରେ ଯଥାଶୀଘ୍ର ମକଦ୍ଦମା କରାଗଲେ ଫିଲିପାଇନ୍ସରେ ଗଣମାଧ୍ୟମ ସ୍ୱାଧୀନତା ଲାଗି ଯଥାର୍ଥ ହେବ। ହେଲେ ସାମ୍ବାଦିକମାନଙ୍କୁ ହତ୍ୟା କରିବା ମାମଲାରେ ଦଣ୍ଡରୁ ମୁକ୍ତ କରିବା କିମ୍ବା ପକ୍ଷପାତ ଦୋଷମୁକ୍ତ କରିବା ଧାରା ଯୋଗୁ ଫିଲିପାଇନ୍ସରେ ସେମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି।

ଏବେ ରାଷ୍ଟ୍ରପତି ନିର୍ବାଚନରେ ଫର୍ଡିନାଣ୍ଡ ବୋଙ୍ଗବୋଙ୍ଗ ମାର୍କୋସ ଜୁନିୟରଙ୍କ ବିଜୟ ହୋଇଛି। ଏହି ବିଜୟର ଗଣମାଧ୍ୟମ ସ୍ୱାଧୀନତା ଉପରେ କ'ଣ ପ୍ରଭାବ ରହିବ ତାହାକୁ ନେଇ 'କମିଟି ଟୁ ପ୍ରୋଟେକ୍ଟ ଜର୍ନଲିଷ୍ଟସ୍' ଭଳି ସଂଗଠନଗୁଡ଼ିକ ଚିନ୍ତା ପ୍ରକଟ କରିଛନ୍ତି। କିନ୍ତୁ ଅନେକ ସାମ୍ବାଦିକଙ୍କ ପାଇଁ, ବିଶେଷ କରି ବୃହତ୍ ଏବଂ ଫିଲିପାଇନ୍ସ ଭଳି ବିକେନ୍ଦ୍ରୀକୃତ ଦେଶଗୁଡ଼ିକରେ, ଯେଉଁଠି କ୍ଷମତା ଆଞ୍ଚଳିକ ଏବଂ ସ୍ଥାନୀୟ ସ୍ତରରେ ରଖାଯାଇଛି ସେଠାରେ ଅଧିକ ସମସ୍ୟା ହେଉଛି। ଯେଉଁ ଗଣତନ୍ତ୍ରରେ ତୁଳନାତ୍ମକ ଭାବେ ଦୁର୍ବଳ ସଂସ୍ଥା ସବୁ ରହିଛନ୍ତି, ସେଠାରେ ଆଞ୍ଚଳିକ ବା ସ୍ଥାନୀୟ ଏକଚ୍ଛତ୍ରବାଦୀ ନେତାମାନେ ଜାତୀୟ ସ୍ତରର ଏକଚ୍ଛତ୍ରବାଦୀ ନେତା ଭାବେ ଶାସନ କରିବାର ସ୍ୱପ୍ନ ଦେଖି କୌଣସି ପ୍ରକାରେ ନିର୍ବାଚନ ଜିତି ସରକାରୀ ସଂସାଧନଗୁଡ଼ିକୁ ଲୁଟ୍ କରିଥାନ୍ତି। ଫିଲିପାଇନ୍ସରେ ଅନେକ ଦଶନ୍ଧି ହେଲା ଏଭଳି ଘଟଣାର ପ୍ରମାଣ ରହିଛି। ସେବୁ ପ୍ରୋଭିନ୍ସରେ ଓସ୍‌ମେନା ପରିବାର ବଂଶବାଦ ପ୍ରାଧାନ୍ୟ ଅନେକ ଦଶନ୍ଧି ଧରି ଉପଭୋଗ କରିବା ଏକ ଉଦାହରଣ। ମେକ୍ସିକୋରେ ଇନ୍‌ଷ୍ଟିଚ୍ୟୁଶନାଲ ରିଭଲ୍ୟୁସନାରି ପାର୍ଟି (ପିଆରଆଇ) ପାଖାପାଖି ଏକ ଶତାବ୍ଦୀ ହେବ ଶାସନ କରିଆସୁଛି। ୨୦୧୦–୨୦୧୬ ମଧ୍ୟରେ ଗଭର୍ନର ଜାଭିୟର ଡୁଆର୍ଟେ ବହୁ ଲକ୍ଷ ଡଲାର ସରକାରୀ ଅର୍ଥ ଲୁଟ କରି ଦୁର୍ନୀତିର ପୋଷ୍ଟର ବୟ ପାଲଟି ଯାଇଥିଲେ।

ଏହି ପରିପ୍ରେକ୍ଷୀରେ ଏତିକି କୁହାଯାଇପାରେ ଗଣତନ୍ତ୍ର ପାଇଁ ଓରଟେଗାଙ୍କ ଭଳି ସାମ୍ବାଦିକମାନେ ଶେଷ ଭରସା। କିନ୍ତୁ ସ୍ଥାନୀୟ ଏକଚ୍ଛତ୍ରବାଦୀ ନେତାମାନେ ସେମାନଙ୍କ ଭାବମୂର୍ତ୍ତି ରକ୍ଷା କରିବାକୁ ଯାଇ ସାମ୍ବାଦିକମାନଙ୍କ ହତ୍ୟା ପାଇଁ ନିର୍ଦ୍ଦେଶ ଦେବା ନିଶ୍ଚିତ ଭାବେ ଏକ ଗମ୍ଭୀର ବିଷୟ।

ମେକ୍ସିକୋର ଭେରାକ୍ରୁଜରେ ଡୁଆର୍ଟେଙ୍କ ଶାସନରେ ୧୮ ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଥିଲା। ପ୍ରାୟ ସବୁ ମାମଲାରେ ଦୋଷୀମାନେ ଦଣ୍ଡମୁକ୍ତ ହୋଇଥିଲେ। ଏପରି କି ସାମ୍ବାଦିକ ରେଜିନା ମାର୍ଟିନେଜ ପିରେଜ୍‌ଙ୍କ ହତ୍ୟାକୁ ମିଥ୍ୟାରେ ସ୍ୱୀକାର କରିବା ଲାଗି ଜଣେ ସେକ୍ସ ୱାର୍କରଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ରାଜ୍ୟ ପ୍ରୋସେକ୍ୟୁଟରମାନଙ୍କ ବିରୋଧରେ ଆସିଥିଲା। ଏଭଳି ଏକଚ୍ଛତ୍ରବାଦୀ ବ୍ୟବସ୍ଥାରେ ଉଭୟ କାର୍ଯ୍ୟବାହୀ ଏବଂ ନ୍ୟାୟିକ ସଂସ୍ଥାଗୁଡ଼ିକ ଦୁର୍ବଳ ହେବା ସ୍ୱାଭାବିକ। ଫିଲିପାଇନ୍ସରେ କିଭଳି ଓ କାହା ଦ୍ୱାରା ଜଣେ ସାମ୍ବାଦିକଙ୍କୁ ହତ୍ୟା କରାଯାଉଛି ତାହା ଜାଣିବା ଅତ୍ୟନ୍ତ କଷ୍ଟକର। ଏପରିକି ଏକ ତଦନ୍ତରେ ସ୍ଥାନୀୟ ଅଧିକାରୀଙ୍କ ଅସଲ ଉଦ୍ଦେଶ୍ୟ ଜାଣିବା ମଧ୍ୟ କଠିନ। ସାମ୍ବାଦିକମାନଙ୍କ ହତ୍ୟାର ତଦନ୍ତ କରିବା ଏବଂ ସେମାନଙ୍କ ବିରୋଧରେ ଅପରାଧ ମାମଲା ଉପରେ ପ୍ରୋସେକ୍ୟୁଟରମାନଙ୍କ ପାଇଁ ସ୍ଥାନୀୟ କ୍ଷେତ୍ରରେ ଲାଗୁ ହେଉଥିବା ଆମେରିକାରେ ମାର୍ଗଦର୍ଶିକାକୁ ସଞ୍ଚାଳନ କରିବା ସକାଶେ ପ୍ରୋସେକ୍ୟୁସନାଲ ସଂସ୍ଥାଗୁଡ଼ିକ ପ୍ରତିଷ୍ଠା କରାଯିବା ହିଁ ସମାଧାନର ଏକ ମାତ୍ର ଉପାୟ ହୋଇପାରେ। କିନ୍ତୁ ଏଭଳି ପଦକ୍ଷେପ ଲାଗି କେନ୍ଦ୍ରୀୟ ସରକାରଗୁଡ଼ିକର ରାଜନୈତିକ ଇଚ୍ଛାଶକ୍ତି ଦରକାର।

ସାମ୍ବାଦିକମାନଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଦଣ୍ଡମୁକ୍ତ କରିବାର ଯେଉଁ ଧାରା ଚାଲିଛି ତାହା ବିରୋଧରେ ଲଢ଼େଇ କରିବାକୁ ହେଲେ ପୁରୁଣା ମାମଲାଗୁଡ଼ିକର ତଦନ୍ତ କରିବା ପାଇଁ ଅଧିକ ପଦକ୍ଷେପ ଗ୍ରହଣ କରାଯାଇପାରିବ। ଫ୍ରି ପ୍ରେସ୍ ଅନ୍‌ଲିମିଟେଡ, କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟ ଏବଂ ରିପୋର୍ଟର୍ସ ୱିଦାଉଟ ବର୍ଡର୍ସର ମିଳିତ ସହଯୋଗରେ ଏ 'ସେଫର ୱାର୍ଲ୍ଡ ଫର୍ ଦି ଟ୍ରୁଥ' ଯୋଜନା ଏବେ ଏଭଳି ପୁରୁଣା ମାମଲାଗୁଡ଼ିକର ତଦନ୍ତ କରୁଛି। ବହୁ ସମୟରେ ନୂତନ ବିଷୟ ଏଭଳି ମାମଲାଗୁଡ଼ିକୁ ପୁଣି ଆରମ୍ଭ କରିବାକୁ ବାଟ ଦେଖାଇପାରେ। ପାକିସ୍ତାନୀ ସାମ୍ବାଦିକ ଜୁବେର ମୁଜାହିଦଙ୍କ ହତ୍ୟା ମାମଲାର ତଦନ୍ତ ପାଇଁ ତାଙ୍କ ପରିବାର ଓ ଓକିଲମାନେ ମିଳିତ ଭାବେ ସିନ୍ଧ ହାଇକୋର୍ଟରେ ପୁନର୍ବାର ତଦନ୍ତ କରିବା ଲାଗି ପିଟିଶନ୍ ଦାଏର କରିଛନ୍ତି।

ଗଣମାଧ୍ୟମର ସ୍ୱାଧୀନତା ଉପରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ବ୍ରାଜିଲ ରାଷ୍ଟ୍ରପତି ଜେର ବୋଲସୋନାରୋ ଏବଂ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ଆକ୍ରମଣ ଉପରେ ଅଧିକ ଦୃଷ୍ଟି ଦେବା ଆବଶ୍ୟକ। କିନ୍ତୁ ବିଶ୍ୱର ପ୍ରାୟ ସବୁଠି ସାମ୍ବାଦିକମାନେ ବିପଦରେ ରହିଥିବାରୁ ଗଣମାଧ୍ୟମ ସ୍ୱାଧୀନତା ଏବଂ ଗଣତନ୍ତ୍ର ପାଇଁ ସ୍ଥାନୀୟ ଲଢ଼େଇ ଉପରେ ଅତ୍ୟଧିକ ଧ୍ୟାନଦେବାକୁ ପଡ଼ିବ।

**ରିସର୍ଚ୍ଚ କୋର୍ଡିନେଟର, ଏ ସେଫର୍ ୱାର୍ଲ୍ଡ ଫର୍ ଦି ଟ୍ରୁଥ୍**
**(ଫ୍ରି ପ୍ରେସ୍ ଅନ୍‌ଲିମିଟେଡ୍)**

# ମାନସିକତା



ଅନୀତା ପଟ୍ଟନାୟକ

ଥରେ ମୁଁ ଓ ମୋର ଜଣେ ଘନିଷ୍ଠ ବାନ୍ଧବୀ ଜଣେ ସାଧୁ ଦେଉଥିବା ପ୍ରବଚନକୁ ଶୁଣିବାକୁ ଯାଇଥିଲୁ। ପ୍ରଥମ ଦିନ ସାଧୁ କହିଥିଲେ, ସାହସିକତା ଓ ଆତ୍ମବିଶ୍ୱାସ ମଣିଷକୁ ବଡ଼ କରି ତୋଳେ କିନ୍ତୁ ଭୟଭ୍ରାନ୍ତି ମଣିଷର ଦୁଇ ଶତ୍ରୁ ଓ ସେମାନେ ମଣିଷର ସଫଳତାରେ ବାଧକ ହୋଇଥାନ୍ତି। ଦ୍ୱିତୀୟ ଦିନ କହିଥିଲେ, ପ୍ରତ୍ୟେକ ସମସ୍ୟାର ସମାଧାନ ଅଛି ଓ ଭଗବାନଙ୍କ ନିକଟରେ ସମସ୍ତ ସମସ୍ୟା ସମାଧାନର ବାଟ ରହିଛି। ସାହସିକତା, ଆତ୍ମବିଶ୍ୱାସ କିପରି ସଫଳତାର ଚାବିକାଠି ତାହାକୁ ବୁଝାଇବାକୁ ଯାଇ ସେ କଲମ୍ବସ, ଲୁଇସପାଶ୍ଚର, ମିଲଟନ, ବେଥୋଭେନ, ହେଲେନକେଲରଙ୍କର ଉଦାହରଣ ଦେଇଥିଲେ। ସେ କହିଥିଲେ, ସିଂହର ଭୟ ନ ଥାଏ ଓ ଭୟ ଥିବା ଜୀବକୁ ସିଂହ କୁହାଯାଇ ପାରେନା।

ମୁଁ ମୋର ବାନ୍ଧବୀକୁ ପଚାରିଲି ଆଜିର ପ୍ରବଚନ କିପରି ଲାଗିଲା। ସେ କହିଲା କହିବା ଓ ଶୁଣିବା ବଡ଼ ସହଜ କିନ୍ତୁ ଦୈନନ୍ଦିନ ଜୀବନରେ ଏହାକୁ ପାଳନ କରିବା ଅତ୍ୟନ୍ତ କଷ୍ଟକର। ତୃତୀୟ ଦିନ ପ୍ରବଚନରେ ସାଧୁ କହିଲେ, ମା'ସର୍ବଂସହା, ସତ୍ୟ, ଗର୍ଭଧାରିଣୀ ମମତାମୟୀ। କାଳଚକ୍ରରେ ସେ କନ୍ୟା, ଭଗ୍ନୀ, ପତ୍ନୀ, ବନ୍ଧୁ, ଶାଶୁ ପ୍ରଭୃତି ଭୂମିକାରେ ଅଭିନୟ କରିଥାଏ। କିନ୍ତୁ ଆଜିକାଲି ମା'ପାଇଁ ଉତ୍ସର୍ଗୀକୃତ ଦିନଟି ଛଡ଼ା ଅନ୍ୟ ଦିନଗୁଡ଼ିକରେ ପିଲାମାନେ ମା'ଙ୍କୁ ମନେପକାଉ ନାହାନ୍ତି।

ତା' ପରଦିନ ପ୍ରବଚନ ଶୁଣିବାକୁ ଯିବା ପୂର୍ବରୁ ମୋର ବାନ୍ଧବୀ ମୋତେ ତାଙ୍କର ଘରର ପୋଖରୀକୂଳକୁ ନେଇଗଲେ। ସେ ପୋଖରୀରେ ବଡ଼ ବଡ଼ ମାଛଥାଆନ୍ତି। ବାନ୍ଧବୀ କହିଲା ଯେ ପ୍ରବଚନରୁ ତୁ ଯଦି କିଛି ଶିକ୍ଷା କରିଥାଉ ତେବେ ଭଗବାନଙ୍କ କୃପାରୁ ତାହା ଏଠାରେ ପ୍ରତିଫଳିତ ହେବ। ତା'ର କଥା ସରିଚି ନା ନାହିଁ ଗୋଟିଏ ବଡ଼ ମାଛ କୂଳ ପାଖକୁ ଆସିଲା ଓ ସେଠାରେ ବୁଲୁଥିବା ଗୋଟିଏ ଛୋଟ ମାଛକୁ ଗିଳିଦେଲା। ବାନ୍ଧବୀ କହିଲା, ଏପରି ଏକ ଦୃଶ୍ୟକୁ ଦେଖି ଦିନେ ବୁଦ୍ଧଙ୍କ ମନ ତରଳି ଯାଇଥିଲା। ଏହାକୁ ଦେଖି ତୋର ମନରେ ନିରାମିଷାଶୀ ହେବାର ବାସନା ଉଦ୍ରେକ ହେଉଛି କି? ମୁଁ କହିଲି ନା, କାରଣ ଆମିଷ ଭକ୍ଷଣ କରିବାକୁ ମତେ ଖୁବ୍ ଭଲ ଲାଗୁଥିଲା।

ଏହାପରେ ଆମେ ପ୍ରବଚନ ଶୁଣିବାକୁ ଗଲୁ। ବାଟରେ ଯାଉଥିବା ସମୟରେ ଗୋଟିଏ ଗାଡ଼ିରେ କୁକୁଡ଼ାଗୁଡ଼ିକ ଲଦା ହୋଇ ଆସୁଥିଲେ। ଆଉ ଗୋଟିଏ ଗାଡ଼ିରେ ଛେଳି ଓ ଗୋ ମାତାମାନେ କଂସେଇଖାନାକୁ ବୋଝେଇ ହୋଇ ଆସୁଥିଲେ। ଏହା ଦେଖି ବାନ୍ଧବୀ କହିଲା, ଦେଖ ତୋର ଅତି ପ୍ରିୟ ଖାଦ୍ୟମାନେ କିପରି ଲଦା ହୋଇ ଯାଉଛନ୍ତି। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ମଧ୍ୟ ସେମାନଙ୍କୁ କଷ୍ଟ ହେଉଥିବ। କହିଲୁ ଦେଖି ଛୁଆ କୁକୁଡାଟି ଆଗରେ ତାର ମା'କୁକୁଡ଼ାକୁ ଯେତେବେଳେ ହତ୍ୟା କରାଯାଉଥିବ ଛୁଆ କୁକୁଡ଼ା ମନରେ କ'ଣ ଭାବନା ଉଦ୍ରେକ ହେଉଥିବ। ମୁଁ କହିଲି, ପଶୁମାନଙ୍କର ଏପରି ଉନ୍ନତ ଭାବନା ନ ଥାଏ, ନ ହେଲେ ମା' ଆଗରେ ଶିଶୁର ହତ୍ୟା ଓ ଶିଶୁ ଆଗରେ ମା'ର ହତ୍ୟା ନିଶ୍ଚୟ ବୀଭତ୍ସଜନକ।

ସେ ଦିନ ସାଧୁ ତାଙ୍କ ପ୍ରବଚନରେ କହିଲେ, ମାଂସ କଟାଯାଉଥିବା ସ୍ଥାନରେ ଗୋଟିଏ ପରିବାରର ବାପା, ମା' ଓ ଛୋଟ ପିଲାମାନେ ଏକାଠି ଠିଆ ହୋଇଥାନ୍ତି। ସେଠାରେ ତାଙ୍କ ପରି ଅନ୍ୟ ପରିବାରର ଲୋକମାନେ ମଧ୍ୟ ଗହଳି କରୁଥାନ୍ତି। ସମସ୍ତେ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରୁଥାନ୍ତି ଯେ କିପରି ଭାବେ ଆଗ ମାଂସ ନେଇ ଘରକୁ ଫେରିବେ। ମାଂସ କଟାଳି ଗୋଟିଏ ଛେଳିକୁ ହାଣି କାଟି ତା'ର ଗୋଡ ଦୁଇଟିକୁ ଭାଙ୍ଗି ଦଉଡ଼ିରେ ଟାଙ୍ଗି ଦେଲା। ତା'ର ଦେହରୁ ସମସ୍ତ ଚମଡ଼ାକୁ ଛଡ଼ାଉ ଥିବା ବେଳେ ରକ୍ତ ଟପ ଟପ ହୋଇ ଝରି ପଡୁଥିଲା। ଏହି ସମୟରେ ଅନ୍ୟ ଛେଳିଙ୍କର ବେଦନାକୁ ଗ୍ରାହକମାନେ ଶୁଣି ପାରି ନ ଥିଲେ। ଚାଲିଥିଲା ପ୍ରତିଯୋଗିତା। କିଏ କହୁଥାଏ ମୋର କିଲେ, କିଏ କହୁଥାଏ ମୋର ଅଧକିଲୋ ଏହିପରି। ସାଧୁ କହିଲେ, କହିଲ ଦେଖି ଯେଉଁମାନେ ମାଂସ କିଣିବାକୁ ଆସିଥିଲେ ଓ ଯେଉଁମାନେ ମାଂସ ଭକ୍ଷଣ କରନ୍ତି ସେମାନେ କି ପ୍ରବୃତ୍ତିର ଲୋକ ହୋଇଥିବେ? ମଣିଷ ନା ଅସୁର।

ସେ ଦିନର ଏକଥା ଆଜି ପର୍ଯ୍ୟନ୍ତ ମୋର ମନେଅଛି। ଆଜି ପ୍ରବଚନ ନୁହେଁ ବରଂ ଡାକ୍ତରଙ୍କ ପରାମର୍ଶ କ୍ରମେ ମୁଁ ଆମିଷ ଭକ୍ଷଣରୁ ବଞ୍ଚିତ ହୋଇଛି। ବିଭିନ୍ନ ରୋଗ ଯୋଗୁ ମତେ ଏସବୁଥିରୁ କ୍ଷାନ୍ତ ହେବାକୁ ପଡ଼ିଛି ଓ ମୁଁ ଅନୁଭବ କରିପାରୁଛି ସମସ୍ତ ଜୀବନ୍ତ ଜୀବମାନଙ୍କ ମଧ୍ୟରେ ଭଗବାନ ବିଦ୍ୟମାନ ଓ ପ୍ରତ୍ୟେକ ପ୍ରାଣୀର ଏ ପୃଥିବୀରେ ବଞ୍ଚି ରହିବାର ଅଧିକାର ଅଛି। 'ଜୀବେ ଦୟା' ଏହା ଆମର ପ୍ରଧାନ ମନ୍ତ୍ର ହେବା ଦରକାର।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ**
**ମୋ :୯୬୯୨୯୮୦୦୨୬**

## ଏଇ ଭାରତରେ

ତାମିଲନାଡୁ ବିରୁଦ୍ଧୁନଗରର ଯୁବକମାନେ ୨ ବର୍ଷରେ ୪୩,୦୦୦ କେ.ଜି. ବର୍ଜ୍ୟ ରିସାଇକ୍ଲିଂ କରି ସାରା ଦେଶରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନେ ଏଥିପାଇଁ ଏକ 'ଗାର୍ବେଜ୍ ବ୍ୟାଙ୍କ' ଖୋଲିଛନ୍ତି। ଏହା ମାଧ୍ୟମରେ ସେମାନେ ଅଳିଆ ସଂଗ୍ରହ କରିବା ସହ ଲୋକମାନଙ୍କୁ ବର୍ଜ୍ୟ ପୃଥକୀକରଣ, ଅପ୍‌ସାଇକ୍ଲିଂ ଏବଂ ରିସାଇକ୍ଲିଂ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ଏଭଳି ଧାରଣା ପ୍ରଥମେ ଭି.ଭି. ବାଣିଆପେରୁମଲ କଲେଜ ଫର ଓମେନ୍‌ର ପୂର୍ବତନ ଏଣ୍ଟ୍ରେପ୍ରିନ୍ୟୁର ଡେଭେଲପ୍‌ମେଣ୍ଟ ସେଲ୍‌ର କୋଅର୍ଡିନେଟର ରେବତୀ ରାଜଶେକରନ୍ ଆଣିଥିଲେ ଓ ତାଙ୍କ କଲେଜରେ ପ୍ରତ୍ୟେକ କ୍ଲାସ୍‌ରେ ବର୍ଜ୍ୟ ସଂଗ୍ରହ ଲାଗି ଡଷ୍ଟବିନ୍ ରଖିଥିଲେ। ସେ ବର୍ଜ୍ୟ ସଂଗ୍ରହ କରିବାରେ ସଫଳ ହେବା ପରେ 'ଗାର୍ବେଜ୍ ବ୍ୟାଙ୍କ' ଖୋଲିଥିଲେ। ୬ ବର୍ଷ ପୂର୍ବେ ଆରମ୍ଭ କରାଯାଇଥିବା ଏହି ବ୍ୟାଙ୍କ ଏବେ ସହରର ବିଭିନ୍ନ ଅଞ୍ଚଳକୁ ସମ୍ପ୍ରସାରିତ ହୋଇଛି। ବିଭିନ୍ନ ସ୍କୁଲ ଓ କଲେଜରୁ ବର୍ଜ୍ୟ ସଂଗ୍ରହ କରାଯାଉଛି। ଏବେ ମୋଟ୍‌ରେ ୧୫ ଜଣ ସ୍ୱେଚ୍ଛାସେବୀ ସବୁ କଲେଜ ଓ ସ୍କୁଲରେ ଏ ସମ୍ପର୍କରେ କ୍ଲାସ୍ ନେବା ସହ କର୍ମଶାଳା ମଧ୍ୟ ଆୟୋଜନ କରୁଛନ୍ତି। ଏମାନଙ୍କ ବୟସ ୨୦–୩୫ ବର୍ଷ ମଧ୍ୟରେ। ଏବେ ସୁଦ୍ଧା ବର୍ଜ୍ୟ ପରିଚାଳନା ଲାଗି ଛାତ୍ର, ଶିକ୍ଷକ, ଗୃହକର୍ତ୍ତା ଏବଂ ସାଧାରଣ ଲୋକଙ୍କ ପାଇଁ ୧୩୦ରୁ ଊର୍ଦ୍ଧ୍ୱ ସଚେତନତା ଓ ଶିକ୍ଷା ସେସନ କରାଯାଇଛି। ବିରୁଦ୍ଧୁନଗରର ୫୫୦ ପରିବାର ମଧ୍ୟ ଏହି କାର୍ଯ୍ୟରେ ଯୋଡ଼ି ହୋଇଛନ୍ତି। ଯୁବକମାନେ ଅଦରକାରୀ କାଗଜକୁ ଅପ୍‌ସାଇକ୍ଲିଂ କରି ଖାତା ପ୍ରସ୍ତୁତ କରୁଛନ୍ତି ଓ ଏଗୁଡ଼ିକୁ ସ୍କୁଲ୍ କଲେଜରେ ମାଗଣାରେ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨୬ ମେ ୧୯୯୭

- ତାଲିବାନର ଇସଲାମୀୟ ଉଗ୍ରବାଦୀ ଗୋଷ୍ଠୀ ମାଜାର–ଇ–ଶିରିଫ ଦୁର୍ଗକୁ ଦଖଲ କରିନେବା ପରେ ଆଫଗାନିସ୍ତାନର ଯୁଦ୍ଧ ସମ୍ରାଟ ଜେନେରାଲ ରଶିଦ ଦୋସ୍ତମଙ୍କ ଦେଶ ଛାଡ଼ି ତାସକେଣ୍ଟକୁ ପଳାୟନ।
- ଦଳବିରୋଧୀ କାର୍ଯ୍ୟ ଯୋଗୁ ପଣ୍ଡିଚେରୀ ଶାଖାର ଆନ୍ନାଡିଏମ୍‌କେ ବିଦ୍ରୋହ ବିଧାୟକ ଡଃ. ଏସ୍. ଆନନ୍ଦଭେଲୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ।
- ସମତା ପାର୍ଟିର ବରିଷ୍ଠ ନେତା ସମାଜବାଦୀ ନେତା ରାମଜୀ ମଣ୍ଡଳ ଶାସ୍ତ୍ରୀଙ୍କ ୭୫ ବର୍ଷ ବୟସରେ ପରଲୋକ।

## su | do | ku

Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | 8 | 4 | | 5 | |
| 6 | | | | | 1 | | 8 | |
| | | 7 | | | | | | |
| | | 9 | | 6 | 7 | 4 | | |
| | | 1 | 8 | | | | | |
| 2 | | 6 | | 3 | | | | 5 |
| | | | | | 3 | | | |
| 5 | | | | | 6 | 8 | | |
| | | 2 | | 5 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 6 | 1 | 3 | 5 | 8 | 2 | 7 |
| 1 | 7 | 2 | 8 | 4 | 9 | 6 | 5 | 3 |
| 8 | 5 | 3 | 6 | 2 | 7 | 9 | 1 | 4 |
| 4 | 2 | 5 | 3 | 9 | 1 | 7 | 8 | 6 |
| 6 | 8 | 1 | 7 | 5 | 4 | 2 | 3 | 9 |
| 7 | 3 | 9 | 2 | 8 | 6 | 1 | 4 | 5 |
| 5 | 1 | 4 | 9 | 6 | 2 | 3 | 7 | 8 |
| 3 | 6 | 7 | 4 | 1 | 8 | 5 | 9 | 2 |
| 2 | 9 | 8 | 5 | 7 | 3 | 4 | 6 | 1 |

ଗତକାଲିର ଉତ୍ତର

# ବାୟୁରେ ମୃତ୍ୟୁକଣିକା



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଆମ ଦେଶରେ ବାୟୁ ପ୍ରଦୂଷଣ ଗମ୍ଭୀରତାକୁ ନେଇ ବ୍ୟାପକ ସୂଚନା ପ୍ରଦାନ କରାଯାଇଛି ନିକଟରେ ପ୍ରକାଶିତ ଦୁଇଟି ଆନ୍ତର୍ଜାତିକ ରିପୋର୍ଟ (ମାର୍ଚ୍ଚ ୨୦୨୨)ରେ। ଏଥିରେ ବିଚାରକୁ ନିଆଯାଇଛି ସ୍ୱାସ୍ଥ୍ୟ ପ୍ରତି ସର୍ବାଧିକ କ୍ଷତିକାରକ ରୂପେ ବିବେଚିତ ବାୟୁରେ ଭାସମାନ ସୂକ୍ଷ୍ମ କଣିକାଗୁଡ଼ିକ ମଧ୍ୟରୁ ସୂକ୍ଷ୍ମତମ ପିଏମ୍–୨.୫(ପର୍ଟିକୁଲେଟ ମାଟର–୨.୫)କୁ। ତହିଁରୁ ପ୍ରଥମଟି ପ୍ରସ୍ତୁତ କରାଯାଇଛି ଆମେରିକାର 'ହେଲ୍‌ଥ ଏଫେକ୍ଟସ ଇନ୍‌ଷ୍ଟିଚ୍ୟୁଟ' ଦ୍ୱାରା। ଏଥିରେ ସୂଚିତ କରାଯାଇଛି ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ନିର୍ଦ୍ଧାରିତ 'ନିରାପଦସ୍ଥ'ର କଥା ବିଚାର କଲେ ଭାରତର ୯୩ ଶତାଂଶ ଲୋକ ଏହାର 'ବିପଜ୍ଜନକ' ହୋଇଥିବା ଅଞ୍ଚଳରେ ବାସକରନ୍ତି। ଅନ୍ୟପକ୍ଷରେ ମିଶର, ପାକିସ୍ତାନ, ବାଂଲାଦେଶର ୧୦୦ ଶତାଂଶ ଏବଂ ନାଇଜେରିଆର ୯୫ ଶତାଂଶ ଏହିପରି ବିପଜ୍ଜନକ ଭାବେ ଅଧିକ ପିଏମ୍–୨.୫ ପ୍ରତି ଉନ୍ମୁକ୍ତ। (ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ନୂତନ ନିର୍ଦ୍ଧାରିତ ସ୍ତର ହେଲା ଏକ ଘନ ମିଟର ବାୟୁରେ ଏହା ୫ ମାଇକ୍ରୋଗ୍ରାମ୍। ବିଗତ ବର୍ଷ ଏହା ୧୦ ମାଇକ୍ରୋଗ୍ରାମ୍ ଥିଲା।) ପୁନଶ୍ଚ ଏହି ସଂସ୍ଥା ଦ୍ୱାରା ଅନୁଷ୍ଠିତ ଅନ୍ୟ ଏକ ଆକଳନ ଅନୁସାରେ ୨୦୧୯ରେ ଆମ ଦେଶରେ ଘଟିଥିବା ୯, ୭୯,୭୦୦ ଅକାଳ ମୃତ୍ୟୁ ମୂଳରେ ଥିଲା ଏହି ସୂକ୍ଷ୍ମ କଣିକାର ପ୍ରତ୍ୟକ୍ଷ ବା ପରୋକ୍ଷ ହାତ। ଏଠାରେ ଏହାଯୋଗୁ(ପିଏମ୍ ୨.୫) ହାରାହାରି ଆୟୁ ପ୍ରାୟ ୧.୫୧ ବର୍ଷ ହ୍ରାସ ପାଇଥାଏ, ଯାହାକି ଘାତକ ବ୍ୟାଧି କର୍କଟ ରୋଗଠାରୁ ଅଧିକ(୧.୩୧ ବର୍ଷ)। ଘରଭିତର ଓ ବାହାରର ଏହି ପ୍ରଦୂଷଣ କଥା ଏକତ୍ର ବିଚାର କଲେ ତାହା ମଣିଷର ସ୍ୱାସ୍ଥ୍ୟ ଓ ଜୀବନ ପ୍ରତି ସର୍ବବୃହତ୍ ବିପଦ ବୋଲି ମନେହୁଏ।

ଦ୍ୱିତୀୟ ରିପୋର୍ଟଟିର ପ୍ରସ୍ତୁତକର୍ତ୍ତା ହେଲେ ସୁଇଜରଲାଣ୍ଡର 'ଆଇକ୍ୟୁ ଏୟାର'। ଏଥରୁ (ୱାର୍ଲ୍ଡ ଏୟାରକ୍ୱାଲିଟି ରିପୋର୍ଟ–୨୦୨୧) ଜଣାପଡ଼ିଛି ଯେ, ବିଶ୍ୱର ୧୦୦ଟି ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରୁ ୬୩ଟି ଭାରତରେ ଅବସ୍ଥିତ(ପ୍ରଥମ ୧୦ଟିରୁ ୯ଟି) ଏବଂ ଏ ତାଲିକାର ସର୍ବାଗ୍ରେ ରହିଛି ରାଜସ୍ଥାନର ଭିୱାଣ୍ଡି। ଭିୱାଣ୍ଡି ପଛକୁ ରହିଛି ଗାଜିଆବାଦ, ନୂଆଦିଲ୍ଲୀ, ନୋଏଡ଼ା ଇତ୍ୟାଦି। ସର୍ବାଧିକ ପ୍ରଦୂଷିତ ରାଜଧାନୀ ରୂପେ କୁଖ୍ୟାତ ଅର୍ଜନ କରିଥିବା ନୂଆଦିଲ୍ଲୀରେ ମୁଖ୍ୟ ବାୟୁ ପ୍ରଦୂଷକ ପିଏମ୍ ୨.୫ର ଘନତ୍ୱ ବିଗତ ବର୍ଷଠାରୁ ୧୪.୬ ଶତାଂଶ(ଅର୍ଥାତ୍ ଘନ ମିଟର ପ୍ରତି ୮୪ ମାଇକ୍ରୋଗ୍ରାମରୁ ୯୬.୪ ମାଇକ୍ରୋଗ୍ରାମକୁ) ବୃଦ୍ଧି ପାଇଛି। ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ନିର୍ଦ୍ଧାରିତ ନିରାପଦ ମାତ୍ରା (ଘନ ମିଟର ପ୍ରତି ୫ ମାଇକ୍ରୋଗ୍ରାମ) ଠାରୁ ୨୦ ଗୁଣ ଅଧିକ। ଆମ ଦେଶର ପ୍ରାୟ ଅର୍ଦ୍ଧାଧିକ ସହରରେ ଏହା ୧୦ଗୁଣ। ସେଥିପାଇଁ ଏହା ଏବେ ସମଗ୍ର ପୃଥିବୀରେ ସର୍ବାଧିକ ପ୍ରଦୂଷିତ ଦେଶ ରୂପେ ପରିଗଣିତ। ଏହି ରିପୋର୍ଟ ଅନୁସାରେ ବାୟୁ ପ୍ରଦୂଷଣ ହେଉଛି ଜନସ୍ୱାସ୍ଥ୍ୟ ପାଇଁ ଦ୍ୱିତୀୟ ସର୍ବବୃହତ୍ ବିପଦ ଏବଂ ଏହା ବାର୍ଷିକ ପ୍ରାୟ ୧୫୦ ବିଲିୟନ(ହଜାର ନିୟୁତ) ଡଲାରରୁ ଅଧିକ ଅର୍ଥନୈତିକ କ୍ଷତି ଘଟାଉଛି।

ଏକ ସୁସଂଗତ ମାତ୍ରାରେ ବିଭିନ୍ନ ଉପାଦାନ ନେଇ ଗଠିତ ବାୟୁ ସମୁନ୍ନତ ଜୀବଜଗତ ତିଷ୍ଠି ରହିବାରେ ବଡ଼ ଭୂମିକା ଗ୍ରହଣ କରିଆସିଛି। ସେଥିପାଇଁ ତାକୁ ଜୀବନରେ ଅମୃତ ବୋଲି କୁହାଯାଏ। କିନ୍ତୁ ବିବିଧ ମନୁଷ୍ୟକୃତ କାର୍ଯ୍ୟକଳାପ ହେତୁ ଏହାର ଜୀବନ ସହାୟକ ସୁଷମ ସଂରଚନା



ବିପଜ୍ଜନକ ଭାବେ ବଦଳିବାରେ ଲାଗିଛି– ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଭାବେ। ଏହାକୁ କୁହାଯାଉଛି ବାୟୁ ପ୍ରଦୂଷଣ। ଶିଳ୍ପ, ଶକ୍ତି ଉତ୍ପାଦନ, ଯାନବାହନ ଆଦିରେ ଜୀବାଶ୍ମ ଇନ୍ଧନଗୁଡ଼ିକ ବ୍ୟବହାର, ବନ ବିଧ୍ୱଂସ, ବିଭିନ୍ନ କୃତ୍ରିମ ପଦାର୍ଥର ବ୍ୟାପକ ବିନିଯୋଗ ଏବଂ ସାମଗ୍ରିକ ଭାବେ ଆମ ଜୀବନଧାରା ପ୍ରକୃତିଠାରୁ ଦୂରେଇଯିବା ଏହାର ପ୍ରଧାନ କାରଣ। ସାଧାରଣ ରୂପେ ଏହା ପ୍ରକଟିତ ହେଉଛି ଜାଗତିକ ଉଷ୍ମତା ବୃଦ୍ଧି, ଅମ୍ଳବୃଷ୍ଟି, ଓଜୋନ କ୍ଷୟ ତଥା ଅନ୍ୟାନ୍ୟ ପ୍ରାକୃତିକ ଅଘଟଣ ମାଧ୍ୟମରେ।

ବାୟୁ ପ୍ରଦୂଷଣ କଥା ଭାବିଲେ ପ୍ରଥମେ ମନକୁ ଆସେ ଅଙ୍ଗାରକାମ୍ଳ କଥା। ବାୟୁମଣ୍ଡଳରେ ଏହାର ମାତ୍ରା ବୃଦ୍ଧିର ପ୍ରଳୟଙ୍କରୀ ପ୍ରଭାବ ହେଲା ଏବେ ବହୁଚର୍ଚ୍ଚିତ ଜାଗତିକ ଉଷ୍ମତା ବୃଦ୍ଧି। ତେବେ ଏ ବାଷ୍ପଟି ବିଷାକ୍ତ ହୋଇ ନ ଥିବାରୁ କୌଣସି ସ୍ଥାନର 'ବାୟୁମାନ ସୂଚକାଙ୍କ'(ଏୟାର କ୍ୱାଲିଟି ଇଣ୍ଡେକ୍ସ) ନିର୍ଦ୍ଧାରଣରେ ଏହାକୁ ବାଦ ଦିଆଯାଏ ଏବଂ ବାୟୁରେ ଭାସମାନ ସୂକ୍ଷ୍ମକଣିକା(ପର୍ଟିକୁଲେଟ ମାଟର) ବାୟୁମଣ୍ଡଳର ନିମ୍ନସ୍ତରରେ ଥିବା ଓଜୋନ, ନାଇଟ୍ରୋଜେନ ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ, ସଲଫର ଡାଇଅକ୍ସାଇଡ ଏବଂ ଉଦ୍‌ବାୟୀ ଜୈବପଦାର୍ଥର ଅନୁପାତ ବିଚାରକୁ ନିଆଯାଏ। ଏଗୁଡ଼ିକ ପ୍ରାଣୀ ଓ ଉଦ୍ଭିଦଗୁଡ଼ିକ ଜୀବନ ପ୍ରକ୍ରିୟାକୁ ନକାରାତ୍ମକ ଭାବେ ପ୍ରଭାବିତ କରନ୍ତି ଏବଂ ହୃଦ୍‌ରୋଗ, ଫୁସ୍‌ଫୁସ୍ କର୍କଟ ରୋଗ, ଶ୍ୱାସକ୍ରିୟା ଜନିତ ରୋଗ ଜାତ କରିବା ସହିତ ସ୍ନାୟୁ, ମସ୍ତିଷ୍କ, ବୃକ୍କ, ଯକୃତ୍ ତଥା ଅନ୍ୟାନ୍ୟ ଅଙ୍ଗକୁ କ୍ଷତି ପହଞ୍ଚାଇବାର କାରଣ ହୁଅନ୍ତି। ତେବେ ମୋଟାମୋଟି ଭାବେ ତନ୍ମଧ୍ୟରୁ ସର୍ବାଧିକ ସ୍ୱାସ୍ଥ୍ୟହାନିକର କାରକ ରୂପେ ପରିଗଣିତ ବାୟୁରେ ଭାସମାନ କଣିକାର ପରିମାଣରୁ ମଧ୍ୟ ବାୟୁର ମାନ ସ୍ଥିର କରାଯାଇପାରେ। ସାଧାରଣତଃ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ବା ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ ରିପୋର୍ଟ ପାଇଁ ଏହାହିଁ କରାଯାଏ।

ଆକାର ଉପରେ ନିର୍ଭର କରି ବାୟୁରେ ଭାସମାନ କଣିକା(ପର୍ଟିକୁଲେଟ ମାଟର)କୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଏ– ପିଏମ୍–୧୦ ଏବଂ ପିଏମ୍–୨.୫। ଏଗୁଡ଼ିକର ବ୍ୟାସ ଯଥାକ୍ରମେ ୧୦ ମାଇକ୍ରୋମିଟର ଏବଂ ୨.୫ ମାଇକ୍ରୋମିଟର। ଏଥିମଧ୍ୟରୁ ଶେଷୋକ୍ତିଟି ସର୍ବାଧିକ ବିପଜ୍ଜନକ। କାରଣ ସୂକ୍ଷ୍ମାଦପି ସୂକ୍ଷ୍ମ ହୋଇଥିବାରୁ ଏହା ସହଜରେ ଆମ ଶ୍ୱାସନଳୀ ଦେଇ ଗତିକରି ଫୁସ୍‌ଫୁସ୍ ମଧ୍ୟକୁ ପ୍ରବେଶ କରେ ଏବଂ ସେଠାରେ ଜମାହୋଇ ନାନାଦି ଶ୍ୱାସକ୍ରିୟାଜନିତ ସମସ୍ୟା ସୃଷ୍ଟିକରେ। ଏପରିକି ଫୁସ୍‌ଫୁସ୍ କର୍କଟରୋଗର ମଧ୍ୟ ଏହା କାରଣ ହୋଇପାରେ। ପୁନଶ୍ଚ ଏଥିରୁ କିଛିମାତ୍ରାରେ ରକ୍ତସ୍ରୋତ ମଧ୍ୟକୁ ବି ପ୍ରବେଶ କରିପାରେ। ସେଠାରୁ ତାହା ବିଭିନ୍ନ ଅଂଶକୁ ଯାଇ ସେଗୁଡ଼ିକର କ୍ରିୟାକଳାପକୁ ପ୍ରଭାବିତ କରେ, ଯାହାକି ବହୁ ଦୁଷ୍କର ରୋଗବ୍ୟାଧି ଏବଂ ଅକାଳ ମୃତ୍ୟୁର କାରଣ ହୋଇପାରେ। ୨୦୧୯ରେ ବିଶ୍ୱରେ ବିବିଧ ପ୍ରକାର ପ୍ରଦୂଷଣଜନିତ ୭ ନିୟୁତରୁ ଅଧିକ ଅକାଳମୃତ୍ୟୁର ୮୦ ଶତାଂଶ ପିଏମ୍–୨.୫ ପ୍ରତି ଉନ୍ମୁକ୍ତ ହେବାରୁ ହିଁ ଘଟିଥିଲା। ଏଣୁ ଆମେ ଶ୍ୱାସକ୍ରିୟାରେ ଗ୍ରହଣ କରୁଥିବା ସମସ୍ତ ପ୍ରଦୂଷକ ମଧ୍ୟରେ ଏହା ସବୁଠାରୁ ବିପଜ୍ଜନକ। ସେଥିପାଇଁ ଏହାକୁ ବାୟୁରେ ଭାସମାନ 'ମୃତ୍ୟୁକଣିକା' ବୋଲି କୁହାଯାଏ।

୨୦୧୯ରେ କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟ 'ନ୍ୟାଶନାଲ କ୍ଲିନ ଏୟାର ପ୍ରୋଗ୍ରାମ' ଯୋଜନା ଆରମ୍ଭ କରିଛି। ଏହାର ମୁଖ୍ୟ ଲକ୍ଷ୍ୟ ରହିଛି ୨୦୨୪ ମସିହା ସୁଦ୍ଧା ସହରଗୁଡ଼ିକର ବାୟୁରେ ପିଏମ୍ ୨.୫ ଜନିତ ପ୍ରଦୂଷଣକୁ ୨୦ରୁ ୩୦ ଶତାଂଶ ହ୍ରାସ କରିବା। ଯାନବାହନରୁ ନିର୍ଗମନ, ଶକ୍ତି ଉତ୍ପାଦନ, ଶିଳ୍ପଜାତ ଆବର୍ଜନା, ଘରୋଇ କାର୍ଯ୍ୟରେ ଜୈବଇନ୍ଧନ ବ୍ୟବହାର ଆଦି ପାଇଁ ପରିବେଶ–ସହାୟକ ବିକଳ୍ପ ପଦ୍ଧତିମାନ ଅବଲମ୍ବନ ମାଧ୍ୟମରେ ଏ ଲକ୍ଷ୍ୟ ହାସଲ କରିବା ଲାଗି ଯୋଜନା ରହିଛି।

**ମୋ: ୯୯୩୭୯୮୫୭୬୭**

## ପାଠକ ଶ୍ରେଷ୍ଠ ବିଚାରକ

### ସବ୍‌ପୋଷ୍ଟ ଅଫିସ ଖୋଲିବା ଆବଶ୍ୟକ

ମହାଶୟ,

ଭୁବନେଶ୍ୱରର କଟକରୋଡ୍‌ର କିଛି ଅଂଶ, ଜୟଦୁର୍ଗାନଗର ଏବଂ ବମିଖାଲ ଅଞ୍ଚଳଗୁଡ଼ିକ ରାଜଧାନୀର ଅତ୍ୟନ୍ତ ବ୍ୟସ୍ତବହୁଳ ଅଞ୍ଚଳ ଭାବେ ଜଣାଶୁଣା। ଏ ଅଞ୍ଚଳରେ ମଧ୍ୟ ଅନେକ ସରକାରୀ ବେସରକାରୀ ଅନୁଷ୍ଠାନଗୁଡ଼ିକ ଗଢ଼ିଉଠିଛି। ସରକାରୀ ଦିବସଗୁଡ଼ିକରେ ଏହିସବୁ ଅନୁଷ୍ଠାନ ବେଶ୍ ଚଳଚଞ୍ଚଳ ହୋଇଉଠେ। ଏଥିଯୋଗୁ ଏହି ସବୁ ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ସେମାନଙ୍କୁ ଶହୀଦନଗର ମୁଖ୍ୟ ଡାକଘର ଏବଂ ବୁଦ୍ଧେଶ୍ୱରୀ କଲୋନୀ ଉପଡାକଘର ଉପରେ ନିର୍ଭର କରିବାକୁ ପଡୁଛି। ଦୀର୍ଘ ୫/୬ ବର୍ଷ ତଳେ ବମିଖାଲର ଏକ ଭଡ଼ାଘରେ ଏକ ଉପଡାକଘର ମଧ୍ୟ ଖୋଲାଯାଇଥିଲା। କିନ୍ତୁ ପରେ ସେଇଟିକୁ ବନ୍ଦ କରାଯାଇଛି। ସେଥିପାଇଁ ପୁନର୍ବାର ଏକ ଉପଡାକଘର ଖୋଲାଯିବାର ଆବଶ୍ୟକତା ରହିଛି। ଉକ୍ତ ଉପଡାକଘରଟି ଖୋଲାଗଲେ ଏହିସବୁ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ।

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶତ ଯୁଦ୍ଧେ ଜୟା ଯେହୁ ବୃଷ୍ଟି ବିନ୍ଦୁସମ
ଗଡ଼ାଇଛି ନରମୁଣ୍ଡ ଗଣି ନାହିଁ ଭୟ ଅବା ଶ୍ରମ।
ଲୌହର କପାଟ ସମ ଅଭେଦ୍ୟ ଅଟଳ
ହୃଦୟ ବଳ, ଏହି ଦୃଷ୍ଟି ତଳେ ସବୁ
ପଡ଼ିଛି ତରଳି ତୁଟିଅଛି ଲୁହାର ଶିକୁଳି!
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# କଂଗ୍ରେସ ଛାଡ଼ିଲେ କପିଲ ସିବଲ

■ ରାଜ୍ୟ ସଭା ନିର୍ବାଚନ ପାଇଁ ଏସ୍‌ପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ
■ ୟୁପିରୁ ଦାଖଲ କଲେ ନାମାଙ୍କନପତ୍ର


କପିଲ ସିବଲ ଲକ୍ଷ୍ନୌସ୍ଥିତ ୟୁପି ବିଧାନସଭାରେ ରାଜ୍ୟ ସଭା ପାଇଁ ନାମାଙ୍କନପତ୍ର ଦାଖଲ କରୁଛନ୍ତି। ନିକଟରେ ଅଛନ୍ତି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ।

ନୂଆଦିଲ୍ଲୀ,୨୫।୫

ବିରୋଧୀ କଂଗ୍ରେସକୁ ଆଉ ଏକ ବଡ଼ ଝଟକା ଲାଗିଛି। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କପିଲ ସିବଲ ଗତ ସପ୍ତାହରେ ଦଳ ଛାଡ଼ିଥିବା ନେଇ ବୁଧବାର ଘୋଷଣା କରିଛନ୍ତି। ଏହାସହ ରାଜ୍ୟ ସଭା ନିର୍ବାଚନ ପାଇଁ ସମାଜବାଦୀ ପାର୍ଟି (ଏସ୍‌ପି) ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଉତ୍ତର ପ୍ରଦେଶରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ପୂର୍ବରୁ ଅସନ୍ତୁଷ୍ଟ ଗୋଷ୍ଠୀ ଜି-୨୩ରେ ସାମିଲ ଥିବା କପିଲ କଂଗ୍ରେସ ନେତୃତ୍ୱରେ ଆମୂଳଚୂଳ ପରିବର୍ତ୍ତନ ପାଇଁ ଦାବି କରିଆସୁଥିଲେ। ୨୦୧୬ ଜୁଲାଇରେ ଉତ୍ତର ପ୍ରଦେଶରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ସେତେବେଳେ କଂଗ୍ରେସ ତାଙ୍କୁ ଟିକେଟ ଦେଇଥିବାବେଳେ ରାଜ୍ୟରେ କ୍ଷମତାସୀନ ଏସ୍‌ପି ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିଥିଲା। ବର୍ତ୍ତମାନ ୪୦୩ ଆସନ ବିଶିଷ୍ଟ ୟୁପି ବିଧାନସଭାରେ ଭାଜପାର ୨୫୫ ବିଧାୟକ ଅଛନ୍ତି। ଗୈରିକ ଦଳ ରାଜ୍ୟ ସଭାକୁ ୮ ଜଣଙ୍କୁ ପଠାଇପାରିବ। ହେଲେ କଂଗ୍ରେସର ମାତ୍ର ୨ ଜଣ ବିଧାୟକ ଥିବାରୁ ଦଳ ପାର୍ଲାମେଣ୍ଟର ଉଚ୍ଚ ସଦନକୁ ତାଙ୍କୁ ପଠାଇବା ସମ୍ଭବ ନୁହେଁ ବୋଲି ସିବଲ ଜାଣିସାରିଥିଲେ। ଏସ୍‌ପିର ୧୧୧ ବିଧାୟକ ଥିବାରୁ ଅଖିଳେଶ ୩ ଜଣଙ୍କୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱର ସୁଯୋଗ ଦେଇପାରିବେ। ରାଜ୍ୟ ସଭାରେ ସିବଲଙ୍କ ସଦସ୍ୟତା ଆସନ୍ତା ଜୁଲାଇରେ ଶେଷ ହେଉଛି। ତେଣୁ ୟୁପି ବିଧାନସଭା ପରିସରରେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ନେତା ରାମଗୋପାଳ ଯାଦବଙ୍କ ଉପସ୍ଥିତିରେ କପିଲ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ସେ ସମର୍ଥନ ପାଇଁ ଅଖିଳେଶଙ୍କୁ ଧନ୍ୟବାଦ ଦେଇଛନ୍ତି। ସିବଲ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଯୋଗୁ ସେ ୩୦-୩୧ ବର୍ଷ ତଳେ କଂଗ୍ରେସରେ ଯୋଗଦେଇଥିଲେ। ଗତ ୧୬ ତାରିଖରେ ଦଳ ଛାଡ଼ିଥିବାରୁ ସେ ଆଉ କଂଗ୍ରେସର ବରିଷ୍ଠ ନେତା ନୁହନ୍ତି। ତେବେ ସେ କଂଗ୍ରେସରେ ୩ ଦଶନ୍ଧି ଧରି ରହିଆସିଥିବାରୁ ତାଙ୍କ ବିଚାରଧାରା ଦଳ ସହିତ ରହିଛି। ସେ କଂଗ୍ରେସ କିମ୍ବା ଏହାର ବିଚାରଧାରାରୁ ଦୂରେଇ ଯାଇନାହାନ୍ତି। ବେଳେବେଳେ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଥାଏ ବୋଲି ସିବଲ କହିଛନ୍ତି। ମୋଦି ସରକାରଙ୍କୁ ବିରୋଧ କରିବା ପାଇଁ ଏକ ମେଣ୍ଟ ଗଠନ କରାଯିବ। ଭାଜପା ବିରୋଧରେ ଲଢ଼ିବା ଲାଗି ପରିବେଶ ସୃଷ୍ଟି ହେବ। ଏଦିଗରେ ସେ ବ୍ୟକ୍ତିଗତ ଭାବେ ଉଦ୍ୟମ କରିବେ ବୋଲି ସିବଲ କହିଛନ୍ତି। ପ୍ରକାଶ ଯେ, ରାଜସ୍ଥାନର ଉଦୟପୁରରେ କଂଗ୍ରେସର ଚିନ୍ତନ ଶିବିର ପରେ ପଞ୍ଜାବ କଂଗ୍ରେସର ପୂର୍ବତନ ମୁଖ୍ୟ ସୁନୀଲ ଜାଖଡ ଓ ଗୁଜରାଟ କଂଗ୍ରେସ କାର୍ଯ୍ୟକାରୀ ଅଧ୍ୟକ୍ଷ ହାର୍ଦ୍ଦିକ ପଟେଲ ଇସ୍ତଫା ଦେଇଥିଲେ। ଏବେ ସିବଲଙ୍କ ଇସ୍ତଫା ଦଳ ପାଇଁ ବଡ଼ ଝଟକା ବୋଲି କୁହାଯାଉଛି।

## ଇସ୍ତଫା ପ୍ରତ୍ୟାହାର କଲେ ଜିଲା ପରିଷଦ ସଭ୍ୟା


ଇସ୍ତଫା ପତ୍ର ପ୍ରତ୍ୟାହାର କରୁଛନ୍ତି ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀ ସାହୁ।

ଭବାନୀପାଟଣା,୨୫।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକର ୪ ନଂ. ଜୋନ୍ ବିଜେଡି ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀ ସାହୁ ଗତ ମାର୍ଚ୍ଚରେ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିଲେ। ସେ ଏହି ଇସ୍ତଫା ପତ୍ରକୁ ସେତେବେଳେ କଳାହାଣ୍ଡି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଡ. ଗାଭାଲି ପରାଗ ହର୍ଷଦଙ୍କୁ ପ୍ରଦାନ କରିଥିଲେ। ଏହାର ୨ ମାସ ପରେ ଗୁରୁବାର ଜିଲାପାଳଙ୍କ ପାଖରେ ତାଙ୍କର ଇସ୍ତଫା ପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ଏହି ଘଟଣା ଜିଲାରେ ଏବେ ଏକ ଭିନ୍ନ ରାଜନୈତିକ ମୋଡ ନେଇଛି। ଦଳୀୟସ୍ତରରେ ତାଙ୍କର ଯାହାକିଛି ଅଭିଯୋଗ ଥିଲା ତାହାର ସମାଧାନ କରାଯାଇଥିବା ଓ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ପୁଣି ଥରେ ବିଜେଡି ପ୍ରତି ନିଜର ଆଗ୍ରହ ଦେଖାଇ ଏପରି ପଦକ୍ଷେପ ନେଇଛନ୍ତି। ସେହିପରି ବିଜୁ ଜନତା ଦଳରେ ରହି ଲୋକଙ୍କ ସହ ସବୁବେଳେ ବିକାଶ ମୂଳକ କାର୍ଯ୍ୟରେ ଜଡିତ ରହିବେ ବୋଲି ସେ କହିଛନ୍ତି। ଇସ୍ତଫା ପତ୍ର ପ୍ରତ୍ୟାହାର ସମୟରେ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ସହ ଜିଲା ପରିଷଦ ସଭ୍ୟାଙ୍କ ସ୍ୱାମୀ ଟିକେଲାଲ ସାହୁ ଉପସ୍ଥିତ ଥିଲେ।

## ଅଳକାଙ୍କ ପାଇଁ ରୋଡ୍ ଶୋ' କଲେ ଅରିନ୍ଦମ


ବ୍ରଜରାଜନଗରରେ ଅରିନ୍ଦମ୍ ଦାସଙ୍କ ରୋଡ୍ ଶୋ'।

ବ୍ରଜରାଜନଗର ଉପନିର୍ବାଚନ

ବ୍ରଜରାଜନଗର,୨୫।୫(ଡି.ଏନ.ଏ.)

ବ୍ରଜରାଜନଗର ପୌରାଞ୍ଚଳରେ ବୁଧବାର ବିଜୁ ଜନତା ଦଳ ପକ୍ଷରୁ ରୋଡ୍ ଶୋ' ମାଧ୍ୟମରେ ପ୍ରଚାର କରାଯାଇଛି। ଷ୍ଟାର ପ୍ରଚାରକ ଅରିନ୍ଦମ ଦାସ ରୋଡ୍ ଶୋ' କରି ପ୍ରାର୍ଥିନୀ ଅଳକା ମହାନ୍ତିଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଏଥିରେ ପ୍ରାର୍ଥିନୀ ଅଳକା, ମନ୍ତ୍ରୀ ଟୁକୁନି ସାହୁ, ବିଧାୟିକା ରୀତା ସାହୁଙ୍କ ସମେତ ବିଜେଡି ନେତୃବୃନ୍ଦ ସାମିଲ ଥିଲେ। ରୋଡ୍ ଶୋ' ଖଲିଆକାନିଠାରୁ ବାହାରି ଗଣ୍ଡାଘୋରା, ନୂଆଡିହି ଗାନ୍ଧୀଛକ, ମଣ୍ଡଳୀୟା କାଳୀନଗର, ଓରିଏଣ୍ଟ ଲମତିବାହାଲ ଏବଂ ଓପିଏମ୍ କଲୋନୀ ଦେଇ ଗୋପବନ୍ଧୁ ଛକ ମୁଖ୍ୟ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ନଗର ସଭାପତି ରାଧାକାନ୍ତ ପ୍ରଧାନ, ଛାତ୍ର ନେତା ଅବିନାଶ ସିଂ ପ୍ରମୁଖ ସହଯୋଗ କରିଥିଲେ।

## କଥା ରଖିବେ କହିଲେ ମନ୍ତ୍ରୀ

ବ୍ରଜରାଜନଗର, ୨୫।୫(ଡି.ଏନ.ଏ.)

ସ୍ଥାନୀୟ ଓପିଏମ୍ କଲୋନୀରେ ଥିବା ଅଣଓଡ଼ିଆଙ୍କ ଦ୍ୱାରା ପରିଚାଳିତ ପୂର୍ବାଞ୍ଚଳ ସମିତି ପରିସରରେ ବୁଧବାର ବିଜୁ ଜନତା ଦଳ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୌର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଓ ବର୍ତ୍ତମାନ ଦେଉଥିବା କଥା ନିଶ୍ଚୟ ରଖିବେ ବୋଲି ମନ୍ତ୍ରୀ ଦାସ ପ୍ରକାଶ କରିଥିଲେ। ଏହାସହ ୨୦୨୩ ଭିତରେ ଲଇକେରାଠାରୁ ଲଖନପୁର ପର୍ଯ୍ୟନ୍ତ ସମସ୍ତଙ୍କ ଘରକୁ ଶୁଦ୍ଧ ପାଣି ଯୋଗାଇ ଦିଆଯିବ ବୋଲି କହିଥିଲେ। ମନ୍ତ୍ରୀ ଜେନା ଉଦ୍‌ବୋଧନ ଦେଇ ଅଳକା ମହାନ୍ତିଙ୍କୁ ବହୁସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ସେହିପରି ସଞ୍ଜୟ ଦାସବର୍ମା ଯେଉଁ ନିର୍ବାଚନ ମଣ୍ଡଳୀର ପ୍ରଚାରରେ ଆମେ ଆସୁ ସେଠାକାର ଦାୟିତ୍ୱ ନେଉ ବୋଲି ପ୍ରକାଶ କରିଥିଲେ। ସଭାରେ ବିହାରୀ ସମ୍ପ୍ରଦାୟର ସହସ୍ରାଧିକ ମହିଳାପୁରୁଷ ଉପସ୍ଥିତ ଥିଲେ।

## ଆଜି ମହାନଦୀ ପ୍ରସଙ୍ଗରେ ସୁଖାସୋଡାରୁ ଜବାବ ମାଗିବ ଭାଜପା

ଭୁବନେଶ୍ୱର,୨୫।୫(ବ୍ୟୁରୋ)

୨୦୧୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ସୁଖାସୋଡା ଯାଇ ''ମହାନଦୀ ମୋ ମା', ଆବଶ୍ୟକ ପଡ଼ିଲେ ନିଜ ଜୀବନ ଉତ୍ସର୍ଗ କରିବି'' ବୋଲି ଘୋଷଣା କରିଥିଲେ। ହେଲେ ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀ ଏବେ ଶୁଖିଲା ପଡ଼ିଛି। ମହାନଦୀର ସୁରକ୍ଷା ଓ ବର୍ଷାଜଳ ସଂରକ୍ଷଣ ଲାଗି ୭ଟି ବ୍ୟାରେଜ କରିବାର ମିଛ ପ୍ରତିଶ୍ରୁତି ଦେଇଥିବା ରାଜ୍ୟ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟାରେଜ ନିର୍ମାଣ ଲାଗି ଜାଗା ଚିହ୍ନଟ କରିବାରେ ବିଫଳ ହୋଇଛନ୍ତି। ୫ ବର୍ଷ ପୂର୍ବେ ମହାନଦୀକୁ ନିର୍ବାଚନ ପ୍ରସଙ୍ଗ କରି ମାନବ ଶୃଙ୍ଖଳ ଜରିଆରେ ଡ୍ରାମାବାଜି କରୁଥିବା ବିଜେଡିର ନେତୃବୃନ୍ଦ ବର୍ତ୍ତମାନ ଏହି କଥାରେ ମୌନ ସାଜିଛନ୍ତି। ଗୁରୁବାର ସେହି ସୁଖାସୋଡାରୁ ଭାଜପା କାର୍ଯ୍ୟକର୍ତ୍ତାମାନେ ମହାନଦୀ, ଜଳସେଚନ ଏବଂ ଚାଷ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ଶାସକ ବିଜେଡିକୁ ଜବାବ ମାଗିବେ। ବୁଧବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ କଥା କହିଛନ୍ତି ଭାଜପା ନେତା ତଥ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ।

## ଆଇନ ଭିତରେ କାମ କରିବାକୁ ବିରୋଧୀଙ୍କ ଦାବି

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ

■ ରଥଯାତ୍ରା,ମୌସୁମୀ ଆସୁଛି ସମର୍ଥନ କରିବା ଉଚିତ: ବିଜେଡି

ଭୁବନେଶ୍ୱର,୨୫।୫(ବ୍ୟୁରୋ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମକୁ ନେଇ ଶାସକ ଦଳ ଉପରେ ବର୍ଷିଛନ୍ତି ବିରୋଧୀ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କିତ ଯାହା ବିକାଶ ଚାଲିଛି ତାକୁ କେହି ବିରୋଧ କରୁନାହାନ୍ତି, ହେଲେ ତାହା ଆଇନ ଭିତରେ କରାଯାଉ ବୋଲି ବିରୋଧୀ ଭାଜପା ଏବଂ କଂଗ୍ରେସ ଯୁକ୍ତି ବାଢ଼ିଛନ୍ତି। ଅନ୍ୟପଟେ ବିଜେଡି କିନ୍ତୁ ସବୁ ଆଇନ ଭିତରେ ଚାଲିଛି ଏବଂ ମୌସୁମୀ ଓ ରଥଯାତ୍ରାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ସମସ୍ତଙ୍କ ସମର୍ଥନ ଲୋଡ଼ିଛି ।

ଭାଜପା ମୁଖପାତ୍ର ଯତିନ୍ ମହାନ୍ତି କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସପକ୍ଷରେ ସେମାନେ ଅଛନ୍ତି। ହେଲେ ସରକାର ତାଙ୍କ ସମ୍ପୂର୍ଣ୍ଣ ବ୍ଲୁପ୍ରିଣ୍ଟ ସମସ୍ତଙ୍କ ଆଗରେ ରଖନ୍ତୁ। ଯେପର୍ଯ୍ୟନ୍ତ ଏଏସ୍‌ଆଇ ଅନୁମତି ହାସଲ ନ ହୋଇଛି ସେ ପର୍ଯ୍ୟନ୍ତ ଅତି କମ୍‌ରେ କାମକୁ କିଛିଦିନ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଉ ବୋଲି ସେ କହିଛନ୍ତି।

ତେବେ ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପଟି ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ ଓ ଅନୁମୋଦିତ ହୋଇଛି । ବିଧାନସଭା ଦ୍ୱାରା ଏହି ଯୋଜନା ସର୍ବସମ୍ମତି କ୍ରମେ ଗୃହୀତ ହେବା ସହ ଜାତୀୟ ଐତିହ୍ୟ ପ୍ରାଧିକରଣ (ଏନ୍‌ଏମ୍‌ଏ)ର ଅନୁମୋଦନ ପରେ ଏହା କାର୍ଯ୍ୟକାରୀ ହେଉଛି। ଆଗକୁ ମୌସୁମୀ ଓ ରଥଯାତ୍ରା ଆସୁଥିବାରୁ ସମସ୍ତେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ସମର୍ଥନ କରିବେ ବୋଲି ଆଶା କରାଯାଉଥିବା ସେ କହିଛନ୍ତି।

କଂଗ୍ରେସ ନେତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର କହିଛନ୍ତି, ମଙ୍ଗଳବାର ଏହି ପ୍ରକଳ୍ପ କଥାକୁ ନେଇ ବିଜେଡି ପ୍ରତିନିଧିଙ୍କ ବ୍ୟତୀତ ଅନ୍ୟ ରାଜନୈତିକ ଦଳଠାରୁ ଆରମ୍ଭକରି ବିଭିନ୍ନ ସଙ୍ଗଠନର ପ୍ରତିନିଧି ପ୍ରକଳ୍ପ କାମ ଯେପରି ଢଙ୍ଗରେ ଚାଲିଛି ତାକୁ ବିରୋଧ କରିଥିଲେ। ବିକାଶ ହେଉ କିଛି ଅସୁବିଧା ନାହିଁ, ହେଲେ ଆଇନ ଭିତରେ ହେଉ ବୋଲି କହିଛନ୍ତି।


## କୃଷକଙ୍କ ସେବାରେ ଓଡ଼ିଶା ରାଜ୍ୟ ବିହନ ନିଗମ

ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨, ଓଡ଼ିଶା
ଫୋନ୍ ନଂ - ୦୬୭୪ ୨୩୪୦୫୭୩ (ଏମ୍.ଡି.)

No. L-36

### ସୂଚନା

ଏତଦ୍ ଦ୍ୱାରା ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି (PACS) ବୃହତ ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPS) ଏବଂ ସ୍ୱୀକୃତି ପ୍ରାପ୍ତ ବେସରକାରୀ ବିହନ ବିକ୍ରେତା (Dealer) ମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ରାଜ୍ୟ ବିହନ ନିଗମ ସହିତ ଯୋଗାଯୋଗ କରି ଚାଷୀମାନଙ୍କର ଚାହିଦା ମୁତାବକ ବିହନ ସଂଗ୍ରହ କରି ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ DBT ମାଧ୍ୟମରେ ଚାଷୀମାନଙ୍କୁ ଯୋଗାଇ ଦଅନ୍ତୁ ।

ଚାଷୀ ଭାଇମାନଙ୍କୁ ଅନୁରୋଧ ସେମାନେ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି (PACS) ବୃହତ ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPS), ସ୍ୱୀକୃତି ପ୍ରାପ୍ତ ବେସରକାରୀ ବିହନ ବିକ୍ରେତା (Dealer) ଏବଂ ଓଡ଼ିଶା ରାଜ୍ୟ ବିହନ ନିଗମର ନିଜସ୍ୱ ବିହନ ବିକ୍ରୟ କେନ୍ଦ୍ର ସହିତ ଯୋଗାଯୋଗ କରି ନିଜର ଚାହିଦା ମୁତାବକ ବିହନ ସରକାରୀ ଧାର୍ଯ୍ୟ ମୂଲ୍ୟ ଦେଇ କ୍ରୟ କରନ୍ତୁ ।

| କ୍ର.ସଂ. | ବିହନର ନାମ | କ୍ୱିଣ୍ଟାଲ ପ୍ରତି ସ୍ଥିରିକୃତ ମୂଲ୍ୟ (ଟଙ୍କାରେ) |
|---|---|---|
| ୧ | ଧାନ | ୩୫୦୭ |
| ୨ | ମାଣ୍ଡିଆ | ୬୫୦୦ |
| ୩ | ହରଡ଼ | ୧୨୨୨୩ |
| ୪ | ଚିନାବାଦାମ | ୯୭୮୦ |
| ୫ | ଧନିଚା | ୫୬୩୬ |

ସ୍ୱା/-
ପରିଚାଳନା ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ବିହନ ନିଗମ

OIPR-01102/11/0004/2223

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-635 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.2286/RE/OSIC Dt.24.05.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC **for the works** i.e. **1. a)** Shifting of 5 nos. of electrical poles for the work "Construction of H.L. Bridge over Local Nallah at 1.80 KM on Koiguda to Chiliguda Road under BSY for the year 2021-22 in the District of Nabarangpur" **b)** Shifting of electrical poles for the work "Construction and maintenance of Chacha RD road to Palia road under MMSY in the District Of Nabarangpur" **c)** Shifting of electrical poles for the work "Construction and maintenance of Beheda to Kusumbuda via Nuaguda road under MMSY in the District Of Nabarangpur" and **2.** Supply and installation of solar pump set in OTELP Plus programme villages. Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0019/2223

See Career Appointment on every Wednesday & Saturday

**OFFICE OF THE CHIEF DISTRICT VETERINARY OFFICER, BOUDH**
E-mail: cdvoboudh@gmail.com

**TENDER / QUOTATION NOTICE**
**Notice No. 1182/CDVO (Boudh), Dt.21.05.2022**

No. M-12: Sealed tenders superscripting "TENDER FOR SUPPLY OF MEDICINES TO OFFICE OF THE CDVO, BOUDH FOR THE YEAR 2021-22" are invited from registered manufacturers/ Importers/authorized distributors for supply of medicines to the Chief District Veterinary Office, Boudh for the year 2021-22. The details terms and conditions, product list and specifications are available in the official website of Boudh district i.e. **www.Boudh.nic.in / www.olrds.com / www.odishaahvs.nic.in**. The tender paper can only be obtained from the Office of the Chief District Veterinary Officer, Boudh during the office hours from 25.05.2022 to 08.06.2022 on payment of Rs.500/- (Five hundred) only plus GST @ 18% extra, which is non-refundable. The bidders are allowed to submit their tender within date 08.06.2022 upto 01.00 P.M. through Post/Courier Service/Speed Post only in the office of the undersigned and the tender (Technical Bid) & (Financial Bid) will be opened at 02.30 P.M. & 03.30 respectively on the same day. If the event date be declared as a holiday Govt. of Odisha, the due date of submission of Bids and opening of Bids will be the following working date at the appointed place and time. The authority reserves right to reject any or all the tenders without assigned any reason (so) thereoff. Any dispute is subject to Boudh jurisdiction only.

Sd./- Chief District
Veterinary Officer, Boudh
OIPR-06088/11/0004/2223

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 4899/PSC Dt.25.05.2022**
**PF-1E-11-2021/22 (DR-III)**

No. D-54: It is for information of all concerned that, 95 (Ninty five) candidates bearing following PPSAN have been called for the physical verification of original Certificates/Documents to determine their eligibility and suitability for recruitment to the Post of **Post Graduate Teacher in Logic/Philosophy,** for 17 Nos. of stand-alone Government Higher Secondary Schools, pursuant to Advt. No. 24 of 2021-22. The document verification shall be held in office of the Commission at 19, Dr. P.K. Parija Road, Cuttack as per the following programme detailed below:

**PROGRAMME OF DOCUMENT VERIFICATION**

| Date | Time | PPSAN/Reference Nos. of Candidates |
|---|---|---|
| 02.06.2022 | 10.30 A.M. | 00096711, 00122071, 00054724, 00124345, 00114830, 00037529, 00133025, 00133019, 00119663, 00122453, 00125600, 00130014, 00094449, 00131000, 00077772, 00118116, 00082026, 00114716, 00120861 & 00118872 = **20 Candidates** |
| | 02.30 P.M. | 00126514, 00122563, 00117925, 00097141, 00120628, 00131954, 00117777, 00121166, 00130573, 00133290, 00116980 & 00089786 = **12 Candidates** |
| 03.06.2022 | 10.30 A.M. | 00047378, 00121679, 00132019, 00117051, 00118296, 00122323, 00118225, 00121359, 00122807, 00126721, 00118371, 00117700, 00118001, 00019936, 00117715, 00114774, 00122679, 00114804, 00023125 & 00085363 = **20 Candidates** |
| | 2.30 P.M. | 00077607, 00055248, 00078717, 00114022, 00119730, 00039251, 00126133, 00018685, 00052045, 00124697, 00123681 & 00065268 = **12 Candidates** |
| 04.06.2022 | 10.30 A.M. | 00126265, 00040869, 00070151, 00130522, 00020020, 00086149, 00126378, 00118329, 00034893, 00117718, 00075902, 00119685, 00114781, 00118528, 00130215, 00124932, 00125666, 00119698, 00132316 & 00123166 = **20 Candidates** |
| | 2.30 P.M. | 00133005, 00025644, 00124644, 00121828, 00114004, 00129770, 00074289, 00117573, 00063699, 00125084 & 00032637 = **11 Candidates** |

The candidates are required to bring one set of self-attested photocopies of all documents along with all original documents for verification as mentioned below:
1. Hard copy of online application form.
2. Three recent passport size photographs.
3. Duly filled in and attested "Attestation form" and duly filled in Bio-data form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/Council.
5. Post-Graduation Certificae/Master's Degree in the subject concerned in respect of educational qualification prescribed.
6. B.Ed. Certificate
7. Mark-sheets in support of all the Examination (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/ University;
8. Degree or Diploma Certificate in Computer Application in respect of educational qualification prescribed.
9. Odia Test Pass Certificate.
10. Caste Certificate claim as S.T./S.C./S.E.B.C. whereever applicable.
11. Permanent Disability Certificate (including percentage of permanent disability i.e. 40% and more).
12. Ex-Servicemen are requied to attach copy of Discharge Certificate issued by the Commanding Officer of the Unit last served. They must submit an affidavit undertaking that he/she has not been appointed against any civil post after retirement from military service, whereever applicable.
13. Sports Persons Certificate issued by the Director of Sports Odisha.
14. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0064/2223 Sd./- Secretary

**GOVT. OF ODISHA, e- PROCUREMENT NOTICE**
**DEPARTMENT OF WATER RESOURCES**
**E-PROCUREMENT NOTICE**
E-mail: eessdivision@gmail.com, Phone ; 0674-2395390
**BID IDENTIFICATION NO-01/2022-23**

**No.A-278:** 1.The Deputy Director, Dam Safety & Support Services, Bhubaneswar on behalf of Govt. of Odisha invites bid in Single Cover system in ONLINE MODE from eligible manpower service provider as detailed below:

| | | |
|---|---|---|
| 2. Number of Works | : | Sweeping, cleaning, garden & lawn maintenance of the Secha Sadan Building/ Complex and HP Administrative Building, Bhubaneswar, Odisha for the period of 01.07.2022 to 31.03.2023. |
| 3 Estimated Cost | : | 36.74952 Lakh (Aprox.) |
| 4 Paper Cost | : | 6000.00 |
| 5 E.M.D. in Rupees | : | Only bid security declaration to be furnished in prescribed format. |
| 6 Class of Contractor | : | Human Resources Supply |
| 7 Date & Time of availability of Bid Documents in the Portal | : | 27.05.2022 to 10.06.2022 up to 05.00 PM |
| 8. Last Date & Time of Online Bidding | : | 10.06.2022 up to 05.00 P.M. |
| 9. Date & Time of Opening of Online Bid | : | 13.06.2022 at 11.30 AM |

10. The Bidders have to participate in ONLINE bidding only and required to send uploaded hard copy to this office after opening of bid, Further details can be seen from the website: https://tenderodisha.gov.in. Any addendum/ corrigendum/ cancellation of tender can also be seen in the said site.

Sd./- Executive Engineer,
Support Services Division, Bhubaneswar
OIPR-32314/11/0005/2223

**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022

**NOTICE INVITING TENDER**
NIT No: TPCODL/P&S/NIT/22-23/002

**TP Central Odisha Distribution Limited invites open tender from eligible Bidders for the following:**

| Sl No | Tender Description | Tender Enquiry No. | Tender Fee incl of GST (Rs)* | EMD (Rs. Lakh)** | Last date & time of payment of Tender Fee |
|---|---|---|---|---|---|
| 1 | RC for supply of LT AB Cable of various sizes | TPCODL/P&S/ 1000000217/2022-23 | 5,000/- | 6.00 | 02/06/2022, 17.00 Hrs. |
| 2 | RC for supply of 11&33KV Polymer Insulators and Hardware | TPCODL/P&S/ 1000000210/2022-23 | 5,000/- | 2.00 | 02/06/2022, 17.00 Hrs. |
| 3 | RC for Project Management Service for proposed 33/11 KV S/s and its connecting line in TPCODL Area | TPCODL/P&S/ 1000000216/2022-23 | 5,000/- | 2.00 | 04/06/2022, 17.00 Hrs. |
| 4 | RC for Supply of 11KV,33KV CT & PT. | TPCODL/P&S/ 1000000208 /2022-23 | 5,000/- | 2.00 | 02/06/2022, 17.00 Hrs. |
| 5 | RC for supply of LT Hardware | TPCODL/P&S/ 1000000219/2022-23 | 5,000/- | 1.00 | 02/06/2022, 17.00 Hrs. |
| 6 | RC for supply of Various Sizes of 1.1 KV AL LT XLPE Cable | TPCODL/P&S/ 1000000220/2022-23 | 5,000/- | 0.50 | 02/06/2022, 17.00 Hrs. |
| 7 | RC for supply of HG Fuse | TPCODL/P&S/ 1000000221/2022-23 | 5,000/- | 0.50 | 02/06/2022, 17.00 Hrs. |
| 8 | RC for supply of GI Pipe and Coil Earthing. | TPCODL/P&S/ 1000000222/2022-23 | 5,000/- | 1.00 | 02/06/2022, 17.00 Hrs. |
| 9 | RC forsupply of GI Nut & Bolt Assorted Dimension | TPCODL/P&S/ 1000000224/2022-23 | 5,000/- | 0.50 | 02/06/2022, 15.00 Hrs. |
| 10 | RC for supply of insulated conductor | TPCODL/P&S/ 1000000223/2022-23 | 5,000/- | 4.0 | 04/06/2022, 17.00 Hrs |

*MSMEs registered in the state of Odisha shall pay tender fees Rs.1000/- including GST.
** EMD is exempted for MSMEs registered in the state of Odisha.
For further details of Rate contract(RC) Tenders, please visit Vendor Zone/Tender Section on TPCODL website https://tpcentralodisha.com. Future communication/corrigendum to tender documents, if any, shall be available on website.

## ସଂକ୍ଷେପରେ

### ନଦୀରୁ ନାବାଳକଙ୍କ ମୃତଦେହ ଜବତ

**ପାରାଦୀପ,୨୫।୫(ସ୍ୱ.ପ୍ର.):** ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ମଧୁବନ ବୃନ୍ଦାବନ କଲୋନୀ ବେଲ୍ଟଲାଇନ ବସ୍ତି ପାଖ କଂସାରପାଟିଆ ମତ୍ସ୍ୟଡିଆ ନଦୀରୁ ବୁଧବାର ଜଣେ ନାବାଳକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ନାବାଳକ ହେଲେ ସେହି ବସ୍ତିର ଦୀପକ ସିଂଙ୍କ ୭ ବର୍ଷୀୟ ପୁଅ ଗଣେଶ। ସେ ମଙ୍ଗଳବାର ସ୍କୁଲ ଛୁଟି ପରେ ଘରକୁ ଫେରି ସାଙ୍ଗମାନଙ୍କ ବାହାରକୁ ଖେଳିବାକୁ ଯାଇଥିଲେ। ତା'ପରଠାରୁ ସେ ଘରକୁ ଫେରି ନ ଥିଲେ। ତାକୁ ଖୋଜାଖୋଜି ପରେ ନ ପାଇବାରୁ ସନ୍ଧ୍ୟାରେ ଥାନାରେ ସୂଚନା ଦେଇଥିଲୁ ବୋଲି ନାବାଳକ ପିତା ଦୀପକ କହିଛନ୍ତି। ବସ୍ତି ପାଖରେ ଥିବା ଉକ୍ତ ନଦୀରୁ ମୃତଦେହ ମିଳିବା ପରେ ପୋଲିସ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ନଂ. ୨୬/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଅସହାୟଙ୍କୁ ଆବାସ ମିଳୁ

**ଜଗତ୍‌ସିଂହପୁର ଅଫିସ,୨୫।୫:** ବିରିଡ଼ି ବ୍ଲକ ଅନ୍ତର୍ଗତ ବତିମିରା ଗ୍ରାମର ବଳରାମ ସେଠୀ ଭିନ୍ନକ୍ଷମ। ୭ ବର୍ଷର ଶିଶୁ ଓ ସ୍ତ୍ରୀ ସସ୍ମିତାଙ୍କୁ ନେଇ ବହୁ କଷ୍ଟରେ ଦିନ କାଟୁଛନ୍ତି। ଘର ଖଣ୍ଡକୁ ଛାଡି ଦେଲେ ନିଜର ଜମି ବୋଲି ଗୁଣ୍ଠେ ନାହିଁ। ଭଙ୍ଗା ଦଦରା ଚାଳ ଘରେ ବହୁ କଷ୍ଟରେ କାଳାତିପାତ କରୁଛନ୍ତି। ସସ୍ମିତା ମୂଲ ଲାଗି ଯାହା କିଛି ରୋଜଗାର କରନ୍ତି ସେଥିରେ ପରିବାର କଷ୍ଟେମଷ୍ଟେ ଚଳିଯାଉଛି। ହେଲେ ବର୍ଷା, ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଏହି ପରିବାର ଉପରେ ଚଡକ ପଡିଯାଏ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାକୁ ପରିବାର ସ୍ଥାନୀୟ ସରପଞ୍ଚଙ୍କୁ ନେହୁରା ହୋଇ ନିରାଶ ହେଲା ପରେ ବୁଧବାର ସ୍ଥାନୀୟ ଅତାମଲା ଗାଁର ଜଗନ୍ନାଥ ବେହେରାଙ୍କ ସହ ମିଶି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସହାୟତା ଭିକ୍ଷା କରିଛନ୍ତି।

### ଏକାଦଶ ବାର୍ଷିକ ଦିବ୍ୟ ରାମକଥା ପ୍ରବଚନ

**ବିରିଡ଼ି,୨୫।୫(ଡି.ଏନ୍.ଏ):** ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ହେଉଛନ୍ତି ଯୁଗେ ଯୁଗେ ଆଦର୍ଶର ମୁକ୍ତିମନ୍ତ୍ର ପ୍ରତୀକ। ଯୌଥ ପରିବାରରେ ଭ୍ରାତୃତ୍ୱର ଅନାବିଳ ସ୍ନେହ ସମ୍ପର୍କ କିଭଳି ହେବା ଉଚିତ ତାହାହିଁ ଶ୍ରୀରାମଙ୍କ ଚରିତ୍ରରୁ ସ୍ପଷ୍ଟ ସୂଚନା ମିଳିଥାଏ। ଶ୍ରୀରାମଚନ୍ଦ୍ର ସୁନ୍ଦର ପରିବାର ଗଠନ ଦିଗରେ ଯେଉଁ ଭୂମିକା ନିର୍ବାହ କରିଛନ୍ତି, ତାହା ଯୁଗ ଯୁଗ ଧରି ସ୍ମରଣୀୟ ହୋଇ ରହିବ। ବିରିଡ଼ି ବ୍ଲକ ବାଲିଆ



ଗୋପୀନାଥପୁର ଗାଁର ମା' ଦୁର୍ଗାଦେବୀଙ୍କ ପ୍ରାଙ୍ଗଣରେ ଚାଲିଥିବା ଏକାଦଶ ବାର୍ଷିକ ଦିବ୍ୟ ରାମକଥା ପ୍ରବଚନରେ ମଙ୍ଗଳବାର ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଗ୍ରାମବାସୀଙ୍କ ସହଯୋଗ ଓ ବାବା ଦିବାକର ଦାସମହାରାଜଙ୍କ ପରିଚାଳନାରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ସନ୍ଥ ବ୍ରହ୍ମଚାରୀ ହିମାଂଶୁ ଦାସ ଯୋଗ ଦେଇଥିବା ବେଳେ କୁନି ପ୍ରବଚକ କେଶବ ଦ୍ୱିତିକୃଷ୍ଣ, ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ସରପଞ୍ଚ କାହ୍ନୁଚରଣ ବେହେରା, ପ୍ରବକ୍ତା ସୂର୍ଯ୍ୟକାନ୍ତ ରଥ, କୃଷି ବିଜ୍ଞାନୀ ସୁଦର୍ଶନ ସାମଲ, ରାଜନାରାୟଣ ପଣ୍ଡା, ଡା. ବନୋଜ କୁମାର ରାୟ, ପଣ୍ଡିତ ପ୍ରମୋଦ କୁମାର ପଣ୍ଡା, ନୃସିଂହ କୁମାର ଦାଶ, କବି ବ୍ରଜକିଶୋର ପଣ୍ଡା, ନାଟ୍ୟକାର ଅଶୋକ ବେହେରା, ବିରିଡି ଆଇଆଇସି ନିରଞ୍ଜନ ମଲିକ, ସରପଞ୍ଚ ତ୍ରିଲୋଚନ ପାତ୍ର, ସାମାଜିକ କର୍ମୀ ରାଜକିଶୋର ବେହେରା, ଅଭିନେତା ସ୍ୱାତକ ମିଶ୍ର ଓ ପ୍ରମୋଦ ପଣ୍ଡା ପ୍ରମୁଖ ବହୁ ଆଧାତ୍ମିକପ୍ରେମୀ ସାଧୁ ସନ୍ଥ ଯୋଗଦେଇ ଉପରୋକ୍ତ ମତପୋଷଣ କରିଥିଲେ। ଏହି ଅବସରରେ ମା' ଦୁର୍ଗାଦେବୀ ଆଧାତ୍ମିକ ସେବା ସଂଘ ବାଲିଆ ପକ୍ଷରୁ ପଣ୍ଡିତ ପ୍ରଭାତ ରଞ୍ଜନ କର, ବର୍ଣ୍ଣନା ପ୍ରିୟଦର୍ଶିନୀ, ସ୍ୱାତକୀ ମିଶ୍ର, ଭାଗ୍ୟଶ୍ରୀ ସାହୁ, ପ୍ରମୋଦ ନାଥ, ଦ୍ୱିତିକୃଷ୍ଣ ପଣ୍ଡା, ପୁରୁଷୋତ୍ତମ ଦାସ, ଦୁର୍ଗା ପ୍ରସାଦ ଦାସ, ସାରଦା ପ୍ରସାଦ ପାତ୍ର, ଦେବେନ୍ଦ୍ର ବାରିକ, ସୁଶ୍ରୀ ପ୍ରଜ୍ଞା ତ୍ରିପାଠୀ, ପଣ୍ଡିତ ମନୋରଞ୍ଜନ ମିଶ୍ର, ସ୍ମରଣିକା ନନ୍ଦଙ୍କୁ ସେମାନଙ୍କ କୃତି ପାଇଁ ଉପଢୌକନ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଦିନ ଭଜନ, ହୋମଯଜ୍ଞ ଓ ପ୍ରବଚନ ପ୍ରଦାନ କରାଯାଇଥିଲା।

# ଜିଲା ଗଠନ ପରେ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟ ନାହିଁ

**କେନ୍ଦ୍ରାପଡ଼ା ଅଫିସ,୨୫।୫**

- ଚାଷଜମିରେ ବେଣାବୁଦା
- ଅର୍ଥକରୀ ଫସଲକୁ ବାଧା ଦେଉଛି ଜଳ ପରିଚାଳନା
- ନଦୀ ସଂଯୋଗୀକରଣରେ ସମସ୍ୟାର ସମାଧାନ

ରାଜ୍ୟର ଦ୍ୱିତୀୟ ବୃହତ୍ତମ ଜଳପଥ ଜିଲା ଭାବେ କେନ୍ଦ୍ରାପଡ଼ା ପରିଚିତି ଲାଭ କରିଛି। କେନ୍ଦ୍ରାପଡ଼ା ଜିଲା ଦେଇ ୭ ନଦୀ ଓ ୨୭ ନାଳରେ ଜଳ ପ୍ରବାହିତ ହେଉଛି। ଧାନ ସହ ମାଛଚାଷ ଜିଲାର ଅର୍ଥନୀତିକୁ ପ୍ରଭାବିତ କରୁଛି। ଏହାସତ୍ତ୍ୱେ ଜିଲାର ଉପାନ୍ତ ଅଞ୍ଚଳରେ ଥିବା ୫ ବ୍ଲକର ୫୧ ପ୍ରତିଶତ ପରିବାରର ସଦସ୍ୟ କର୍ମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଛନ୍ତି। ଜଳସେଚନ ଓ ନିଷ୍କାସନ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ଫଳରେ ଅର୍ଥକରୀ ଫସଲ ଉତ୍ପନ୍ନ ହୋଇପାରୁନି। ବହୁ ଚାଷଜମି ବେଣା ବୁଦାରେ ପରିପୂର୍ଣ୍ଣ ହୋଇରହିଛି। ଜିଲା ଗଠନ ପରେ ରାଜସ୍ୱ ବିଭାଗ ଓ ଜଳ ପରିଚାଳନା ବିଭାଗର ସମନ୍ୱୟ ବୈଠକରେ ଏ ନେଇ ଆଲୋଚନା ହେବା ଚାଷୀ ଅନୁଭବ କରିନାହାନ୍ତି। ନଦୀ ସଂଯୋଗୀକରଣ ସହ କୃଷିଭିତ୍ତିକ ଶିଳ୍ପକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତ ମିଳିଛି।

### ଅର୍ଥକରୀ ଫସଲରେ ଜଳ ପରିଚାଳନା ବାଧକ

କେନ୍ଦ୍ରାପଡ଼ା ଜିଲାରେ ଲୁଣା, ଚିତ୍ରୋତ୍ପଳା, ପାଇକା, ମହାନଦୀ, ବିରୂପା, ବ୍ରାହ୍ମଣୀ, ଗୋବରୀ ନଦୀ ପ୍ରବାହିତ ହେଉଛି। ସେହିପରି କେନ୍ଦ୍ରାପଡ଼ା କେନାଲ, ପଟ୍ଟାମୁଣ୍ଡାଇ କେନାଲ, ଗୋବରୀ ଓ



ସମ୍ପ୍ରସାରିତ ଗୋବରୀ କେନାଲ ଅଛି। ପ୍ରାୟ ୧୪୦୦ କିଲୋମିଟର ଏହି ଜଳପଥ ଜିଲାରେ ଛନ୍ଦାଛନ୍ଦି ହୋଇରହିଛି। ୧,୮୨,୧୮୪ ହେକ୍ଟର ଚାଷୋପଯୋଗୀ ଜମି ମଧ୍ୟରୁ ମାତ୍ର ୪୫,୯୧୪ ହେକ୍ଟର ଜମିରେ କେନାଲ ମାଧ୍ୟମରେ ଜଳସେଚନ ହୋଇପାରୁଛି। ସାମାନ୍ୟ ବର୍ଷାରେ ଜିଲାର ୭୦,୩୩୩ ହେକ୍ଟର ଜମିରେ ପାଣି ଜମି ରହି ଫସଲ ନଷ୍ଟ କରୁଛି। ସେହିପରି ୩୬,୦୩୮ ହେକ୍ଟର ଜମି ପାଣି ବିନା ମରୁଡ଼ି ହେଉଛି। ଜିଲାର ଆଳି, ରାଜକନିକା, ରାଜନଗର ଅଞ୍ଚଳରେ ଆଦୌ କେନାଲ ନାହିଁ।



ଚାଷ ଜମି ପଡିଆ ପଡିଛି।

ଜଳସେଚନ ଓ ନିଷ୍କାସନ ସମସ୍ୟା ପାଇଁ ଅର୍ଥକରୀ ଫସଲ ଉତ୍ପନ୍ନ ହୋଇ ପାରୁନାହିଁ।

**ଡା. ପି.ଏନ୍. ଗୌରାଙ୍ଗ, ପଟ୍ଟାମୁଣ୍ଡାଇ**

### ଜଳ ପରିଚାଳନାରେ ରହୁନି ସମନ୍ୱୟ

୧୯୯୩ ଏପ୍ରିଲ ପହିଲାରେ ଅବିଭକ୍ତ କଟକରୁ କେନ୍ଦ୍ରାପଡ଼ା ଜିଲା ପ୍ରତିଷ୍ଠା ହେଲା। ଜିଲାକୁ ସ୍ୱତନ୍ତ୍ର ମାନ୍ୟତା ପରେ ରାଜସ୍ୱ ଓ ଜଳ ପରିଚାଳନା ବିଭାଗ ମଧ୍ୟରେ ସମନ୍ୱୟ ରହିପାରୁନି।



ବିଭିନ୍ନ ସ୍ଥାନରେ ଥିବା କାର୍ଯ୍ୟାଳୟ ଏଥିପାଇଁ ବାଧକ ହୋଇଛି। କେନ୍ଦ୍ରାପଡ଼ା ଜଳସେଚନ ଡିଭିଜନ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଥିବା ବେଳେ ମହାନଦୀ ଉତ୍ତର ଡିଭିଜନର କାର୍ଯ୍ୟାଳୟ କଟକ ଜିଲାରେ ଅଛି। ସେହିପରି ପୁନ୍ଦାଲୋଠାରେ ଚିତ୍ରୋତ୍ପଳା ସବ୍‌ଡିଭିଜନ, ଚଣ୍ଡିଖୋଲସ୍ଥିତ ଯାଜପୁର ଜଳସେଚନ ଡିଭିଜନ ଓ ଡ୍ରେନେଜ ଡିଭିଜନ କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇଠାରେ ଅଛି। ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ଦୁହୁରିଆଠାରେ ଓ କାଡା କେନାଲ ଡିଭିଜନ ଚାନ୍ଦୋଳଠାରେ ଥିବାବେଳେ ଆଳିରେ ତଟବନ୍ଧ ବିଭାଗ କାର୍ଯ୍ୟାଳୟ ଅଛି। ସହରର ତିନିମୁହାଣିଠାରେ ଉଠାଜଳସେଚନ ବିଭାଗ କାର୍ଯ୍ୟ କରୁଛି। ଜଳ ପରିଚାଳନାକୁ ନେଇ ରାଜସ୍ୱ ବିଭାଗ ସହ ଉପରୋକ୍ତ ବିଭାଗର ବୈଠକ ଗୁରୁତ୍ୱପୂର୍ଣ୍ଣ। ଜଳ ପରିଚାଳନା ବୈଠକରେ ସମସ୍ତ ଉଚ୍ଚ ଅଧିକାରୀ ଏକାଠି ହେବା ଗତ ୧୯୯୧ରୁ ହୋଇ ନ ଥିବା ଜଣାପଡିଛି।

**ପ୍ରମୋଦ କୁମାର ସାହୁ, ସମବାୟବିତ୍, କେନ୍ଦ୍ରାପଡ଼ା**

### କୃଷିଭିତ୍ତିକ ଶିଳ୍ପ ପାଇଁ ନଦୀ ସଂଯୋଗୀକରଣ

ଜୀବନ ଓ ଜୀବିକା ପାଇଁ ଜିଲାରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଅଛି। ତେବେ ଏଥିପାଇଁ ସୁଚିନ୍ତିତ ଯୋଜନା ନାହିଁ। ଜଳସେଚନ ଓ ନିଷ୍କାସନ ପ୍ରମୁଖ ସମସ୍ୟା ହୋଇଛି। ଧାନ, ମାଛଚାଷ ସହ ଅର୍ଥକରୀ ଫସଲ ଭାବେ ସୂର୍ଯ୍ୟମୁଖୀଠାରୁ ଆରମ୍ଭ କରି ପାମ୍ ଗଛ ପର୍ଯ୍ୟନ୍ତ ଏହି ଜଳବାୟୁ ଉପଯୁକ୍ତ। ନଦୀ ସଂଯୋଗୀକରଣ ଦ୍ୱାରା ବନ୍ୟା ଓ ମରୁଡିରୁ ମୁକ୍ତି ମିଳିପାରିବ। ଏହାର ଜଳ କୃଷି ଅର୍ଥନୀତିକୁ ସମୃଦ୍ଧ କରିବ। ବନ୍ଧବାଡ଼ ନିର୍ମାଣ ଓ କୃଷିଭିତ୍ତିକ ଶିଳ୍ପକୁ ଗୁରୁତ୍ୱ ଦେବାକୁ ହେବ। ସାମୁଦ୍ରିକ ଗବେଷଣାଗାର ମତ୍ସ୍ୟଚାଷକୁ ବହୁଗୁଣିତ



କରିପାରିବ। ସେହିପରି କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଦ୍ୱାରା ଉତ୍ତରପିଢ଼ି କୃଷି ପ୍ରତି ଆଗ୍ରହ ପ୍ରକାଶ କରିବେ। କେନ୍ଦ୍ରାପଡ଼ା ଜିଲାରେ ସାମୁଦ୍ରିକ ଝଡ଼ ଏକ ପ୍ରାକୃତିକ ବିପଦ ଭାବେ ଉଭା ହେଉଛି। ତଟବର୍ତ୍ତୀ ଅଞ୍ଚଳରେ ନୂତନ ହେନ୍ତାଳବଣ ସୃଷ୍ଟି ଦ୍ୱାରା ଏହି ସମସ୍ୟାର ସମାଧାନ ହେବ।

**ଭୁବନମୋହନ ଜେନା, ସଭାପତି, ଜନ ଅଧିକାର ଅଭିଯାନ, କେନ୍ଦ୍ରାପଡ଼ା**

## ଚୋରି ଉଦ୍ୟମ କରି ଦୁଇ ଗିରଫ

**କୁଜଙ୍ଗ,୨୫।୫(ଡି.ଏନ.ଏ.)**

କୁଜଙ୍ଗ ଥାନ ଅନ୍ତର୍ଗତ ନଳକଣି ଗାଁର ଭାଗବତ ସ୍ୱାଇଁଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଚୋରି କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ୨ଜଣ ଧରା ପଡିଛନ୍ତି। ଦୁଇ ଅଭିଯୁକ୍ତ ବାଇକ୍ ନଂ. ଓଆର ୦୫ଏପି ୩୭୨୮ ଯୋଗେ ଆସିଥିଲେ। ସେମାନେ ସାଙ୍ଗରେ ଏକ ମୁନିଆ ଲୁହା ରଡ ଓ ଟର୍ଚ୍ଚ ଆଣିଥିଲେ। ଚୋରି ପାଇଁ ଭାଗବତଙ୍କ ଘର ଉପରକୁ ଟର୍ଚ୍ଚ ପକାଇବା ଭିତରେ ଗାଁର କୌଣସି ଲୋକଙ୍କ ନଜରକୁ ଆସିଥିଲା। ସେ ସନ୍ଦେହ କରି ଡକାଡକି କରି ଆସି ଅଭିଯୁକ୍ତ ଦ୍ୱୟଙ୍କୁ ମାଡି ବସିବା ସହ ଘଟଣାସ୍ଥଳରେ ବାନ୍ଧି ପକାଇଥିଲେ। ବୁଧବାର ସକାଳୁ ଖବର ପାଇ ପୋଲିସ ଆସି ଦୁଇଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରା ଉଚରା କରିବା ସହ ସେମାନଙ୍କ ନାମରେ ନଂ. ୨୦୩/୨୨ରେ ମାମଲା ରୁଜୁ କରିଛି। ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ କୁଜଙ୍ଗ ଥାନା ଅନ୍ତର୍ଗତ କାଳିଆପାଟ ଗାଁର ବାପିନା ପାଣି ହୋଇଥିବା ବେଳେ ଅନ୍ୟ ଜଣେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ବଡିଲୋ ଗାଁର ଶିବ ପ୍ରସାଦ ନାୟକ ବୋଲି ତଦନ୍ତକାରୀ ଅଧିକାରିଣୀ କଲ୍ୟାଣୀ ଷେଣ୍ଡଙ୍କଠାରୁ ପ୍ରକାଶ। ବାପିନାଙ୍କ ନାମରେ ପୂର୍ବରୁ ବହୁ ଚୋରି ମାମଲା ଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ମହାନଦୀ ସୁରକ୍ଷା ପାଇଁ ସତ୍ୟାଗ୍ରହ





ପରାଦୀପ ଚଉମୁହାଣିଠାରେ ମହାନଦୀ ସୁରକ୍ଷା ଅଭିଯାନ ପକ୍ଷରୁ ସତ୍ୟାଗ୍ରହ କରାଯାଉଛି।

**ପାରାଦୀପ ୨୫।୫(ସ୍ୱ.ପ୍ର.)**

ଓଡ଼ିଶାର ଜୀବନରେଖା ମହାନଦୀ ଏବେ ବହୁଧା ଭାବେ ନଷ୍ଟ ହେବାରେ ଲାଗିଛି। ଏହି ଧାରା ବଳବତ୍ତର ରହିଲେ ଆଗାମୀ ଦିନରେ ମହାନଦୀ ଶୁଷ୍କ ହେବାର ସମ୍ଭାବନା ରହିଛି। ଭବିଷ୍ୟତ ବଂଶଧରଙ୍କ ପାଇଁ ମହାନଦୀକୁ ସୁରକ୍ଷା ଦେବାକୁ ଏବେ ଚାରିଆଡେ ପ୍ରତିବାଦ, ବିକ୍ଷୋଭ, ସତ୍ୟାଗ୍ରହ ଆଦି ଚାଲିଛି। ଏହିକ୍ରମରେ ବୁଧବାର ପାରାଦୀପ ଉପକଣ୍ଠ ଚଉମୁହାଣୀଠାରେ ମହାନଦୀ ସୁରକ୍ଷା ଅଭିଯାନ ପକ୍ଷରୁ ସତ୍ୟାଗ୍ରହ କରାଯାଇଥିଲା। ପାରାଦୀପର ଆଗଧାଡିର ବ୍ୟକ୍ତି ବିଶେଷମାନେ ଏଥିରେ ସାମିଲ ହୋଇ ମହାନଦୀକୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ପାଖରେ ଅନୁରୋଧ କରିଥିଲେ। ବଲ୍ଲଭ କର, ଗତିକୃଷ୍ଣ ଶତପଥୀ, ମନୋଜ ନାୟକ ପ୍ରମୁଖ କହିଥିଲେ, ଦଳମତ ନିର୍ବିଶେଷରେ ସମସ୍ତେ ଏହି ଅଭିଯାନରେ ସାମିଲ ହୋଇ ସରକାରଙ୍କ ପାଖରେ ଦାବି ରଖନ୍ତୁ। ନଦୀର ପ୍ରବାହମାନ ଧାରାକୁ ରୋକିବାରେ ଯେଉଁମାନେ ବାଧ ଉପାଯାଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ନଦୀ ଶର୍ଯ୍ୟାରେ ବ୍ୟାପକ ବନୀକରଣ ପାଇଁ ଅନୁରୋଧ କରାଯାଇଥିଲା।

## ଥାନା ପରିସରରେ ରକ୍ତାକ୍ତ ସଂଘର୍ଷ

### ୧୫ ଜଣଙ୍କ ନାମରେ ମାମଲା

**କୁଜଙ୍ଗ,୨୫।୫ (ଡି.ଏନ.ଏ.)**

କୁଜଙ୍ଗ ଥାନା ପରିସରରେ ଥିବା ମହାଦେବ ମନ୍ଦିର ଚଟାଣରେ ଦୁଇପକ୍ଷ ମଧ୍ୟରେ ଘଟିଥିବା ଗଣ୍ଡଗୋଳର ସମାଧାନ ନିମନ୍ତେ ମଙ୍ଗଳବାର ଉଭୟପକ୍ଷ ଆଲୋଚନା ଚାଲିଥିଲା। ଏଥିଅ ସମୟରେ ଗୋଟିଏପକ୍ଷ ଅଚାନକ ଆକ୍ରମଣ କରି ଜଣଙ୍କ ନାକ ଫଟାଇ ଦେଇଥିଲେ।

କୁଜଙ୍ଗ ଥାନା ଅନ୍ତର୍ଗତ ପାଟପୁର ଲେବଲ କ୍ରସିଂ ନିକଟରେ ଚଟୁଆ ନରେନ୍ଦ୍ରପୁର ଗାଁର କେତେଜଣ ଯୁବକ ଓ ଷଣ୍ଢପୁର ଗାଁର ଦୁଇଜଣଙ୍କ ମଧ୍ୟରେ ରବିବାର ରାତିରେ କୌଣସି କାରଣରୁ ମାରପିଟ ହୋଇଥିଲା। ଏ ନେଇ ନରେନ୍ଦ୍ରପୁରର ଯୁବକ ଥାନାରେ ଅଭିଯୋଗ କରିବାରେ ପୋଲିସ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଷଣ୍ଢପୁରର ଯୁବକଙ୍କୁ ଡାକି ଥିଲେ। ମାତ୍ର ବିଜେଡିର ଯୁବନେତା ଚିନ୍ମୁ ପରିଡା, କବି ରଞ୍ଜନ ବେହେରା ଓ ବାଟୁଆ ନାୟକ ପ୍ରମୁଖ ଥାନାରେ ପହଞ୍ଚି ଉଭୟପକ୍ଷଙ୍କ ମଧ୍ୟରେ ଆପୋଷ ବୁଝାମଣା ନିମନ୍ତେ ଥାନା ଅଧିକାରୀଙ୍କ ଜଣାଇଥିଲେ। ଏ ନେଇ ଥାନା ଅଧିକାରୀ ମୌଖିକ ସମ୍ମତି ଦେବାରେ ଉଭୟପକ୍ଷ ମନ୍ଦିର ଚଟାଣରେ ଆଲୋଚନା ପାଇଁ ବସିଥିଲେ। ଆଲୋଚନା ବେଳେ ତେଜଣ ଯୁବକ ହଠାତ ଗୋଟିଏ ପକ୍ଷକୁ ଆକ୍ରମଣ କରି ଲହୁ ଲୁହାଣ କରି ପକାଇ ଥିଲେ। ତତ୍‌କ୍ଷଣାତ ଥାନା ପକ୍ଷରୁ ଗେଟ ତାଲା ପକାଇ ଦେବା ଫଳରେ କିଏ କୁଆଡେ ଖସି ଯାଇ ପାରି ନ ଥିଲେ। ଏହି ଘଟଣା ପୋଲିସ ଯେତେ ଲୁଚାଇବାକୁ ଚେଷ୍ଟା କଲେ ମଧ୍ୟ ତାହା ଲୁଚି ନ ପାରିବାରୁ ବୁଧବାର ଭଦ୍ରବ୍ୟକ୍ତି ସାଜିଥିବା ଚିନ୍ମୁ, କବି ଓ ବାଟୁଆଙ୍କ ସମେତ ୧୫ ଜଣଙ୍କ ନାମରେ ସାଧାରଣ ସ୍ଥାନରେ ଗଣ୍ଡଗୋଳ କରୁଥିବା ଅଭିଯୋଗରେ ନଂ.୧୯୯/୨୨ରେ ମାମଲା ରୁଜୁ କରିଛି। ୧୫ ଜଣଙ୍କ ମଧ୍ୟରୁ ୫ ଜଣ ବୁଧବାର ଥାନାରୁ ଜାମିନ ଯାଇଥିବା ଆଇଆଇସି ସୁଜିତ ପ୍ରଧାନଙ୍କଠାରୁ ପ୍ରକାଶ। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଚିନ୍ମୁ ଓ କବିଙ୍କୁ ପଚାରିବାରେ ସେମାନେ କହିଥିଲେ, ଆମେ ଭଦ୍ରଲୋକ ହିସାବରେ ଘଟଣାର ସମାଧାନ ପାଇଁ ବସିଥିଲୁ। ହଠାତ୍ କିଛି ଘଟଣା ଘଟିଗଲା। ସେଥିପାଇଁ ଆମ ନାଁରେ କେସ୍ ହେବାଟା ଠିକ୍ ନୁହେଁ। ଯଦି ଏମିତି ହୁଏ ଆଗାମୀଦିନରେ କୌଣସି ଦୁଇପକ୍ଷ ମଧ୍ୟରେ ବିବାଦ ହେଲେ କେହି ସାମାଧାନ ପାଇଁ ଆଗଭର ହେବେ ନାହିଁ ଚିନ୍ମୁ କହିଛନ୍ତି।

## ପାରାଦୀପରେ କୋର୍ଟ ପ୍ରତିଷ୍ଠା ପାଇଁ ଦାବିପତ୍ର

**ପାରାଦୀପ,୨୫।୫(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ସହରରେ ଏକ ସିଜେଏମ୍ ଓ ଜେଏମ୍ଏଫ୍‌ସି କୋର୍ଟ ପ୍ରତିଷ୍ଠା ପାଇଁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କୁ ଦିଆଯାଇଛି। ଏନ୍‌ଓସି ଫାଉଣ୍ଡେଶନ ନାମକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଶୈଳେନ୍ଦ୍ରି ସେନାପତି ଓ ଅନ୍ୟମାନେ ଏହି ଦାବିପତ୍ର ଦେଇଥିଲେ। ଏଥିରେ ଦର୍ଶାଯାଇଛି, ଦେଶର ସମସ୍ତ ବନ୍ଦର ସହରରେ କୋର୍ଟ ରହିଛି। ପାରାଦୀପରେ ୫ ଟି ଥାନା ଅଛି। ଯେକୌଣସି ମାମଲା ପାଇଁ ଲୋକଙ୍କୁ କୁଜଙ୍ଗ, ଏରସମା, ଜଗତ୍‌ସିଂହପୁର ଓ କଟକ ଯିବାକୁ ପଡୁଛି। ଏଥିସହ ବନ୍ଦରକୁ ବିଦେଶୀ ନାଗରିକ ଯାତାୟତ କରୁଛନ୍ତି। କୌଣସି ମାମଲା ହେଲେ ସେତେବେଳେ ସେମାନଙ୍କୁ ହଇରାଣ ହେବାକୁ ପଡୁଛି। ସେଥିପାଇଁ କୋର୍ଟ ଅନିବାର୍ଯ୍ୟ ବୋଲି ଦର୍ଶାଯାଇଛି।

## ପାରାଦୀପକୁ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ଦାବିପତ୍ର

**ପାରାଦୀପ,୨୫।୫(ସ୍ୱ.ପ୍ର.)**

ପାରାଦୀପକୁ କୋଭିଡ କଟକଣା ପୂର୍ବରୁ (୨୦।୩।୨୦) ୫ଟି ଯାତ୍ରୀବାହୀ ଟ୍ରେନ ଚଳାଚଳ କରୁଥିଲା। ଏବେ ମାତ୍ର ଗୋଟିଏ ଯାତ୍ରୀବାହୀ ଟ୍ରେନ ଚାଲୁଛି। ପାରାଦୀପ, କୁଜଙ୍ଗ, ଜଗତ୍‌ସିଂହପୁର ଲୋକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପୁଣି ସେହି ୫ଟି ପାସେଞ୍ଜର ଟ୍ରେନ ଚଳାଚଳ କରିବାକୁ ବୁଧବାର ଏକ ଦାବିପତ୍ର ଦିଆଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପାରାଦୀପ ଷ୍ଟେଶନ ମାଷ୍ଟରଙ୍କୁ ଆମ ପାରାଦୀପ ଆମ ପ୍ରଗତି ମୁଖିଆ ଅରିନ୍ଦମ ସର୍ଖେଲ (ବାପି)ଦେଇଥିଲେ। ତାଙ୍କ ସହିତ ନବନିର୍ବାଚିତ ୪ ଜଣ କାଉନସିଲର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସମ୍ପ୍ରତି ତୈଳଦର ବୃଦ୍ଧି ଯୋଗୁ ଗାଡି ଭଡା ଅହେତୁକ ଭାବେ ବୃଦ୍ଧି ପାଇଛି। ତେଣୁ ସ୍ୱଳ୍ପ ମୂଲ୍ୟରେ ଶ୍ରମଜୀବୀ ଜନତା ଓ ଛାତ୍ରୀଛାତ୍ରଙ୍କ ଯାତାୟାତ ପାଇଁ ଏହି ପାସେଞ୍ଜର ଟ୍ରେନ ଚଳାଇବାକୁ ଅନୁରୋଧ କରାଯାଇଛି।

## ଗାଡ଼ି କିସ୍ତି ଖିଲାପ କରି ଜଣେ ଗିରଫ

**ପାଣିକୋଇଲି,୨୫।୫(ଡି.ଏନ.ଏ.)**

ଗାଡ଼ି କିସ୍ତି ଖିଲାପ ଅଭିଯୋଗରେ ପାଣିକୋଇଲି ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ବୋଳବା ଦରଡ଼ି ଗାଁର ଅଟଳ ବିହାରୀ ବାରିକ। ସେ ଏକ ଫାଇନାନ୍ସରୁ ଗାଡ଼ି ଋଣରେ ନେଇଥିଲେ। କିସ୍ତି ଖିଲାପ ସହ ଗାଡ଼ିକୁ ବିକ୍ରି କରି ଦେଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଅବଗତ ହେବାପରେ ଥାନାରେ ଅଭିଯୋଗ କରିଥିଲେ।

## ମନ୍ତ୍ରୀ, ଏମ୍‌ପିଙ୍କ ମାରାଥନ ଶିଳାନ୍ୟାସ

**ବାଲିକୁଦା,୨୫।୫(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ତଥା ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ସ୍ୱତନ୍ତ୍ର ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ରୁନିଲତା ବେହେରା, ଜଟାଧାରୀ ଦାସ, ସ୍ଥାନୀୟ ସରପଞ୍ଚ ସାଗରିକା ପରିଡ଼ା, ସମିତିସଭ୍ୟ ସମରେନ ରାୟ, ତିତିରା ସରପଞ୍ଚ ପ୍ରଭାତୀ ମଞ୍ଜରୀ ନାୟକ, ସମିତିସଭ୍ୟ ଜୟରାମ ଦାସ, ବିଡିଓ ଡ. କଲ୍ୟାଣ ସୌରଭ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବୋରିକିନା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେଡି ନେତା ସରୋଜ ମାହାପାତ୍ର, ରାମଚନ୍ଦ୍ର ସ୍ୱାଇଁ, ସମୀର ପରିଡ଼ା, ସୁଶାନ୍ତ ଦାସ, ଭୀମସେନ ମୁଦୁଲି, ପ୍ରଭାତ ଗୋଚ୍ଛାୟତ, ମନୋରଞ୍ଜନ ମହାନ୍ତି, କ୍ଷେତ୍ରମୋହନ ମଲ୍ଲିକ ଉପସ୍ଥିତ ଥିଲେ। ବାସୁଦେବ ମହାନ୍ତି, ସୁବାସ ବାରିକ, ରଶ୍ମିରଞ୍ଜନ ମହାନ୍ତି, ନିଶାନ୍ତ ଆର୍ଯ୍ୟ, ମନୋଜ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ବୋରିକିନା ପଞ୍ଚାୟତ ଗୃହ ନିର୍ମାଣ, ବରଗୁଡ଼ିପଡ଼ା-ବରିମୂଳ ଢଳେଇ ରାସ୍ତା, ଦରଡ଼ା-ବରଡ଼ି ରାସ୍ତା, ବୋରିକିନା ହାଟର ଉନ୍ନତୀକରଣ, ବୋରେଶ୍ୱର ପୋଖରୀ ପୁନରୁଦ୍ଧାର, ମିଶନ ଶକ୍ତି ଗୃହ, ହରିଶପୁର ବଳଦେବ ମହାବିଦ୍ୟାଳୟ ନୂତନ ଗୃହ ନିର୍ମାଣ ସମେତ ତିତିରା ପଞ୍ଚାୟତ ହରିଶମୂଳ ପୋଖରୀର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ ଅତିଥିମାନେ କରିଥିଲେ।



ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଏମ୍‌ପି ରାଜଶ୍ରୀ ମଲ୍ଲିକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

# ମହିଳା ଗିରଫ, ୫୦ ହଜାର ଜବତ

**ଜଗତ୍‌ସିଂହପୁର ଅଫିସ, ୨୫।୫**

### ତନ୍ତ୍ର ପୂଜା ନାଁରେ ଛାତ୍ରଙ୍କଠୁ ଲୁଟ୍ ମାମଲା

ମୁଁ ଜଣେ ତାନ୍ତ୍ରିକ। ତୁ କଲେଜରେ ପଢୁଛୁ ବୋଲି ମୁଁ ଜାଣିଛି। ତୋ ଜୀବନ ଓ ପରିବାର ପ୍ରତି ବହୁତ ବଡ ବିପଦ ଅଛି। ମୋ କଥାମାନେ। ତୁରନ୍ତ ପ୍ରତିକାର କର। ନଚେତ ଗାଡି ଧକ୍କାରେ ତୋ ଜୀବନ ଚାଲିଯିବ। କେବଳ ଏତିକି ନୁହେଁ, ପରିବାରର ସମସ୍ତେ ଅସୁବିଧାରେ ପଡିଯିବେ। ଗତ ମାର୍ଚ୍ଚ ୨୧ ତାରିଖ ସନ୍ଧ୍ୟା ୭ଟାରେ ଜଣେ କଲେଜ ଛାତ୍ରଙ୍କ ନିକଟକୁ ଏଭଳି ଏକ କଲ ଆସିଥିଲା। ଏହି ଛାତ୍ର ହେଲେ ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ବିଜ୍ଞାନରେ ଶିକ୍ଷାଲାଭ କରୁଥିବା ନାଉଗାଁ ଥାନା କୋରୁଆ ଗାଁର ରୁଦ୍ରପ୍ରସାଦ ନାୟକ(୨୦)। ନାୟକଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନା ପୋଲିସ ମାମଲା ରୁଜୁ ସହ ତଦନ୍ତ ଜାରି ରଖିଥିଲା। ସୌଭାଗ୍ୟ ଉକ୍ତ ମାମଲାର ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେ ହେଲେ ଭୁବନେଶ୍ୱର ଏୟାରପୋର୍ଟ ଥାନା ଅନ୍ତର୍ଗତ ୟୁନିଟ-୬ ଗଙ୍ଗନଗର ପଲ୍ଲୀ ଅଞ୍ଚଳର କବିତା ମହାରଣା(୨୬)। ତାଙ୍କଠାରୁ ୫୦ ହଜାର ଟଙ୍କା ଓ ସିମ୍ କାର୍ଡ ଜବତ କରାଯାଇଛି। ଏହି ସୂଚନା ଦେଇଛନ୍ତି ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ। ସୂଚନାଯୋଗ୍ୟ, ନାୟକଙ୍କ



ଜବତ ହୋଇଥିବା ୫୦ ହଜାର ଟଙ୍କା।

ମୋବାଇଲକୁ ୯୯୩୮୨୧୦୯୭ ନମ୍ବର ମୋବାଇଲରୁ ଏକ କଲ ଆସିଥିଲା। ଏହି କଲ୍‌ରେ ଭୟ ଦେଖାଯାଇ ପ୍ରତିକାର ପାଇଁ ପରାମର୍ଶ ଦିଆଯାଇଥିଲା। କୁହାଯାଇଥିଲା ତୁରନ୍ତ ତନ୍ତ୍ର ପୂଜା କରିବାକୁ ପଡିବ। ଏଥିରେ ରୁଦ୍ରପ୍ରସାଦ ଭୟଭୀତ ହୋଇ ଅଭିଯୁକ୍ତ ଦାବି କରିଥିବା ୩,୫୦୦ ଟଙ୍କା ଫୋନ ପେ-ରେ ମୋବାଇଲ ନଂ. ୯୯୩୮୩୧୪୫୪୭୬କୁ ପଠାଇ ଦେଇଥିଲେ। ତା'ର ପରଦିନ ସକାଳୁ ପୁଣି ସମ୍ପୃକ୍ତ ଅଭିଯୁକ୍ତ ଫୋନ କରି ଏହି ପୂଜାରେ ରିଷ୍ଟ କଟିବନି କହି ସଙ୍ଗେସଙ୍ଗେ ୩୨ ହଜାର ଟଙ୍କା ଦାବି କରିଥିଲେ। ଏଥିସହ ସର୍ତ୍ତ ରଖିଥିଲେ କେହି ଯେମିତି ଏକଥା ଜାଣିବେନି। ରୁଦ୍ରପ୍ରସାଦ ଫୋନ ପେ-ରେ ୩୨ହଜାର ଟଙ୍କା ପଠାଇବା ସତ୍ତ୍ୱେ ଅଭିଯୁକ୍ତଙ୍କ ମନ ଶାନ୍ତି ହୋଇ ନ ଥିଲା। ସେହିଦିନ ମଧ୍ୟାହ୍ନରେ ନାଗନାଗୁଣୀ ପୂଜା ପାଇଁ ଆଉ ୭ ହଜାର ଓ ବିସର୍ଜନ ନେଇ ୫ ହଜାର ଟଙ୍କା ତୁରନ୍ତ ଜମା କରିବାକୁ କହିଥିଲେ। ଏହା ପୂରଣ କରିବାକୁ ଯାଇ ପ୍ରଥମେ ୫,୪୦୦ ଓ ଅନ୍ୟ ଏକ ଫୋନ ପେ-ରୁ ୧,୬୦୦ ଟଙ୍କା ରୁଦ୍ରପ୍ରସାଦ ପଠାଇଥିଲେ। ପରେ ବିସର୍ଜନ ବାବଦ ଅର୍ଥ ପଠାଇଥିଲେ। ସେଦିନ ରାତିରେ ଅଭିଯୁକ୍ତ କଲ କରି କହିଥିଲେ କାଲି ସକାଳ ୧୦ଟାରେ କଲ କଲେ ପୂଜା ବିଷୟରେ ଆଉ କ'ଣ କରିବାକୁ ପଡିବ କହିବେ। ଭୟରେ ସକାଳୁ କଲ କଲାବେଳକୁ ବହୁତ ବଡ ଭୁଲ କରି ଦେଇଛୁ, କିନ୍ତୁ ଘରେ କିଛି କହିବୁନି। ସଙ୍ଗେସଙ୍ଗେ ଆଉ ୫ ହଜାର ଓ ପରେ ବିସର୍ଜନ ପାଇଁ ୨୫୦୦ ଟଙ୍କା ପଠାଇବାକୁ କହିଥିଲେ। ଏହି ଟଙ୍କା ଦେବା ପରେ ରାତିରେ ଫୋନ କରି ଷଡପୂଜା ସରିଲା ବୋଲି ଆଶ୍ୱାସନା ଦେଇଥିଲେ। ଏଥିସହ ସଙ୍ଗେସଙ୍ଗେ ୧୦୦୦ ଟଙ୍କା ପଠାଇବାକୁ କହିବାରୁ ତାହା ମଧ୍ୟ ରୁଦ୍ରପ୍ରସାଦ ଦେଇଥିଲେ। ଏହିପରି ମୋଟ ୫୦ ହଜାର ଟଙ୍କା ନେଇଛନ୍ତି ସାଇବର ଅପରାଧୀ। ପରେ ସବୁକଥା ଜାଣିବା ପରେ ରୁଦ୍ରପ୍ରସାଦ ୩୦।୩।୨୨ରେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ।

# ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

ରାଜନଗର,୨୫।୫(ଡି.ଏନ.ଏ.)

- ତହସିଲଦାରଙ୍କୁ ଘେରିଲେ ଉତ୍ତ୍ୟକ୍ତ ଲୋକେ
- ନିର୍ମାଣାଧୀନ କୋଠା ଉପରୁ ଡେଇଁବାକୁ ୨ ଯୁବକଙ୍କ ଉଦ୍ୟମ

ରାଜନଗର ବଜାରରେ ଜବରଦଖଲ ଉଚ୍ଛେଦ ବେଳେ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା । ସରକାରୀ ଜମିରେ ନିର୍ମାଣଧୀନ ୨ ମହଲା କୋଠାକୁ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବା ସମୟରେ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ଉତ୍ତ୍ୟକ୍ତ ଲୋକମାନେ ଏହି ଉଚ୍ଛେଦକୁ ବିରୋଧ କରି ଘଟଣାସ୍ଥଳରେ ଉପସ୍ଥିତ ଥିବା ତହସିଲଦାରଙ୍କୁ ଘେରାଉ କରିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଉତ୍ତ୍ୟକ୍ତ ଲୋକମାନଙ୍କ ଜୋରଦାର ବିରୋଧକୁ ସାମ୍ନା କରି ନ ପାରି ଫେରିବାକୁ ବାଧ୍ୟ ହୋଇଥିଲେ। ଫଳରେ ଏହି ଉଚ୍ଛେଦ ଅଭିଯାନ ଅଧାରୁ ଅଟକି ରହିଥିଲା ।

ସୂଚନା ଅନୁଯାୟୀ, ରାଜନଗର ମୌଜାର ଖାତା ନଂ. ୪୫୨ (ରକ୍ଷିତ), ପ୍ଲଟ ନଂ. ୧୨୧୯ ରକବା ଏ.୦.୪୩ ଡେସିମିଲ ମଧ୍ୟରୁ ୧୦ ଡେସିମିଲକୁ ରାଜନଗର ଗାଁର ଘନଶ୍ୟାମ ପାଣି ଦୀର୍ଘ ବର୍ଷ ହେଲା ଜବରଦଖଲ କରି ଚାଳଘର କରିଥିଲେ। ଗତ ୫ ମାସ ତଳେ ଚାଳଘର ସ୍ଥାନରେ ଦୁଇମହଲା କୋଠା ନିର୍ମାଣ କରୁଥିଲେ। ଏହି ସ୍ଥାନଟି ରାଜନଗର ବଜାରର ହଂସୁଆ ସେତୁ ନିକଟରେ ଥିବାରୁ ଦୋକାନ ଘର ପାଇଁ ଏହି କୋଠା ନିର୍ମାଣ ଚାଲିଥିଲା । ଏ କଥା ଜଣାପଡିବା ପରେ ରାଜନଗର ତହସିଲ କାର୍ଯ୍ୟାଳୟ ପକ୍ଷରୁ ପାଣିଙ୍କୁ କୋଠା ଉଚ୍ଛେଦ ପାଇଁ ନୋଟିସ ଦିଆଯାଇଥିଲା। ହେଲେ ସେହି ନୋଟିସକୁ ଜନସାଧାରଣ ବାରମ୍ବାର ବିରୋଧ କରି ଆସୁଥିଲେ । ତହସିଲ ପକ୍ଷରୁ ତାଗିଦା ପରେ ବି ନିର୍ମାଣ କାର୍ଯ୍ୟ ଚାଲୁ ରହିଥିଲା। ଶେଷରେ ତହସିଲ ପକ୍ଷରୁ ନୋଟିସ ମାଧ୍ୟମରେ ପାଣିଙ୍କୁ ଜଣାଇ ଦିଆଯାଇଥିଲା ମେ ୨୫ରେ ଉକ୍ତ



ଜବରଦଖଲ ଉଚ୍ଛେଦ ସମୟରେ ଲୋକଙ୍କ ଦ୍ୱାରା ତହସିଲଦାର ଅଟକ ।

ଘର ଭଙ୍ଗା ଯାଇ ଜାଗାଟି ଅବରୋଧ ମୁକ୍ତ କରାଯିବ। ନୋଟିସ ମୁତାବକ ବୁଧବାର ଦିନ ପ୍ରାୟ ୧୧ଟା ବେଳେ ରାଜନଗର ତହସିଲଦାର ଭୋଳାନାଥ ସେଠୀ, ଆଜି ଅତିରିକ୍ତ ତହସିଲଦାର ଓ ପୋଲିସ ଫୋର୍ସ ପହଞ୍ଚି ଜେସିବି ଦ୍ୱାରା ନିର୍ମାଣଧୀନ କୋଠାକୁ ଭାଙ୍ଗିବା ଆରମ୍ଭ କରିଥିଲେ। ତହସିଲଦାରଙ୍କ ନୋଟିସ ପରେ ପାଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଡବ୍ଲ୍ୟୁପିସି ନଂ. ୧୩୨୭୦/୨୦୨୨ରେ ୨ ସପ୍ତାହ ଯାଏ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ସେ ଆଣିଥିବା ଆଦେଶ କପି ସହ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର ତହସିଲଦାର ହାଇକୋର୍ଟଙ୍କ ଏହି ଆଦେଶକୁ ଗ୍ରହଣ ନ କରି ଜେସିବିରେ ସେହି କୋଠାକୁ ଭାଙ୍ଗିବା ଆରମ୍ଭ କରିଥିଲେ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗତ ୬ ମାସ ହେଲା ଏହି ଘର ବେଆଇନ ଭାବେ ନିର୍ମାଣ କରାଯାଉଛି। ରାଜନଗର ତହସିଲ କାର୍ଯ୍ୟାଳୟରୁ ୨୦୦ ମିଟର ଓ ତହସିଲଦାରଙ୍କ ବାସଭବନଠାରୁ ୧୦୦ ଫୁଟ୍ ଦୂର ମୁଖ୍ୟ ରାସ୍ତାପାର୍ଶ୍ୱରେ କୋଠା ନିର୍ମାଣ କରାଯାଉ ଥିଲେ ମଧ୍ୟ କାହିଁକି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା ବୋଲି ସ୍ଥାନୀୟ ଲୋକମାନେ ତହସିଲଦାରଙ୍କୁ ଘେରି ପ୍ରଶ୍ନ କରିଥିଲେ। ଏଥିସହିତ ରାଜନଗର ବଜାରରେ ଶତାଧିକ କୋଠା ସରକାରୀ ଜମିରେ ରହିଛି। ସେ ସବୁ ଭଙ୍ଗାଯାଉ ବୋଲି ଲୋକମାନେ କହିଥିଲେ। ଏପରିକି ପାଣିଙ୍କ ଦୁଇ ପୁଅ ଏହି ଉଚ୍ଛେଦ ଅଭିଯାନକୁ ବିରୋଧ କରି ଭଙ୍ଗା ଯାଉଥିବା କୋଠାର ଛାତ ଉପରକୁ ଚଢ଼ି ତଳକୁ ଡେଇଁବା ପାଇଁ ଉଦ୍ୟମ କରିଥିଲେ। ସେମାନେ ସରକାରୀ ଜମିରେ ଘର କରିବା ପାଇଁ ତହସିଲଦାର, ଆରଆଇଙ୍କ ସମେତ ବହୁ ଲୋକଙ୍କୁ ଟଙ୍କା ଦେଇଥିବା ଅଭିଯୋଗ କରିଥିଲେ। ଟଙ୍କା ନେଇ ଘର କରିବାକୁ ଅନୁମତି ଦେଇ ପୁଣି କାହିଁକି ଭାଙ୍ଗୁଛ ବୋଲି ପରିବାର ଲୋକେ ପ୍ରଶ୍ନ କରିଥିଲେ। ଏପରି ପରିସ୍ଥିତିରେ ପ୍ରଶାସନିକ ଅଧିକାରୀମାନେ ଉଚ୍ଛେଦ ବନ୍ଦ ରଖି ଫେରିବାକୁ ବାଧ୍ୟ ହୋଇଥିଲେ।

## ସଂକ୍ଷେପରେ

### ଭୋଟର ତାଲିକା ସଂଶୋଧନ ପାଇଁ ଅଭିଯୋଗ

**ରାଜନଗର,୨୫।୫(ଡି.ଏନ.ଏ.):** ରାଜନଗର ବ୍ଲକର ୧୪ ସେବା ସମବାୟ ସମିତି ମଧ୍ୟରୁ ବଡନାଉକୋଣା ସେବା ସମବାୟ ସମିତିର ଭୋଟ ଗ୍ରହଣ ଜୁନ୍ ୧୯ରେ ହେବ। ୧୮ ତାରିଖ ଦିନ ଭୋଟର ତାଲିକା ପ୍ରକାଶ ପାଇଥିଲା। ବୁଧବାର ଭୋଟର ତାଲିକାରେ ଥିବା ତ୍ରୁଟି ସମ୍ପର୍କରେ ଅଭିଯୋଗ ଶୁଣାଣି ଥିଲା। ସେବା ସମବାୟ ସମିତିର ଭୋଟର କ୍ଷୀରୋଦ କୁମାର ମଲ୍ଲିକ ଏହି ଭୋଟର ତାଲିକାରେ ଥିବା ୪ଟି ତ୍ରୁଟି ସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି। ଚାରୁଲତା ସାମଲଙ୍କ ଭୋଟର ଲିଷ୍ଟ ୯ନଂ.ଜୋନରେ ରହିବା କଥା। ମାତ୍ର ୧୫ନଂ. ଜୋନରେ ତାଙ୍କ ନାମ ପ୍ରକାଶିତ ହୋଇଛି। ପରମାନନ୍ଦ ସେଠୀଙ୍କ ଭୋଟର ଲିଷ୍ଟ ଜୋନ ନଂ. ୧୩ ରେ ପ୍ରକାଶିତ ହୋଇଛି। କିନ୍ତୁ ତାଙ୍କର ସଭ୍ୟ କ୍ରମିକ ସଂଖ୍ୟା ଅନୁସାରେ ତାଙ୍କର ନାମ ୩ ନଂ. ଜୋନରେ ରହିବା କଥା। ସୁକାନ୍ତି ସ୍ୱାଇଁଙ୍କ ନାମ ୧୪ ନଂ. ଜୋନ୍‌ରେ ପ୍ରକାଶିତ ହୋଇଛି। ତାଙ୍କର ସଭ୍ୟ କ୍ରମିକ ସଂଖ୍ୟା ଅନୁସାରେ ତାଙ୍କ ନାମ ୧୦ନଂ. ଜୋନରେ ରହିବା କଥା। ନରେଶ କୁମାର ବେହେରାଙ୍କ ନାମ ୧୩ ନଂ. ଜୋନରେ ପ୍ରକାଶିତ ହୋଇଛି। ତାଙ୍କ ସଦସ୍ୟ କ୍ରମିକ ନଂ ଓ ଜମା ଖାତା ତନଖି କରି ଭୋଟର ତାଲିକା ସଂଶୋଧନ କରିବାକୁ ମଲ୍ଲିକ ଅଭିଯୋଗ ପତ୍ର ବଡନାଉକୋଣା ପ୍ରାଥମିକ କୃଷି ସେବା ସମବାୟ ସମିତିର ନିର୍ବାଚନ ଅଧିକାରୀଙ୍କୁ ଜଣାଇଛନ୍ତି।

### ଶ୍ରୀ ଜଗନ୍ନାଥ ମନ୍ଦିରରେ ରଥକାଠ ଅନୁକୂଳ

**ଡେରାବିଶ,୨୫।୫(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ ପ୍ରସିଦ୍ଧ ଧର୍ମପୀଠ ଓଲକଣା ମେଳନ ପଡ଼ିଆରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିରର ତିନିରଥ ନିର୍ମାଣ ପାଇଁ ବୁଧବାର କାଠ ଅନୁକୂଳ ହୋଇଛି। ରଥଯାତ୍ରା ପାଇଁ ରଥ ନିର୍ମାଣ ବିଧି ଓ ପରମ୍ପରା ଅନୁଯାୟୀ ଆରମ୍ଭ ହୋଇଥିବା ମନ୍ଦିର ପରିଚାଳନା ସମିତି ପକ୍ଷରୁ ସୂଚନା ଦିଆଯାଇଛି। ୯ ଦିନ ଧରି ହେବାକୁ ଥିବା ରଥଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ। ଗତ ୨ବର୍ଷ ହେବ କରୋନା କଟକଣା ପାଇଁ ବିନାଭକ୍ତରେ ରଥଯାତ୍ରା ନିରାଡ଼ମ୍ବରରେ ଅନୁଷ୍ଠିତ ହେଉଥିଲା। ଚଳିତବର୍ଷ ରଥଯାତ୍ରାକୁ ଦେଖିବା ପାଇଁ ଭକ୍ତଙ୍କ ମଧରେ ଉତ୍ସୁକତା ରହିଛି। ରଥ ନିର୍ମାଣ କାର୍ଯ୍ୟ ଦେଖିବା ପାଇଁ ମନ୍ଦିର ନିକଟରେ ଶ୍ରଦ୍ଧାଳୁମାନେ ପ୍ରତ୍ୟେହ ଭିଡ଼ ଜମାଉଛନ୍ତି।

### ପ୍ରଧାନଶିକ୍ଷକଙ୍କ କାର୍ଯ୍ୟରେ ଅଭିଭାବକ ଅତିଷ୍ଠ

**ବ୍ରହ୍ମବରଦା,୨୫।୫(ଡି.ଏନ.ଏ.):** ରସୁଲପୁର ବ୍ଲକ ରାଉତରାପୁର ପଞ୍ଚାୟତ କୁଣ୍ଡପାଟଣାସ୍ଥିତ ଦର୍ଶନ ସରକାରୀ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ ମନମୁଖି କାର୍ଯ୍ୟ କରୁଛନ୍ତି। ଫଳରେ ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ଅତିଷ୍ଠ ହୋଇ ପଡ଼ିଲେଣି। ଏ ନେଇ ଯାଜପୁର ଜିଲା ଶିକ୍ଷା ଅଧିକାରୀ, ବରୀ ବିଧାୟିକା ସୁନନ୍ଦା ଦାସ ଓ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କୁ ଗ୍ରାମବାସୀ ଓ ରାଉତରାପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଏହାସତ୍ତ୍ୱେ କୌଣସ ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

# ମହାକାଳପଡ଼ାରେ ଆରସେଲ୍‌ର ମିତ୍ତଲ ଷ୍ଟିଲର ସ୍ୱତନ୍ତ୍ର ଟିମ୍

ମହାକାଳପଡ଼ା,୨୫।୫(ଡି.ଏନ.ଏ.)

ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବଡିଘର ପଞ୍ଚାୟତ ହେଟାମୁଣ୍ଡିଆ ଅଞ୍ଚଳରେ ଆରସେଲ୍‌ର ନିପନ ମିତ୍ତଲ ଷ୍ଟିଲ କମ୍ପାନୀ ପକ୍ଷରୁ ଏକ କାରଖାନା ପ୍ରତିଷ୍ଠା ହେବ । ବୁଧବାର ପୂର୍ବାହ୍ନରେ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଛନ୍ତି ଉଚ୍ଚସ୍ତରୀୟ ପର୍ଯ୍ୟବେକ୍ଷକ ଟିମ୍। ଆରସେଲ୍‌ର ନିପନ ମିତ୍ତଲ ଷ୍ଟିଲ କମ୍ପାନୀ ପକ୍ଷରୁ କାରଖାନା ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ ହେବା ପରେ ମହାକାଳପଡ଼ା ତହସିଲ ଅଧୀନରେ ଥିବା ସରକାରୀ ଜମି କେତେ ଆବଶ୍ୟକ ସେ ନେଇ କମ୍ପାନୀ କର୍ତ୍ତୃପକ୍ଷ ବନ ବିଭାଗ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି । ବୁଧବାର ପ୍ରଥମ ଥର ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ବନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ସାମିଲ ହୋଇ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଥିବା ସ୍ଥାନ ପରିଦର୍ଶନ କରିଥିଲେ। ପ୍ରସ୍ତାବିତ କାରଖାନା ପାଇଁ ମହାନଦୀ ଅବବାହିକାରେ ଥିବା ହେଟାମୁଣ୍ଡିଆ, ସରଳିକୁଦ, ଯୋଗୀଧାନକୁଦ, ନିପାଣିଆ, ଚୁବି, ଖରିନାସି ଓ ପେଟ ଛେଲା ଆଦି ଅଞ୍ଚଳର



ଶିଳ୍ପ କାରଖାନା ପାଇଁ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରୁଛନ୍ତି ସ୍ୱତନ୍ତ୍ର ପ୍ରତିନିଧି ଦଳ ।

- ପ୍ରସ୍ତାବିତ ସ୍ଥାନ ବୁଲି ଦେଖିଲେ
- ୨ ମାସ ପରେ ପ୍ରଥମ ପର୍ଯ୍ୟାୟରେ ସର୍ଭେ

୭ ହଜାର ହେକ୍ଟରରୁ ଅଧିକ ସରକାରୀ ଓ ବେସରକାରୀ ଜମି ଆବଶ୍ୟକତା ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ପ୍ରତିନିଧି ଦଳ ହେଟାମୁଣ୍ଡିଆ, ସରଳିକୁଦ ଆଦି ଅଞ୍ଚଳ ନଦୀପଥରେ ବୁଲି ପରିଦର୍ଶନ କରିଛନ୍ତି । ଏହି ଟିମ୍‌ରେ କମ୍ପାନୀର ପଦାଧିକାରୀମାନଙ୍କ ସହିତ ଓଡ଼ିଶା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର ରଥ, ଆର୍‌ସିସିଏଫ୍ ମନୋଜ କୁମାର ମହାପାତ୍ର, ରାଜନଗର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି, ମହାକାଳପଡ଼ା ବନାଞ୍ଚଳ ଅଧିକାରୀ ସାହାଜୀ ଚରଣ ବିଶ୍ୱାଳ ସାମିଲ ହୋଇଥିଲେ।

# ମାଦକ ଦ୍ରବ୍ୟ କାରବାର ବଢୁଛି

ପଟ୍ଟାମୁଣ୍ଡାଇ,୨୫।୫(ସ୍ୱ.ପ୍ର.)

- ଚେଇଁ ଶୋଇଛି ଅବକାରୀ ବିଭାଗ
- ପୋଲିସ କାର୍ଯ୍ୟାନୁଷ୍ଠାନରେ ଫରକ ପଡୁନି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରେ ଦିନକୁ ଦିନ ବେଆଇନ ନିଶା ଦ୍ରବ୍ୟ କାରବାର ବଢ଼ି ଚାଲିଛି । ଅବକାରୀ ବିଭାଗ ଚେଇଁ ଶୋଇଥିବା ବେଳେ ପଟ୍ଟାମୁଣ୍ଡାଇ ପୋଲିସ ଦୈନନ୍ଦିନ ନିଶା ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଥିଲେ ମଧ୍ୟ କିଛି ଫରକ୍ ପଡୁନି । ଦେଶୀ ମଦ, ଧଳା ଜହର କାୟା ବିସ୍ତାର କରି ଚାଲିଥିବାବେଳେ ତା'ସହିତ ତାଳ ଦେଇ ଅନ୍ୟାନ୍ୟ ନିଶା ଔଷଧ ହାତପାହାନ୍ତାରେ ମିଳିପାରୁଛି। ପଟ୍ଟାମୁଣ୍ଡାଇ ପୌରାଅଞ୍ଚଳରେ ବେଆଇନ ନିଶାର ଅବାଧ ପ୍ରବେଶ ଏଭଳି ସ୍ତରକୁ ଗଲାଣି ଯେ, ଏହାର କବଳରେ କଲେଜ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଯୁବଗୋଷ୍ଠୀ ଫଶି ରହିଛନ୍ତି। ପଟ୍ଟାମୁଣ୍ଡାଇ ସହରାଞ୍ଚଳ ସହିତ ଗ୍ରାମାଞ୍ଚଳରେ ବି ନିଶା କାରବାର ଚାଲିଛି ବୋଲି ଅଭିଯୋଗ ହୋଇଛି ।

# ଭୋଟର ତାଲିକାରେ ଜାଲିଆତି ଅଭିଯୋଗ

ପଟ୍ଟାମୁଣ୍ଡାଇ,୨୫।୫(ସ୍ୱ.ପ୍ର.)

## ଅଳଭା କୃଷି ସମବାୟ ସମିତି ନିର୍ବାଚନ ପାଇଁ ପ୍ରସ୍ତୁତି

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଜୁନ ୧୯ ଓ ୨୬ରେ ରାଜ୍ୟରେ ପ୍ରାଥମିକ ସେବା ସମବାୟ ସମିତି ନିର୍ବାଚନ ହେବ। ଏହିକ୍ରମରେ ଜୁନ୍ ୧୯ରେ ଅଳଭା ସେବା ସମବାୟ ସମିତିର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଭୋଟର ତାଲିକା ପ୍ରକାଶ ପାଇଛି। ଅଳଭା ପ୍ରାଥମିକ ସେବା ସମବାୟ ସମିତିରେ ମୋଟ ୨୧୬୭ ଜଣ ସଭ୍ୟ ଥିବା ବେଳେ କେବଳ ୧୩୧ ଜଣ ଭୋଟ ଦେଇପାରିବେ ବୋଲି ଜଣାପଡିଛି। ଏହି ସମିତି ଅଧୀନ ମୋଟ ୧୫ଟି ଜୋନ୍ ପାଇଁ ହେବାକୁ ଥିବା ନିର୍ବାଚନରେ ପଛୁଆବର୍ଗ ପାଇଁ ୮, ପଛୁଆବର୍ଗ ମହିଳା ୧, ଅନୁସୂଚିତ ଜାତି ୩, ଅଣସଂରକ୍ଷିତ ୨ ଏବଂ ମହିଳାଙ୍କ ପାଇଁ ଆସନ ୧ଟି ଥିବା ଜଣାପଡିଛି। ଗତ ରବିବାର ଭୋଟର ତାଲିକା ସମ୍ପର୍କରେ ଅଭିଯୋଗ ଶୁଣାଣି ପାଇଁ ଦିନ ସ୍ଥିର ହୋଇଥିଲା। ସେଦିନ ଏଆରସିଏସ୍ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ଥିବା ନେଇ ସଭ୍ୟମାନେ ଅଭିଯୋଗ କରିଛନ୍ତି। ବୁଧବାର ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗ ମିଳି ନ ଥିବା ଦର୍ଶାଇ ଏଆରସିଏସ୍ ପକ୍ଷରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଭିଯୋଗ ଦାଖଲ ହୋଇ ନ ଥିବା ବେଳେ ଅଭିଯୋଗ ଶୁଣାଣି ହେବ କିପରି ବୋଲି ଭାସ୍କର କୁଣ୍ଡ, ଗଙ୍ଗାଧର କର, ଭରତ ମଳିକ, ବୀରେନ୍ଦ୍ର ନାୟକ, ଅଶୋକ ପରିଡା, ଭ୍ରମରବର ମଳିକ, ବିକ୍ରମ କେଶରୀ ନାୟକ, ଚିତ୍ତରଞ୍ଜନ ଧଳ, ସନାତନ ବାରିକ, ଚନ୍ଦ୍ରଶେଖର ସେଠୀ, ଚନ୍ଦ୍ରଭାନୁ ଦାସ, ରବୀନ୍ଦ୍ର କର, ଶ୍ୟାମସୁନ୍ଦର ମଳିକ, ପ୍ରଫୁଲ୍ଲ ବେହେରା, ରବୀନ୍ଦ୍ର ବାରିକ ପ୍ରମୁଖ ସଭ୍ୟମାନେ ଦାବି କରିଛନ୍ତି। ଏଥିସହ ଅଳଭା ପ୍ରାଥମିକ କୃଷି ସମବାୟ ସମିତି ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ପ୍ରକାଶିତ ଭୋଟର ତାଲିକାରେ ଜାଲିଆତି, ସାଧାରଣ ସଭାକୁ ଅଣଦେଖା, ସମବାୟ ସମିତି ନିୟମାନୁଯାୟୀ ପ୍ରତ୍ୟେକ ଜୋନ୍‌ର ସଭ୍ୟ ସଂଖ୍ୟା ସ୍ଥିର କରା ନ ଯିବା, ସମବାୟ ସମିତିର ମୋଟ ୨୧୬୭ ସଭ୍ୟ ଥିବା ସ୍ଥଳେ ମାତ୍ର ୧୩୧ ଜଣଙ୍କ ନାମ ଭୋଟର ତାଲିକାରେ ସ୍ଥାନ ପାଇବା, ଭୋଟର ଲିଷ୍ଟ ସଭ୍ୟ କ୍ରମିକ ନମ୍ବର ଅନୁଯାୟୀ ସ୍ଥିର କରା ନ ଯିବା ଆଦି ବିଭିନ୍ନ ଅଭିଯୋଗ ଥିବା ଜଣାପଡିଛି। ଏ ସମ୍ପର୍କରେ ସମିତିର ସମ୍ପୃକ୍ତ ରସିଦ ବହି, କ୍ୟାଶ ବହି, ଜମା ରେଜିଷ୍ଟର ଓ ଅଡିଟ ରିପୋର୍ଟ ତଦନ୍ତ କରାଗଲେ ଜାଲିଆତି ଜଣାପଡିବ ବୋଲି ଅଭିଯୋଗକାରୀମାନେ କହିଛନ୍ତି। କିନ୍ତୁ ସମବାୟ ସମିତି ସମ୍ପାଦକ ମନ୍ମଥନାଥ ବିଶ୍ୱାଳଙ୍କୁ ପଚାରିବାରେ ଏହି ଅଭିଯୋଗ ଭିତ୍ତିହୀନ କହିବା ସହିତ ନିର୍ବାଚନ ସମବାୟ ନିୟମ ଅନୁଯାୟୀ ହେଉଛି ବୋଲି ସେ କହିଛନ୍ତି।

### ଶିକ୍ଷାବିତ୍ ଗୋକୁଳ ଚରଣ ଦାସଙ୍କ ସ୍ମୃତି ସଭା

ରାଜନଗର,୨୫।୫(ଡି.ଏନ.ଏ.)

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ବାରଗାଁ ମା'ମାଚିଆ ମଙ୍ଗଳା ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଗୋକୁଳ ଚନ୍ଦ୍ର ଦାସଙ୍କ ସ୍ମୃତିସଭା ତାଙ୍କ ବାସଭବନ ଯଦୁଚନ୍ଦ୍ରପୁରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବ୍ଲକ ସହ ଶିକ୍ଷାଧିକାରୀ ବିଜୟ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷକନେତା ବୀର କିଶୋର ଜେନା, ବିଷ୍ଣୁ ଚରଣ ବାରିକ, ପରମେଶ୍ୱର ନାୟକ, ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ଶିକ୍ଷାବିତ୍ ଅନାଦି ଚରଣ ଜେନା, ପ୍ରଦୀପ୍ତ କୁମାର ରଥ, ସୌଦାଗର ଜେନା, ସୁଶାନ୍ତ କୁମାର ପ୍ରଧାନ, ବାସୁଦେବ ମିଶ୍ର, କୈଳାସ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର ପ୍ରଧାନ, ରମାକାନ୍ତ ସାହୁ, ସଞ୍ଜୟ ମିଶ୍ର, ଆଦିତ୍ୟ ମିଳନ ବେହେରା, ବ୍ରଜ ମୋହନ ମିଶ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ବରଦାକାନ୍ତ ଜେନା, ମହେଶ୍ୱର ମହାନ୍ତି, ଅମର ବେହେରା, ନିରାକାର ରାଉତ, ରଞ୍ଜନ ରାଉଳ, ଶେଷଦେବ ମିଶ୍ର, ଶିବ ଦାସ ପ୍ରମୁଖ ପରିଚାଳନା କରିଥିଲେ।

### କନିକା ରେଞ୍ଜ ଅଫିସରଙ୍କୁ ଗହୀରମଥା ଦାୟିତ୍ୱ

ରାଜନଗର,୨୫।୫(ଡି.ଏନ.ଏ.)

କନିକା ରେଞ୍ଜ ଅଫିସର ମାନସ କୁମାର ଦାସ ବୁଧବାର ଗହୀରମଥା ରେଞ୍ଜ ଅଫିସର ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇଙ୍କ ବାଙ୍କି ରେଞ୍ଜକୁ ବଦଳି ହୋଇଛି। ଗହୀରମଥା ରେଞ୍ଜ ନିମନ୍ତେ ଅନ୍ୟ କାହାରିକୁ ନିଯୁକ୍ତି ଦିଆଯାଇ ନ ଥିବାରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

# ମହାସଂଘ ଆକାଉଣ୍ଟରୁ ୧୮ ଲକ୍ଷ ଟଙ୍କା ଆତ୍ମସାତ୍

ଆଳି,୨୫।୫(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଜୁଆଣିଆ ପଞ୍ଚାୟତରେ ଥିବା ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପଞ୍ଚାୟତସ୍ତରୀୟ ମହାସଂଘର ସଭାପତି ଓ ସମ୍ପାଦକଙ୍କ ଅଗୋଚରରେ ଏମ୍‌ବିକେ (ମାଷ୍ଟର ବୁକ୍ କିପର) ଓ ସିଆରପି (କମ୍ୟୁନିଟ ରିସୋର୍ସ ପର୍ସନ) ସେମାନଙ୍କ ଜାଲ ଦସ୍ତଖତ କରି ବ୍ୟାଙ୍କରୁ ୧୭ ଲକ୍ଷ ୯୬ ହଜାର ଟଙ୍କା ଆତ୍ମସାତ୍ କରିଥିବା ଥାନାରେ ଅଭିଯୋଗ ହୋଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏହାକୁ ବିରୋଧ କରି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏମ୍‌ବିକେଙ୍କ ଘର ଘେରାଉ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଜୁଆଣିଆ ପଞ୍ଚାୟତସ୍ତରୀୟ ସଂଘ ସଭାନେତ୍ରୀ ତିଳୋତ୍ତମା ବେହେରା ଓ ସମ୍ପାଦିକା ହେମଲତା ନାୟକ ମାର୍ଚ୍ଚ ୪ରେ ଆଳି ଥାନାରେ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ, ଜୁଆଣିଆ ପଞ୍ଚାୟତସ୍ତରୀୟ ସଂଘ ଅଧୀନରେ ୫୬ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ରହିଛି। ଏହି ଗୋଷ୍ଠୀଗୁଡିକର ଦାୟିତ୍ୱ ବୁଝାଶୁଝା କରିବା ପାଇଁ ଏମ୍‌ବିକେଙ୍କୁ ନିଯୁକ୍ତି ଦିଆଯାଇଛି । ଏଥିସହିତ ୪ ଜଣ ସିଆରପି ମଧ ନିଯୁକ୍ତି ପାଇଛନ୍ତି । ମହାସଂଘ ପକ୍ଷରୁ ମାନପୁର



ଏସଏଚ୍‌ଜି ମହିଳାମାନେ ଏମ୍‌ବିକେଙ୍କ ଘରକୁ ଘେରାଉ କରିଛନ୍ତି।

ଷ୍ଟେଟ ବ୍ୟାଙ୍କ ଶାଖାରେ ସିଆଇଏଫ୍ (କମ୍ୟୁନିଟି ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ) ଆକାଉଣ୍ଟ ନଂ. ୩୮୦୯୪୦୩୪୮୦ ଓ ଆଇବି (ଆନୁସଙ୍ଗିକ ପାଣ୍ଠି) ଆକାଉଣ୍ଟ ନଂ. ୩୮୦୯୪୦୫୯୫୬୬ ଅଛି । ଏହି ଆକାଉଣ୍ଟ ବୁଝାଶୁଝା ନିମନ୍ତେ ବୈଶାଖୀ ସାମଲଙ୍କୁ ଏମ୍‌ବିକେ ଓ ବୈଶାଖୀଙ୍କ ମା'ବବିତା ସାମଲଙ୍କୁ ସିଆରପି ଭାବେ ନିଯୁକ୍ତି ମିଳିଥିଲା । ଏହି ମହାସଂଘ ଅଧୀନରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ଆକାଉଣ୍ଟ, ଚେକ୍‌ବୁକ୍ ଓ ସମସ୍ତ କାଗଜପତ୍ର ଏମ୍‌ବିକେ ବୈଶାଖୀଙ୍କ ପାଖରେ ରହୁଥିଲା। ଏହାର ଫାଇଦା ନେଇ ଏମ୍‌ବିକେ ବୈଶାଖୀ ଓ ତାଙ୍କ ମା' ସିଆରପି

- ଏମ୍‌ବିକେଙ୍କ ଘର ଘେରାଉ କଲେ ଏସ୍‌ଏଚ୍‌ଜି ମହିଳା
- ଥାନାରେ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍
- ତଦନ୍ତ ଦାବି କଲେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା

ବବିତା ଗତ ଫେବୃଆରୀରେ ଚେକ୍‌ବୁକ୍‌ରେ ସଭାପତି ଓ ସମ୍ପାଦକଙ୍କ ଜାଲ ଦସ୍ତଖତ କରି ସିଆଇଏଫ୍ ଆକାଉଣ୍ଟରୁ ୧୨ ଲକ୍ଷ ୪୧ ହଜାର ଟଙ୍କା ତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିବା ବେଳେ ଆଇବି ଆକାଉଣ୍ଟରୁ ୫ଲକ୍ଷ ୫୫ ହଜାର ଟଙ୍କା ଉଠାଇ ନେଇଥିଲେ । ଏ ନେଇ ସଭାନେତ୍ରୀଙ୍କୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଟଙ୍କା ଉଠା ଯିବା ସମ୍ପର୍କରେ ପ୍ରଶ୍ନ କରିବାରୁ ସେ ଏ ବିଷୟରେ ଜାଣିନାହାଁନ୍ତି କହିଥିଲେ । ବ୍ୟାଙ୍କରେ ପାସ୍‌ବୁକ୍ ଅପ୍‌ଡେଟ କରିବା ପରେ ଦୁଇଟି ଆକାଉଣ୍ଟରୁ ବୈଶାଖୀ ଓ ବବିତା ପାଖାପାଖି ୧୮ ଲକ୍ଷ ଟଙ୍କା ଉଠାଇ ନେଇଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ ଏମବିକେ ଓ ସିଆରପିଙ୍କୁ ଟଙ୍କା ଫେରସ୍ତ ଦେବାକୁ ସଭାନେତ୍ରୀ କହିବାରୁ ଟଙ୍କା ଦେବା ପରିବର୍ତ୍ତେ ସେମାନେ ଓଲଟି ତାଙ୍କୁ ମାରିଦେବାକୁ ଧମକ ଦେଉଥିବା ଥାନାରେ ଅଭିଯୋଗ କରାଯାଇଛି ।

ଏ ନେଇ ସଂଘ ପକ୍ଷରୁ ମାର୍ଚ୍ଚ ୪ରେ ଓ ଆଳି ବିଡ଼ିଓଙ୍କ ତରଫରୁ ମାର୍ଚ୍ଚ ୭ରେ ଆଳି ଥାନାରେ ଅଭିଯୋଗ ହୋଇଥିଲା । ଇତିମଧ୍ୟରେ ୪ ମାସ ବିତି ଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଏ ସମ୍ପର୍କରେ ବିଡ଼ିଓ ଦ୍ୱିବେନ୍ଦୁ ଦାସ କହିଛନ୍ତି, ତୁରନ୍ତ ଅର୍ଥ ହଡ଼ପ ଅଭିଯୋଗରେ ଏମ୍‌ବିକେ ଓ ସିଆରପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଆଳି ଥାନା ଆଇଆଇସି ଦିଲ୍ଲୀପ ସାହୁ କହିଛନ୍ତି, ଏହି କେସ ଥାନାର ପୂର୍ବତନ ଅଧିକାରୀଙ୍କ ଅଧୀନରେ ଥିଲା । ସପ୍ତାହେ ହେବ ସେ ଏହି କେସର ବିଭିନ୍ନ ଦିଗକୁ ଲକ୍ଷ୍ୟକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ମଙ୍ଗଳବାର ମହାସଂଘ ସଦସ୍ୟମାନେ ଏମ୍‌ବିକେ ଓ ସିଆରପିଙ୍କ ଘର ନିକଟରେ ପହଞ୍ଚି ଖୋଜାଖୋଜି କରିଥିଲେ । ଉଭୟ କେଉଁଆଡେ ଲୁଚି ପଳାଇ ଥିଲେ ବୋଲି ମହାସଂଘର ସଦସ୍ୟମାନେ କହିଛନ୍ତି । ବ୍ଲକ କର୍ତ୍ତୃପକ୍ଷ ଓ ଥାନା ଅଧିକାରୀ ଏହି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାସଂଘ ସଭାନେତ୍ରୀ ତିଳୋତ୍ତମା ବେହେରା, ସମ୍ପାଦିକା ହେମଲତା ନାୟକ, ସିଆରପି ରଶ୍ମିତା ଭୂୟାଁ, ମିନତୀ ରାଉତ, ଅନୁରାଧା ସାମଲ, ବବିତା ସାମଲ ପ୍ରମୁଖ ଦାବି କରିଛନ୍ତି।

# ପ୍ରକାଶ ପାଇଲା ଭୋଟର ତାଲିକା

ରାଜନଗର,୨୫।୫(ଡି.ଏନ.ଏ.)

## ୩୦ରୁ ନାମାଙ୍କନ

- ସେବା ସମବାୟ ସମିତି ନିର୍ବାଚନ

ରାଜନଗର ବ୍ଲକର ୧୪ଟି ସେବା ସମବାୟ ସମିତି ମଧ୍ୟରୁ ଜୁନ ୧୯ ରେ ଭୋଟଦାନ ହେବାକୁ ଥିବା ୭ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ନିର୍ବାଚନ ପାଇଁ ଚଳିତ ମାସ ୧୮ ତାରିଖ ଦିନ ଭୋଟର ତାଲିକା ପ୍ରକାଶ ପାଇଥିଲା ଓ ବୁଧବାର ଅଭିଯୋଗ ଶୁଣାଣି କରାଯାଇଛି। ୨୭ ତାରିଖ ଦିନ ଫାଇନାଲ ଭୋଟର ତାଲିକା ପ୍ରକାଶ ପାଇବ। ଜୁନ ୨୬ରେ ଭୋଟଦାନ ହେବାକୁ ଥିବା ଅନ୍ୟ ୭ଟି ସେବା ସମବାୟ ସମିତିର ନିର୍ବାଚନ ପାଇଁ ବୁଧବାର ଭୋଟର ତାଲିକା ପ୍ରକାଶ ପାଇଛି। ୨୯ ତାରିଖ ଦିନ ଭୋଟର ତାଲିକାରେ ଥିବା ତ୍ରୁଟି ସମ୍ପର୍କରେ ଅଭିଯୋଗ କରିହେବ। ଜୁନ୍ ୧ରେ ଅଭିଯୋଗର ଶୁଣାଣି କରିବା ସହ ଜୁନ୍ ୩ ରେ ଫାଇନାଲ ଭୋଟର ତାଲିକା ପ୍ରକାଶ ପାଇବ।

ରାଜନଗର ବ୍ଲକର ୧୪ଟି ସେବା ସମବାୟ ସମିତି ମଧ୍ୟରୁ ଜୁନ୍ ୧୯ ତାରିଖରେ ଓସ୍ତିଆ, ତାଳଚୁଆ, ନୋଧାବସନ୍ତ, କୋଇଲିପୁର, ବାଲିସାହିପାଟଣା, ବଡନାଉକୋଣା ଓ ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିରେ ନିର୍ବାଚନ ହେବାକୁ ଥିବା ବେଳେ ଜୁନ୍ ୨୬ରେ ରାଜନଗର, ଭାଟପଡା, କୁରୁଂଟି, ଡେରା, ଈଶ୍ୱରପୁର, ଗୋପାଳପୁର ଓ ବନ୍ଧପଡା ସେବା ସମବାୟ ସମିତି ପାଇଁ ନିର୍ବାଚନ ହେବ। ଜୁନ ୧୯ ରେ ମତଦାନ ପାଇଁ ୩୦ତାରିଖରେ ନାମାଙ୍କନ ଦାଖଲ ହେବ ଓ ନାମାଙ୍କନ ତାଲିକା ପ୍ରକାଶ ପାଇବ। ଜୁନ୍ ୧ ରେ ଅଭିଯୋଗ ଗ୍ରହଣ କରାଯିବ। ଜୁନ୍୨ ରେ ନାମାଙ୍କନ ଯାଞ୍ଚ କରାଯିବ, ଜୁନ୍ ୩ରେ ଅଭିଯୋଗ ଗୁଡ଼ିକର ଶୁଣାଣି କରାଯିବ ଓ ଜୁନ୍ ୪ ରେ ଚୂଡ଼ାନ୍ତ ନାମାଙ୍କନ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଜୁନ୍ ୫ରେ ନାମାଙ୍କନ ପ୍ରତ୍ୟାହାର ଓ ଜୁନ୍ ୬ରେ ଫାଇନାଲ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଜୁନ୍ ୧୯ରେ ଭୋଟ ଗ୍ରହଣ ହେବ ଓ ଭୋଟଦାନ ପରେ ଭୋଟ ଗଣତି ହେବ ବୋଲି ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଜୁନ୍ ୨୬ ରେ ଭୋଟଦାନ ପାଇଁ ୬ରେ ନାମାଙ୍କନ ଦାଖଲ ହେବ ଓ ନାମାଙ୍କନ ତାଲିକା ପ୍ରକାଶ ପାଇବ। ଜୁନ୍ ୮ ରେ ଅଭିଯୋଗ ଗ୍ରହଣ କରାଯିବ ଓ ୯ ରେ ନାମାଙ୍କନ ଯାଞ୍ଚ କରାଯିବ। ୧୦ ରେ ଫାଇନାଲ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୨ ରେ ନାମାଙ୍କନ ପ୍ରତ୍ୟାହାର ପରେ ୧୩ ରେ ସମସ୍ତ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ। ୨୬ ରେ ନିର୍ବାଚନ ପରେ ଭୋଟ ଗଣତି କରାଯିବ।

## ତୃତୀୟ ଦିନ ପାଇଁ ବଜାରରେ ହ୍ରାସ

**ମୁମ୍ବାଇ,୨୫।୫:** ସପ୍ତାହର ପ୍ରଥମ ୨ଦିନ ଭଳି ତୃତୀୟ କାରବାର ଦିବସରେ ଅର୍ଥାତ୍ ମଙ୍ଗଳବାର ମଧ ଭାରତୀୟ ପୁଞ୍ଜିବଜାରରେ ହ୍ରାସ ଦେଖିବାକୁ ମିଳିଛି। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୩୦୩ (୦.୫୬%) ଏବଂ ନିଫ୍ଟିରେ ୯୯ (୦.୬୨%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ବେଳକୁ ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୩,୭୪୯ ଏବଂ ୧୬,୦୨୫ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟପ୍ ଗେନର୍ସ ତାଲିକାରେ କଣ୍ଟେନର କର୍ପ, ଏନ୍‌ଟିପିସି, ଆଇସିଆଇସିଆଇ ଲୋମ୍ବାର୍ଡ, ହିନ୍ଦୁସ୍ଥାନ ଜିଙ୍କ୍, ଏଚ୍‌ଡିଏଫ୍‌ସି ଲାଇଫ୍ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଏସିଆନ୍ ପେଣ୍ଟସ୍, ବର୍ଜର ପେଣ୍ଟସ୍, ଆଦାନୀ ପୋର୍ଟ୍ସ ରହିଛନ୍ତି।

## ସଂକ୍ଷେପରେ

### ହଟିବନି ଗହମ ରପ୍ତାନି କଟକଣା

**ନୂଆଦିଲ୍ଲୀ,୨୫।୫:** ଭାରତର ଗହମ ରପ୍ତାନି ଉପରେ ଲଗାଯାଇଥିବା କଟକଣା ହଟାଯିବାର କୌଣସି ତତ୍କାଳ ଯୋଜନା ନ ଥିବା ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ବୁଧବାର ସୂଚନା ଦେଇଛନ୍ତି। କଟକଣା ହଟାଯିବା ଦ୍ୱାରା କଳାବଜାରକାରୀ ଏବଂ ଜମାଖୋରୀଙ୍କୁ ସୁବିଧା ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ରଏଟର୍ସକୁ ଗୋୟଲ ସାକ୍ଷାତ୍‌କାରରେ କହିଛନ୍ତି, ଗହମ ରପ୍ତାନି କଟକଣା ହଟା ନ ଗଲେ ମଧ ଆବଶ୍ୟକ କରୁଥିବା ଦେଶଗୁଡ଼ିକ ସହିତ ସରକାରୀ ସ୍ତରରେ ଆଲୋଚନା କରାଯାଇ ସେମାନଙ୍କୁ ସାହାଯ୍ୟ ପ୍ରଦାନ ଜାରି ରଖାଯିବ। ତେବେ ବର୍ତ୍ତମାନ ବିଶ୍ୱସ୍ତରରେ ଅସ୍ଥିରତା ଲାଗିରହିଛି। ଏଭଳି ସମୟରେ ରପ୍ତାନି କଟକଣା ହଟାଇବା ଦ୍ୱାରା କଳାବଜାର ବୃଦ୍ଧି ପାଇବ ବୋଲି ଘରୋଇ ରପ୍ତାନିକୁ ଅନୁମତି ଦିଆଯିବା ସମ୍ପର୍କିତ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି। ଗୋୟଲ ଏହା ମଧ କହିଛନ୍ତି, ଚଳିତ ବର୍ଷ ଗହମ ଉତ୍ପାଦନରେ ୭%-୮% ବୃଦ୍ଧି ଆଶା କରାଯାଉଥିଲା। ଅତ୍ୟଧିକ ତାପମାତ୍ରା କାରଣରୁ ଏଥିରେ ହ୍ରାସ ଘଟିଛି।

### ଦର ବୃଦ୍ଧି ରୋକିବାକୁ ସରକାରଙ୍କ ପ୍ରୟାସ

**ନୂଆଦିଲ୍ଲୀ,୨୫।୫:** ସରକାରଙ୍କ ପକ୍ଷରୁ ଚିନି ରପ୍ତାନିର ସର୍ବାଧିକ ସୀମା ନିର୍ଦ୍ଧାରଣ ସମ୍ପର୍କିତ ନିଷ୍ପତ୍ତି ଠିକ୍ ସମୟରେ ନିଆଯାଇଥିବା ବୁଧବାର କେନ୍ଦ୍ର ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେ କହିଛନ୍ତି। ଏହି ନିଷ୍ପତ୍ତି ସତର୍କତା ଆଧାରରେ ନିଆଯାଇଛି। ଫଳରେ ଅକ୍ଟୋବର-ନଭେମ୍ବର ପର୍ବପର୍ବାଣି ଋତୁରେ ଚିନି ଅଭାବ ଘଟିବନାହିଁ ଏବଂ ଦର ମଧ ଠିକ୍ ରହିବ ବୋଲି ସଚିବ କହିଛନ୍ତି। ତେବେ ଅନ୍ୟ ସମସ୍ତ ପଦାର୍ଥ ତୁଳନାରେ ଚିନି ଦର ସ୍ଥିର ରହିଛି। ଆଗାମୀ ଦିନରେ ଦର ବୃଦ୍ଧି ଆଶଙ୍କା ଦୂର କରିବାକୁ ଏହି ପଦକ୍ଷେପ ନିଆଯାଇଛି। ଏହା ସହିତ ଚିନି ଉତ୍ପାଦନ କ୍ଷେତ୍ରରେ ବ୍ରାଜିଲକୁ ପଛରେ ପକାଇ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଏବଂ ୨ୟ ସର୍ବାଧିକ ରପ୍ତାନିକାରୀ ଭାବରେ ପରିଗଣିତ ହୋଇଥିବା ସଚିବ ସୂଚନା ଦେଇଛନ୍ତି। ଭାରତ ସରକାର ଚଳିତ ମାର୍କେଟିଂ ବର୍ଷ ପାଇଁ ଚିନି ରପ୍ତାନିର ସର୍ବାଧିକ ସୀମା ୧ କୋଟି ଟନ୍ ନିର୍ଦ୍ଧାରଣ କରିଛନ୍ତି।

# ହ୍ରାସ ହୋଇପାରେ ପାମ୍ ତୈଳ ଆମଦାନୀ

- ସୋୟା ତେଲର ଡ୍ୟୁଟି ଫ୍ରି ଆମଦାନୀର ପ୍ରଭାବ
- ୯% ହ୍ରାସ ଘଟି ୧୧ ବର୍ଷରେ ସର୍ବନିମ୍ନ ସ୍ତରରେ ପହଞ୍ଚିବ

**ନୂଆଦିଲ୍ଲୀ,୨୫।୫**



ବିଶ୍ୱରେ ସର୍ବାଧିକ ପାମ୍ ତୈଳ ଆମଦାନୀ କରୁଥିବା ଭାରତ ଅନେକ ମାତ୍ରାରେ ଏହା ହ୍ରାସ କରିବା ସମ୍ଭାବନା ଦେଖାଦେଇଛି। ଡିଲରମାନଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଭାରତର ପାମ୍ ତୈଳ ଆମଦାନୀରେ ୧୯% ହ୍ରାସ ଘଟି ୧୧ ବର୍ଷରେ ସର୍ବନିମ୍ନ ସ୍ତରରେ ପହଞ୍ଚିପାରେ। ବର୍ତ୍ତମାନ ସୋୟା ତୈଳ ଶସ୍ତା ହୋଇଥିବା ସହ ଇଣ୍ଡୋନେସିଆର ପାମ୍ ତୈଳ ରପ୍ତାନି ଉପରେ କଟକଣା କାରଣରୁ ଏଭଳି ପରିସ୍ଥିତି ଦେଖାଦେଇଛି। ସରକାରଙ୍କର ସୋୟା ତୈଳର ଡ୍ୟୁଟି ଫ୍ରି ଆମଦାନୀର ଅନୁମତି କାରଣରୁ ସୋୟାବିନ୍ ତୈଳର ବଜାର ଭାଗୀଦାରି ବୃଦ୍ଧି ଘଟିବା ସମ୍ଭାବନା ଦେଖାଦେଇଛି। ବିଶ୍ୱର ସର୍ବବୃହତ୍ ଭେଜିଟେବଲ୍ ଅଏଲ୍ ଆମଦାନୀକାରୀ ପକ୍ଷରୁ ପାମ୍ ତୈଳ କ୍ରୟ ହ୍ରାସ ଦ୍ୱାରା ମାଲେସିଆର ପାମ୍ ତୈଳ ଦର ଉପରେ ପ୍ରଭାବ ପଡ଼ିପାରେ। ଭାରତ ସୋୟାବିନ୍ ତୈଳ ଆମଦାନୀରେ ଆଖିଦୃଶିଆ ବୃଦ୍ଧି କରିବା ସହ ଆମେରିକାର ସୋୟାବିନ୍ ତୈଳ ଦରକୁ ସମର୍ଥନ କରିପାରେ। ଗଣମାଧ୍ୟମ ସୂଚନା ଅନୁସାରେ ଅକ୍ଟୋବର ୩୧ରେ ଶେଷ ହେବାକୁ ଥିବା ମାର୍କେଟିଂ ବର୍ଷ ୨୦୨୧-୨୨ରେ ଦେଶର ପାମ୍ ତୈଳ ଆମଦାନୀ ହ୍ରାସ ଘଟି ୬.୭ ମିଲିୟନ ଟନ୍ ରହିପାରେ। ୨୦୧୦-୧୧ ବର୍ଷ ପରେ ଏହି ଆମଦାନୀ ହାର ସର୍ବନିମ୍ନ । ଏହାଛଡ଼ା ତୈଳ ଡିଲରମାନଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ସୋୟାବିନ୍ ତୈଳ ଆମଦାନୀରେ ପୂର୍ବ ବର୍ଷ ଅପେକ୍ଷା ୫୭% ବୃଦ୍ଧି ଘଟି ୪୫ଲକ୍ଷ ଟନ୍‌ରେ ପହଞ୍ଚିପାରେ। ସୂଚନାଯୋଗ୍ୟ, କେନ୍ଦ୍ର ସରକାର ମଙ୍ଗଳବାର ରନ୍ଧନ ତୈଳ ଦର ଉପରେ ଲଗାମ ଲଗାଇବା ପାଇଁ ଚଳିତ ଆର୍ଥିକ ବର୍ଷ ଏବଂ ଆଗାମୀ ଆର୍ଥିକ ବର୍ଷରେ ଅଶୋଧିତ ସୋୟାବିନ୍ ତୈଳ ଏବଂ ଅଶୋଧିତ ସୂର୍ଯ୍ୟମୁଖୀ ତୈଳ ୨-୨ ମିଲିୟନ ଟନ୍ ଡ୍ୟୁଟି ଫ୍ରି ଆମଦାନୀର ଅନୁମତି ଦେଇଛନ୍ତି। ଡ୍ୟୁଟି ଷ୍ଟ୍ରକ୍‌ଚର ସୋୟାବିନ୍ ତୈଳ କ୍ରୟକୁ ପାମ୍ ତୈଳଠାରୁ ଅଧିକ ଆକର୍ଷକ କରିଦେଇଥିବା ଭେଜିଟେବଲ ଅଏଲ୍ ବ୍ରୋକରେଜ ଏବଂ କନ୍‌ସଲ୍‌ଟାନ୍ସି ଫାର୍ମ ସନ୍‌ବିନ୍ ଗ୍ରୁପ୍‌ର ମୁଖ୍ୟ ଚିଫ୍ ଏକ୍‌ଜିକ୍ୟୁଟିଭ୍ ସନ୍ଦୀପ ବାଜୋରିଆ କହିଛନ୍ତି।

# ଆତ୍ମନିର୍ଭର ପ୍ରକଳ୍ପ ଦେଇଛି ମହିଳାଙ୍କୁ ପରିଚୟ




**ଭୁବନେଶ୍ୱର,୨୫।୫**

ଓଡ଼ିଶାର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ 'ଇମ୍ଫା'ର ସମାଜ କଲ୍ୟାଣ ଅନୁଷ୍ଠାନ ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) ଜରିଆରେ ଏହାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ପ୍ରୋଜେକ୍ଟ ଉନ୍ନତି'ର ଶୁଭାରମ୍ଭ କରାଯାଇଛି। ଫାଉଣ୍ଡେଶନର ଏହି ନୂତନ ପ୍ରକଳ୍ପ ଜରିଆରେ କଟକ ଜିଲାର ଟାଙ୍ଗୀ ବ୍ଲକ, ଚୌଦ୍ୱାରସ୍ଥିତ ବନିପଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାଙ୍ଗୁଡ଼ିଆ ଗ୍ରାମରେ ବସବାସ କରୁଥିବା ୪୦ରୁ ୪୫ ବର୍ଷ ବୟସର ୬ଜଣ ଗୃହିଣୀ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟଠାରୁ ଊର୍ଦ୍ଧ୍ୱକୁ ଯାଇ ନିଜ ଜୀବନକୁ ଅଧିକରୁ ଅଧିକ ଉନ୍ନତ କରିପାରିଛନ୍ତି। ବିଶେଷକରି ଗ୍ରାମର ମହିଳାମାନଙ୍କ ପାଇଁ ଅନେକ ପ୍ରତିବନ୍ଧକ ଥିଲେ ମଧ ସରସ୍ୱତୀ ବେଉରା, ସୁମିତ୍ରା ମୁଦୁଲି, ସସ୍ମିତା ବେଉରା, ଗୀତାଞ୍ଜଳୀ ନାୟକ, ସଂଯୁକ୍ତା ବେଉରା ଓ ସୁଷମା ବେହେରା ଉକ୍ତ ପ୍ରକଳ୍ପରେ ସାମିଲ ହୋଇଥିଲେ। ଏପରିକି ବହୁବାଧାବିଘ୍ନ ସତ୍ତ୍ୱେ ଉପରୋକ୍ତ ମହିଳାମାନେ ଫାଉଣ୍ଡେଶନର 'ପ୍ରୋଜେକ୍ଟ ଉନ୍ନତି'ରେ ଅଂଶଗ୍ରହଣ କରି ଆବଶ୍ୟକ ଶିକ୍ଷା ଓ ସଚେତନତା ସହ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜକୁ କୁଶଳୀ କରିବା ପାଇଁ ବିଭିନ୍ନ ଜୀବନ କୌଶଳ ଶିକ୍ଷା ମଧ ଗ୍ରହଣ କରିଥିଲେ। ଫଳରେ ବିଭିନ୍ନ ଜୀବିକା ବିକଳ୍ପଗୁଡ଼ିକ ମଧ୍ୟରୁ ଏହି ୬ଜଣ ମହିଳା (ଗୃହିଣୀ) ପାଳଛତୁ ଚାଷ ପ୍ରତି ଆକର୍ଷିତ ହେବା ସହ ଅଳ୍ପ ଖର୍ଚ୍ଚରେ ସୀମିତ ସମୟ ମଧ୍ୟରେ ଭଲ ରୋଜଗାର କରିପାରିବେ ବୋଲି ଅନୁଭବ କରି ସେମାନେ ଛତୁଚାଷରେ ପ୍ରବେଶ କରିଥିଲେ। ଏହାର ସମସ୍ତ ଉପାୟ ଓ ଚାଷ ସମୟରେ କ'ଣ କରାଯିବ ଓ କ'ଣ କରା ନ ଯିବ ସେ ସମ୍ପର୍କରେ ମଧ ତାଲିମ ନେଇ ପରବର୍ତ୍ତୀ ସମୟରେ ଜଣେ ସଫଳ ଚାଷୀ ଭାବେ ନିଜ ନିଜର ଦାୟିତ୍ୱ ନିର୍ବାହ କରିଛନ୍ତି। ଏ ସମ୍ପର୍କରେ ସରସ୍ୱତୀ କହିଛନ୍ତି, ବର୍ତ୍ତମାନ ଆମେ ଆମର ଲାଭାଂଶକୁ ପୁଣିଥରେ ନିବେଶ କରିବା ସ୍ଥିତିରେ ପହଞ୍ଚିଛୁ। ଏହି ଚାଷରୁ ଆମେ ସାମୂହିକ ଭାବେ ପ୍ରାୟ ୪୫ହଜାର ଟଙ୍କାର ଲାଭ କରିଛୁ।

# ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ୫୦ ବର୍ଷ ପୂର୍ତ୍ତି

**ନୂଆଦିଲ୍ଲୀ,୨୫।୫**




ଦେଶର ଅନ୍ୟତମ ହୋସିଏରି ବ୍ରାଣ୍ଡ ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ମଙ୍ଗଳବାର ନିଜ ଭିଜନ୍ ୨୦୨୫ ସମ୍ପର୍କରେ ସୂଚନା ଦିଆଯିବା ସହିତ ୫୦ ବର୍ଷ ପୂର୍ତ୍ତି ଅବସରରେ ଏକ ସ୍ୱତନ୍ତ୍ର ଲୋଗୋର ଅନାବରଣ କରାଯାଇଛି। ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତାଙ୍କ ଉପସ୍ଥିତିରେ ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ଦୀନ୍‌ଦୟାଲ ଗୁପ୍ତାଙ୍କ ଦ୍ୱାରା ଏହି ବିଶେଷ ଲୋଗୋର ଅନାବରଣ କରାଯାଇଛି। ୧୯୭୨ରୁ ଭବାନୀ ଟେକ୍ସଟାଇଲ୍ସ ଭାବରେ ଯାତ୍ରା ଆରମ୍ଭ କରିଥିବା ଡଲାର ଇଣ୍ଡଷ୍ଟ୍ରିଜ୍ ବର୍ତ୍ତମାନ ଭାରତର ବ୍ରାଣ୍ଡେଡ୍ ହୋସିଏରି ସେଗ୍‌ମେଣ୍ଟରେ ୧୫% ବଜାର ଶେୟାର ରଖିଛି। କମ୍ପାନୀ ପକ୍ଷରୁ ବିସ୍ତାର ଏବଂ ନୂଆ ଲଞ୍ଚ୍ ପାଇଁ ୧୨୦ କୋଟି ଟଙ୍କା ନିର୍ଦ୍ଧାରିତ କରାଯାଇଛି। କମ୍ପାନୀ ପକ୍ଷରୁ ପଶ୍ଚିମବଙ୍ଗର ଜଗଦୀଶପୁରଠାରେ ଏକ ନୂଆ ବିଶ୍ୱସ୍ତରୀୟ ୱେରହାଉସିଂ ସୁବିଧା ସହିତ ହୋସିଏରି ପାର୍କ ଆରମ୍ଭ କରାଯିବ। ହରିତ ମିଶନ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ସୌର ଉର୍ଜା ପ୍ଲାଣ୍ଟରେ ୨ ମେଗାୱାଟ୍ ବୃଦ୍ଧିକରି ୬ ମେଗାୱାଟ୍ କରି ଦିଆଯାଇଛି। କମ୍ପାନୀ ୨୦୨୫ ସୁଦ୍ଧା ୧୨୫ଟି ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍‌ଲେଟ୍ ଖୋଲିବ। ସେଥିମଧ୍ୟରୁ ଅଧିକାଂଶ ଟିୟର-୨ ଏବଂ ଟିୟର-୩ ସହରରେ ଖୋଲାଯିବ। ଏହି ଅବସରରେ ଡଲାର ପକ୍ଷରୁ ୫୦ ବର୍ଷର ବିଶେଷ ବିଜ୍ଞାପନ ଅଭିଯାନର ଅନାବରଣ ହୋଇଛି। ସେଥିରେ ବ୍ରାଣ୍ଡ ଆମ୍ବାସାଡର ଅକ୍ଷୟ କୁମାର ସାମିଲ ଥିଲେ। ଏହାଛଡ଼ା କମ୍ପାନୀ ପକ୍ଷରୁ ବଲିଉଡ୍ ଅଭିନେତ୍ରୀ ୟାମୀ ଗୌତମଙ୍କୁ ଡଲାର ମିସ୍ ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବରେ ଚୁକ୍ତି କରାଯାଇଛି। ଡଲାର ୱିମେଡ୍ ଶ୍ରେଣୀରେ ଏମ୍ବ୍ରୋଡୋରିଏଡ୍ ବ୍ରା, ଟି-ଶାର୍ଟ ବ୍ରା, ସ୍ପୋର୍ଟ୍ସ ବ୍ରା, ବିଗିନର୍ସ ବ୍ରା ଭଳି ବିଭିନ୍ନ ଉତ୍ପାଦ ଲଞ୍ଚ୍ ସହିତ ୱିମେନ୍ ଲକ୍ସୁରି ସେଗ୍‌ମେଣ୍ଟରେ ପ୍ରବେଶ କରିବ। ଡଲାର କମ୍ପାନୀର ସଫଳ ଯାତ୍ରା ପାଇଁ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି ଅଧ୍ୟକ୍ଷ ଗୁପ୍ତା।

## ବିଳମ୍ବ ହେବ ଜିଏସ୍‌ଟି ସ୍ଲାବ୍ ସଂରଚନା

**ନୂଆଦିଲ୍ଲୀ,୨୫।୫**

ଦର ବୃଦ୍ଧି କାରଣରୁ ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି)କୁ ଯୁକ୍ତିଯୁକ୍ତ କରିବାରେ ବିଳମ୍ବ ଘଟିପାରେ। ଜିଏସ୍‌ଟି ବ୍ୟବସ୍ଥା ଅନୁସାରେ ଦ୍ରବ୍ୟ ଏବଂ ସେବା ଉପରେ ୫%, ୧୨%, ୧୮%, ୨୮% ଅନୁସାରେ କର ଲାଗୁ କରାଯାଇଥାଏ। ଏହି ୪ଟି ଜିଏସ୍‌ଟି ସ୍ଲାବ୍‌କୁ ହ୍ରାସ କରାଯାଇ ୩ ସଂରଚନା ଯୁକ୍ତ କରାଯିବାକୁ ବିଚାର କରାଯାଉଥିଲା। ଏହି ପ୍ରକ୍ରିୟାରେ କିଛି ଜିନିଷ ଉପରେ କର ବଢ଼ାଯିବା ପ୍ରସ୍ତାବ ରହିଥିବା ବେଳେ କିଛି ବସ୍ତୁରେ ଟିକସ ହ୍ରାସ ହେବା ସମ୍ଭାବନା ରହିଥିଲା। ତେବେ ମୁଦ୍ରାସ୍ଫୀତି ଉଚ୍ଚସ୍ତରରେ ରହୁଥିବାରୁ ଏହି ପ୍ରକ୍ରିୟାରେ ବିଳମ୍ବ ଘଟିପାରେ। ସୂଚନାଯୋଗ୍ୟ, ଏହି ପ୍ରକ୍ରିୟା ମାଧ୍ୟମରେ ୪ ସଂରଚନା ଯୁକ୍ତ ଜିଏସ୍‌ଟି ସ୍ଲାବ୍‌କୁ ୩ଟିରେ ସୀମିତ ରଖାଯାଇ ଆବଶ୍ୟକୀୟ ବସ୍ତୁକୁ ସବୁଠୁ କମ୍ ସ୍ଲାବ୍‌ରେ ଏବଂ ଉପଭୋଗ୍ୟ ସାମଗ୍ରୀକୁ ଉଚ୍ଚ ସ୍ଲାବ୍ ଅନ୍ତର୍ଭୁକ୍ତ କରାଯିବା ଯୋଜନା ରହିଛି।

## 'ତାଲିମ ଜରିଆରେ ଉଦ୍ୟୋଗୀ ତିଆରି କରାଯିବ'

**ଭୁବନେଶ୍ୱର,୨୫।୫**

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର ମହିଳା ଉଦ୍ୟୋଗୀ ସଙ୍ଗଠନ ଓ ଲିଟିଲ ରିଡର କ୍ଲବ୍‌ର ପ୍ରତିଷ୍ଠାତା କପିଳା ନାଗପାଳ ପ୍ରତ୍ୟେକ ଯୁବ ଉଦ୍ୟୋଗୀଙ୍କ ପ୍ରତିଷ୍ଠା ନିମନ୍ତେ ସହଯୋଗର ହାତ ବଢ଼ାଇଛନ୍ତି। ନିକଟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କପିଳା ନାଗପାଳ ଯୁବ ଉଦ୍ୟୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଏକ ୧୦ଦିନିଆ କର୍ମଶାଳା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସେହିଭଳି ଏହି ପରିପ୍ରେକ୍ଷୀରେ 'ଓଡ଼ିଶାର ଭବିଷ୍ୟତ ଉଦ୍ୟୋଗୀ' ଶୀର୍ଷକ ବିଷୟବସ୍ତୁର ଲୋକାର୍ପିତ ହୋଇଯାଇଛି। ଏଥିରେ ୧୨ବର୍ଷରୁ ଉର୍ଦ୍ଧ୍ୱ ଯୁବ ଉଦ୍ୟୋଗୀଙ୍କ ପ୍ରସ୍ତୁତି ନିମନ୍ତେ ଆବଶ୍ୟକ ସହଯୋଗ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଆଇସିସି ଓଡ଼ିଶା ଷ୍ଟେଟ କାଉନ୍‌ସିଲର ସହ ଅଧ୍ୟକ୍ଷ ଏମ୍.କେ. ଗୁପ୍ତା, କୋର୍ ମେମ୍ବର ସ୍ୱାତୀ କେଜ୍‌ରିୱାଲ, ଆଇଡବ୍ଲ୍ୟୁଇସି ସହ ଅଧ୍ୟକ୍ଷା ସୁକୀର୍ତ୍ତି ପଟ୍ଟନାୟକ, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, କପିଳା ନାଗପାଳ ଓ ଆଇସିସି କାର୍ଯ୍ୟକର୍ତ୍ତା ପ୍ରଦୀପ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ଉଦ୍ୟୋଗୀଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନି ତାକୁ ଉଦ୍ୟୋଗ କ୍ଷେତ୍ରରେ ଉପଯୁକ୍ତ ଭାବେ ବ୍ୟବହାର କରିବା ନିମନ୍ତେ ଆବଶ୍ୟକ ଶିକ୍ଷା ଦେବା ହିଁ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ।

## ଫୁର୍‌ସତ୍

# ଅବିବାହିତଙ୍କୁ ହୃଦ୍‌ଘାତ ମୃତ୍ୟୁ ଭୟ ଅଧିକ

### ବିଶେଷଜ୍ଞଙ୍କ ଦାବି



**ସ୍ପେନ୍:** ଅବିବାହିତ ଲୋକଙ୍କ କ୍ଷେତ୍ରରେ ହୃଦ୍‌ଘାତ ଜନିତ ମୃତ୍ୟୁ ଭୟ ଅଧିକ ଥିବା ବିଶେଷଜ୍ଞଙ୍କ ଏକ ଅଧ୍ୟୟନରୁ ଜଣାପଡ଼ିଛି। ବିବାହିତଙ୍କ ତୁଳନାରେ ଅଧିକ ମାତ୍ରାରେ ଅବିବାହିତ ହୃଦ୍‌ଘାତରେ ପ୍ରାଣ ହରାଇଥିବା ବିଶେଷଜ୍ଞଙ୍କ ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି। ହୃତ୍‌ପିଣ୍ଡ ଜନିତ ରୋଗରେ ଆକ୍ରାନ୍ତ ଲୋକମାନଙ୍କୁ ସାମାଜିକ ସହଯୋଗର ଆବଶ୍ୟକତା ଥିବାବେଳେ ଅବିବାହିତ ଲୋକଙ୍କୁ ଏହା ମିଳି ନ ଥାଏ। ଏହାଦ୍ୱାରା ସେମାନେ ଅବସାଦଗ୍ରସ୍ତ ହୋଇପଡ଼ିଥାନ୍ତି ଏହି ସମସ୍ୟା ସେମାନଙ୍କଠାରେ ଅଧିକମାତ୍ରାରେ ଦେଖିବାକୁ ମିଳୁଥିବା ଜର୍ମାନୀର ଉର୍ଜବର୍ଗରେ ଥିବା ହାର୍ଟ ଫେଲ୍ୟୁଅର୍ ସେଣ୍ଟର ୟୁନିଭର୍ସିଟିର ପ୍ରଫେସର ଡା. ଫାବିଆନ୍ କେରୱାଜେନ କହିଛନ୍ତି।

ଜୀବନସାଥୀ ଥିବାଦ୍ୱାରା ସେମାନେ ରୋଗୀଙ୍କୁ ଠିକ୍ ସମୟରେ ଔଷଧ ଦେବା, ତାଙ୍କର ଠିକ୍ ଭାବେ ଯତ୍ନ ନେଇଥାନ୍ତି, ଯାହା ବିବାହିତଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। କିନ୍ତୁ ଅବିବାହିତଙ୍କ କ୍ଷେତ୍ରରେ ଏପରି ହୋଇ ନ ଥାଏ। ରୋଗ ସହିତ ସେମାନେ ଠିକ୍ ଯତ୍ନ ଓ ଦେଖାଶୁଣା ନ ପାଇବାରୁ ଅଧିକ ରୋକାକ୍ରାନ୍ତ ହେବାରେ ଲାଗନ୍ତି। ପୂର୍ବରୁ କରାଯାଇଥିବା ଅଧ୍ୟୟନରେ ଦର୍ଶାଯାଇଥିଲା ଯେ, ଅନ୍‌ମ୍ୟାରେଡ୍ ଲୋକଙ୍କୁ ବିବାହିତ ଲୋକଙ୍କ ତୁଳନାରେ କମ୍ ଯତ୍ନ ମିଳିଥାଏ। ଏହାଫଳରେ ସେମାନଙ୍କ ସୁସ୍ଥ ହେବା ସମ୍ଭାବନା କମିଯାଏ। ଏ ନେଇ ବିଶେଷଜ୍ଞମାନଙ୍କ ଦ୍ୱାରା ଏକ୍ସଟେଣ୍ଡେଡ୍ ଇଣ୍ଟରଡିସ୍‌ପ୍ଲିନାରି ନେଟ୍‌ୱର୍କ ହାର୍ଟ ଫେଲ୍ୟୁଅର୍ (ଇ-ଆଇଏନ୍‌ଏଚ୍) ଷ୍ଟଡି କରାଯାଇଛି। ଅଧ୍ୟୟନ ରିପୋର୍ଟ ମୁତାବକ ୨୦୦୪ରୁ ୨୦୦୭ ମଧ୍ୟରେ ୧,୦୨୨ ହୃଦ୍‌ଘାତ ଜନିତ ରୋଗୀ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କୁହାଯାଇଛି। ୧,୦୦୮ ଜଣ ନିଜ ବୈବାହିକ ତଥ୍ୟ ପ୍ରଦାନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୬୩୩ ଜଣ ( ୬୩%) ବିବାହିତ ଥିବାବେଳେ ୩୭୫ (୩୭%) ଅବିବାହିତ ରୋଗୀ ଥିଲେ। ୧୯୫ ଜଣ ବିଧବା ଥିବା ସହ ୯୬ ଜଣ ଆଦୌ ବାହାହୋଇନ ଥିବାବେଳେ ୮୪ ଜଣ ଜୀବନସାଥୀଙ୍କଠାରୁ ଅଲଗା ହୋଇଥିବା ରୋଗୀ ଥିଲେ। ବିବାହକୁ ନେଇ ଜୀବନ ଶୈଳୀ ଏବଂ ମାନସିକ ଦୁଶ୍ଚିନ୍ତାକୁ ନେଇ କୌଣସି ସମ୍ବନ୍ଧ ନ ଥିବାବେଳେ ରୋଗଗ୍ରସ୍ତ ଅବସ୍ଥାରେ ବିବାହିତମାନଙ୍କୁ ନିଜ ଜୀବନସାଥୀଙ୍କ ଯତ୍ନ ମିଳିବା କାରଣରୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅବିବାହିତଙ୍କ ତୁଳନାରେ ଶୀଘ୍ର ଭଲ ହୋଇଥାଏ।

# ୧୫ଶହ ଟଙ୍କାରେ ମଡେଲିଂ



ଐଶ୍ୱର୍ଯ୍ୟା ରାୟ ବଚ୍ଚନ

**ମୁମ୍ବାଇ:** ବଲିଉଡ୍ ଇଣ୍ଡଷ୍ଟ୍ରିର ନୀଳନୟନା କୁହାଯାଉଥିବା ଐଶ୍ୱର୍ଯ୍ୟା ରାୟ ବଚ୍ଚନ ମାତ୍ର ୧୮ ବର୍ଷ ବୟସରେ ମଡେଲ୍ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସୋସିଆଲ ମିଡିଆରେ ଐଶ୍ୱର୍ଯ୍ୟାଙ୍କ ମଡେଲିଂର କଣ୍ଟ୍ରାକ୍ଟ ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ମାତ୍ର ୧୫୦୦ ଟଙ୍କାରେ ବିଶ୍ୱ ସୁନ୍ଦରୀ ମେଡଲିଂ ଆରମ୍ଭ କରିଥିଲେ। ୧୯୯୨ରେ ସେ ଗ୍ଲାମର୍ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଥିବାବେଳେ ୧୯୯୪ରେ ସେ ବିଶ୍ୱ ସୁନ୍ଦରୀ ବିଜୟିନୀ ହୋଇଥିଲେ। ମାଗାଜିନ୍ କାଟ୍‌ଲଗ୍ ପାଇଁ ଐଶ୍ୱର୍ଯ୍ୟା ଫଟୋ ଶୁଟ୍ କରିଥିଲେ। ପ୍ରଥମେ ମଡେଲିଂ ଓ ପରେ ଫିଲ୍ମ ଜଗତରେ ଏଣ୍ଟ୍ରି କରିଥିଲେ ଐଶ୍ୱର୍ଯ୍ୟା। ତାମିଲ ଫିଲ୍ମ 'ଅରୁଭାର' ଥିଲା ଐଶ୍ୱର୍ଯ୍ୟାଙ୍କ ଦ୍ୱାରା ଅଭିନୀତ ପ୍ରଥମ ଚଳଚ୍ଚିତ୍ର। ସେହିପରି 'ଅର୍ ପ୍ୟାର୍ ହୋ ଗୟା' ହେଉଛି ନାୟିକାଙ୍କ ପ୍ରଥମ ହିନ୍ଦୀ ଫିଲ୍ମ। ଏଥିରେ ଐଶ୍ୱର୍ଯ୍ୟାଙ୍କ ବିପକ୍ଷରେ ବବି ଦେଓଲ ଅଭିନୟ କରିଥିଲେ। ଐଶ୍ୱର୍ଯ୍ୟା ଶେଷଥର ପାଇଁ ୨୦୧୮ରେ ରିଲିଜ୍ ହୋଇଥିବା ଫିଲ୍ମ 'ଫେନୀ ଖାନ୍'ରେ ଦେଖାଯାଇଥିଲେ।

# ୧୭ ବର୍ଷର ସମ୍ବନ୍ଧ ପରେ ବାହାଘର

**ନୂଆଦିଲ୍ଲୀକ:** ହିନ୍ଦୀ ଫିଲ୍ମ ନିର୍ଦ୍ଦେଶକ ତଥା ଲେଖକ ହଂସଲ ମେହେଟ୍ଟା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଏ ନେଇ ଟୁଇଟରରେ ସେ ଫଟୋ ଶେୟାର କରିଛନ୍ତି। ୧୭ ବର୍ଷର ରିଲେଶନ୍‌ଶିପ୍ ପରେ ହଂସଲ ଶଫିନା ହୁସେନଙ୍କୁ ବାହା ହୋଇଛନ୍ତି। କାଲିଫର୍ନିଆରେ ଦୁହେଁ ବାହାହୋଇଥିବା ଶେୟାର କରିଥିବା ଫଟୋରେ ହଂସଲ କହିଛନ୍ତି। ବିବାହ ନେଇ ଦୁହେଁ ପୂର୍ବରୁ କୌଣସି ଯୋଜନା ପ୍ରସ୍ତୁତ କରି ନ ଥିବାବେଳେ ତାଙ୍କ ଦୁଇ ସନ୍ତାନଙ୍କୁ ଖୁସି କରିବା ପାଇଁ ଦୁହେଁ ଏପରି କରିଥିବା ହଂସଲ କହିଛନ୍ତି। ହିନ୍ଦୀ ଫିଲ୍ମ ଓ ସିରିଏଲ୍ ଜଗତର ଅନେକ କଳାକାର ହଂସଲଙ୍କୁ ବିବାହ ଶୁଭେଚ୍ଛା ଜଣାଇଛନ୍ତି। ଖାନା ଖଜାନା କୁକିଂ ଶୋ'ରୁ ହଂସଲ ହିନ୍ଦୀ ମନୋରଞ୍ଜନ ଜଗତରେ ପ୍ରବେଶ କରିଥିଲେ। ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ସ୍କାମ୍ ୧୯୯୨ ଫିଲ୍ମ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ମର୍ଡନ୍ ଲଭ୍ ମୁମ୍ବାଇ ନାମରେ ହଂସଲ ଏକ ୱେବ୍ ସିରିଜ୍ ତିଆରି କରିଥିବାବେଳେ ଏହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି।



# ଟାଣଖରାରେ ଅନୁଷ୍କାଙ୍କ ଟ୍ରେନିଂ



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ତାଙ୍କ ଇନଷ୍ଟାଗ୍ରାମରେ ଏମିତି ଏକ ଫଟୋ ଶେୟାର କରିଛନ୍ତି ଯାହାକୁ ଦେଖି ତାଙ୍କ ସ୍ୱାମୀ ବିରାଟ କୋହଲି ଅଡୁଆରେ ପଡିଯାଇଛନ୍ତି । ମଙ୍ଗଳବାର ଅନୁଷ୍କା ଇନଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରି ସେଥିରେ ତାଙ୍କ ବଡି ଟ୍ୟାନ (ସୂର୍ଯ୍ୟ କିରଣ ପଡ଼ି ଦେହ କଳାପଡ଼ିବା) କୁ ଦେଖାଇଛନ୍ତି। ଆଉ ଫଟୋର କ୍ୟାପଶନରେ ଲେଖିଛନ୍ତି, 'ଟେନ ପର ଟ୍ୟାନ ହୈ' । ଏହି ଫଟୋକୁ ତାଙ୍କ ପ୍ରଶଂସକ ଓ ବନ୍ଧୁମାନେ ବେଶ ପସନ୍ଦ କରିଛନ୍ତି । ସ୍ତ୍ରୀଙ୍କ ଏହି ଫଟୋ ଉପରେ ବିରାଟ କୋହଲି ଏକ ସ୍ମାଇଲ ଇମୋଜି ଦେଇଛନ୍ତି। ଫିଲ୍ମ ଜଗତର ବି କେତେଜଣ ସେଲିବ୍ରିଟି ଏହା ଉପରେ କମେଣ୍ଟ କରିଛନ୍ତି। ସୂଚନାଯୋଗ୍ୟ, ଅନୁଷ୍କା ଏବେ ତାଙ୍କ ଅପକମିଂ ଫିଲ୍ମ ପାଇଁ କ୍ରିକେଟ ଖେଳୁଛନ୍ତି । ନିକଟରେ ଅନୁଷ୍କା ବାଜାର ଇଣ୍ଡିଆ ମାଗାଜିନର କଭର ପେଜରେ ନଜର ଆସିଥିଲେ । ଏହି ସମୟରେ ଅଭିନେତ୍ରୀ କହିଥିଲେ, ମହିଳାମାନେ ପର୍ସନାଲ ଲାଇଫ ଓ ୱାର୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବା କାଠିକର ପାଠ । ମୁଁ ଭାବିପାରୁନି ଯେ ଲୋକେ କାମ କରୁଥିବା ମାଆଙ୍କ ଜୀବନ ଓ ଭାବନାକୁ ବୁଝି ପାରୁଥିବେ! ମୁଁ ବି ଜଣେ ନାରୀ ହେଲେ ଯେପର୍ଯ୍ୟନ୍ତ ମୁଁ ମାଆ ହୋଇ ନ ଥିଲି ସେପର୍ଯ୍ୟନ୍ତ ମୁଁ ଏହା ବୁଝି ପାରୁ ନ ଥିଲି । ହେଲେ ଆଜି ମହିଳାଙ୍କ ପାଇଁ ମୋ ମନରେ ବହୁତ ଅଧିକ ସମ୍ମାନ ରହିଛି । ଆଉ ଭଲପାଇବା ବି ରହିଛି । କାମର କଥା ଯଦି ଆଲୋଚନା କରଯାଏ ତେବେ ଅନୁଷ୍କା ଖୁବଶୀଘ୍ର 'ଚକଦା ଏକ୍ସପ୍ରେସ'ରେ ନଜରକୁ ଆସିବେ । ନେଟଫ୍ଲିକ୍ସ ଫିଲ୍ମରେ ସେ କ୍ରିକେଟର ଝୁଲଣ ଗୋସୱାମୀ ଭୂମିକାରେ ନଜର ଆସିବେ । ସେ କହିଛନ୍ତି ଜଣେ ମହିଳା ଭାବେ ମୁଁ ଝୁଲଣଙ୍କ କାହାଣୀ ଶୁଣିବା ପରେ ଗର୍ବ ଅନୁଭବ କଲି । ଦର୍ଶକ ଓ କ୍ରିକେଟ ପ୍ରେମୀଙ୍କ ପାଇଁ ତାଙ୍କ ଜୀବନକୁ ପରଦାରେ ଦେଖାଇବାକୁ ଯାଉଥିବାରୁ ମୋ ପାଇଁ ଏହା ଗୌରବର କଥା ।

# ରାଡୁକାନୁ ହାରିଲେ, ୩ୟ ରାଉଣ୍ଡରେ ଆଜାରେଙ୍କା

**ଫ୍ରେଞ୍ଚ୍ ଓପନ ଟେନିସ**

**ପ୍ୟାରିସ, ୨୫।୫**

ୟୁଏସ୍ ଓପନ ଚାମ୍ପିୟନ ଇମା ରାଡୁକାନୁ ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସର ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅନ୍ୟପକ୍ଷରେ ବିଜୟ ସହ ୨ ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ଭିକ୍ଟୋରିଆ ଆଜାରେଙ୍କା ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୯ ବର୍ଷୀୟା ବ୍ରିଟେନର ରାଡୁକାନୁ ଦ୍ୱିତୀୟ ରାଉଣ୍ଡରେ ବେଲାରୁଷର ଆଲେକଜାଣ୍ଡ୍ରା ସାସ୍‌ନୋଭିଚ୍‌ଙ୍କଠାରୁ ୬-୩, ୧-୬, ୧-୬ ସେଟ୍‌ରେ ହାରି ଯାଇଛନ୍ତି। ସାସନୋଭିଚ୍ ଦ୍ୱିତୀୟ ରାଉଣ୍ଡରେ ୧୪ରୁ ୧୨ ସର୍ଭିସ ପଏଣ୍ଟ ହାସଲ କରି ଟପ୍-୨୦ ଖେଳାଳିଙ୍କ ମଧ୍ୟରେ ୧୬ତମ କ୍ୟାରିୟର ବିଜୟ ହାସଲ କରିଛନ୍ତି। ନିଜ ୭ମ ଉଦ୍ୟମରେ ସାସ୍‌ନୋଭିଚ୍ ପ୍ରଥମଥରପାଇଁ ରୋଲାଣ୍ଡ ଗାରୋସରେ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଗତବର୍ଷ ଇଣ୍ଡିଆନ ୱେଲ୍ସ ଟୁର୍ନାମେଣ୍ଟରେ ମଧ୍ୟ ରାଡୁକାନୁଙ୍କ ବିପକ୍ଷରେ ସାସ୍‌ନୋଭିଚ୍ ବିଜୟୀ ହୋଇଥିଲେ। ଅନ୍ୟଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ବେଲାରୁଷର ଆଜାରେଙ୍କା ଜର୍ମାନୀର ଆନ୍ଦ୍ରିଆ ପେଟ୍‌କୋଭିକ୍‌ଙ୍କୁ ୬-୧, ୭-୬ (୩) ସେଟ୍‌ରେ ପରାସ୍ତ କରିଛନ୍ତି। ୨ ଥର ଅଷ୍ଟ୍ରେଲିଆନ ଓପନ ଜିତିଥିବା ଆଜାରେଙ୍କା ୨୦୧୩ରେ ଫ୍ରେଞ୍ଚ୍ ଓପନର ସେମିଫାଇନାଲିଷ୍ଟ ଥିଲେ। ସେହିପରି ଆଞ୍ଜେଲିକ୍ କର୍ବର ୬-୧, ୭-୬ (୭/୨) ସେଟ୍‌ରେ ଏଲିସା ଜ୍ୟାକମଟଙ୍କୁ ହରାଇଛନ୍ତି। ଆମେରିକାନ ଟିନ୍‌ଏଜର କୋକୋ ଗଫ ବେଲଜିୟମର ଆଲିସନ ଭାନ୍ ଉଟ୍‌ଭାନକଙ୍କୁ ୬-୧, ୭-୬ (୪) ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ୧୮ ବର୍ଷୀୟ ଗଫ୍ ଗତବର୍ଷ କ୍ୱାର୍ଟର ଫାଇନାଲ ଖେଳିଥିଲେ। ଏଥର ତା'ଠାରୁ ଅଧିକ ଆଗକୁ ଯିବାକୁ ଲକ୍ଷ୍ୟ ରଖିଛନ୍ତି ଏହି ଆମେରିକା ଖେଳାଳି। ଗଫ ସର୍ବକନିଷ୍ଠ ମହିଳା ଖେଳାଳିଭାବେ ଚଳିତ ଟୁର୍ନାମେଣ୍ଟ ଖେଳୁଛନ୍ତି।

**ଇସନେର ବିଜୟୀ**

ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ଜନ୍ ଇସନେର ୬-୪, ୬-୪, ୩-୬, ୭-୬ (୭/୫) ସେଟ୍‌ରେ ଗ୍ରେଗୋରି ବାରେରେଙ୍କୁ ପରାସ୍ତ କରିଛନ୍ତି। ସେହିପରି କରେନ ଖାଚାନୋଭ ୪-୬, ୬-୪, ୭-୬ (୭/୧), ୬-୩ ସେଟ୍‌ରେ ହ୍ୟୁଗୋ ଡେଲିଏନଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ଷ୍ଟିଫାନୋସ ସିତ୍‌ସିପାସ ୫-୭, ୪-୬, ୬-୨, ୬-୩, ୬-୨ ସେଟ୍‌ରେ ଲୋରେଞ୍ଜୋ ମୁସେଟିଙ୍କୁ ପରାସ୍ତ କରିଛନ୍ତି।





ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଅବସରରେ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ଓ ବ୍ରିଟେନର ଇମା ରାଡୁକାନୁ।




ଜନ୍ମଦିନ ଶୁଭେଚ୍ଛା
ଶ୍ରୀ ଅଲେଖଚନ୍ଦ୍ର ମିଶ୍ର
ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର
ଜନ୍ମଦିନରେ ଅଶେଷ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥ ତୁମର ଚଲାପଥକୁ କୁସୁମିତ କରନ୍ତୁ, ଶତୋତ୍ତର ପରମାୟୁ ଦିଅନ୍ତୁ ଏବଂ ତୁମେ ଆମର ସକଳ ଅବସରରେ ମନପଡୁଥାଅ । ଆଜି ଏହି ପବିତ୍ର ଦିବସରେ (ଜଳକ୍ରୀଡା ଏକାଦଶୀ) ତୁମର ଆଶୀର୍ବାଦ କାମନା କରୁଛୁ ।
ପତ୍ନୀ କମଳା, କନ୍ୟା ବିନି, ରାନି, ନାତି ଗୁଡୁନ୍ ।
ଧ-୫୪୮



ଜନ୍ମଦିନ ଶୁଭେଚ୍ଛା
ୟେସି
ବଇଣ୍ଡା, ଅନୁଗୋଳ
ତୋର ପ୍ରଥମ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ମଙ୍ଗଳରେ ରଖନ୍ତୁ । ଶୁଭେଚ୍ଛା ସହ ବାପା, ମା', ଜେଜେବାପା, ଜେଜେମା', ଭାଇ, ଭଉଣୀ, ବଡବାପା, ବଡମା'ଙ୍କ ସମେତ ପ୍ରଧାନ ପରିବାରବର୍ଗ।
ଧ-୫୬୫


# ରାମକୁମାରଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ ମ୍ୟାଚ ବିଜୟ

**ପ୍ୟାରିସ, ୨୫।୫ (ପି.ଟି.)**

ଭାରତୀୟ ଟେନିସ ଖେଳାଳି ରାମକୁମାର ରମାନାଥନ ନିଜ କ୍ୟାରିୟରର ସର୍ବପ୍ରଥମ ଗ୍ରାଣ୍ଡସ୍ଲାମ ମ୍ୟାଚ ଜିତିଛନ୍ତି। ଆମେରିକାର ହଣ୍ଟର ରିସିଙ୍କୁ ସାଥିକରି ସେ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ସିଙ୍ଗଲ୍ସ ମୁଖ୍ୟ ଡ୍ର'ରେ ଅସଫଳ ରହିଥିବା ରାମକୁମାର ପାର୍ଟନର ରିସିଙ୍କସହ ପ୍ରଥମ ରାଉଣ୍ଡ ମ୍ୟାଚରେ ପ୍ରତିଦ୍ୱନ୍ଦ୍ୱୀ ଜର୍ମାନୀ ଯୋଡ଼ି ଡାନିଏଲ ଅଲ୍ଟମେର ଓ ଓ୍ୱାର ଓଟ୍ଟିଙ୍କୁ ୭-୬ (୪), ୬-୩ ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଡିଲେଡରେ ରୋହନ ବୋପାନ୍ନାଙ୍କୁ ସାଥିକରି ଏଟିପି ଟୁର୍ ଟାଇଟଲ ଜିତିବାପରେ ୨୭ ବର୍ଷୀୟ ରାମକୁମାର ଚଳିତ ବର୍ଷ ପ୍ରାରମ୍ଭରେ ର୍‌ୟାଙ୍କିଙ୍ଗ୍‌ର ଟପ୍-୧୦୦ ମଧ୍ୟରେ ପ୍ରବେଶ କରିଥିଲେ।

# ଫିନ୍‌ଲାଣ୍ଡରେ ଟ୍ରେନିଂ ନେବେ ନୀରଜ

**ନୂଆଦିଲ୍ଲୀ, ୨୫।୫ (ପି.ଟି.)**

ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ତୁର୍କୀରୁ ନିଜ ଟ୍ରେନିଂ ବେସ୍ ଫିନ୍‌ଲାଣ୍ଡକୁ ସ୍ଥାନାନ୍ତର କରିବାକୁ ଯାଉଛନ୍ତି। ଫିନ୍‌ଲାଣ୍ଡ ପାଭୋ ନୁର୍ମି ଗେମ୍ସ ଆୟୋଜନ କରିବ। ସେଠାରେ ଜୁନ୍ ୧୪ରେ ଜୋହାନେସ ଭେଟେରଙ୍କ ସହ ନୀରଜଙ୍କ ମୁକାବିଲା ହେବ। ୨୪ ବର୍ଷୀୟ ନୀରଜ ସମ୍ପ୍ରତି ତୁର୍କୀର ଗ୍ଲୋରିଆ ସ୍ପୋର୍ଟ୍ସ ଆରେନାରେ ଟ୍ରେନିଂ ନେଉଛନ୍ତି। ଆସନ୍ତା ଗୁରୁବାର ସେ ଫିନ୍‌ଲାଣ୍ଡ ଯାଇ ସେଠାକାର କୌର୍ଟାନେ ଅଲିମ୍ପିକ୍ ଟ୍ରେନିଂ ସେଣ୍ଟରରେ ଜୁନ୍ ୨୨ ପର୍ଯ୍ୟନ୍ତ ଅଭ୍ୟାସ କରିବେ। ''କେନ୍ଦ୍ର ସରକାରଙ୍କ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍ (ଟପ୍ସ) ଅନ୍ତର୍ଗତ ୪ ସପ୍ତାହ ଟ୍ରେନିଂ ପାଇଁ ନୀରଜଙ୍କୁ ଅନୁମତି ମିଳିଛି। ଟ୍ରେନିଂ ବାବଦରେ କ୍ରୀଡ଼ା ମନ୍ତ୍ରଣାଳୟ ପାଖାପାଖି ୯.୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବ'' ବୋଲି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପକ୍ଷରୁ ପ୍ରକାଶ କରାଯାଇଛି। କୌର୍ଟାନେରୁ ନୀରଜ ତୁର୍କୁ ଯାଇ ପାଭୋ ନୁର୍ମି ଗେମ୍ସରେ ଅଂଶଗ୍ରହଣ କରିବେ। ଏହାପରେ କୌର୍ଟାନେ ଗେମ୍ସ ଏବଂ ଷ୍ଟକ୍‌ହୋମରେ ଡାଇମଣ୍ଡ ଲିଗ୍‌ରେ ଭାଗନେବେ ବୋଲି ସାଇ ପକ୍ଷରୁ କୁହା ଯାଇଛି। ନୀରଜଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୮୮.୦୭ ମିଟର। ସେ ଟୋକିଓ ଅଲିମ୍ପିକ୍ସରେ ୮୭.୫୮ ମିଟର ଜାଭେଲିନ୍ ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପାଖାପାଖି ୧୦ ମାସପରେ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଡାଇମଣ୍ଡ ଲିଗ୍‌କୁ ଛାଡ଼ିଦେଲେ ନାଭୋ ନୁର୍ମି ଗେମ୍ସ ହେଉଛି ଅନ୍ୟତମ ବୃହତ୍ତମ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ। ଗତବର୍ଷ କୌର୍ଟାନେ ଗେମ୍ସରେ ନୀରଜ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜୁନ୍ ୩୦ରେ ସେ ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବାପରେ ଆମେରିକା ଯାଇ ଜୁଲାଇ ୧୫ରୁ ୨୪ ପର୍ଯ୍ୟନ୍ତ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗନେବାର କାର୍ଯ୍ୟକ୍ରମ ରହିଛି।



ନୀରଜ ଚୋପ୍ରା

# ଆଇଓଏ ନିର୍ବାଚନ ଲଢ଼ିବେ ନାହିଁ ବାତ୍ରା

**ନୂଆଦିଲ୍ଲୀ, ୨୫।୫ (ପିଟି):** ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରା ବୁଧବାର ଘୋଷଣା କରିଛନ୍ତି ଯେ, ଆଗକୁ ହେବାକୁ ଯାଉଥିବା ଭାରତୀୟ ଶୀର୍ଷ କ୍ରୀଡ଼ା ମହାସଂଘର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ଜନସାଧାରଣ ପାଣ୍ଠିର ଅପବ୍ୟବହାର ଅଭିଯୋଗ ପରେ ବାତ୍ରାଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତକାରୀ ବ୍ୟୁରୋ (ସିବିଆଇ) ତଦନ୍ତ ଆରମ୍ଭ କରିଥିବା ବେଳେ ବାତ୍ରା ଏଭଳି ଘୋଷଣା କରିଛନ୍ତି। ସେ ଅନ୍ତର୍ଜାତୀୟ ହକି ଫେଡେରେଶନ (ଆଇଏଚ୍ଏଫ୍) ମୁଖ୍ୟ ଭାବେ ନିଜ ଦାୟିତ୍ୱକୁ ଅଧିକ ସମୟ ଦେବାକୁ ଚାହୁଁଛନ୍ତି। ସେ ୨୦୧୭ରେ ପ୍ରଥମ ଥର ପାଇଁ ଆଇଓଏ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ପୁଣି ଥରେ ନିର୍ବାଚିତ ହେବା ପାଇଁ ସେ ଯୋଗ୍ୟ। ତାଙ୍କ ନିଷ୍ପତ୍ତି ଯୋଗୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି(ଆଇଓସି)ରେ ତାଙ୍କ ସଦସ୍ୟତା ଶେଷ ହେବ। ସେ ୨୦୧୯ଠାରୁ ଆଇଓସି ସଦସ୍ୟ ଅଛନ୍ତି।

ଆଇଓଏ ନିର୍ବାଚନ ଗତ ବର୍ଷ ଡିସେମ୍ବରରେ ହେବାର ଥିଲା। କିନ୍ତୁ କୋର୍ଟରେ ବିଚାରାଧୀନ ମାମଲା କାରଣରୁ ଏହାକୁ ସ୍ଥଗିତ ରଖାଯାଇଛି। ''ହକି ୫ଏସ୍‌ର ବ୍ୟାପକ ପ୍ରମୋଶନ, ଏଫ୍ଆଇଏଚ୍ ନେଶନ୍ସ କପ୍ ଭଳି ନୂଆ ପ୍ରତିଯୋଗିତା ଆରମ୍ଭ ଯୋଗୁ ବିଶ୍ୱ ହକି ଏବେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ପର୍ଯ୍ୟାୟ ଦେଇ ଗତି କରୁଛି। ଏହି ସବୁ କାର୍ଯ୍ୟକଳାପକୁ ଏଭଳି ସମୟରେ ଅନ୍ତର୍ଜାତୀୟ ହକି ମହାସଂଘ (ଆଇଓସି) ସଭାପତି ଭାବେ ଅଧିକ ସମୟ ଦେବା ମୋ ଦାୟିତ୍ୱ। ପରିଣାମ ସ୍ୱରୂପ, ମୁଁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ସଭାପତି ପଦ ପାଇଁ ନିର୍ବାଚନ ନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ମୋ ମତରେ ଅନ୍ୟ ଜଣଙ୍କ ପାଇଁ ପଦ ଛାଡ଼ିବାର ସମୟ ଆସିଯାଇଛି, ଯିଏକି ଭାରତୀୟ କ୍ରୀଡ଼ାକୁ ଖୁବ୍ ଉଚ୍ଚକୁ ନେଇପାରିବ ଏବଂ ୨୦୩୬ ଅଲିମ୍ପିକ୍ସକୁ ଭାରତରେ ଆୟୋଜନ ପାଇଁ ସବୁ କିଛି କରିପାରିବ'' ବୋଲି ବାତ୍ରା ତାଙ୍କ ବିବୃତିରେ କହିଛନ୍ତି।

# 'ବି' ବର୍ଗର ଟୁର୍ନାମେଣ୍ଟ ଶେଷ

**କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲ**

**ଭୁବନେଶ୍ୱର, ୨୫।୫ (କ୍ରୀଡ଼ା ପ୍ରତିନିଧି)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୧୩ତମ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର 'ବି' ବର୍ଗ ଟୁର୍ନାମେଣ୍ଟ ବୁଧବାର ଶେଷ ହୋଇଛି। ବିହାରର ଭୁପନାଥ ଏଥିରେ ଚାମ୍ପିୟନ ହୋଇଛନ୍ତି। ତାଙ୍କୁ ଟ୍ରଫି ସହ ୬୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଆନ୍ଧ୍ର ପ୍ରଦେଶର କୁଶାଲ ଓ. ଦ୍ୱିତୀୟ ଓ ତେଲେଙ୍ଗାନାନର କ୍ରିଷ୍ଣନ କାର୍ତ୍ତିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ଓଝା, ଓମ୍ ଆଦିତ୍ୟ ଖାଡ଼ଙ୍ଗା ଓ ସଙ୍କେତ ସାଗର ଦାଶ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। 'ବି' ବର୍ଗର ଟୁର୍ନାମେଣ୍ଟରେ ମୋଟ ୬୮ ପ୍ରତିଯୋଗୀଙ୍କୁ ୬ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପ୍ରିନ୍ସିପାଲ ସଞ୍ଜୟ ସୁଆର ମୁଖ୍ୟ ଅତିଥି, ନାଗାଲାଣ୍ଡ ପୋଲିସ ଡିଆଇଜି ରାଜାଶେଖର ଏନ୍. ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଜି.ସି. ମହାପାତ୍ର, ସମ୍ପାଦକ ଦେବବ୍ରତ ଭଟ୍ଟ, କୋଷାଧ୍ୟକ୍ଷ ଭବେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୧୬୦୦ ରେଟିଂରୁ କମ୍ ଖେଳାଳିଙ୍କୁ ନେଇ 'ସି' ବର୍ଗର ଚେସ୍ ଟୁର୍ନାମେଣ୍ଟ ୨୬ ତାରିଖରୁ ଆରମ୍ଭ ହେବ।



 କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲ 'ବି' ବର୍ଗ ଟୁର୍ନାମେଣ୍ଟର କୃତୀ ପ୍ରତିଯୋଗିମାନେ ଅତିଥିଙ୍କ ସହ।

# ବରାବର ସ୍ଥିତିରେ ଢାକା ଟେଷ୍ଟ

**ଢାକା, ୨୫।୫:** ସ୍ଥାନୀୟ ସେରେ ବାଂଲା ଜାତୀୟ ଷ୍ଟାଡିୟମରେ ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ତୃତୀୟ ଦିନ ଶେଷ ସୁଦ୍ଧା ବରାବର ସ୍ଥିତିରେ ରହିଛି। ପ୍ରଥମ ଇନିଂସରେ ଘରୋଇ ଦଳ ୩୬୫ ରନ୍ କରିଥିବା ବେଳେ ଶ୍ରୀଲଙ୍କା ତା'ର ପୂର୍ବ ଦିନର ସ୍କୋର (୧୪୩/୨)ରୁ ବ୍ୟାଟିଂ ଆରମ୍ଭ କରିଥିଲା। ବର୍ଷା ଓ ଆଲୋକ ଅଭାବ ଯୋଗୁ ତୃତୀୟ ଦିନ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏହାସତ୍ତ୍ୱେ ଭ୍ରମଣକାରୀ ଦଳ ୩ ଉଇକେଟ ହରାଇ ପୂର୍ବଦିନର ସ୍କୋରରେ ୧୩୯ ରନ୍ ଯୋଡ଼ିବାକୁ ସକ୍ଷମ ହୋଇଛି। ଯାହାଫଳରେ ବୁଧବାର ଶେଷ ସୁଦ୍ଧା ଶ୍ରୀଲଙ୍କା ୫ ଉଇକେଟ ହରାଇ ୨୮୨ ରନ୍ କରିଛି। ଦଳକୁ ଇନିଂସ ଅଗ୍ରଣୀ ପାଇଁ ୮୩ ରନ୍‌ର ଆବଶ୍ୟକତା ଥିବା ବେଳେ ଦଳ ହାତରେ ଆହୁରି ୫ ଉଇକେଟ ଅଛି। ଷ୍ଟମ୍ପ ଅପସାରଣ ବେଳକୁ ଆଞ୍ଜେଲୋ ମାଥ୍ୟୁସ ୫୮ ଓ ଦୀନେଶ ଚଣ୍ଡିମାଲ (୧୦) ଅପରାଜିତ ଥିଲେ। ଦଳ ପାଇଁ ଅଧିନାୟକ ଦିମୁଥ କରୁଣାରତ୍ନେ ୮୦ ରନର ଇନିଂସ ଖେଳିଥିଲେ।

# ଟୋକିଓରେ ହୋଇପାରେ ଟ୍ରାକ୍ ଓ ଫିଲ୍ଡ ବିଶ୍ୱ ଚାମ୍ପିୟନଶିପ୍

**ଟୋକିଓ, ୨୫।୫ (ଏପି):** ଗତ ବର୍ଷ ଅଲିମ୍ପିକ୍ସ ପାଇଁ ଜାପାନ ସରକାରଙ୍କ ଦ୍ୱାରା ୧.୪ ବିଲିୟନ ଡଲାରରେ ନିର୍ମିତ ଟୋକିଓ ଜାତୀୟ ଷ୍ଟାଡିୟମରେ ଟ୍ରାକ୍ ଓ ଫିଲ୍ଡ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନ ହୋଇ ପାରେ। ଅନ୍ତର୍ଜାତୀୟ ଆଥ୍‌ଲେଟିକ୍ସର ପରିଚାଳନା ସଂସ୍ଥା ବିଶ୍ୱ ଆଥ୍‌ଲେଟିକ୍ସର ଏକ ପ୍ରତିନିଧି ଦଳ ଟୋକିଓ ଗଭର୍ନର ୟୁରିକୋ କୋଇକେଙ୍କୁ ବୁଧବାର ଭେଟିଛନ୍ତି। ଗୁରୁବାର ସେମାନେ ଷ୍ଟାଡିୟମ ପରିଦର୍ଶନ କରିବେ। ପ୍ରକୃତରେ ଆମେରିକାର ଓରେଗନର ଇଉଜିନରେ ପରବର୍ତ୍ତୀ ବିଶ୍ୱ ଚାମ୍ପିୟନଶିପ୍ ହେବାର ଥିଲା। ଅଲିମ୍ପିକ୍ସ ବାଟ ଖୋଲିବା ପାଇଁ ଏହାକୁ ୨୦୨୧ରେ ସ୍ଥଗିତ ରଖାଯାଇଥିଲା। ଏହି ସଂସ୍କରଣ ହଙ୍ଗେରୀର ବୁଡାପେଷ୍ଟରେ ୨୦୨୩ରେ ଅନୁଷ୍ଠିତ ହେବ। ତେବେ ୨୦୨୫ ଓ ୨୦୨୭ ସଂସ୍କରଣ ପାଇଁ ଭେନ୍ୟୁ ନିର୍ଦ୍ଧାରିତ କରାଯାଇ ନାହିଁ। ଏହି ଇଭେଣ୍ଟ ଆୟୋଜନ ଲାଗି ଟୋକିଓ, ନାଇରୋବି, କେନିୟା ଓ ଅଷ୍ଟ୍ରେଲିଆ ଇଚ୍ଛା ପ୍ରକଟ କରିଛନ୍ତି। ସେମାନଙ୍କ ମଧ୍ୟରୁ ଟୋକିଓକୁ ଫେଭରାଇଟ୍ ଗଣନା କରାଯାଇଛି। କାରଣ ବିଶ୍ୱ ଆଥଲେଟିକ୍ସ ମୁଖ୍ୟ ସେବାଷ୍ଟିଏନ କୋଏ ଗତ ବର୍ଷ ଚାମ୍ପିୟନଶିପ୍‌କୁ ଟୋକିଓକୁ ଆଣିବାକୁ ଆଶା ପ୍ରକାଶ କରିଥିଲେ।

# ଭାରତୀୟ ଜୁନିୟର ମହିଳା ଦଳ ଘୋଷିତ

**୨୩ ବର୍ଷରୁ କମ୍ ୫ ରାଷ୍ଟ୍ରୀୟ ହକି**

**ନୂଆଦିଲ୍ଲୀ, ୨୫।୫**

ଆୟର୍ଲାଣ୍ଡର ଡୁବଲିନଠାରେ ହେବାକୁଥିବା ୫ ରାଷ୍ଟ୍ରୀୟ ମହିଳା ହକି ଟୁର୍ନାମେଣ୍ଟ ପାଇଁ ବୁଧବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୪ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଦିପି ମୋନିକା ଟପ୍ପୋ, ଜ୍ୟୋତି ଛତ୍ରୀ, ମମିତା ଓରାମ ଓ ନିକିତା ଟପ୍ପୋ। ବୈଷ୍ଣବୀ ଭିଥାଲ ଫାଲ୍‌କେ ଅଧିନାୟିକା ଓ ମୁମ୍‌ତାଜ ଖାଁ ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତା ଜୁନ୍ ୧୯ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାରତ ସମେତ ନେଦରଲାଣ୍ଡ୍ସ, ଆୟର୍ଲାଣ୍ଡ, ଆମେରିକା ଓ ୟୁକ୍ରେନ ଅଂଶଗ୍ରହଣ କରିବ। ଭାରତ ୧୯ ତାରିଖରେ ଏହା ପ୍ରଥମ ମ୍ୟାଚ ଆୟୋଜକ ଆୟର୍ଲାଣ୍ଡ, ୨୦ରେ ନେଦରଲାଣ୍ଡ୍ସ, ୨୨ରେ ୟୁକ୍ରେନ ଓ ୨୩ରେ ଆମେରିକା ବିପକ୍ଷରେ ଖେଳିବ। ରାଉଣ୍ଡ ରବିନ ମ୍ୟାଚପରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଜୁନ୍ ୨୬ ତାରିଖରେ ଅନୁଷ୍ଠିତ ହେବ। ବ୍ରୋଞ୍ଜ ପଦକ ମ୍ୟାଚ ମଧ୍ୟ ସେହିଦିନ ଅନୁଷ୍ଠିତ ହେବ।

**ଭାରତୀୟ ଦଳ**

ଗୋଲକିପର: ଖୁସ୍‌ବୁ, କୁରମାପୁ ରାମୟା।

ଡିଫେଣ୍ଡର: ପ୍ରୀତି, ମମିତା ଓରାମ, ମହିମା ଟେଟେ, ନୀଲମ, ହ୍ରିତିକା ସିଂ।

ମିଡ୍‌ଫିଲ୍ଡର: ମଞ୍ଜୁ ଚୌରାସିଆ, ବୈଷ୍ଣବୀ ଭିଥାଲ ଫାଲ୍‌କେ (ଅଧିନାୟିକା), ଜ୍ୟୋତି ଛତ୍ରୀ, ହିନା ବାନୋ, ନିକିତା ଟପ୍ପୋ, ଅଶ୍ୱିନୀ କୋଲେକାର, ରୁତଜା ଦାଦାସୋ ପିସାଲ।

ଫରୱାର୍ଡ: ଅନୁ, ବିୟୁଟି ଡୁଙ୍ଗଡୁଙ୍ଗ, ମୁମ୍‌ତାଜ ଖାଁ (ଉପ-ଅଧିନାୟିକା), ଦୀପିକା ସୋରେଙ୍ଗ, ଦିପି ମୋନିକା ଟପ୍ପୋ, ମୁଦୁଗୁଲା ଭବାନୀ।



ଭାରତୀୟ ଜୁନିୟର ମହିଳା ହକି ଦଳ।


ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ସଞ୍ଜୁକ୍ତା ପାଢ଼ୀ
ସ୍ୱାମୀ- ସୀମାଞ୍ଚଳ ପାଢ଼ୀ
ହିଲ୍‌ପାଟଣା, ବ୍ରହ୍ମପୁର
ଆବିର୍ଭାବ- ୧୩।୧୦।୧୯୬୬
ତିରୋଧାନ- ୧୫।୦୫।୨୦୨୨
(ବୈଶାଖ ପୂର୍ଣ୍ଣିମା ତିଥି)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
- ଶୋକସନ୍ତପ୍ତ -
ଝିଅ- ରଶ୍ମିତା ଏବଂ ସସ୍ମିତା, ପୁଅ- ଜଗନ୍ନାଥ, ବୋହୂ- ଅର୍ଚ୍ଚନା, ନାତୁଣୀ- ଆଦ୍ୟାସା ଏବଂ ପରିବାରବର୍ଗ ।
ଧ-୫୬୧

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଆମ୍ଭର ପୂଜ୍ୟ ପିତା
ସ୍ୱ ନାରାୟଣ ଚନ୍ଦ୍ର ପଣ୍ଡା
ଗତ ତା୧୫।୫।୨୦୨୨ରିଖରେ ଇହଧାମ ସମ୍ବରଣ କରି ଆମ୍ଭକୁ ଶୋକ ସାଗରରେ ଭସାଇ ଚାଲିଗଲେ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପରମାତ୍ମାଙ୍କଠାରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୫୬୮

୩୩ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



ସ୍ୱ ଗୋପୀନାଥ ପଣ୍ଡା
୬୨, ବାପୁଜୀନଗର
ତିରୋଧାନ- ୩୧।୦୫।୧୯୮୯
(ଜ୍ୟେଷ୍ଠ କୃଷ୍ଣ ଏକାଦଶୀ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୫୪୧

ଶ୍ରଦ୍ଧାଞ୍ଜଳି



ସ୍ୱ ଶୈଳବାଳା ମହାପାତ୍ର
ଡିମିରି, ଅଡ଼ଶପୁର, କଟକ
ଆବିର୍ଭାବ: ୧୯୪୫
(କାର୍ତ୍ତିକ ଶୁକ୍ଳ ସପ୍ତମୀ)
ତିରୋଧାନ: ୧୯୯୮
(ଜ୍ୟେଷ୍ଠ କୃଷ୍ଣ ଏକାଦଶୀ)
ଧର୍ମ ନିବାସ, ଏ.ଏଲ୍.-୬୪
ଭି.ଏସ୍.ଏସ୍.ନଗର, ଭୁବନେଶ୍ୱର
ଚତୁର୍ବିଂଶ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୫୩୦

# ଭାବୁଛନ୍ତି କ୍ୟାଟ୍ରିନା

ଅଭିନୟ ସହ ସେ ସିନା ଜଡ଼ିତ, ହେଲେ ଆଉ ଏକ କଥା ପ୍ରତି ତାଙ୍କର ଆଗ୍ରହ ରହିଛି। ଏଥିପାଇଁ ସେ ଏବେ ଅଧିକାଂଶ ସମୟ ଭାବନା ରାଇଜରେ ବୁଡ଼ି ରହୁଛନ୍ତି। ସେ ହେଲେ କ୍ୟାଟ୍ରିନା କୈଫ। ହେଲେ ତାହା ଏମିତି କ'ଣ କି, ଯାହା ପାଇଁ ସେ ଏତେ ଉତ୍ସାହ ପ୍ରକାଶ କରୁଛନ୍ତି। ତାହା ହେଲା କାହାଣୀ ଅର୍ଥାତ୍ ମନଲାଖି କାହାଣୀଟିଏ ଖୋଜିବାକୁ ସେ ଲାଗିପଡ଼ିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ନିକଟରେ ମୋର କେତେଜଣ ସାଙ୍ଗଙ୍କ ସହ ଭେଟ ହୋଇଥିଲା। ସେମାନେ ମୋତେ ଏକ କାହାଣୀ ଖୋଜିବାକୁ ପରାମର୍ଶ ଦେଇଥିଲେ। ସେହିଦିନଠାରୁ ମୋର କାହାଣୀ ମିଶନ ଆରମ୍ଭ ହୋଇଛି। ଏ ନେଇ ମୋତେ ଅଧିକାଂଶ ସମୟ ଭାବିବାକୁ ପଡୁଛି। ଆଶା, ମୋର ଏହି ମିଶନ ଖୁବ୍‌ଶୀଘ୍ର ସଫଳ ହେବ।' ତେବେ କେଉଁଭଳି କାହାଣୀଟିଏ କ୍ୟାଟ୍ରିନା ଖୋଜି ପାଉଛନ୍ତି ଆଉ ତାହା ଚଳଚ୍ଚିତ୍ରର ରୂପ ନେଉଛି କି ନାହିଁ, ତାହା ସମୟ ହିଁ କହିବ।


କ୍ୟାଟ୍ରିନା

# ମିଳିଗଲେ ଗୁରୁ

ପରିଣିତି ଚୋପ୍ରା ଜଣେ ଯୋଗଗୁରୁ ସନ୍ଧାନରେ ଥିଲେ। ହେଲେ ଏପରି ଗୁରୁ ଯେ ତାଙ୍କର ହାତପାଆନ୍ତାରେ ଅଛନ୍ତି, ତାହା ସେ ଜାଣି ନ ଥିଲେ। ସେ କିଏ ଜାଣନ୍ତି, କରୀନା କପୁର। ଥରେ ଯୋଗ ବିଷୟରେ ତାଙ୍କ ସହ ସେ ଆଲୋଚନା କରୁଥିଲେ। ଜଣେ ଯୋଗଗୁରୁ ଖୋଜିଦେବାକୁ ସେ ତାଙ୍କୁ କହିଥିଲେ। ହେଲେ କରୀନା ନିମିଷକ ମଧ୍ୟରେ ତାଙ୍କର ଏହି ସମସ୍ୟାର ସମାଧାନ କରିଦେଇଥିଲେ। ଅର୍ଥାତ୍, ପରିଣିତିଙ୍କ ଯୋଗଗୁରୁ ସାଜିବାକୁ ସେ ନିଜପଟରୁ ପ୍ରସ୍ତାବ ଦେଇଥିଲେ। ଆଉ ଏଭଳି ଏକ ସୁବର୍ଣ୍ଣ ସୁଯୋଗକୁ ଆଦୌ ହାତଛଡ଼ା କରିବାକୁ ଚାହୁଁ ନ ଥିଲେ ପରିଣିତି। ବାସ୍, ଏବେ ତାଙ୍କ ନିକଟରୁ ସେ ଯୋଗ ଶିକ୍ଷା କରୁଛନ୍ତି। ଏ ବିଷୟରେ ପରିଣିତି କହନ୍ତି, 'ମୁଁ ଯେତେବେଳେ କରୀନାଙ୍କୁ ଏ ନେଇ କହିଲି ସେ ମୋ କଥା ଶୁଣି କିଛି ସମୟ ନୀରବ ରହିଥିଲେ। ତା'ପରେ ସେ ମୋ ଯୋଗଗୁରୁ ହେବାକୁ ପ୍ରସ୍ତାବ ଦେଇଥିଲେ, ଯାହାକୁ ମୁଁ ଆନନ୍ଦର ସହ ଗ୍ରହଣ କରିଥିଲି।'



# ଚା' ପ୍ରିୟ ଶ୍ରଦ୍ଧା

ଶକ୍ତି କପୁରଙ୍କ କନ୍ୟା ଶ୍ରଦ୍ଧା। ଇତିମଧ୍ୟରେ ସେ 'ଆସିକ୍-୨', 'ଏକ୍ ଭିଲେନ୍', 'ହାଇଦର', 'ଏବିସିଡି-୨', 'ବାଗୀ', 'ଓକେ ଜାନୁ', 'ହାଫ୍ ଗର୍ଲଫ୍ରେଣ୍ଡ' ଏବଂ 'ସ୍ତ୍ରୀ' ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି। ହେଲେ ତାଙ୍କର ଏକ ଅଭ୍ୟାସ ରହିଛି। ସକାଳୁ ଉଠି ସେ କପେ ଚା' ପିଇବାକୁ ଆଦୌ ଭୁଲି ନ ଥାନ୍ତି। ଏପରି କି ଦିନରେ ଯେତେବେଳେ ସେ ବୋରିଂ ଅନୁଭବ କରନ୍ତି ସେତେବେଳେ ମଧ୍ୟ ଚା' ପିଅନ୍ତି। ଏ ନେଇ ଶ୍ରଦ୍ଧା କହନ୍ତି, 'ପାଠ ପଢ଼ିବା ସମୟରେ ମୋର ଏହି ଚା'ପିଆ ଅଭ୍ୟାସ ଆରମ୍ଭ ହୋଇଥିଲା। ଏବେ ତ ଅଭିନୟ ସହ ଜଡ଼ିତ। ତଥାପି ଏଥିରୁ ମୁଁ ନିଜକୁ ମୁକୁଳାଇପାରୁନି। ଚା' ଟିକେ ପିଇବାକୁ ଇଚ୍ଛା ହେଲେ ତାହାକୁ ମୁଁ ପୂରଣ ନ କଲେ ମୋତେ ଯେମିତି କେମିତିକା ଲାଗିଥାଏ।' ବୃକ୍ଷରୋପଣ ତାଙ୍କର ଆଉ ଏକ ପସନ୍ଦ। ସମୁଦ୍ର କୂଳରେ ବୁଲିବାକୁ ସେ ବେଶି ପସନ୍ଦ କରନ୍ତି।

ପରଦାରେ

# ଦୃଷ୍ଟିକୋଣ ବନାମ ପ୍ରେମ ଏଟିଏମ୍

ଚଳିତ ମାସ ୨୭ରେ ପରଦା ଉପରକୁ ଆସୁଛି ଦୁଇଟି ଓଡ଼ିଆ ସିନେମା 'ପ୍ରେମ ଏଟିଏମ୍' ଏବଂ 'ଦୃଷ୍ଟିକୋଣ'। ମାରୁତି ମୁଭି ବ୍ୟାନରରେ ନିର୍ମିତ ଏବଂ ସୁରେନ୍ଦ୍ର ନାରାୟଣ (ପୁଲିଆ) ଓ ନବନୀତା ମିଶ୍ର ପ୍ରଯୋଜିତ 'ପ୍ରେମ ଏଟିଏମ୍'ର ନିର୍ଦ୍ଦେଶନା ଦେଇଛନ୍ତି ସୁଧାଂଶୁ ମୋହନ ସାହୁ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଏହି ଫିଲ୍ମର ବିଭିନ୍ନ ଭୂମିକାରେ ପ୍ରଦୀପ ଦତ୍ତ, ଦିବ୍ୟାଦିଶା ମହାନ୍ତି ଓ ଲିପିକା ସେନାପତି ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ଏହି ତାରିଖରେ ପରଦା ଉପରକୁ ଆସୁଛି ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜିତ 'ଦୃଷ୍ଟିକୋଣ'। ନାରୀ ନିର୍ଯାତନାକୁ ଆଧାର କରି ଏହାର କାହାଣୀ ଗତିଶୀଳ। ଏହି ଫିଲ୍ମରେ ଏଲିନା ପ୍ରିୟଦର୍ଶିନୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ପୋଲିସ ଅଫିସର ଭାବେ ଦେଖିବାକୁ ମିଳିବ। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ସୁଶାନ୍ତ ମଣି(ସାନୁ)। ଏଲିନାଙ୍କ ବ୍ୟତୀତ ଏଥିରେ ଶୁଭଶ୍ରୀ ସାମନ୍ତରାୟ (ଲିଜା), ହର ରଥ, ଚୌଧୁରୀ ବିକାଶ ଦାସ, ଏବଂ ସାହିତ୍ୟିକ ହରପ୍ରସାଦ ଦାସ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହାର କ୍ରିଏଟିଭ୍ ହେଡ୍ ଅଛନ୍ତି ପ୍ରଣୟ ଜେଠୀ। ତେବେ ଏହି ଫିଲ୍ମଦ୍ୱୟ ଦର୍ଶକଙ୍କୁ କେତେମାତ୍ରାରେ ପ୍ରଭାବିତ କରୁଛି, ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।


ଲିଜା


ପ୍ରଦୀପ

# ସେପ୍ଟେମ୍ବରକୁ ଅପେକ୍ଷା

ମହେଶ ତନୟା ଆଲିୟା ଭଟ୍ଟ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ଇତିମଧ୍ୟରେ ସେ ନିଜ ପ୍ରେମିକ ରଣବୀର କପୁରଙ୍କୁ ବିବାହ କରିସାରିଛନ୍ତି। ହେଲେ ଦିନ ଗଣିବା ପଛରେ ଆଉ ଏକ ଖାସ୍ କଥା ରହିଛି। ତାହା ହେଲା, ରଣବୀର-ଆଲିୟା ଅଭିନୀତ 'ବ୍ରହ୍ମାସ୍ତ୍ର' ଚଳିତ ବର୍ଷ ସେପ୍ଟେମ୍ବର ୯ରେ ରିଲିଜ୍ ହେବାକୁ ଯାଉଛି। ନିକଟରେ ରିଲିଜ୍ ହୋଇ ତାଙ୍କର ଦୁଇଟି ସିନେମା 'ଆର୍‌ଆର୍‌ଆର୍' ଏବଂ 'ଗାଙ୍ଗୁବାଈ କାଠିଆୱାଡି' ଭଲ ବିଜନେସ୍ କରିଛି। ଏ ନେଇ ଆଲିୟା କହନ୍ତି, 'ଏହି ଫିଲ୍ମଟିକୁ ନେଇ ଅନେକ ଆଶା ରହିଛି। କୋଭିଡ୍ ପାଇଁ ଏହାର କାର୍ଯ୍ୟ ବିଳମ୍ବ ହୋଇଥିଲା। ଯାହାହେଉ ଫିଲ୍ମଟି ଚଳିତବର୍ଷ ସେପ୍ଟେମ୍ବରରେ ପରଦା ଉପରକୁ ଆସୁଛି। ମୋର ଦୃଢ଼ ବିଶ୍ୱାସ, କରନ୍ ଜୋହରଙ୍କ ଏହି ଚଳଚ୍ଚିତ୍ରକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ।' ଏହି ଫିଲ୍ମର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆର୍ଯ୍ୟନ ମୁଖାର୍ଜୀ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରୀତମ। ରଣବୀର-ଆଲିୟା ଯୋଡ଼ି ବ୍ୟତୀତ ଅମିତାଭ ବଚ୍ଚନ, ନାଗାର୍ଜୁନ, ମୌନି ରୟ, ଡିମ୍ପଲ କାପାଡ଼ିଆ ଏବଂ ଏକ କେମିଓ ଭୂମିକାରେ ଶାହରୁଖ ଖାନ୍‌ଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟି ହିନ୍ଦୀ, ତେଲୁଗୁ, ତାମିଲ, ମାଲୟାଲମ ଏବଂ କନ୍ନଡ ଭାଷାରେ ନିର୍ମିତ ହୋଇଛି।


ଆଲିୟା

ନୂଆ ସିନେମା

# ମୀରା ମା'

ମୀରା ପରିଡ଼ାଙ୍କ ପରିଚୟ ଦେବା ବୋଧହୁଏ ଅନାବଶ୍ୟକ। କାରଣ କେବଳ ଓଡ଼ିଶାରେ ନୁହେଁ, ରାଜ୍ୟ ବାହାରେ ସମାଜସେବା ପାଇଁ ସେ ବେଶ୍ ପରିଚିତା। ତାଙ୍କ ସଂଘର୍ଷମୟ ଜୀବନକୁ ନେଇ ନିର୍ମିତ ହେବାକୁ ଯାଉଛି ଏକ ବାୟୋପିକ୍, ଯାହାର ଶୀର୍ଷକ ରହିଛି 'ମୀରା ମା'। ଚିତ୍ରଟିର ଶୀର୍ଷକ ଭୂମିକାରେ ଅଭିନୟ କରିବେ ସ୍ୱପ୍ନା ପତି। ନିକଟରେ ବମ୍ବେଠାରେ ଏହାର ପୋଷ୍ଟର ରିଲିଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍.ଆର୍. ଏଣ୍ଟରପ୍ରାଇଜ୍ ଏବଂ ଜି.କେ. ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ବେଶ୍ ପ୍ରଶଂସା ସାଉଁଟିଥିବା ରାଜେଶ ମହାନ୍ତି। ଏ ସମ୍ପର୍କରେ ସେ କୁହନ୍ତି, 'ଏହି ଫିଲ୍ମଟି ମୋ ପାଇଁ ଏକ ଚ୍ୟାଲେଞ୍ଜ। କାରଣ ମୀରାଙ୍କ ଜୀବନର ପ୍ରତିଟି ପାହାଚକୁ ଠିକ୍ ଭାବେ ଉପସ୍ଥାପନା କରିବାକୁ ଶତପ୍ରତିଶତ ଚେଷ୍ଟା କରାଯିବ।' ମୋ ଜନ୍ମମାଟି ଓଡ଼ିଶାରେ ଭଲ ଭଲ କାହାଣୀ ରହିଛି। ଏପରି ଏକ ବିଷୟବସ୍ତୁ ମୋ ମନକୁ ଆସିବା ପରେ ତାହାକୁ ଚଳଚ୍ଚିତ୍ରର ରୂପ ଦେବାକୁ ଚାହିଁଥିଲି ଏବଂ ତାହା ସଫଳ ହେବାକୁ ଯାଉଛି।' ଅନ୍ୟପକ୍ଷରେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବା ସହଜ କଥା ନୁହେଁ ଏବଂ ଏଭଳି ଚରିତ୍ରରେ ମୁଁ ପ୍ରଥମଥର ପରଦା ଉପରକୁ ଆସିବି। ଏହାକୁ ନେଇ ମୁଁ ବେଶ୍ ଉତ୍ସାହିତ ଅଛି ବୋଲି କହନ୍ତି ସ୍ୱପ୍ନା। ଏହି ଫିଲ୍ମର ଶୁଟିଂ ଓଡ଼ିଶା, ବମ୍ବେ ଏବଂ ଦିଲ୍ଲୀରେ ହେବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।


ସ୍ୱପ୍ନା


'ଶଦୀଦ ରଘୁ ସର୍ଦ୍ଦାର' ଚଳଚ୍ଚିତ୍ରର ଏକ ଦୃଶ୍ୟ।

# ଓଡ଼ିଆ ଚଳଚ୍ଚିତ୍ର ଓ ବାୟୋପିକ୍ ପ୍ରସଙ୍ଗ

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ବାୟୋପିକ୍ ଅର୍ଥାତ୍ ଜୀବନ ବୃତ୍ତାନ୍ତକୁ ନେଇ ଚଳଚ୍ଚିତ୍ର ନିର୍ମିତ ହୋଇଛି। କିମ୍ବଦନ୍ତୀକୁ ନେଇ ଓଡ଼ିଆ ସିନେମା ପ୍ରସ୍ତୁତ ହେବାର ମଧ୍ୟ ଅନେକ ଉଦାହରଣ ଅଛି। 'ସୀତାବିବାହ', 'ଲଳିତା', 'ଶ୍ରୀଜଗନ୍ନାଥ', 'କେଦାରଗୌରୀ', 'ମହାସତୀ ସାବିତ୍ରୀ', 'ସତୀ ଅନସୂୟା', 'ସାକ୍ଷୀ ଗୋପୀନାଥ', 'ରଘୁ ଅରକ୍ଷିତ' ଓ 'ଭକ୍ତ ସାଲବେଗ' ଆଦି। ବର୍ତ୍ତମାନ ଏହି ଧାରା ମଧ୍ୟ ବଜାୟ ରହିଛି। ଗତବର୍ଷ 'ଶହୀଦ ରଘୁ ସର୍ଦ୍ଦାର' ନାମକ ଏକ ବାୟୋପିକ୍ ରିଲିଜ୍ ହୋଇଥିଲା। ଏବେ ଜୟୀ ରାଜଗୁରୁଙ୍କ ଜୀବନୀକୁ ନେଇ 'ଜୟୀ ରାଜଗୁରୁ' ଏବଂ 'ମହର୍ଷି' ଟାଇଟଲବିଶିଷ୍ଟ ଦୁଇଟି ସିନେମା ଓ 'କଳାପାହାଡ଼' ଶୀର୍ଷକ ଏକ ଚିତ୍ର ନିର୍ମିତ ହେଉଛି।

ବ୍ୟକ୍ତିତ୍ୱ ଉପରେ ମଧ୍ୟ ଓଡ଼ିଆ ସିନେମା ନିର୍ମାଣ କରାଯାଇଛି। ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ ଦିଲୀପ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ସୁନନ୍ଦା ପଟ୍ଟନାୟକଙ୍କ ଜୀବନୀ ଉପରେ ନିର୍ମିତ ଚଳଚ୍ଚିତ୍ର, ଯାହା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛି। ସେହିପରି ରାଜ୍ୟ ଶିକ୍ଷା ଜନସାଧନ କେନ୍ଦ୍ର ପକ୍ଷରୁ ସମାଜସେବୀ ଅନ୍ନପୂର୍ଣ୍ଣ ମହାରଣା ଓ ମାଳତୀ ଚୌଧୁରୀଙ୍କ ଜୀବନୀକୁ ନେଇ ନିର୍ଦ୍ଦେଶକ ପାର୍ବତୀ ଘୋଷ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ନିର୍ଦ୍ଦେଶକ ନୀରଦ ମହାପାତ୍ରଙ୍କ ଜୀବନୀକୁ ନେଇ ନିର୍ଦ୍ଦେଶକ ଯୋଶୀ ଯୋଶେଫ, ଓଡ଼ିଶୀ ସଙ୍ଗୀତଜ୍ଞ ଶ୍ୟାମାମଣି ଦେବୀଙ୍କ ଜୀବନୀକୁ ନେଇ ନିର୍ଦ୍ଦେଶକ ସନ୍ତୋଷ ଗୌର, ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ପ୍ରମୋଦ ପତିଙ୍କ ଜୀବନୀ ଉପରେ ନିର୍ଦ୍ଦେଶକ ରାଜୀବ କାଟିୟାର, ବିନୋଦ କାନୁନ୍‌ଗୋଙ୍କ ଜୀବନୀ ଉପରେ ନିର୍ଦ୍ଦେଶକ ସି.ଏମ୍. ରାଓ ପ୍ରମୁଖ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ଏହି ଚଳଚ୍ଚିତ୍ରଗୁଡ଼ିକ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ରାଜ୍ୟ ଜନଶିକ୍ଷା କେନ୍ଦ୍ର ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା, ଯାହା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ଲାଭ କରିଥିଲା।

ଜୀବନ ବୃତ୍ତାନ୍ତ ଉପରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ଆର୍ଥିକ ଦିଗକୁ ପ୍ରଥମେ ଲକ୍ଷ୍ୟ କରିବା ଦରକାର। ଜାତୀୟସ୍ତରରେ ବିଭିନ୍ନ ରାଜ୍ୟ ତଥା ଦେଶ ବାହାରେ ମଧ୍ୟ ଏହି ଚଳଚ୍ଚିତ୍ରଗୁଡ଼ିକୁ ଦେଖିବାକୁ ଅଧିକାଂଶ ଦର୍ଶକଙ୍କ ଆଗ୍ରହ ରହିଥାଏ। ତେବେ ଏଭଳି ସିନେମା ନିର୍ମାଣ କରିବା ଲାଗି ପ୍ରଯୋଜକମାନେ ଆଗଭର ହେଲେ କିଛି କ୍ଷତି ନାହିଁ। କିନ୍ତୁ ସିନେମାଗୁଡ଼ିକର ନିର୍ମାଣଶୈଳୀ ଉଭୟ ଦର୍ଶକ ଏବଂ ଜୁରି ସଦସ୍ୟଙ୍କୁ ପ୍ରଭାବିତ କରିବା ଭଳି ହୋଇଥିବା ଦରକାର।

-ଦିଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

# ଆଲିୟାରୁ କିଆରା

ଅଭିନୟ ଜଗତରେ ଏଣ୍ଟ୍ରି ପୂର୍ବରୁ କିଆରା ଆଡ୍‌ଭାନୀଙ୍କ ନାମ କ'ଣ ଥିଲା ଜାଣନ୍ତି? ଆଲିୟା। ହେଲେ ଯେତେବେଳେ ସେ ଆକ୍ଟିଂକୁ କ୍ୟାରିୟର କରିବାକୁ ମନସ୍ଥ କଲେ ସେତେବେଳେ ନିଜ ନାମ ପରିବର୍ତ୍ତନ କରିବାକୁ ଚାହିଁଲେ। ହେଲେ ଏହାପୂର୍ବରୁ ସେ ଜଣେ ଜ୍ୟୋତିଷଙ୍କ ସହ ପରାମର୍ଶ କରିଥିଲେ। ତା'ପରେ ସେ ନିଜ ନାମକୁ ବଦଳାଇ କିଆରା ଆଡ୍‌ଭାନୀ କରିଥିଲେ। ବଲିଉଡ୍‌ରେ ସୁଯୋଗ ପାଇବା ପୂର୍ବରୁ ସେ ବମ୍ବେସ୍ଥିତ ୟର୍ଲି ବାର୍ଡସ୍ ପ୍ଲେ ସ୍କୁଲ୍‌ରେ ଜଣେ ଶିକ୍ଷୟିତ୍ରୀ ଭାବେ କାମ କରୁଥିଲେ। ପୁଣି ସେହି ସ୍କୁଲରେ ତାଙ୍କ ମା' ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀ ଥିଲେ। ମାସ୍ କମ୍ୟୁନିକେଶନରେ କିଆରା ଡିଗ୍ରୀ ହାସଲ କରିଛନ୍ତି। କଲେଜରେ ପଢ଼ିବା ସମୟରେ ସେ ଏକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ।


କିଆରା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୨୬/୨୦୨୨ Bhubaneswar, Thursday, May 26/ 2022

# ଲକ୍ଷ୍ନୌ ଏଲିମିନେଟ୍



ଶତକ ହାସଲ ପରେ ରଜତ ପଟିଦାର।

## ଆରସିବି-ରାଜସ୍ଥାନ ଦ୍ୱିତୀୟ କ୍ୱାଲିଫାୟର

**କୋଲକାତା, ୨୫।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ହାଇସ୍କୋରିଂ ଏଲିମିନେଟର ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ୧୪ ରନରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ପରାସ୍ତ କରିଛି। ଫଳରେ ଆଇପିଏଲ୍‌ର ନୂଆ ଦଳ ଲକ୍ଷ୍ନୌ ଏଲିମିନେଟ୍ ହୋଇଥିବାବେଳେ ଆରସିବି କ୍ୱାଲିଫାୟର-୨ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ରଜତ ପଟିଦାରଙ୍କ ଶତକ ସହାୟତାରେ ଆରସିବି ୨୦ ଓଭରରେ ୪ ଉଇକେଟ ହରାଇ ୨୦୭ ରନ କରିଥିଲା। ଜବାବରେ ଲକ୍ଷ୍ନୌ ୨୦ ଓଭରରେ ୬ ଉଇକେଟ ହରାଇ ୧୯୩ ରନ କରିବାକୁ ସକ୍ଷମ ହୋଇଥିଲା। ଆରସିବି କ୍ୱାଲିଫାୟର-୨ରେ ରାଜସ୍ଥାନ ରୟାଲ୍ସକୁ ଭେଟିବ। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟରରେ ରାଜସ୍ଥାନକୁ ହରାଇ ଗୁଜରାଟ ଟାଇଟାନ୍ସ ଫାଇନାଲରେ ପ୍ରବେଶ କରିସାରିଛି।

### ରଜତଙ୍କ ରାଜୁତି

ଟସ୍ ଜିତି ଲକ୍ଷ୍ନୌ ଅଧିନାୟକ ଲୋକେଶ ରାହୁଲ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଆରସିବିର ପୁରା ଇନିଂସରେ ରାଜୁତି କରିଥିଲେ ରଜତ ପଟିଦାର। ପ୍ରଥମ ଓଭରରେ ଅଧିନାୟକ ଫାଫ୍ ଡୁ'ପ୍ଲେସିଙ୍କ ଉଇକେଟ ହରାଇ ବଡ଼ ଝଟ୍‌କା ଖାଇଥିଲା ଆରସିବି। ମାତ୍ର ୪ ରନରେ ପ୍ରଥମ ଉଇକେଟ ପଡ଼ିବାରୁ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବିରାଟ କୋହଲି ୨୪ ବଲ୍‌ରୁ ୨୫ (୨ ଚୌକା) ରନକରିଥିବାବେଳେ ଆଭେସ ଖାଁଙ୍କ ଏକ ବଲ୍‌କୁ ଅପର କଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ଗ୍ଲେନ ମ୍ୟାକ୍ସୱେଲ (୯) ଓ ମହୀପାଲ ଲୋମରୋର (୧୪) ବିଫଳ ହେବାରୁ ଆରସିବି ୧୧୫ ରନରେ ୪ର୍ଥ ଉଇକେଟ ହରାଇଥିଲା। ମାତ୍ର କ୍ରିଜରେ ତିଷ୍ଠି ରହିଥିବା ରଜତଙ୍କ ସହ ଦୀନେଶ କାର୍ତ୍ତିକ ଯୋଗଦେଇ ଦଳକୁ ବଡ଼ ସ୍କୋର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ବିସ୍ଫୋରକ ବ୍ୟାଟିଂ କରିଥିଲେ ରଜତ। ଆଇପିଏଲ୍ ଇତିହାସରେ ୪ର୍ଥ ଅନ୍‌କ୍ୟାପେଡ ଖେଳାଳିଭାବେ ସେ ଶତକ ହାସଲ କରିବା ସହ ଦଳର ରନ୍ ସଂଖ୍ୟାକୁ ୨୦୦ ଅତିକ୍ରମ କରାଇଥିଲେ। ରଜତ ଓ କାର୍ତ୍ତିକ ଅସମାପ୍ତ ୫ମ ଉଇକେଟରେ ମାତ୍ର ୪୧ ବଲ୍‌ରୁ ୯୨ ରନର ଭାଗୀଦାରି ଗଢ଼ିଥିଲେ। ୫୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ପଟିଦାର ୧୨ ଚୌକା ଓ ୭ ଛକା ସହାୟତାରେ କ୍ୟାରିୟର ଶ୍ରେଷ୍ଠ ୧୧୨ ରନ ସ୍କୋର କରିଥିଲେ। କାର୍ତ୍ତିକ ୨୩ ବଲ୍‌ରୁ ୫ ଚୌକା ଓ ୧ ଛକା ସହ ୩୭ ରନ କରିଥିଲେ। ଦୁହେଁ ଶେଷ ପର୍ଯ୍ୟନ୍ତ କ୍ରିଜରେ ତିଷ୍ଠିରହି ଲକ୍ଷ୍ନୌ ବୋଲରଙ୍କୁ ନିରାଶ କରିଥିଲେ। ୧୬ରୁ ୨୦ ଡେଥ୍ ଓଭର ମଧ୍ୟରେ ଆର୍‌ସିବି ୮୪ ରନ ସଂଗ୍ରହ କରିଥିଲା। ଯାହାକି ଚଳିତ ଆଇପିଏଲ୍‌ରେ ଦ୍ୱିତୀୟ ସର୍ବାଧିକ। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ମହସିନ ଖାଁ, କୃନାଲ ପାଣ୍ଡ୍ୟା, ଆଭେଶ ଖାଁ ଓ ରବି ବିଷ୍ଣୋଇ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛା କରିଥିବା ଲକ୍ଷ୍ନୌ ପ୍ରଥମ ଓଭରରେ ଇନ୍‌ଫର୍ମ ବ୍ୟାଟର କ୍ୱିଣ୍ଟନ ଡି'କକ୍‌ଙ୍କ ଉଇକେଟ ହରାଇଥିଲା। କେତେକ ଷ୍ଟ୍ରୋକ୍ ଖେଳି ଇନିଂସ ଆରମ୍ଭ କରିଥିଲେ ହେଁ ମନନ ଭୋରା ୧୧ ବଲ୍‌ରୁ ୧୯ (୧ ଚୌକା, ୨ ଛକା) ରନକରି ଆଉଟ ହୋଇ ଯାଇଥିଲେ। ତେବେ ଅଧିନାୟକ ରାହୁଲ ଓ ଦୀପକ ହୁଡା ୩ୟ ଉଇକେଟରେ ୬୧ ବଲ୍‌ରୁ ୯୬ ରନ ଯୋଗକରି ମ୍ୟାଚକୁ ନିୟନ୍ତ୍ରଣକୁ ଆଣିଥିଲେ। ହୁଡା ୨୬ ବଲ୍‌ରୁ ୧ ଚୌକା ଓ ୪ ଛକା ସହାୟତାରେ ୪୫ ରନ କରିଥିବାବେଳେ ସ୍ପିନର ୱାନିନ୍ଦୁ ହସରଙ୍ଗାଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ମାର୍କୁସ ଷ୍ଟୋଇନିସ ମାତ୍ର ୯ ରନ କରିବାକୁ ସକ୍ଷମ ହୋଇଥିଲେ। ସେଟ୍‌ବ୍ୟାଟର ରାହୁଲଙ୍କ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଥିଲା। ମାତ୍ର ୧୯ତମ ଓଭରରେ ସେ ଜୋଶ୍ ହାଜେଲଉଡ୍‌ଙ୍କ ବଲ୍‌ରେ ଆଉଟ ହେବାରୁ ଲକ୍ଷ୍ନୌ ଆଶା ମଉଳିଥିଲା। ରାହୁଲ ୫୮ ବଲ୍‌ରୁ ୩ ଚୌକା ଓ ୫ ଛକା ସହାୟତାରେ ୭୯ ରନ କରିଥିଲେ। ପରବର୍ତ୍ତୀ ବଲ୍‌ରେ କୃନାଲ ପାଣ୍ଡ୍ୟାଙ୍କୁ କଟ୍ ଆଣ୍ଡ ବୋଲ୍ଡ କରି ହାଜେଲଉଡ୍ ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ଶେଷ ଓଭରରୁ ବିଜୟ ପାଇଁ ଲକ୍ଷ୍ନୌକୁ ୨୪ ରନ ଆବଶ୍ୟକ ହେଉଥିଲା। ମାତ୍ର ଲକ୍ଷ୍ନୌ ୯ ରନ କରିବାକୁ ସକ୍ଷମ ହୋଇଥିଲା। ଆରସିବି ପକ୍ଷରୁ ଜୋଶ୍ ହାଜେଲଉଡ୍ ୩ଟି ଏବଂ ମହମ୍ମଦ ସିରାଜ, ୱାନିନ୍ଦୁ ହସରଙ୍ଗା ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୨୦୭/୪ (ରଜତ ପଟିଦାର-୧୧୨*, ଦୀନେଶ କାର୍ତ୍ତିକ-୩୭*, ବିରାଟ କୋହଲି-୨୫, ମହସିନ ଖାଁ-୧/୨୫, କୃନାଲ ପାଣ୍ଡ୍ୟା-୧/୩୯, ଆଭେଶ ଖାଁ-୧/୪୪, ରବି ବିଷ୍ଣୋଇ-୧/୪୫)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୯୩/୬ (ଲୋକେଶ ରାହୁଲ-୭୯, ଦୀପକ ହୁଡା-୪୫, ଜୋଶ୍ ହାଜେଲଉଡ-୩/୪୩, ମହମ୍ମଦ ସିରାଜ-୧/୪୧, ୱାନିନ୍ଦୁ ହସରଙ୍ଗା-୧/୪୨, ହର୍ଷଲ ପଟେଲ-୧/୨୫)।

### ଆଇପିଏଲ୍‌ରେ ଅନ୍‌କ୍ୟାପେଡ ଖେଳାଳିଙ୍କ ଶତକ

୧୨୦* : ପଲ୍ ଭାଲଥାଟି, ପଞ୍ଜାବ କିଙ୍ଗ୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ, ୨୦୧୧
୧୧୪* : ମନୀଷ ପାଣ୍ଡେ, ଆରସିବି ବନାମ ଡେକାନ ଚାର୍ଜର୍ସ, ୨୦୦୯
୧୦୧* : ଦେବଦତ୍ତ ପଡିକାଲ, ଆର୍‌ସିବି ବନାମ ରାଜସ୍ଥାନ ରୟାଲ୍ସ, ୨୦୨୧
୧୧୨* : ରଜତ ପଟିଦାର, ଆର୍‌ସିବି ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ, ୨୦୨୨

### ଡେଥ୍ ଓଭର (୧୬ରୁ ୨୦) ସର୍ବାଧିକ ରନ୍

୮୮-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବନାମ କୋଲକାତା ନାଇଟ୍ ରାଇଡର୍ସ ଡିୱାଇ ପାଟିଲ
୮୪-ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ କୋଲକାତା
୮୩-ଚେନ୍ନାଇ ସୁପର କିଙ୍ଗ୍ସ ବନାମ ଆରସିବି ଡିୱାଇ ପାଟିଲ
୭୬-ମୁମ୍ବାଇ ଇଣ୍ଡିଆନ୍ସ ବନାକ କେକେଆର୍ ପୁଣେ

# ଲଢ଼େଇ କରି ହାରିଲା ଓଡ଼ିଶା ପୋଲିସ

**ଭୁବନେଶ୍ୱର, ୨୫।୫ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ବୁଧବାର ଅନୁଷ୍ଠିତ ମ୍ୟାଚରେ ଲଢୁଆ ପ୍ରଦର୍ଶନ କରି ଓଡ଼ିଶା ପୋଲିସ ପରାଜିତ ହୋଇଛି। କ୍ୟାପିଟାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୨-୩ ଗୋଲରେ ହନ୍ସ ଓମେନ୍ସ ନିକଟରୁ ହାରିଯାଇଛି। ମ୍ୟାଚର ୪ର୍ଥ ମିନିଟରେ ବାଣୀ କାଲୁଚାଙ୍କ ଗୋଲ ବଳରେ ହନ୍ସ ଓମେନ୍ସ ଆରମ୍ଭରୁ ଅଗ୍ରଣୀ ନେଇଥିଲା। ପ୍ରଥମାର୍ଦ୍ଧର ଅଧିକାଂଶ ସମୟ ଏହି ଦିଲ୍ଲୀ ଦଳ ଅଗ୍ରଣୀ ହାସଲ କରିଥିବାବେଳେ ୪୫ତମ ମିନିଟରେ ବକ୍ସ ଏରିଆ ମଧ୍ୟରେ ଫାଉଲ୍ କରିବାରୁ ବିପକ୍ଷ ଦଳକୁ ପେନାଲ୍ଟି ମିଳିଥିଲା। ଓଡ଼ିଶା ପୋଲିସର ଶିବାନୀ ମୁଣ୍ଡାରୀ ଏହାକୁ ଗୋଲରେ ପରିଣତ କରି ମ୍ୟାଚକୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୧-୧ସ୍ଥିତିକୁ ନେଇ ଆସିଥିଲେ। ୬୯ତମ ମିନିଟରେ ସରୋଜିନୀ ତିର୍କୀଙ୍କ ଗୋଲ ବଳରେ ଓଡ଼ିଶା ପୋଲିସ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଦଳ ଶେଷ ପର୍ଯ୍ୟନ୍ତ ଏହାକୁ ବଜାୟ ରଖିପାରି ନ ଥିଲା। ୮୯ତମ ମିନିଟରେ ଜ୍ୟୋତି ଆନ୍ ବୁରେଟ ଗୋଲଟି ପରିଶୋଧ କରିଦେଇଥିବାବେଳେ ଇଞ୍ଜୁରି ଟାଇମ୍ ୯୦+୨ରେ ବୁରେଟ ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ୧୧ ମ୍ୟାଚରୁ ହଂସ ଓମେନ ଦଳର ଏହାଥିଲା ପ୍ରଥମ ବିଜୟ। ଫଳରେ ଦଳ ପଏଣ୍ଟ ଖାତା ଖୋଲିବାକୁ ମଧ୍ୟ ସକ୍ଷମ ହୋଇଥିଲା। ଅନ୍ୟପକ୍ଷରେ ଓଡ଼ିଶା ପୋଲିସ ୧୧ ମ୍ୟାଚରୁ ୯ମ ପରାଜୟ ବରଣ କରିଥିଲା।



ଓଡ଼ିଶା ପୋଲିସ ଓ ହଂସ ଓମେନ ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।




## ଭାରତୀୟ ଦଳ ସହ ଆୟର୍ଲାଣ୍ଡ ଯିବେ ଲକ୍ଷ୍ମଣ

**ମୁମ୍ବାଇ,୨୫।୫:** ଆସନ୍ତା ଜୁନ୍ ୨୬ ଓ ୨୮ ତାରିଖରେ ଡବଲିନଠାରେ ଆୟର୍ଲାଣ୍ଡ ସହ ଭାରତୀୟ ଦଳ ଦୁଇଟି ଟି୨୦ ମ୍ୟାଚ୍ ଖେଳିବ। ଏହି ସିରିଜ୍ ଲାଗି ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ତଥା ପୂର୍ବତନ କ୍ରିକେଟର ଭିଭିଏସ୍ ଲକ୍ଷ୍ମଣ ଭାରତୀୟ ଦଳ ସହ ଗସ୍ତ କରିବେ। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବୁଧବାର ସ୍ପଷ୍ଟ କରାଯାଇଛି। 'ଲକ୍ଷ୍ମଣ ଭାରତୀୟ ଦଳ ସହ ଡବଲିନ ଗସ୍ତ କରିବେ' ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି। ଆୟର୍ଲାଣ୍ଡ ସିରିଜ୍ ବେଳେ ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଟେଷ୍ଟ ଦଳ ସହ ଇଂଲଣ୍ଡରେ ଥିବେ। ଏଣୁ ତାଙ୍କ ଅନୁପସ୍ଥିତିରେ ଲକ୍ଷ୍ମଣ ଭାରତୀୟ ଟି୨୦ ଦଳର ଦାୟିତ୍ୱ ନେବେ। ସମାନ ବ୍ୟବସ୍ଥା ଗତ ବର୍ଷ ମଧ୍ୟ କରାଯାଇଥିଲା। ସେତେବେଳେ ଏନ୍‌ସିଏ ମୁଖ୍ୟ ଦ୍ରାବିଡ୍‌ଙ୍କୁ ଭାରତୀୟ ଦଳ ସହ ଶ୍ରୀଲଙ୍କା ପଠାଯାଇଥିଲା। ସେହି ସମୟରେ ଭାରତୀୟ ଟେଷ୍ଟ ଦଳ ସହ ରବି ଶାସ୍ତ୍ରୀ ଇଂଲଣ୍ଡରେ ଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଜୁନ ୧୯ ତାରିଖରେ ଶେଷ ହେବ। ଏହା ପରେ ଭାରତୀୟ ଦଳ ଆୟର୍ଲାଣ୍ଡ ଗସ୍ତ କରିବ। ଏହି ସିରିଜ୍ ପାଇଁ ଏପର୍ଯ୍ୟନ୍ତ ଦଳ ଚୟନ କରାଯାଇନାହିଁ।

# ଫାଇନାଲରେ ପ୍ରଜ୍ଞାନନ୍ଦ

**ଚେନ୍ନାଇ,୨୫।୫:** ଆର. ପ୍ରଜ୍ଞାନନ୍ଦ କ୍ୟାରିୟରର ପ୍ରଥମ ମେଲ୍ଟୱାଟର ଚାମ୍ପିୟନ୍ସ ଚେସ୍ ଟୁର ଫାଇନାଲରେ ପ୍ରବେଶ କରିଛନ୍ତି। ଚେସାବୁଲ ମାଷ୍ଟର୍ସର ସେମିଫାଇନାଲରେ ୧୬ ବର୍ଷୀୟ ଭାରତୀୟ ଜିଏମ୍ ଅନିଶ ଗିରିଙ୍କୁ ସେ ହରାଇ ଦେଇଛନ୍ତି। ଏହି ପରାଜୟ ପୂର୍ବରୁ ଅନିଶ ଟୁର୍ନାମେଣ୍ଟରେ ଅପରାଜେୟ ଥିଲେ। ୧.୫୦ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଇଭେଣ୍ଟର ପ୍ରିଲିମ ଷ୍ଟେଜ ଲିଡରବୋର୍ଡରେ ସେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। କିନ୍ତୁ ୨୯ ବର୍ଷୀୟ ଅନିଶ ଟପ୍ ଫର୍ମରେ ଥିବା ସତ୍ତ୍ୱେ ପ୍ରଜ୍ଞାନନ୍ଦଙ୍କ ଆଗରେ ହାର ମାନିଥିଲେ।

# ଟପ୍-୧୦ରେ ସ୍ଥାନ ବଜାୟ ରଖିଲେ କୋହଲି, ରୋହିତ

**ଦୁବାଇ,୨୫।୫:** ବାଂଲାଦେଶର ଲିଟନ ଦାସ ଓ ଶ୍ରୀଲଙ୍କାର ଭେଟେରାନ ଆଞ୍ଜେଲୋ ମାଥ୍ୟୁସଙ୍କ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଉଲ୍ଲେଖନୀୟ ଉନ୍ନତି ଆସିଛି। ଏହା ସତ୍ତ୍ୱେ ଆଇସିସି ଟେଷ୍ଟ ଖେଳାଳିଙ୍କ ର୍‍ୟାଙ୍କିଙ୍ଗ୍ସର ଟପ୍-୧୦ରେ କୌଣସି ପରିବର୍ତ୍ତନ ଆସିନାହିଁ। ଆଇସିସି ପକ୍ଷରୁ ବୁଧବାର ପ୍ରକାଶ ପାଇଥିବା ଟେଷ୍ଟ ଖେଳାଳିଙ୍କ ର୍‍ୟାଙ୍କିଙ୍ଗ୍ସରୁ ଏହା ଜଣାପଡ଼ିଛି।

ବ୍ୟାଟରଙ୍କ ତାଲିକାରେ ଅଷ୍ଟ୍ରେଲିଆର ମାର୍ନସ ଲାବୁସେନ ଶୀର୍ଷରେ ରହିଥିବା ବେଳେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଓ ପୂର୍ବତନ ଅଧିନାୟକ ବିରାଟ କୋହଲି ୮ମ ଓ ୧୦ମ ସ୍ଥାନରେ ପୂର୍ବ ଭଳି ରହିଛନ୍ତି। ସେହିଭଳି ବୋଲରଙ୍କ ତାଲିକା ଶୀର୍ଷରେ ଥିବା ପାଟ କୁମିନ୍ସ (୯୦୧ ପଏଣ୍ଟ) ନିକଟସ୍ଥ ପ୍ରତିଦ୍ୱନ୍ଦ୍ୱୀ ରବିଚନ୍ଦ୍ରନ ଅଶ୍ୱିନଙ୍କ ଠାରୁ ୫୧ ପଏଣ୍ଟ ଆଗରେ ଅଛନ୍ତି। ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି ଯଶପ୍ରୀତ ବୁମରା। ରବୀନ୍ଦ୍ର ଜାଡେଜା ଅଲରାଉଣ୍ଡରଙ୍କ ତାଲିକା ଶୀର୍ଷରେ ରହିଛନ୍ତି।

ବର୍ତ୍ତମାନ କେବଳ ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଡବ୍ଲ୍ୟୁଟିସି ସିରିଜ୍ ଚାଲିଥିବାରୁ ଉଭୟ ଦେଶର ଖେଳାଳି ପଏଣ୍ଟ ସଂଗ୍ରହ କରିଛନ୍ତି। ଉଇକେଟକିପର ବ୍ୟାଟର ଲିଟନ ୧୭ତମ ସ୍ଥାନକୁ ଉଠିଛନ୍ତି। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟର ଏକମାତ୍ର ଇନିଂସରେ ସେ ୮୮ ରନ୍ କରିଥିଲେ। ମ୍ୟାଚ୍‌ରେ ୧୯୯ ରନ୍‌ର ଇନିଂସ ପାଇଁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିବା ମାଥ୍ୟୁସ ୨୧ତମ ସ୍ଥାନକୁ ଉଠିଛନ୍ତି। ବାଂଲାଦେଶର ମୁଶଫିକର ରହିମ ଓ ତାମିମ ଇକବାଲଙ୍କ ର୍‍ୟାଙ୍କିଙ୍ଗ୍‌ରେ ମଧ୍ୟ ଉନ୍ନତି ଆସିଛି। ଦୁହେଁ ଯଥାକ୍ରମେ ୨୫ ଓ ୧୭ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଘୁଷୁରି ଚୋରିକୁ ନେଇ ୨ ଗୋଷ୍ଠୀ ସଂଘର୍ଷ ଘଟଣା, ୩ ଗିରଫ

ବୁଗୁଡ଼ା,୨୫।୫(ଡି.ଏନ.ଏ.)-ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ପଞ୍ଚାୟତର ରାଜୀବଗାନ୍ଧୀ ସେବା କେନ୍ଦ୍ର ପଛ ପଟରେ ୨ ଗୋଷ୍ଠୀ ମଧ୍ୟରେ ଘୁଷୁରି ଚୋରି ଘଟଣାକୁ ନେଇ ରକ୍ତାକ୍ତ ସଂଘର୍ଷ ଘଟିବା ଫଳରେ ୫ ଜଣ ଆହତ ହୋଇଥିଲେ। ପୋଲିସ ନଂ.୨୧୫,୨୧୬/୨୨ରେ ପୃଥକ୍ ଭାବେ ୨ ମାମଲା ରୁଜୁ କରି ପୂର୍ବରୁ ଗ୍ରାମର ୪ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଏବେ ପୁଣି ଷୋଳମଇଲି ଗ୍ରାମର ଭାସ୍କର ପାତ୍ର, ହାଡିଆ ପାତ୍ର ଓ ଭିକାରୀ ପାତ୍ରଙ୍କୁ କୋର୍ଟ ଚାଲାଣ କରିଛି। ପ୍ରାୟ ୩ ମାସ ତଳେ ପାଙ୍ଗିଡ଼ି ଗ୍ରାମ ମଶାଣି ନିକଟରୁ ଭିକାରୀ ପାତ୍ରଙ୍କ ୩୫ ଘୁଷୁରି ଚୋରି ହୋଇଥିଲା ଏବଂ ସେ ଏ ନେଇ ବୁଗୁଡ଼ା ଥାନାରେ ମଧ୍ୟ ଅଭିଯୋଗ କରିଥିଲେ। ତେବେ ଗତ ଏପ୍ରିଲ୍ ୧୯ରେ ପାଙ୍ଗିଡ଼ିରୁ ଘୁଷୁରି ଚୋରିର ଶିକାର ହୋଇଥିବା ୬ ଜଣିଆ ଗୋଷ୍ଠୀ ଅଚାନକ ଗୋଲିଆ ଗ୍ରାମର ରାଜୀବଗାନ୍ଧୀ ସେବା କେନ୍ଦ୍ର ପଛ ପଟେ ଥିବା ଦଣ୍ଡପାଣି ପାତ୍ରଙ୍କ ଘରେ ପହଞ୍ଚି ଘୁଷୁରି ଚୋରି ସମ୍ପର୍କରେ ପଚାରିଥିଲେ। ଏହା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏ ନେଇ ଦଣ୍ଡପାଣିଙ୍କ ଅଭିଯୋଗ କ୍ରମେ ଭିକାରୀ ପାତ୍ରଙ୍କ ଗୋଷ୍ଠୀର ୬ ଜଣଙ୍କ ନାମରେ ବୁଗୁଡ଼ା ମାମଲା ରୁଜୁ ହୋଇଥିଲା। ତେବେ ଗୋଷ୍ଠୀ ସଂଘର୍ଷରେ ଭାସ୍କର, ହାଡିଆ ଓ ଭିକାରୀଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ସେଠାରୁ ସୁସ୍ଥ ହୋଇ ଫେରିବା ପରେ ସେ ତିନି ଜଣଙ୍କୁ ପୋଲିସ କୋର୍ଟଚାଲାଣ କରିଛି।

### ଗାଡ଼ି ଧକ୍କାରେ ମାଈ କୃଷ୍ଣସାର ମୃଗ ମୃତ

ବୁଗୁଡ଼ା,୨୫।୫(ଡି.ଏନ.ଏ.)-ବୁଗୁଡ଼ା ନିକଟସ୍ଥ ମୁଖ୍ୟରାସ୍ତାର ବାଙ୍କେଶ୍ୱରୀ ମନ୍ଦିର ନିକଟରେ ବୁଧବାର ମଧ୍ୟାହ୍ନରେ ଏକ ଅଜଣା ଗାଡି ଧକ୍କାରେ ଗୋଟିଏ ମାଈ କୃଷ୍ଣସାର ମୃଗର ମୃତ୍ୟୁ ଘଟିଛି। ମୃଗଟି ରାସ୍ତା ପାର ହେବା ସମୟରେ ହଠାତ୍ ଏକ ଅଜଣା ଗାଡି ତାକୁ ଧକ୍କା ଦେଇଥିଲା। ଫଳରେ ଗୁରୁତର ଅବସ୍ଥାରେ ରାସ୍ତା କଡ଼ରେ ମୃଗଟିକୁ ପଡ଼ିଥିବା ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବୁଗୁଡ଼ା ବନ ବିଭାଗ ବନରକ୍ଷୀ ସୁବ୍ରତ କୁମାର ତ୍ରିପାଠୀ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ମୃଗଟିର ମୃତ୍ୟୁ ହୋଇଯାଇଥିବାରୁ ମୃତଦେହକୁ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ପ୍ରାଣୀ ଚିକିତ୍ସକ ଭଗବତୀ ପ୍ରସାଦ ଦାସ ମୃତଦେହକୁ ବ୍ୟବଚ୍ଛେଦ କଲା ପରେ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିଲା। ଏ ନେଇ ୟୁଡି କେସ୍ ନଂ. ୨/୨୨ -୨୩ରେ ଏକ ମାମଲା ରୁଜୁ କରାଯାଇଥିବା ବନ ବିଭାଗ ସୂଚନା ଦେଇଛି।

### ଏସିଡ୍ ଟ୍ୟାଙ୍କର ପାଇପ ଫାଟି ଲିକେଜ୍



ଖଲ୍ଲିକୋଟ,୨୫।୫(ଡି.ଏନ.ଏ.)-ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ କେଶପୁର ବଜାର ନିକଟରେ ବୁଧବାର ରାତିରେ ଏକ ଏସିଡ୍ ବୋଝେଇ ଟ୍ୟାଙ୍କରର ପାଇପ ଫାଟି ଲିକେଜ୍ ହୋଇଥିଲା। ଗାଡିଟି ଭୁବନେଶ୍ୱର ଦିଗରେ ଯାଉଥିଲା। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଏନ୍ଏଚ୍ ପେଟ୍ରୋଲିଂ ପୋଲିସ ପହଞ୍ଚି ପାଣି ମାରି ଏସିଡକୁ ରାସ୍ତାରୁ ସଫା କରିଥିଲେ। କିଛି ସମୟ ପାଇଁ ଏସିଡ ଲିକେଜ୍ ଅଞ୍ଚଳରେ ଧୂଆଁ ବାହାରିବା ଯୋଗୁ ଜନସାଧାରଣ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ ଏବଂ ଆତଙ୍କିତ ହୋଇପଡ଼ିଥିଲେ।

# ଚାଳକଙ୍କ ଚେଷ୍ଟା ସତ୍ତ୍ୱେ ରକ୍ଷା ପାଇଲେନି ଯାତ୍ରୀ

## କଳିଙ୍ଗା ଘାଟିରେ ଟୁରିଷ୍ଟ ବସ୍ ଦୁର୍ଘଟଣା



ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ଲୋକଙ୍କୁ ଉଦ୍ଧାର କରାଯାଉଛି ।

ଭଞ୍ଜନଗର,୨୫।୫(ଡି.ଏନ.ଏ)

ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ମଙ୍ଗଳବାର ବିଳମ୍ବିତ ରାତିରେ ପଶ୍ଚିମବଙ୍ଗର ଟୁରିଷ୍ଟ ବସ୍‌ଟି ୨ରୁ ୩ କି.ମି. ଅତିକ୍ରମ କରିବା ପରେ ହଠାତ୍ ଗାଡ଼ିର ବ୍ରେକ୍ ଫେଲ ହୋଇଗଲା । ବସ୍ ଚାଳକ ଏ ସମ୍ପର୍କରେ ପାଖରେ ବସିଥିବା ଯାତ୍ରୀଙ୍କୁ କହିଥିଲେ। ଅନ୍ୟ କେତେଜଣ ଯାତ୍ରୀ ଏହା ଜାଣିବା ପରେ ଭୟଭୀତ ହୋଇପଡ଼ିଥିଲେ । ଚାଳକ ଗାଡ଼ିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଚେଷ୍ଟା କରି ଘାଟି ତଳ ପର୍ଯ୍ୟନ୍ତ ନେଇ ଆସିଥିଲେ। ଯାତ୍ରୀମାନେ ରକ୍ଷା ପାଇଯିବେ ବୋଲି ଭାବୁଥିଲେ । ହେଲେ ବିଧିର ବିଧାନ ଥିଲା ଅଲଗା। ଦ୍ରୁତଗତିରେ ଘାଟି ତଳକୁ ଆସୁଥିବା ବସ୍‌ଟି ରାସ୍ତା କଡ଼ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇ ଓଲଟି ପଡ଼ିଥିଲା। ଚେଷ୍ଟା ସତ୍ତ୍ୱେ ଦୁର୍ଘଟଣାକୁ ରୋକି ପାରି ନ ଥିଲେ ବୋଲି ଚାଳକ ଜଣକ କହିଛନ୍ତି । ଓଲଟିବା ପରେ ବସ୍‌ରୁ ଡିଜେଲ ଲିକ୍ ହୋଇଥିଲା। ତାହା ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ ବଡ଼ ବିପଦକୁ ଟାଳି ହୋଇ ପାରିନଥାନ୍ତା। ସୌଭାଗ୍ୟବଶତଃ ଅନ୍ୟ ଯାତ୍ରୀମାନେ ମୃତ୍ୟୁମୁଖରୁ ରକ୍ଷା ପାଇଯାଇଛନ୍ତି ।

### ଜନପ୍ରତିନିଧି, ସ୍ୱେଚ୍ଛାସେବୀ ସହାୟତା ଯୋଗାଇଲେ

ଦୁର୍ଘଟଣା ପରେ ଉଦ୍ଧାର ପର୍ଯ୍ୟଟକମାନଙ୍କୁ ଭଞ୍ଜନଗର ଏନ୍ଏସିର ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ତାଙ୍କର ଅନ୍ୟ ସହଯୋଗୀ କାଉନସିଲରମାନଙ୍କୁ ନେଇ ସବୁପ୍ରକାର ସହାୟତା ଯୋଗାଇ ଦେଇଥିଲେ। ସେହିପରି ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ରାତିରେ ଦୁର୍ଘଟଣା ପରେ ବିପଦର ବନ୍ଧୁ କର୍ମକର୍ତ୍ତାମାନେ ମଧ୍ୟ ଆହତମାନଙ୍କୁ ଚିକିତ୍ସା ସମୟରେ ବିଭିନ୍ନ ସହାୟତା ଯୋଗାଇ ଦେଇଥିଲେ ।

### ପ୍ରଥମେ ପହଞ୍ଚିଲେ ଦୁର୍ଗାପ୍ରସାଦବାସୀ

ସ୍ଥାନୀୟ ଦୁର୍ଗାପ୍ରସାଦ ଗ୍ରାମବାସୀ ଟୁରିଷ୍ଟ ବସ୍ ଓଲଟିବା ଜାଣିବା ପରେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଗାଡ଼ିର କାଚ ଭାଙ୍ଗି ଉଦ୍ଧାର କରିଥିଲେ। ଏଥିସହ ଗ୍ରାମବାସୀ ସ୍ୱତନ୍ତ୍ର ଗାଡ଼ି କରିବା ସହ ଆମ୍ବୁଲାନ୍ସ, ଦମକଳଗାଡ଼ିର ତୁରନ୍ତ ବ୍ୟବସ୍ଥା କରାଇଥିଲେ। ଗ୍ରାମବାସୀଙ୍କ ତୁରନ୍ତ ପଦକ୍ଷେପ ଏବଂ ପୋଲିସ ପ୍ରଶାସନର ସହଯୋଗ ଯୋଗୁ ଆହୁରି ଅନେକ ଲୋକ ନିଶ୍ଚିତ ମୃତ୍ୟୁରୁ ବର୍ତ୍ତି ଯାଇଥିବା ଆହତ ବୃଦ୍ଧା ରେଣୁକା ରେଡ଼ଡର କହିଛନ୍ତି।

### ପର୍ଯ୍ୟଟନସ୍ଥଳ ବୁଲିବା ସ୍ୱପ୍ନ ଚୂରମାର

କରୋନା କଟକଣା ଯୋଗୁ ୨ ବର୍ଷ ହେବ ପିତ୍ତଳ ଅଳଙ୍କାର ବ୍ୟବସାୟ ନ ଥିଲା। ବହୁ ଅସୁବିଧାରେ ପରିବାର ଚଳୁଥିଲା। କରୋନା ଯିବାରେ ବ୍ୟବସାୟ ସ୍ୱାଭାବିକ ହେବାରୁ କିଛି ରୋଜଗାର ହେଲା । ତେଣୁ ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳ ବୁଲିବା ପାଇଁ ୧୬ଟି ପରିବାର ମନସ୍ଥ କରିଥିଲୁ । କିନ୍ତୁ ଅଧା ବାଟରେ ସବୁକିଛି ସ୍ୱପ୍ନ ଚୁରମାର ହୋଇଗଲା ବୋଲି ଦୁର୍ଘଟଣାରେ ନିଜ ବାପାଙ୍କୁ ହରାଇଥିବା ଯୁବକ ସନ୍ତୁ ପାତ୍ର କୋହଭରା କଣ୍ଠରେ କହିଛନ୍ତି।



ଉଦ୍ଧାର ପର୍ଯ୍ୟଟକଙ୍କୁ ପଶ୍ଚିମବଙ୍ଗ ପଠାଇବା ନିମନ୍ତେ ସ୍ୱତନ୍ତ୍ର ବସ୍‌କୁ ନିଆଯାଉଛି ।

# ଜିଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ ସଭା

ଛତ୍ରପୁର,୨୫।୫(ଡି.ଏନ.ଏ.)

ଛତ୍ରପୁର ତହସିଲ ଅଧୀନ ଆର୍ଯ୍ୟପଲ୍ଲୀ ରାଜସ୍ୱ ଗ୍ରାମ କଡୁରଗାଁର ଲୋକଙ୍କୁ ପଟ୍ଟା ପ୍ରଦାନ କରାଯାଉନି । ଏହାର ପ୍ରତିବାଦରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ବୁଧବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଗାଁ ଲୋକେ ଦୀର୍ଘ ୬୦ ବର୍ଷ ହେଲା ଆବାଦୀ ଯୋଗ୍ୟ ଅନାବାଦିରେ ୫୦୦ ପରିବାର ବସବାସ କରିଆସୁଛନ୍ତି। ୧୯୯୯ ମହାବାତ୍ୟାରେ ସେମାନଙ୍କ ବାସଗୃହ ଧ୍ୱଂସ ହୋଇଯାଇଥିଲା। ରାଷ୍ଟ୍ରାୟତ କମ୍ପାନୀ ଭେଲ ପକ୍ଷରୁ ପୁନଃ ନିର୍ମାଣ କରି ଗୃହ ସେମାନଙ୍କୁ ଦିଆଯାଇଥିଲା । ତେବେ ଦୀର୍ଘ ବର୍ଷ ଧରି ଜିଲାପାଳ, ଉପଜିଲାପାଳ ଓ ତହସିଲଦାରଙ୍କଠାରେ ଦାବି ସତ୍ତ୍ୱେ ଘର ପଟ୍ଟା ପ୍ରଦାନ କରାଯାଉନଥିବା କୁହାଯାଇଛି । ଘର ପଟ୍ଟା ନ ଥିବାରୁ ପିଲାଙ୍କ ପାଠପଢାଠାରୁ ଆରମ୍ଭ କରି ବ୍ୟାଙ୍କ ଋଣ ଆଦି ହୋଇପାରୁନି । ଉକ୍ତ ଗାଁରେ ଗରୀବ, ହରିଜନ, ମତ୍ସ୍ୟଜିବୀ ପରିବାର ବସବାସ କରୁଛନ୍ତି । ଏଣୁ ଘର ପଟ୍ଟା ଦେବା ପାଇଁ ଛତ୍ରପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଜିଲାପାଳଙ୍କୁ ଲିଖିତ ଭାବେ ଅନୁରୋଧ କରାଯାଇଛି । ଏଥିସହ ଏ ସମ୍ପର୍କରେ ଏକ ସ୍ମାରକପତ୍ର ମଧ୍ୟ ଛତ୍ରପୁର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିବାଦ ସଭାରେ କିଶୋର ଚନ୍ଦ୍ର ପାତ୍ର, ରାଜେନ୍ଦ୍ର ଦଳବେହେରା, ଦଣ୍ଡପାଣି ପ୍ରଧାନ, ଗୁରୁଦେବ ବେହେରା, ଗୌରୀ ଶଙ୍କର ମହାନ୍ତି, ଭୀମ ବେହେରା, ଏମ୍.ଜଙ୍ଗମୟ, ଏମ୍.ନରସିଂହ, ସୀମାଞ୍ଚଳ ନାହାକ, ଏଲ.କୃଷ୍ଣ, ବି. ପରସେୟା, ଏନ୍.କଳେମା ପ୍ରମୁଖ ସାମିଲ ଥିଲେ।




ପ୍ରତିବାଦ ସଭା

**ମିଳୁନି ଘର ପଟ୍ଟା**

# ଗାଁ ସାଥୀଙ୍କ ବିରୋଧରେ ଅସନ୍ତୋଷ

ଫୁଲବାଣୀ ଅଫିସ, ୨୫।୫

ଚକାପାଦ ବ୍ଲକ ଅନ୍ତର୍ଗତ କୁସୁମେଣ୍ଡି ପଞ୍ଚାୟତ ପଣସପଦର ଗାଁରେ କାର୍ଯ୍ୟରତ ଗ୍ରାମ ସାଥୀଙ୍କ କାର୍ଯ୍ୟକଳାପରେ ଗ୍ରାମବାସୀ ଅତିଷ୍ଠ ହୋଇ ତାଙ୍କ ବହିଷ୍କାର ଦାବି କରିଛନ୍ତି। ବୁଧବାର ଏ ନେଇ ସେମାନେ ଏକ ଦାବିପତ୍ର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଜରିଆରେ ବିଡିଓଙ୍କ ନିକଟକୁ ପଠାଇଛନ୍ତି । ଗାଁସାଥୀ ଜଣକ ପଣସ ପଦର ଗାଁରେ ଦୁର୍ନୀତିରେ ଲିପ୍ତ ରହିଛନ୍ତି । ମୃତ ବ୍ୟକ୍ତିଙ୍କ ନାମରେ ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ପ୍ରଦାନ କରିବା, କେତେଜଣ ଶ୍ରମିକଙ୍କୁ ଦୈନିକ ମଜୁରୀ ୧୫୦ ଟଙ୍କା ଦେବା, କାମରେ ନିୟୋଜିତ ହୋଇନ ଥିବା ଶ୍ରମିକଙ୍କ ଆକାଉଣ୍ଟକୁ ମଜୁରୀ ପ୍ରଦାନ କରିବା, ଛେଳିଚାଷ କରୁଥିବା ଚାଷୀଙ୍କୁ ଗୁହାଳ ଯୋଗାଇ ଦେବା ପରିବର୍ତ୍ତେ ଅଯୋଗ୍ୟ ହିତାଧୀକାରୀଙ୍କ ନାମ ଚୟନ କରିବା, ପେପର ୱାର୍କ ପାଇଁ ଟଙ୍କା ସଂଗ୍ରହ କରିବା ଏବଂ ଏସବୁ ଦୁର୍ନୀତିକୁ ବିରୋଧ କଲେ ଗ୍ରାମବାସୀଙ୍କ ନାମରେ ମିଥ୍ୟା କେସ ଦେଇ ହଇରାଣ ହରକତ କରୁଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ଦୁଇ ବର୍ଷ ତଳେ ଗ୍ରାମବାସୀ ଏ ନେଇ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଡିଓଙ୍କ ନିର୍ଦ୍ଦେଶ ଅନୁସାରେ ପୂର୍ବତନ ସରପଞ୍ଚ କିଶୋର କହଁରଙ୍କ ଅଧ୍ୟକ୍ଷତାରେ ୨୦୨୦ ଅକ୍ଟୋବର ୫ରେ ପଲ୍ଲୀସଭା ହୋଇଥିଲା । ସେଠାରେ ସର୍ବସମ୍ମତି କ୍ରମେ ଗାଁ ସାଥିଙ୍କୁ ବହିଷ୍କାର କରାଯାଇ କାହ୍ନୁ ଚରଣ ଦଳ ବେହେରାଙ୍କୁ ନୂତନ ଗାଁ ସାଥି କରାଯାଇଥିଲା । ସେବେଠାରୁ କାହ୍ନୁ ସୁଚାରୁ ରୂପେ ନିଜ ଦାୟିତ୍ୱ ତୁଲାଇ ଆସୁଥିଲେ । ହେଲେ କିଛି ଦିନ ହେବ ବହିସ୍କୃତ ଗାଁ ସାଥି ଜଣକ ପୁଣି କାହାର ଆଦେଶ ପାଇ ପୁଣି ଏମଜିଏନ୍‌ଆଇଜିଏସ୍‌ରେ ନିୟୋଜିତ ହୋଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । କାମ ଚାଲିଥିବା ସ୍ଥାନରେ କୌଣସି ସୂଚନା ଫଳକ ଲେଖା ଯାଇନାହିଁ। ବ୍ଲକ ପ୍ରଶାସନ ଏହାର ତଦନ୍ତ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ପଚାରିବାରେ ସେ ନୂତନ ଭାବେ ଦାୟିତ୍ୱ ନେଇଥିବାରୁ ଅଭିଯୋଗ ଆସୁଥିବା ଗାଁ ସାଥିଙ୍କୁ ବହିସ୍କାର କରାଯାଇଛି ନା ନାହିଁ, ତାହା ମୁଁ ଜାଣିନାହାନ୍ତି ବୋଲି କହିଥିଲେ। ଆସନ୍ତା ୧ରେ ପଞ୍ଚାୟତ ବୈଠକରେ ଏହା ଉପସ୍ଥାପନ କରିବେ ବୋଲି କହିଛନ୍ତି।

## କଲେଜ ଛାତ୍ରୀଙ୍କ ଭିଡିଓ ଭାଇରାଲ ମାମଲା

# ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

ବ୍ରହ୍ମପୁର ଅଫିସ,୨୫।୫

ଜର୍ନେକା କଲେଜ ଛାତ୍ରୀଙ୍କ ଭିଡିଓ ଭାଇରଲ ମାମଲାର ଅଭିଯୁକ୍ତଙ୍କୁ ଉଚ୍ଚ ନ୍ୟାୟାଳୟରୁ ସର୍ତ୍ତମୂଳକ ଜାମିନ ମିଳିଛି। ଅଭିଯୁକ୍ତ ଜଣଙ୍କ ଗାଙ୍ଗପୁର ଥାନା ଅଞ୍ଚଳର ରଞ୍ଜନ କୁମାର ସ୍ୱାଇଁ(୨୭)। ପୂର୍ବରୁ ତାଙ୍କ ଜାମିନ ପୋକ୍‌ସୋ କୋର୍ଟ ଜଜ ଖାରଜ କରିଦେଇଥିଲେ। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ରଞ୍ଜନଙ୍କ ଜାମିନ ପାଇଁ ତାଙ୍କ ଓକିଲ ପ୍ରଦୀପ କୁମାର ଶତପଥୀ ହାଇକୋର୍ଟରେ ଆବେଦନ କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ରଞ୍ଜନଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ହାଇକୋର୍ଟରୁ ମିଳିଥିବା ଜାମିନ ସମ୍ପର୍କିତ ସମସ୍ତ ଆବଶ୍ୟକ କାଗଜପତ୍ର ମୁଦାଲାଙ୍କ ଓକିଲ ପ୍ରଦୀପ ଶତପଥୀ ପୋକ୍‌ସୋ କୋର୍ଟ ଜଜ ଦାୟିତ୍ୱରେ ଥିବା ଏଡିଜେ-୩ ଅନ୍ନପୂର୍ଣ୍ଣା ସ୍ୱାଇଁଙ୍କ ନିକଟରେ ଦାଖଲ କରିଥିଲେ। ପରେ ଜଜ ଅଭିଯୁକ୍ତ ରଞ୍ଜନଙ୍କ ଜାମିନ ମଞ୍ଜୁର କରିଛନ୍ତି।

ସୂଚନା ଅନୁଯାୟୀ, ଜର୍ନେକା ଯୁକ୍ତ ୩ ଛାତ୍ରୀଙ୍କ ସହ ରଞ୍ଜନ ସ୍ୱାଇଁଙ୍କର ଗତ ଦୁଇ ବର୍ଷ ତଳେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯୁବତୀଙ୍କ ଅଜାଣତରେ ରଞ୍ଜନ ତାଙ୍କର କେତେକ ଅଶ୍ଳୀଳ ଫୋଟୋ ଉଠାଇଥିଲେ। ଇତିମଧ୍ୟରେ ଯୁବତୀଙ୍କ ବାହାଘର ପାଇଁ ଘର ଲୋକ ଅନ୍ୟତ୍ର ଠିକ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରଞ୍ଜନ ଯୁବତୀଙ୍କ କେତେକ ଆପତ୍ତିଜନକ ଫୋଟୋ ଭାଇରାଲ କରିଥିଲେ। ଫଳରେ ଛାତ୍ରୀଙ୍କ ସମ୍ମାନ ହାନି ହୋଇଥିଲା। ଛାତ୍ରୀ ଜଣଙ୍କ ଏନେଇ ଜାଣିବା ପରେ ଗତ ୪ ତାରିଖରେ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନମ୍ବର ୧୩୧/୨୨ ରେ ଅଭିଯୁକ୍ତ ରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଦଶପଲ୍ଲା ପ୍ରେସ୍ କ୍ଲବର ବାର୍ଷିକୋତ୍ସବ

ଦଶପଲ୍ଲା,୨୫।୫(ଡି.ଏନ.ଏ.)

**ସାମ୍ବାଦିକ ଭବନ ଉଦ୍‌ଘାଟିତ**

ବୁଧବାର ପ୍ରେସ୍ କ୍ଲବ୍ ଦଶପଲ୍ଲା ତାର ବାର୍ଷିକ ଉତ୍ସବ ପାଳନ କରିବା ସହ ନବନିର୍ମିତ ଗୃହ ଉଦ୍‌ଘାଟନ କରିବାରେ ସମର୍ଥ ହୋଇଛି । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ କର କମଳରେ ନୂତନ ସାମ୍ବାଦିକ ଭବନ ଉଦ୍‌ଘାଟନ ହୋଇଛି । ଏହି ଉତ୍ସବରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ ଯୋଗଦେଇ ଖବରଦାତାଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ସରକାରଙ୍କ ନିକଟରେ ୩ଟି ଦାବି ଯଥା ସାମ୍ବାଦିକ ସୁରକ୍ଷା ଆଇନ, ଖବରଦାତାଙ୍କ ବୀମା ରାଶି ୭ଲକ୍ଷ ଟଙ୍କାକୁ ବୃଦ୍ଧି ଏବଂ ଅବସର କାଳୀନ ଭତ୍ତା ଦେବା ପାଇଁ ଦାବି କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନୟାଗଡ଼ ପୌରାଧ୍ୟକ୍ଷା ନିରୂପମା ଖଟେଇ,ଦଶପଲ୍ଲା ବ୍ଲକ୍ ଅଧ୍ୟକ୍ଷା ସୁନନ୍ଦା ସାହୁ ,ଜିଲା ସାମ୍ବାଦିକ ସଂଘ ସଭାପତି ଶ୍ରୀକାନ୍ତ ଖଟେଇ ,ବିଡିଓ ବିଶ୍ୱ ରଞ୍ଜନ ବିଶ୍ୱାସ ଏବଂ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବବ୍ରତ କର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । କ୍ଲବର ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା ବିବରଣୀ ପାଠ କରିଥିବା ବେଳେ ସଭାପତି ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଖବରଦାତା ନବକିଶୋର ମିଶ୍ର, କ୍ୟାମେରାମ୍ୟାନ୍ ବିଶ୍ୱନାଥ ବେହେରା,ଖବରଦାତା ଗଙ୍ଗାଧର ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଖବରଦାତା ରାମକୃଷ୍ଣ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉତ୍ସବରେ ନୟାଗଡ, ନୂଆଗାଁ, ଗଣିଆ ଓ ଖଣ୍ଡପଡ଼ା ଅଞ୍ଚଳର ଖବରଦାତାମାନେ ଯୋଗ ଦେଇଥିଲେ।



ଅତିଥିମାନେ ସାମ୍ବାଦିକ ଭବନକୁ ଉଦ୍‌ଘାଟନ କରୁଛନ୍ତି ।

# ଶିବମନ୍ଦିର ସେବାୟତଙ୍କ ପରଲୋକ

ଦାରିଙ୍ଗବାଡ଼ି,୨୫।୫ (ଡି.ଏନ୍.ଏ)

**ଗ୍ରାମୀଣ ବୈଜ୍ଞାନିକ ଭାବେ ପରିଚିତ**

ଦାରିଙ୍ଗବାଡ଼ିଠାରେ ରହିଥିବା ଶିବମନ୍ଦିରର ପୂଜାରୀ ଶିବ ଶଙ୍କର ମୁନି (୫୫)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ ଗତ ୫ ଦିନ ଧରି ଅସୁସ୍ଥ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବ୍ରହ୍ମପୁରରେ ତାଙ୍କର ମୃତ୍ୟୁ ଘଟିଥିଲା। ଶିବଶଙ୍କର ଦୀର୍ଘବର୍ଷ ଧରି ଦାରିଙ୍ଗବାଡ଼ି ମନ୍ଦିରରେ ପୂଜାର୍ଚ୍ଚନା କରି ଭକ୍ତଙ୍କୁ ସେବା ଯୋଗାଇ ଆସୁଥିବା ବେଳ ଅଞ୍ଚଳର ଜଣେ ଗ୍ରାମୀଣ ବୈଜ୍ଞାନିକ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ତିନି ଦଶନ୍ଧି ତଳେ ଦାରିଙ୍ଗବାଡ଼ି ଅଞ୍ଚଳରେ ଯେତେବେଳେ ବିଦ୍ୟୁତ୍ ସେବା ଓ ମୋବାଇଲ ସେବା ନ ଥିଲା, କେବଳ ରେଡିଓ ଓ ଖବରକାଗଜ ରହିଥିଲା, ସେହି ସମୟରେ ବିଭିନ୍ନ ପୁରୁଣା ଯନ୍ତ୍ରପାତି ଯୋଗାଡ଼ କରି ଶିବଶଙ୍କର ଦାରିଙ୍ଗବାଡ଼ି ରେଡିଓ ସେଣ୍ଟର କରି ଲୋକଙ୍କ ମନୋରଞ୍ଜନ କରାଉଥିଲେ। ଏଥିସହ ଉକ୍ତ ଅଞ୍ଚଳରେ କୌଣସି ଖେଳ ହେଲେ ସେହି ରେଡିଓ ମାଧ୍ୟମରେ ଦାରିଙ୍ଗବାଡ଼ି ବାସିନ୍ଦା କମେଣ୍ଟ୍ରି ଶୁଣିବା ପାଇଁ ସେ ବ୍ୟବସ୍ଥା କରୁଥିଲେ। ଏଥିପାଇଁ ତାଙ୍କୁ ବୈଜ୍ଞାନିକ କୁହାଯାଉଥିଲା। ଏବେ ସୁଦ୍ଧା ଶିବଶଙ୍କର ଅନେକ ଭଙ୍ଗାଯନ୍ତ୍ରପାତିକୁ ଯୋଡ଼ି ବିନା ବିଦ୍ୟୁତ୍‌ରେ ଆଲୁଅ ବ୍ୟବସ୍ଥା ସହ ଚାଷଜମିକୁ ପାଣି ଉଠାଇବା ଏବଂ ଏକ ସେକେଣ୍ଡରେ ବୈଦ୍ୟୁତିକ ସରଞ୍ଜାମ ତଥା ଟର୍ଚ୍ଚ ଲାଇଟ, ମୋବାଇଲ ଆଦି ଚାର୍ଜ କରିବା ପଦ୍ଧତିର ବିକଶିତ କରିଥିଲେ। ତାଙ୍କର ମୃତ୍ୟୁକୁ ନେଇ ବଣିକ ସଂଘ ସମେତ ହୋଟେଲ ସଂଘ, ଶ୍ରଦ୍ଧାଳୁ, ତାଙ୍କ ପ୍ରଶଂସକଙ୍କ ମହଲରେ ଶୋକ ଦେଖାଯାଇଛି ।



# ପ୍ରତିଶ୍ରୁତି ରକ୍ଷା ନ ହେଲେ ଆନ୍ଦୋଳନ : ଏମଏଏସଏମ

ବ୍ରହ୍ମପୁର ଅଫିସ,୨୫।୫

**ଏମ୍‌କେସିଜିରେ ଡାକ୍ତର ପଦବୀ ପୂରଣ ପ୍ରସଙ୍ଗ**

ଏମ୍‌କେସିଜି ମେଡିକାଲରେ ସମସ୍ତ ଡାକ୍ତର ପଦବୀ ପୂରଣ ଓ ରୋଗୀ ଦେଖା ସମୟରେ ଅନୁପସ୍ଥିତ ରହୁଥିବା ଡାକ୍ତରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ଦାବି ନେଇ ମାନବ ଅଧିକାର ସୁରକ୍ଷା ମଞ୍ଚ (ଏମଏଏସଏମ) ଓ ବିଭିନ୍ନ ଗଣ ସଂଗଠନଙ୍କ ପକ୍ଷରୁ ଲଗାତର ଆନ୍ଦୋଳନ କରାଯାଉଥିଲା। ଫଳରେ ୨ ସପ୍ତାହ ମଧ୍ୟରେ ରାଜ୍ୟ ସରକାର ଏମ୍‌କେସିଜିରେ ଡାକ୍ତର ନିଯୁକ୍ତି କରିବେ ବୋଲି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଡାକ୍ତର ନିଯୁକ୍ତି ପ୍ରସଙ୍ଗ ସହ ଦାବି କରାଯାଇଥିବା ଅନ୍ୟାନ୍ୟ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବା ନେଇ ଚେତାବନୀ ଦେଇଛନ୍ତି ଏମ୍ଏଏସ୍ଏମ୍ ଆବାହକ ଅବନୀ ଗୟା।

ସୂଚନା ଅନୁଯାୟୀ, ୨୦୨୦ରେ ରାଜ୍ୟ ସରକାର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଜଳାପୋଡ଼ା ବିଭାଗ (ବର୍ଣ୍ଣ କେୟାର ୟୁନିଟ) କାର୍ଯ୍ୟକ୍ଷମ କରାଯିବ ବୋଲି ଘୋଷଣା କରିଥିଲେ। ପ୍ରତିବର୍ଷ ଜଳାପୋଡାରେ ଶହ ଶହ ରୋଗୀ ତୁରନ୍ତ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରୁଛନ୍ତି। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଜେରିଆଟ୍ରିକ୍ ବିଭାଗ ଏଯାବତ ଖୋଲାଯାଇ ପାରିଲାନାହିଁ ଓ ଜୀବନ ରକ୍ଷାକାରୀ ଭେଣ୍ଟିଲେଟର ସଂଲଗ୍ନ ଆମ୍ବୁଲାନ୍ସରେ ଟେକ୍‌ନିସିଆନ ନ ଥିବାରୁ ଏହା ସାଧାରଣ ଆମ୍ବୁଲାନ୍ସ ଭଳି ବ୍ୟବହୃତ ହେବା ସ୍ୱାସ୍ଥ୍ୟ ବିଭାଗର ଚିକିତ୍ସା ନୀତି ପଦାରେ ପକାଉଛି। ଏମ୍‌କେସିଜି ମେଡିକାଲରେ ଲାଗି ରହିଥିବା ସମସ୍ୟାଗୁଡିକର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ଆବଶ୍ୟକ। ଖୁବଶୀଘ୍ର ରାଜ୍ୟ ସରକାର ତାଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ କଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ବ୍ୟାପକ ରୂପ ନେବ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ସମେତ ବିଭିନ୍ନ ଗଣ ସଂଗଠନ ଚେତାବନୀ ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ ବିକାଶ ସମିତିର ଏକପାଖିଆ ନିଷ୍ପତ୍ତି ଯୋଗୁ ବୁଧବାର ବିଏମ୍‌ସି ପକ୍ଷରୁ ଏମ୍‌କେସିଜି ଦ୍ୱିତୀୟ ଗେଟଟିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଛି। ଏଭଳି ପଦକ୍ଷେପକୁ ଅବନୀ ଗୟା ଦୃଢ ନିନ୍ଦା କରିଛନ୍ତି। ଏମ୍‌କେସିଜି କର୍ତ୍ତୃପକ୍ଷ ଉକ୍ତ ଗେଟ ନିକଟରେ ସୁରକ୍ଷା କର୍ମୀ ନିୟୋଜିତ କରି ଅନ୍ତତଃ ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ଦ୍ୱିତୀୟ ଗେଟ ଖୋଲା ରଖିବା ଉଚିତ ହେବ ବୋଲି ସେ ମତ ଦେଇଛନ୍ତି।

## ସଂକ୍ଷେପରେ

### ଭାଉଜଙ୍କୁ ଅସଦାଚରଣ, ଦିଅର ଜେଲ ଗଲେ

**ଦିଗପହଣ୍ଡି,୨୫।୫(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଏକ ଗାଁରେ ପୈତୃକ ସମ୍ପତ୍ତି ଭାଗ ବଣ୍ଟନକୁ କେନ୍ଦ୍ର କରି ଦିଅର ତାଙ୍କ ଭାଉଜଙ୍କୁ ଆକ୍ରମଣ କରିବା ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଭାଉଜ କେ.ନୂଆଗାଁ ଥାନାରେ ଏତଲା ଦେବା ପରେ ଥାନା ମାମଲା ନଂ.୧୩୧/୨୨ ଅନୁଯାୟୀ ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ ଅଭିଯୁକ୍ତ ଦିଅର ଏବଂ ଅନ୍ୟ ୪ ଜଣଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ଘଟଣାର ପ୍ରମୁଖ ଅଭିଯୁକ୍ତ ନରେନ୍ଦ୍ରଙ୍କୁ ବୁଧବାର ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ପୋଲିସ ଅଧିକାରୀ ଏସ୍‌ଆଇ ଶିଶିର ସାହାଣୀଙ୍କୁ ଏହି ମାମଲାର ତଦନ୍ତ ପାଇଁ ଆଇଆଇସି ନିର୍ଦ୍ଦେଶ ଦେଇଛନ୍ତି।

### ନୂତନ ତହସିଲଦାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କାଶୀନଗର,୨୫।୫:** କାଶୀନଗର ପ୍ରେସ୍ କ୍ଲବ ତରଫରୁ କାଶୀନଗର ତହସିଲର ନୂତନ ଭାବେ ଯୋଗ ଦେଇଥିବା ତହସିଲଦାର ଲରେନ ସର୍କେଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରେସ୍ ମିଡିଆଙ୍କ ସହ ସହଯୋଗ କରି ଅଞ୍ଚଳର ଉନ୍ନତି କରିବା ନେଇ ତହସିଲଦାର ସମ୍ବର୍ଦ୍ଧନାର ଉତ୍ତରରେ ମତ ରଖିଥିଲେ। ପ୍ରେସ କ୍ଲବକୁ ଜାଗା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କ୍ଲବ ସଭାପତି ହୃଷୀକେଶ ଗୌଡ଼, ଉପସଭାପତି ମନୋଜ ଚୌଧୁରୀ, ଏନଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ଖବରଦାତା ତଥା କ୍ଲବର କୋଷାଧ୍ୟକ୍ଷ ରାଜେଶ ପଟ୍ଟନାୟକ, ଆନନ୍ଦ ଚନ୍ଦ୍ର ପାତ୍ର, ଅନୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବିଭିନ୍ନ ପ୍ରକଳ୍ପ ଅନୁଧ୍ୟାନ କଲେ ପିଡି, ଜିଲାପାଳ

**ଗଞ୍ଜାମ,୨୫।୫(ଡି.ଏନ.ଏ.):** ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ବୁଧବାର ପୃଥକ ପୃଥକ ଭାବେ ଗଞ୍ଜାମ ବ୍ଲକରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ପ୍ରଥମେ ପିଡି ସୁବଳୟା ପଞ୍ଚାୟତରେ ମିଶନ ଶକ୍ତି ଦ୍ୱାରା ଚାଲିଥିବା ହେଚରି ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ପରେ ଖଣ୍ଡଦେଉଳୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ଡାକ୍ତର ସୌମ୍ୟକାନ୍ତ ମହାପାତ୍ରଙ୍କ ସହ ମେଡିକାଲରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପିଡି ଆଲୋଚନା କରିଥିଲେ। ସେହିପରି ଜିଲାପାଳ ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ ମଲାଡ଼ ଗ୍ରାମରେ ପୋଖରୀରୁ ପଙ୍କ ଉଦ୍ଧାର କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜିଲାପାଳ ଓ ପିଡିଙ୍କ ପରିଦର୍ଶନ ବେଳେ ବିଡ଼ିଓ ବିଶ୍ୱଜିତ ରାୟ, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ ଏଇ ବଂଶୀଧର ପରିଡ଼ା, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସାପ୍ତାହିକ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା

**ଆର.ଉଦୟଗିରି,୨୫।୫(ଡି.ଏନ.ଏ.):** ମୋହନା ବ୍ଲକର କଣ୍ଟେଇକୋଲି ଗ୍ରାମଠାରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟରେ ବୁଧବାର ଅନ୍ତେବାସୀମାନଙ୍କ ସାପ୍ତାହିକ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଏମ୍ ଶିବରାମ ରାଓ ଓ ଡାକ୍ତର ଅଖିଳେଶ ପଟ୍ଟନାୟକ ଅନ୍ତେବାସୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଓ ସେମାନଙ୍କୁ ଆବଶ୍ୟକ ଔଷଧ ବିତରଣ କରିଥିଲେ। ଏହି ସମୟରେ ଅନୁଷ୍ଠାନର ସମ୍ପାଦକ ଦଣ୍ଡାସି ସାହୁ, ପରିଚାଳନା କମିଟିର ସମସ୍ତ ସଦସ୍ୟ ବୃନ୍ଦ ଓ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ପଟ୍ଟା ପାଇଁ ଆଦିବାସୀ ନିରାଶ

**ନୟାଗଡ଼ ଅଫିସ,୨୫।୫**

- ଜିଲାପାଳଙ୍କୁ ଫେରାଦ୍ ହେଲେ ୧୫ଗାଁର ବାସିନ୍ଦା
- ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାରରେ ପଟ୍ଟା ମିଳୁନି
- ଲଘୁ ବନଜାତ ଦ୍ରବ୍ୟ ବିକ୍ରୀ ହୋଇପାରୁନାହିଁ

ଜଙ୍ଗଲକୁ ସୁରକ୍ଷା ଯୋଗାଇ ଆସୁଥିବା ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତର ୮ ଗାଁ ଓ କୁଲୁରୁକୁମ୍ପା ପଞ୍ଚାୟତର ୭ ଗାଁର ଆଦିବାସୀମାନଙ୍କୁ ଗୋଷ୍ଠୀ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ନିୟମ ଅନୁସାରେ ପଟ୍ଟା ମିଳୁ ନାହିଁ। ଏଥିପାଇଁ ଆଦିବାସୀମାନେ କେନ୍ଦୁପତ୍ର, ବାଉଁଶ ପରି ଲଘୁବନଜାତ ଦ୍ରବ୍ୟ ଉପରେ ମାଲିକାନା ଅଧିକାର ସାବ୍ୟସ୍ତ କରିବା, ସେଗୁଡ଼ିକ ସଂଗ୍ରହ, ବିକ୍ରୟ ଓ ପରିବହନ କରିପାରୁନାହାନ୍ତି । ଏହା ଆଦିବାସୀଙ୍କ ଜୀବନଜୀବିକା ଉପରେ ପ୍ରଭାବ ପକାଇଛି । ପଟ୍ଟା ଦେବାରେ ସମୟ ଗଡ଼ି ଚାଲିଥିବାରୁ ଆଦିବାସୀଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି । ଏହି ୨ ପଞ୍ଚାୟତର ବାସିନ୍ଦା ଗୋଷ୍ଠୀ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ନିୟମ ଅନୁସାରେ ପଟ୍ଟା ପାଇବାକୁ ୮ମାସରୁ ଊର୍ଦ୍ଧ୍ୱ ଦିନ ହେବ ଆବେଦନ କରିଥିଲେ । ଆଜି ପର୍ଯ୍ୟନ୍ତ ପଟ୍ଟା ମିଳୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରି ବୁଧବାର ଜିଲାପାଳ, ଜିଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି(ଡିଏଲସି)ର ଅଧ୍ୟକ୍ଷ ଓ ଡିଏଫ୍‌ଓଙ୍କୁ ଫେରାଦ୍ ହୋଇଛନ୍ତି ।





ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଆଦିବାସୀ ।

ଅଭିଯୋଗ ଅନୁଯାୟୀ, ଜଙ୍ଗଲ ଅଧିବାସୀମାନଙ୍କ ଜୀବନ ଜୀବିକା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଲଘୁ ବନଜାତ ଦ୍ରବ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ, ଯାହା ଜଙ୍ଗଲ ଅଧିକାର ଆଇନ ଦର୍ଶାଉଛି । ହେଲେ ଆଦିବାସୀମାନେ ଲଘୁ ବନଜାତ ଦ୍ରବ୍ୟର କିଣାବିକାରେ ହଇରାଣ ହୋଇଆସୁଛନ୍ତି। ଯାହାର ନଜୀର ଦଶପଲ୍ଲା ବ୍ଲକରେ ଦେଖିବାକୁ ମିଳିଛି । ଟାକରା ପଞ୍ଚାୟତର ଟାକରା, ପେହେଲାକ୍ସ, ମଞ୍ଜାରୀ, ମୁଣ୍ଡୁଳା, ତିଳାବାଡି, ତାବଡା, ମିଟୁକୁଲି ଓ ବାଙ୍କଡଇଲା ଗାଁର ଆଦିବାସୀମାନେ ଟାକରା ସେଣ୍ଟ୍ରାଲ ରିଜର୍ଭ ଫରେଷ୍ଟ ସମେତ ଆଉ କିଛି ଜଙ୍ଗଲକୁ ୧୨ ବର୍ଷ ହେଲା ସୁରକ୍ଷା ଦେଇ ଆସୁଛନ୍ତି । ସେମାନେ ପଟ୍ଟା ପାଇବା ପାଇଁ ୨୦୨୧ ଅଗଷ୍ଟ ୧୬ରେ ଜିଲା ମଙ୍ଗଳ ଅଧିକାରଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ସେହିପରି କୁଲୁରୁକୁମ୍ପା ପଞ୍ଚାୟତର ଦୁଡିକିପାକ୍ସ, ଟାଙ୍ଗନାଡ଼ି, ଗୁଣ୍ଡୁରାବାରୀ, ଗୁରୁହା, ଉପରଡିକିରି, ତଳଡିକିରି, ବିଡାପାକ୍ସ ପରି ୭ ଗାଁର ଆଦିବାସୀ ୨୦୨୧ ଅଗଷ୍ଟ ୨୪ରେ ଅନୁରୂପ ଭାବେ ପଟ୍ଟା ପାଇଁ ଆଦେବନ କରିଛନ୍ତି । ଏହି ୭ ଗାଁର ଆଦିବାସୀ ୧୦ ବର୍ଷ ହେଲା ମାର ଜଙ୍ଗଲ ସମେତ ଅନ୍ୟ କିଛି ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି । ଜଙ୍ଗଲ ସୁରକ୍ଷା ଆଇନ ଆସିବା ପୂର୍ବରୁ ଗୋଷ୍ଠୀ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ନିୟମ ଅନୁସାରେ ପଟ୍ଟା ପାଇଁ ଆବେଦନ କରିବାକୁ ପଡୁ ନ ଥିଲା। କେନ୍ଦୁପତ୍ର, ବାଉଁଶ ପରି ଲଘୁବନଜାତ ଦ୍ରବ୍ୟ ଉପରେ ମାଲିକାନା ଅଧିକାର ସାବ୍ୟସ୍ତ କରିବା, ସେଗୁଡିକ ସଂଗ୍ରହ, ବିକ୍ରୟ ଓ ପରିବହନରେ ଅସୁବିଧା ହେଉ ନ ଥିଲା। ଜଙ୍ଗଲ ସୁରକ୍ଷା ଆଇନ ଆସିବା ପରେ ଗୋଷ୍ଠୀ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ଆଇନରେ ପଟ୍ଟା ନ ପାଇଲେ କିଛି କରି ହେଉନି। ଏପରିକି ଗୋଷ୍ଠୀ ଜଙ୍ଗଲ ସମ୍ବଳର ସୁରକ୍ଷା, ସଂରକ୍ଷଣ, ଓ ପରିଚାଳନା ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ଅସୁବିଧା ବଢ଼ି ଚାଲିଛି । ସରକାର ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

ଏନେଇ ବିଡାପାକ୍ସ ଜଙ୍ଗଲ ଅଧିକାର କମିଟି ସଭାପତି କୁମାରୀ ମାଝି କୁହନ୍ତି, ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ, ବିକ୍ରି ଓ ପରିବହନ କ୍ଷେତ୍ରରେ ଆଦିବାସୀମାନେ ହଇରାଣ ହେଉଛନ୍ତି । ଗୋଷ୍ଠୀ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ନିୟମ ଅନୁସାରେ ଜଙ୍ଗଲ ପଟ୍ଟା ମିଳିଗଲେ ଏହି ଅସୁବିଧା ଦୂରହେବ । ଜଙ୍ଗଲ ଜମି ପଟ୍ଟା ପାଇଁ ଆବେଦନ କରିଥିବା ବେଳେ ସମୟ ଗଡ଼ି ଚାଲିଥିବାରୁ ବିଡାପାକ୍ସ ଜଙ୍ଗଲ ଅଧିକାର କମିଟି ଜିଲାପାଳ ଓ ଡିଏଫ୍‌ଓଙ୍କୁ ବୁଧବାର ସ୍ମାରକପତ୍ର ଦେଇ ଆଦିବାସୀଙ୍କ ସମସ୍ୟା ମନେ ପକାଇ ଦେଇଛି । ଜିଲାପାଳ ଓ ଡିଏଫ୍‌ଓ ଏ ଦିଗରେ ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେ ସୂଚନା ଦେଇଛନ୍ତି।

## ୨୦ଦିନ ପରେ ବି ଟେର୍ ପାଉନି ପୋଲିସ

### ରାଜବଗିଚାରୁ ଦେଢ଼ କୋଟି ଟଙ୍କା ଚୋରି ଘଟଣା

**ନୟାଗଡ଼ ଅଫିସ,୨୫।୫**

ନୟାଗଡ଼ ଟାଉନ ଥାନା ରାଜବଗିଚାର ବିମଳ ଖଟେଇଙ୍କ ଘରୁ ଦେଢ଼ କୋଟି ଟଙ୍କାର ସୁନା ଅଳଙ୍କାର ଚୋରି ଘଟଣାରେ ୨୦ ଦିନ ବିତିଯାଇଛି। ହେଲେ ପୋଲିସ ଚୋର ଓ ଚୋରି ନେଇ ଟେର ପାଉନି। ଅଭିଯୋଗ ଅନୁସାରେ, ମେ ୪ରୁ ରାଜବଗିଚାର ବିମଳଙ୍କ ମା'ଙ୍କର ୪ଟି ସୁନାହାର, ୧ଟି ସୁନାର ବ୍ରତ, ୧୦ଟି ସୁନା ମୁଦି ପ୍ରାୟ ୪୦୦ ଗ୍ରାମ ସୁନା ଅଳଙ୍କାର, ୧ କେଜି ରୁପା ଅଳଙ୍କାର ଚୋରି ହୋଇଥିଲା। ସେହିପରି ବିମଳଙ୍କ ସ୍ତ୍ରୀଙ୍କର ସୁନା ହାର, ଗୋଟିଏ ବ୍ରେସଲେଟ୍, ୪ ସୁନାମୁଦି ସମେତ ୧୨୦ ଗ୍ରାମ ସୁନା ଅଳଙ୍କାର ଚୋରି ହୋଇଥିଲା। ପୁଣି ବହୁ ଦାମି କ୍ୟାମେରା, ଉପକରଣ ମଧ୍ୟ ଚୋରି ହୋଇଛି। ଚୋରମାନେ ଗତ ୪ ତାରିଖ ରାତି ୧ଟା୩୨ ମିନିଟ୍‌ରୁ ୩ଟା୩୫ମିନିଟ୍ ପର୍ଯ୍ୟନ୍ତ ଚୋରି କରିଥିବା ସିସିଟିଭିରୁ ଜଣାପଡିଥିଲା। ତେବେ ଚୋରମାନେ କେତୋଟି ସିସିଟିଭି କ୍ୟାମେରାକୁ ଭାଙ୍ଗି ଦେଇଥିଲେ ମଧ୍ୟ ସେମାନଙ୍କ ଅଜାଣତରେ ଗୋଟିଏ ରହି ଯାଇଥିଲା। ଯେଉଁଥିରେ ସେମାନେ ଚୋର କରିଥିବା ବେଳର ଦୃଶ୍ୟ କଏଦ ହୋଇଥିଲା।

## ଆନ୍ଦୋଳନ ପାଇଁ କଂଗ୍ରେସର ଚେତାବନୀ

**ନୟାଗଡ଼ ଅଫିସ,୨୫।୫**

- ନୂଆ ବସଷ୍ଟାଣ୍ଡକୁ ଗଡୁନି ବସ୍
- ଜିଲାପାଳ,ଏସ୍‌ପିଙ୍କୁ ହେଲା ଫେରାଦ

ନୂଆ ବସ୍‌ଷ୍ଟାଣ୍ଡକୁ ବସ୍ ଯିବା ବନ୍ଦ ହୋଇଯିବା ପରେ କଂଗ୍ରେସ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ୭ଦିନ ଭିତରେ ନୂଆ ବସ୍‌ଷ୍ଟାଣ୍ଡକୁ ବସ୍ ଚଳାଚଳ ନ କଲେ ପାର୍କିଂ କରୁଥିବା ବସ୍ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରାଯିବ ବୋଲି ନୟାଗଡ଼ କଂଗ୍ରେସ ପକ୍ଷରୁ ଜିଲାପାଳ ଓ ଏସ୍‌ପିଙ୍କୁ ବୁଧବାର ଅବଗତ କରାଯାଇଛି। କଂଗ୍ରେସର ଅଭିଯୋଗ ଅନୁସାରେ ନୂଆ ବସ୍‌ଷ୍ଟାଣ୍ଡ ବିଭିନ୍ନ ସମୟରେ ଉଦ୍‌ଘାଟନ ହୋଇଛି। କିଛିଦିନ ବସ ଚଳାଚଳ ପରେ ପୁଣି ବନ୍ଦ ହୋଇଯାଏ। ପ୍ରାୟ ୨୨ ବର୍ଷ ହେଲା ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ନ ହୋଇ ପରିତ୍ୟକ୍ତ ହୋଇ ପଡିରହିଥିଲା। ୨୦୨୧ ଡିସେମ୍ବର ୨୨ରେ ୪,୪୨ କୋଟି ଟଙ୍କା ବ୍ୟୟରେ ନୂଆ ବସ୍‌ଷ୍ଟାଣ୍ଡ ପୁଣି କାର୍ଯ୍ୟକ୍ଷମ ହୋଇଥିଲା। ଏହାପରେ


DISTRICT CONGRESS COMMITTEE,NAYAGARH
Chhayapatha Lane, Nayagarh
Odisha - 752069
PH: 9437114936/8249747452
e-mail : ranajeetadv73@gmail.com
Ranajeet Dash
President

Ranajeet Dash

ପୁରୁଣା ବସ୍‌ଷ୍ଟାଣ୍ଡରୁ ବସ୍ ନୂଆ ବସ୍‌ଷ୍ଟାଣ୍ଡକୁ ଆସିଥିଲା। କିଛିଦିନ ସବୁ ଠିକ୍‌ଠାକ୍ ଚାଲିଥିଲା। ହେଲେ ପୁଣି କିଛିଦିନ ପରେ ବସ୍‌ଗୁଡିକ ଦକ୍ଷିଣକାଳୀ ମନ୍ଦିର, ଟାଉନ ହଲ, ନୟାଗଡ଼ ବିଦ୍ୟୁତ୍ ଡିଭିଜନ, ପୁରୁଣା ସିଭିଲ କୋର୍ଟ ଓ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ବେଆଇନ ଭାବେ ପାର୍କିଂ କରି ଟ୍ରାଫିକ ଜାମ କରୁଛନ୍ତି। କିନ୍ତୁ ପୋଲିସ ବେଆଇନ ପାର୍କିଂ କରୁଥିବା ବସ୍ ଉପରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଅନ୍ୟପକ୍ଷେ ସମାନ ସ୍ଥାନରୁ ବାଇକ୍ ଓ ଅଟୋ ଚାଳକଙ୍କଠାରୁ ବେଆଇନ ପାର୍କିଂ ଅଭିଯୋଗରେ ଫାଇନ ଆଦାୟ କରି ଚାଲିଛି। ବେଆଇନ ପାର୍କିଂ ଫାଇନ ଆଦାୟ ୧୦ ଲକ୍ଷ ଟଙ୍କାରେ ପହଞ୍ଚିଲାଣି। ଏଭଳିସ୍ଥଳେ ବେଆଇନ ପାର୍କିଂ ଫି ଆଦାୟ କ୍ଷେତ୍ରରେ ବସ୍ ପ୍ରତି ଅନୁକମ୍ପା କାହା ଇଙ୍ଗିତରେ ବୋଲି ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ସମାଲୋଚନା କରିଛନ୍ତି।

## ଲୋକ ପ୍ରତିନିଧିଙ୍କ ଦକ୍ଷତା ବିକାଶ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଥିବା ଲୋକପ୍ରତିନିଧିମାନେ।

**ଗଣିଆ,୨୫।୫ (ଡି.ଏନ.ଏ.)**

ନୟାଗଡ଼ ଜିଲା ଗଣିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ ନବନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ନେଇ ବୁଧବାର ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୮ଟି ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ବୁଝାଇ ଥିଲେ। ଏଥିସହ ଯୋଜନାଗୁଡିକ ପ୍ରସ୍ତୁତ, କାର୍ଯ୍ୟକାରିତା କିଭଳି କରାଯିବ ଏବଂ ଏହାର ସୁଫଳ ଲୋକଙ୍କ ପାଖରେ କିଭଳି ପହଞ୍ଚି ପାରିବ ସେ ନେଇ ବିଡିଓ ଓ ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ବୁଝାଇ ଥିଲେ। କର୍ମଶାଳାରେ କୃଷି, ଉଦ୍ୟାନ କୃଷି, ପ୍ରାଣୀଧନ ଚିକିତ୍ସା, ମୃତ୍ତିକା ସଂରକ୍ଷଣ, ସାମାଜିକ ସୁରକ୍ଷା, ଶିକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଉପସ୍ଥିତ ଲୋକପ୍ରତିନିଧିମାନଙ୍କୁ ସମ୍ପୃକ୍ତ ବିଭାଗର ସରକାରଙ୍କ ଯୋଜନା ସମ୍ପର୍କରେ ବୁଝାଇ ଥିଲେ। ଏଥିରେ ବିଡିଓ ସିରିଆଲ ଶୁଭ୍ର ପଟେଲ, ଏବିଡିଓ ରତନଲାଲ ଲୋହରା, ଜିପିଇଓ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଜିଲା ପରିଷଦ ସଭ୍ୟ ନରେଶ ବେହେରା, ଉପାଧ୍ୟକ୍ଷ ରାଜକିଶୋର ସାହୁଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ।

## ଜଳ ଓ ପରିମଳ ସମିତି ଗଠିତ

**ଖଣ୍ଡପଡା,୨୫।୫(ସ୍ୱ,ପ୍ର)**




ଜଳ ଜୀବନ ମିଶନ(ଗ୍ରାମୀଣ) ଅନ୍ତର୍ଗତ କଣ୍ଟିଲୋ ଗ୍ରାମ ପଞ୍ଚାୟତରେ ବୁଧବାର ଅପରାହ୍ନରେ ସ୍ଥାନୀୟ ଶ୍ମଶାନ ଚଣ୍ଡୀ ପୀଠରେ ଗ୍ରାମ୍ୟ ଜଳ ଓ ପରିମଳ ସମିତିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ ନୟାଗଡ଼ ଜିଲା ଜଳ ଜୀବନ ମିଶନ ପକ୍ଷରୁ ସନ୍ତୋଷ ଚୌଧୁରୀ ଓ ଖଣ୍ଡପଡା ବ୍ଲକର ବିବେକାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ-୨୦୨୪ ଯୋଜନାରେ ଆଗାମୀ ଦିନରେ ୧୫ ହଜାରରୁ ଊର୍ଦ୍ଧ୍ୱ ଜନ ସଂଖ୍ୟା ବିଶିଷ୍ଟ କଣ୍ଟିଲୋ ପଞ୍ଚାୟତରେ ଜନସାଧାରଣ ସ୍ୱଚ୍ଛ ପାନୀୟ ଜଳ କିପରି ପାଇପାରିବେ ସେ ସମ୍ପର୍କରେ ଉପସ୍ଥିତ ମହିଳା ପୁରୁଷ ଓ ଲୋକପ୍ରତିନିଧିମାନଙ୍କୁ ଆଲୋକପାତ କରିଥିଲେ । ଅପରପକ୍ଷେ ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏକ ୧୫ ଜଣିଆ କମିଟି ଗଠନ କରାଯାଇଛି । କଣ୍ଟିଲୋ ଏକ ରାଜସ୍ୱ ଗ୍ରାମ ତଥା ୨୫ଟି ୱାର୍ଡକୁ ନେଇ ଗଠିତ ହୋଇଥିବାରୁ ଉକ୍ତ ପଞ୍ଚାୟତକୁ ୩ଟି ବ୍ଲକ ଯଥା ଏ, ବି ଓ ସି ଭାବେ ବିଭକ୍ତ କରାଯାଇଛି । କଣ୍ଟିଲୋ ହାଟମୁଣ୍ଡ ପାଟଣାଠାରୁ ଫକୀର ଅତବୁଦ୍ଧି ପାଟଣାକୁ ଏ ବ୍ଲକ ଭାବେ ନାମିତ କରାଯାଇଥିବା ବେଳେ ବାପୁଜୀନଗର ଠାରୁ କୃଷ୍ଣେଶ୍ୱର ପାଟଣା ପର୍ଯ୍ୟନ୍ତକୁ ବି ବ୍ଲକ ଓ ଲୃଷ୍ଣଚନ୍ଦ୍ରପୁର ପାଟଣା, ହରିସୁବୁଦ୍ଧି ପାଟଣା, ବିଦୁରବେହେରା ପାଟଣା, ପାଣ୍ଡୁସାହୁପାଟଣା ଓ କୁଞ୍ଜବିହାରୀପୁର ପାଟଣା ଆଦି ଅଞ୍ଚଳକୁ ସି ବ୍ଲକ ଭାବେ ନାମିତ କରାଯାଇଛି । ପ୍ରତି ବ୍ଲକରୁ ୩ଜଣ ମହିଳା ଓ ୨ଜଣ ପୁରୁଷ ଏପରି ୧୫ ଜଣ ମହିଳା ଓ ପୁରୁଷଙ୍କୁ ନେଇ ଏହି କମିଟି ଗଢାଯାଇଛି । ଉକ୍ତ କମିଟିରେ ସଭାପତି, ସଂପାଦକ ଓ କୋଷାଧ୍ୟକ୍ଷ ଭାବରେ ଯଥାକ୍ରମେ ମାଧବ ଚନ୍ଦ୍ର ସାହୁ, ଦେବରାଜ ସେଠୀ ଓ ଦିଲ୍ଲୀପ କୁମାର ସାହୁଙ୍କୁ ଚୟନ କରାଯାଇଥିବା ଜଣାପଡିଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସରପଂଚଙ୍କ ପ୍ରତିନିଧି ଶତ୍ରୁଘ୍ନ ବେହେରା, ସମିତି ସଭ୍ୟାଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ନାୟବ ସରପଞ୍ଚ ପ୍ରଭାତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଦେହ ବ୍ୟବସାୟକୁ ଲଗାମ ନାହିଁ

**ନୟାଗଡ଼ ଅଫିସ,୨୫।୫**

ନୟାଗଡ଼ ସହରର ଏକ ସାହିରେ ଜଣେ ବିବାହିତ ମହିଳା ଦେହ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଆସୁଛି। ଏ ନେଇ ସାହିରେ ବିଭିନ୍ନ ସମୟରେ ପାଟିତୁଣ୍ଡ, ଉତ୍ତେଜନା ଲାଗି ରହୁଛି। ତେବେ ଜଣେ ପୋଲିସ କର୍ମଚାରୀ ଏହି କାରବାରକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ରହିଛି। ବିଭିନ୍ନ ସମୟରେ ପୋଲିସ କର୍ମଚାରୀଙ୍କୁ ସମ୍ପୃକ୍ତ ଅଞ୍ଚଳରେ ଦେଖିବାକୁ ମିଳୁଛି। ଏଥିରେ ଲଗାମ ଲଗାଇବାକୁ ସାଧାରଣରେ ଦାବି ହେଉଛି।

### ଭଗବତୀ ବିଦ୍ୟାପୀଠ: ୧୮ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ

**ଖଣ୍ଡପଡ଼ା,୨୫।୫ (ସ୍ୱ.ପ୍ର.)**

ଚଳିତ ବର୍ଷ ଠାରୁ ସରକାରଙ୍କର ନୂତନ ଶିକ୍ଷାନୀତି ଅନୁଯାୟୀ ୯ମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀପଡା ପଞ୍ଚାୟତର ବିରିଡିହିସ୍ଥିତ ଭଗବତୀ ବିଦ୍ୟାପୀଠରେ ଅଧ୍ୟୟନରତ ନବମ ଶ୍ରେଣୀର ୧୮ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ସର୍ବମୋଟ ୫୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଛାତ୍ରୀ ଅର୍ପିତା ପଣ୍ଡା ୫୬୪ ମାର୍କ, ନିରୁପମା ବେହେରା ୫୪୭ ମାର୍କ, ପାୟଲ ପ୍ରିୟଦର୍ଶିନୀ ସୁବୁଦ୍ଧି ୫୪୩ ମାର୍କ, ସୀମା ପଣ୍ଡା ପ୍ରମୁଖ ଛାତ୍ରୀଛାତ୍ରମାନେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ଏହି କୃତିତ୍ୱ ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଉକ୍ତ ଅନୁଷ୍ଠାନରେ ଛାତ୍ରୀଛାତ୍ରମାନେ ୨୦୧୬ରୁ କ୍ରମାଗତ ଭାବେ ଏ-୧ ଗ୍ରେଡରେ ପାସ କରି ଖଣ୍ଡପଡ଼ା ବ୍ଲକ ସ୍ତରରେ ଟପର ହେଉଥିବା ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର କରଙ୍କଠାରୁ ପ୍ରକାଶ।

### ସନ୍ଦେହ ଘେରରେ ଯୁବକଙ୍କ ମୃତ୍ୟୁ

**ଗଞ୍ଜାମ,୨୫।୫(ଡି.ଏନ.ଏ.)**

ଗଞ୍ଜାମ ସହର ନିଉ କଲୋନୀର ଏକ ଭଡା ଘରେ ରହୁଥିବା ବୁଲୁ ପ୍ରତିହାରୀଙ୍କ (୪୨) ମଙ୍ଗଳବାର ବିୟୋଗ ଘଟିଛି। ମୃତ ବୁଲୁ ନିଜ କାରରେ ଏସି ଲଗାଇ ଶୋଇଥିଲେ। ସାଢେ ବାରଟାରେ ସେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କ ଶରୀର ନୀଳ ପଡିଯାଇଥିଲା। ତାଙ୍କୁ ପ୍ରଥମେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଛତ୍ରପୁର ଏବଂ ଅବସ୍ଥା ଗୁରୁତର ଯୋଗୁ ବ୍ରହ୍ମପୁର ମେଡିକାଲ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ଗଞ୍ଜାମ ସହରରେ ପହଞ୍ଚିବା ପରେ ସ୍ଥାନୀୟବାସୀ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ପ୍ରକାଶଯୋଗ୍ୟ, ମୃତ ବୁଲୁଙ୍କ ସ୍ତ୍ରୀ ଗଞ୍ଜାମ ତହସିଲର ସନ୍ତୋଷପୁର ପଞ୍ଚାୟତରେ ଆରଆଇ ଭାବେ କାର୍ଯ୍ୟରତ ଅଛନ୍ତି। ଅନ୍ୟପଟେ ପୋଷ୍ଟ ମଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ ଘଟଣା ଜଣାପଡିବ ବୋଲି ଥାନା ସେକେଣ୍ଡ ଅଫିସର ଅଜିତ କୁମାର ପରିଡା କହିଛନ୍ତି।

### ନାବାଳକଙ୍କୁ ମାଡ଼ ଅଭିଯୋଗ

**ଦିଗପହଣ୍ଡି,୨୫।୫(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁର ଗ୍ରାମର ଜଣେ ନାବାଳକଙ୍କୁ ନିସ୍ତୁକ ମାଡ଼ ମାରାଯାଇଥିବା ଅଭିଯୋଗ ହୋଇଛି। କାଳିଆ ଓରଫ ରାହୁଲ ନାୟକ ତାଙ୍କ ଘର ନିକଟ ଏକ କଲଭର୍ଟ ପାଖରେ ଠିଆ ହୋଇଥିବା ବେଳେ ଟିଟୁ ଜେନା ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ନାବାଳକ ପ୍ରତିବାଦ କରିବାରୁ ଟିଟୁ ରାଗିଯାଇ ତାଙ୍କୁ ପିଟିଥିଲେ।

## ଶ୍ରୀନୀଳମାଧବ ସକାଳୁ ଅପରାହ୍ନ ୪ଟାଯାଏ ଉପାସ

**ଖଣ୍ଡପଡ଼ା,୨୫।୫(ସ୍ୱ.ପ୍ର.)**

**ଶ୍ରୀନୀଳମାଧବ ପୀଠ**

- ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବିଳମ୍ବରେ ନୀତି

ଶ୍ରୀଜଗନ୍ନାଥ ସଂସ୍କୃତିରେ ଆଦିପୀଠ ଭାବେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉ। ବୁଧବାର ପ୍ରଶାସନିକ ଅବହେଳା ଯୋଗୁ ସକାଳୁ ଠାକୁର ଉପାସରେ ରହିଥିଲେ। ଅପରାହ୍ନ ସାଢେ ୪ଟାରେ ବହୁ ବିଳମ୍ବରେ ନୀତିକାନ୍ତି ଅନୁଷ୍ଠିତ ହୋଇଛି। ଏ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ତହସିଲଦାର ତଥା ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଛୁଟିରେ ଥିବା ବେଳେ ଜିଲାପାଳଙ୍କୁ ଅବଗତ କରାଯିବା ପରେ ତାଙ୍କ ନିର୍ଦ୍ଦେଶକ୍ରମେ ନୀତି ଆରମ୍ଭ ହୋଇଥିବା ନୀଳମାଧବ ପୂଜକ ସମାଜର ସଭାପତି ନିହାର ରଞ୍ଜନ ମିଶ୍ରଙ୍କଠାରୁ ପ୍ରକାଶ। ପ୍ରକାଶ ଯେ, ମଙ୍ଗଳବାର ରାତି ପ୍ରାୟ ୧୧ଟା ପରେ ଠାକୁରଙ୍କ ପାରମ୍ପରିକ ଚନ୍ଦନ ଉତ୍ସବ ଉଦ୍‌ଯାପନ ଅବସରରେ ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ ଓ ଶିବ ପାର୍ବତୀଙ୍କ ଗହଣରେ ବାହୁଡି ମନ୍ଦିର ବିଜେ କରିଥିଲେ। ଶ୍ରୀ ଜୀଉମାନଙ୍କ ସମସ୍ତ ଦେବନୀତି ସମ୍ପନ୍ନ ହେବା ପରେ ରାତ୍ରୀ ପ୍ରାୟ ସାଢେ ୨ଟାରେ ଠାକୁର ପହୁଡ ଯାଇଥିଲେ। ପ୍ରତିଦିନ ପରି ବୁଧବାର ଭୋର ସମୟରେ ଠାକୁରଙ୍କ ଦୁଆର ଫିଟା, ମଙ୍ଗଳ ଆଳତୀ, ସ୍ନାନ ଅବକାଶ, ବେଶ, ସିଙ୍ଗାର, ପୂର୍ବାହ୍ନ ପ୍ରାୟ ସାଢେ ୭ଟାରେ ବଲ୍ଲଭ, ପରେ ସକାଳ ଧୂପ, ଭଅଣ୍ଡ ଭୋଗ, ପୂର୍ବାହ୍ନ ପ୍ରାୟ ୧୧ଟାରେ ଦ୍ୱିପ୍ରହର ଧୂପ ଆଦି ପ୍ରତ୍ୟେହ ନୀତିକାନ୍ତି ଅନୁଷ୍ଠିତ ହେବାର ବ୍ୟବସ୍ଥା ରହିଛି। ମାତ୍ର ବୁଧବାର ମନ୍ଦିରରେ ପତ୍ରୀ, ସୁଆର, ପୂଜକ ଆଦି ଛତିଶା ନିଯୋଗୀ ଠାକୁରଙ୍କ ନୀତି ସମ୍ପନ୍ନ ପାଇଁ ଉପସ୍ଥିତ ଥିବା ବେଳେ କୌଣସି ଦେବୋତ୍ତର କର୍ମଚାରୀ ଉପସ୍ଥିତ ନ ଥିବାରୁ ପାରମ୍ପରିକ ନୀତି ପରିଚାଳନାରେ ତ୍ରୁଟି ଘଟିଥିବା ସେବାୟତ ମାନଙ୍କଠାରୁ ସୂଚନା ମିଳିଛି। ତେବେ ଠାକୁରଙ୍କୁ ଉପାସରେ ରଖି ଅପରାହ୍ନ ସାଢେ ୪ଟାରେ ବଲ୍ଲଭ ଧୂପ ସମ୍ପନ୍ନ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ବୃକ୍ଷ ଶୂନ୍ୟ ହେଉଛି ଖଳିସାହି-କୋସକା ରାସ୍ତା

**ଖଣ୍ଡପଡା.୨୫।୫ (ସ୍ୱ.ପ୍ର.)**

ଜୀବନ୍ତ ତଥା ସବୁଜ ବୃକ୍ଷକୁ ବନ ବିଭାଗର ବିନା ଅନୁମତିରେ କାଟିବା ଆଇନ ଅନୁଯାୟୀ ଦଣ୍ଡନୀୟ। ତେବେ ଗଛଗୁଡିକୁ କିପରି ମାରି ପରେ କଟାଯାଇ ପାରିବ ସେ ନେଇ କେତେଜଣ ବ୍ୟକ୍ତି ଅଭିନବ ଉପାୟ ଆପଣେଇ ଥିବା ପରିଲକ୍ଷତ ହୋଇଛି। ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ଗ୍ରାମଠାରୁ କୋସକା ଦେଇ ଗଣିଆ ବ୍ଲକ ଆଡକଟା ଛକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ପୂର୍ତ୍ତ ବିଭାଗ ଅଧିନରେ ରହିଛି । ଉକ୍ତ ରାସ୍ତାର ସଂପ୍ରସାରଣ କାର୍ଯ୍ୟ ଇତି ମଧ୍ୟରେ ଶେଷ ହୋଇଛି । ରାସ୍ତା ପାର୍ଶ୍ୱରେ ରାଜରାଜୁଡା ଅମଳରୁ ଶତାଧିକ ଆମ୍ବଗଛ ଲଗାଯାଇଥିଲା ।



ଶୁଖିଯାଇଥିବା ଗଛ।

ରାସ୍ତା ସଂପ୍ରସାରଣ ବେଳେ କେତେକ ସ୍ଥାନରେ ଆମ୍ବଗଛ ଗୁଡିକ କଟାଯାଇଛି । ରାସ୍ତା ପାର୍ଶ୍ୱସ୍ଥିତ ଅନେକ ଫଳ ପ୍ରଦାନକାରୀ ଆମ୍ବଗଛର ବକଳ ଗୁଡିକ ଛାଲି ଦେବାରୁ ଏବେ ଗ୍ରୀଷ୍ମର ପ୍ରବାହରେ ଗଛ ଗୁଡିକ ଶୁଖି ଠିଆ ହୋଇଛି । ରାସ୍ତାପାର୍ଶ୍ୱରେ ଶୁଖିଲା ଆମ୍ବଗଛଗୁଡିକୁ ଦେଖି ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତି । ସ୍ଥାନୀୟ ଅଞ୍ଚଳର କାଠ କଟାଳୀଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀମାନେ ଏହି ଗଛଗୁଡିକ ପ୍ରତି ଲୋଲୁପ ଦୃଷ୍ଟି ପକାଉଥିବା ଜଣାପଡିଛି । ଫଳରେ ସମୟାନୁକ୍ରମେ ଖଳିସାହି-କୋସକା ରାସ୍ତାଟି ବୃକ୍ଷଶୂନ୍ୟ ହେବାରେ ଲାଗିଥିବାରୁ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ସଂକ୍ଷେପରେ

### ବିନା ଥଇଥାନରେ ଦୋକାନ ଉଚ୍ଛେଦ ନୋଟିସ



ଯାଜପୁର ରୋଡ,୨୫।୫(ଡି.ଏନ.ଏ.): ବ୍ୟାସନଗର ତହସିଲ ଅଧୀନସ୍ଥ ଶଙ୍ଖଚିଲା ରାସ୍ତାର ଛୋଟରାୟପୁର ଛକ ଠାରୁ ଜାଡୁଆ ପୋଖରୀ ପର୍ଯ୍ୟନ୍ତ ରାସ୍ତାକଡରେ ୫୦ ରୁ ଊର୍ଦ୍ଧ୍ୱ ଗରିବ ଲୋକ ଦୀର୍ଘ ବର୍ଷ ଧରି ଛୋଟ ଛୋଟ ଦୋକାନ କରି ନିଜର ଜୀବିକା ନିର୍ବାହ କରୁଛନ୍ତି। ସେମାନଙ୍କ ମଧ୍ୟରୁ ନିର୍ଦ୍ଦିଷ୍ଟ ୨/୩ ଜଣ ଦୋକାନୀଙ୍କୁ ତହସିଲଦାର ବିନା ଥଇଥାନ କରି ଉଦ୍ଦେଶ୍ୟମୂଳକ ଭାବେ ଅପସରି ଯିବାକୁ ନୋଟିସ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ବ୍ୟାସନଗର ତହସିଲ କାର୍ଯ୍ୟାଳୟ ପକ୍ଷରୁ ତହସିଲଦାର ଗତ ୧୮।୫।୨୦୨୨ରେ କେତେଜଣ ଦୋକାନୀଙ୍କୁ ୫୬୯(ରକ୍ଷିତ) ଖାତା ନମ୍ବର ଏବଂ ୨୧୯୫ ପ୍ଲଟ ନମ୍ବର ଗୋଚର କିସମ ଜମିରେ ଅବରୋଧ ବୃତ୍ତି କରୁଥିବା ନେଇ ନୋଟିସ ଦେଇଥିଲେ। ଏଥିରେ ୨୪।୫।୨୦୨୨ ତାରିଖ ସୁଦ୍ଧା ଅବରୋଧ କରିଥିବା ଜମିକୁ ପରିତ୍ୟାଗ ନ କଲେ ଆଇନ ଅନୁଯାୟୀ ଉଚ୍ଛେଦ କରାଯିବ ଏବଂ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଦର୍ଶାଯାଇଥିଲା। ଏନେଇ ଅଞ୍ଚଳବାସୀ କୋରେଇ ବିଧାୟକଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି।

### ଗାଡ଼ି କିସ୍ତି ଖିଲାପ କରି ଜଣେ ଗିରଫ

ପାଣିକୋଇଲି,୨୫।୫(ଡି.ଏନ.ଏ.): ଗାଡ଼ି କିସ୍ତି ଖିଲାପ ଅଭିଯୋଗରେ ପାଣିକୋଇଲି ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ପୋଲବା ଦରଡ଼ି ଗ୍ରାମର ଅଟଳବିହାରୀ ବାରିକ। ସେ ଏକ ଫାଇନାନ୍ସରୁ ଗାଡ଼ି ଋଣରେ ନେଇଥିଲେ। ହେଲେ ଏହାର କିସ୍ତି ଖିଲାପ କରିଥିଲେ। ଏହାପରେ ଗାଡ଼ିକୁ ବିକ୍ରି କରି ଦେଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଅବଗତ ହେବାପରେ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ନଂ.୧୧୭/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ

ଯାଜପୁର ରୋଡ,୨୫।୫(ଡି.ଏନ.ଏ.): ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚର ୯ମ ବାର୍ଷିକୋତ୍ସବ ବୁଧବାର ସ୍ଥାନୀୟ ଚୋରଦାସ୍ଥିତ ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଉପେନ୍ଦ୍ରନାଥ ବେଉରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୋରାଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟଅତିଥି, କଳିଙ୍ଗନଗରର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟବକ୍ତା, ବ୍ୟାସନଗର ପୌର ପରିଷଦର ନଗରପାଳ ସଙ୍ଗୀତା ପିଙ୍ଗୁଆ, ଉପ-ନଗରପାଳ ସୁବାସ ଚନ୍ଦ୍ର ବଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଦୈନିକ ଯୋଗ ଆଦି କରି ମନକୁ ସବୁବେଳେ ଶାନ୍ତ ରଖିବାକୁ ପରାମର୍ଶ ଦେଇଥିଲେ। ମଞ୍ଚର ସମ୍ପାଦକ ଚନ୍ଦ୍ରମଣି ସାମଲ ବାର୍ଷିକ ବିବରଣୀ ପାଠ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ନୃସିଂହ ଚରଣ ପରିଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାମ ପାଇଁ ସାମାଜିକ କର୍ମୀ ହେମନ୍ତ କୁମାର ଧିର, ରାଜେଶ କୁମାର ରାଉତ ଓ ଶ୍ରମିକ ନେତା ଦୁଷ୍ମନ୍ତ କୁମାର ରାଉତଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ମଣିନ୍ଦ୍ର ସାହୁ, ମଞ୍ଚର ସହ-ସମ୍ପାଦକ ପ୍ରଫୁଲ୍ଲ କୁମାର ନାୟକ, ଅଶ୍ୱିନୀ କୁମାର ଦାସ, ଘନଶ୍ୟାମ ରାଉତ, ନିକୁଞ୍ଜ ବିହାରୀ ଧଳ, କମଳଲୋଚନ ସାହୁ, ଯୋଗ ଗୁରୁ ବଟକୃଷ୍ଣ ପ୍ରଧାନ, ଯୋଗ ପ୍ରଭାରୀ ଧ୍ରୁବଚରଣ କର, ଲମ୍ବୋଦର ମଲ୍ଲିକ, ଗିରିଧାରୀ ବାରିକ, ଉପଦେଷ୍ଟା ଚିନ୍ତାମଣି ପାଢ଼ୀ, ଦୀପକ ରଞ୍ଜନ ପାଣିଗ୍ରାହୀ, ହରଦୟାଲ ସିଂହ, ଅର୍ଜୁନ କୁମାର ସାହୁ, କେଶବ ଚନ୍ଦ୍ର ବଳ, ସନାତନ ମଲ୍ଲିକ, କମଳିନୀ ସାମଲ, କୁମୁଦିନୀ ରାଉତ, ଅରୁଣା ଖଣ୍ଡାଇ, ଗୌରୀ ରାଉତ, ବସନ୍ତ କୁମାର ବେହେରା, ରାହାସ ବିହାରୀ ପାତ୍ର, ଶଙ୍କର୍ଷଣ ସାହୁ, ସନ୍ତୋଷ କୁମାର ବାଇ, ଯୁଧିଷ୍ଠିର ମଲ୍ଲିକ, କୈଳାସ ପାତ୍ର, ଗୌରୀଶଙ୍କର ପତି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ମଞ୍ଚର ଉପଦେଷ୍ଟା ତଥା ନୋଟାରୀ ପବ୍ଲିକ ଲୋକନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ବାଲି ଖାଦାନ ବନ୍ଦ ଦାବିରେ ଗଣଧାରଣା

■ ବ୍ୟାସନଗର ଅଫିସ ଘେରିଲା ସଂଗ୍ରାମ ସମିତି
■ ଜିଲାପାଳଙ୍କ ହସ୍ତକ୍ଷେପ ଦାବି

ଯାଜପୁର ରୋଡ,୨୫।୫(ଡି.ଏନ.ଏ.)

ବ୍ୟାସନଗର ତହସିଲ ଅଧୀନସ୍ଥ ବୈତରଣୀ ନଦୀରୁ ଦୀର୍ଘ ଦିନ ଧରି ବିଭିନ୍ନ ବାଲିଘାଟ ଚାଲିଛି। ଏହାସହ ବେଆଇନ ଭାବେ ଭାରିଯାନ ଚଳାଚଳ ଯୋଗୁ ସଂପୃକ୍ତ ଅଞ୍ଚଳର ଜନସାଧାରଣଙ୍କ ଗମନାଗମନରେ ସମସ୍ୟା ସୃଷ୍ଟି କରୁଛି। ମଥୁରାପୁରଠାରୁ ବୈତରଣୀ ରୋଡ, ସାଲବାଠାରୁ ଧନତ୍ରୀ, ସାଆଁଳାଠାରୁ ଖଜୁରୀନାଲୁଆ ରାସ୍ତା ଏକପ୍ରକାର ଅବରୋଧ ହୋଇଯାଉଛି। ସାଆଁଳ-୨, ମୁକୁନ୍ଦପୁର-୨, ସାଲବା, ରଣପାଳ ଆଦି ବାଲିଘାଟରୁ ବେଆଇନ ଉତ୍ତୋଳନ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ନେଇ କୋରେଇ ସଂଗ୍ରାମ ସମିତି ପକ୍ଷରୁ ଅଭିଯୋଗ ହୋଇଛି। ବୈତରଣୀ ନଦୀରୁ ବେଆଇନ ବାଲି ଉଠାଣ ବନ୍ଦ ଓ ରାସ୍ତାର ପ୍ରଶସ୍ତୀକରଣ ଦାବି କରି ବୁଧବାର ସମିତି ପକ୍ଷରୁ ବ୍ୟାସନଗର ତହସିଲ କାର୍ଯ୍ୟାଳୟରେ ଗଣଧାରଣା ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଗତ ୨୯।୪।୨୦୨୨ ତାରିଖରେ ସମିତି ପକ୍ଷରୁ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ସମିତି ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଛକଠାରୁ ଏକ ବିରାଟ ପଟୁଆର ବାହାରି ବ୍ୟାସନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଜନସାଧାରଣଙ୍କ ଅସନ୍ତୋଷ ସମାଧାନ କରିବା ପରିବର୍ତ୍ତେ ବାଲି ବ୍ୟବସାୟୀ ଓ ତହସିଲଦାରଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ଘଣ୍ଟ ଘୋଡାଇ ଥିବାରୁ ସଭାରେ ସମାଲୋଚନା କରାଯାଇଥିଲା। ସମସ୍ୟାର ସମାଧାନ କରା ନ ଗଲେ ଏହି ଗଣଧାରଣା ଏକ ଜନଆନ୍ଦୋଳନରେ ପରିଣତ ହେବ ବୋଲି ଚେତାବନୀ ଦିଆଯାଇଥିଲା। କୋରେଇ ସଂଗ୍ରାମ ସମିତିର ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣଧାରଣାରେ ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପସଭାପତି ଆଲୋକ ମହାନ୍ତି, ସମ୍ପାଦକ ପଦ୍ମନାଭ ନାୟକ, ଉପସଭାପତି ସୀତାକାନ୍ତ କୁଅଁର, ମନୋରଞ୍ଜନ ଦାସ, ଜୟନ୍ତୀ ସାହୁ, ଦିପ୍ତୀମୟୀ କୁଅଁର, ଭାଜପା ଯୁବମୋର୍ଚ୍ଚାର ଯୁବନେତା ବିକ୍ରମ ବିଶ୍ୱାଳ, ପ୍ରମୋଦ ସାହୁ, ନାରାୟଣଚନ୍ଦ୍ର ନାୟକ, ପୂର୍ବତନ କାଉନସିଲର ସୌମେନ୍ଦ୍ର ରାଉତ, ଜଗବନ୍ଧୁ ନାୟକ, ରଞ୍ଜନ କୁମାର ପ୍ରଧାନ, ଟୁଟୁ ଜେନା, ବନ୍ଧାଲୋ ସରପଞ୍ଚ ବିଷ୍ଣୁ ରଥ, ବାସୁକିଶୋର ଦାସ, ବିଜୟ ନାୟକ, ମନୋରଞ୍ଜନ ନାୟକ, ପ୍ରମୋଦ ପାତ୍ର, ପ୍ରହଲ୍ଲାଦ ଦେଓ, ମହେନ୍ଦ୍ର ମହାପାତ୍ର, ଏସ୍.କେ. ଆତାରୁଦ୍ଦିନ, ପରିକ୍ଷିତ ମଲ୍ଲିକ, ଗୋପାଳକିଶୋର ପାଢୀ, ସତ୍ୟାନନ୍ଦ କାଣ୍ଡି, ଜାନକୀ ସିଂ, ମାମୀ ଦାସ, ରମାକାନ୍ତ ଦାସ, ଭୁବନମୋହନ ମହାନ୍ତି, ହେମନ୍ତ କୁମାର ବିଶ୍ୱାଳ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ।



ଗଣଧାରଣାରେ ବସିଥିବା ଜନସାଧାରଣ ।

ଏହି ଗଣଧାରଣା ଚାଲିବା ମଧ୍ୟରେ ବାଲି ଚାଲାଣକୁ ବେଆଇନ ଘୋଷଣା, ବ୍ୟାସନଗରର ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କାର୍ଯ୍ୟାଳୟ ନିମନ୍ତେ ଜମି ଯୋଗାଇବା, ରାସ୍ତା ପ୍ରଶସ୍ତୀକରଣ ହେବା ଯାଏ ଭାରିଯାନଗୁଡିକୁ ବନ୍ଦ ଆଦି ଦାବି କରାଯାଇଥିଲା। ନଚେତ୍ ଏହି ଆନ୍ଦୋଳନ ପଞ୍ଚାୟତଠାରୁ ଆରମ୍ଭ କରି ଜିଲାପାଳଙ୍କ ପ୍ରକୋଷ୍ଠ ପର୍ଯ୍ୟନ୍ତ ଗଣଧାରଣା ଚାଲୁ ରଖାଯିବ ବୋଲି ଚେତାବନୀ ଦିଆଯାଇଥିଲା। ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝି, ଆଦର୍ଶ ଥାନାର ଆରକ୍ଷୀ ନିରୀକ୍ଷକ ଉପେନ୍ଦ୍ର ନାଥ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଏଥିରେ ଜିଲାପାଳ ହସ୍ତକ୍ଷେପ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି।

## ଚୋରି ଉଦ୍ୟମ କରି ଦୁଇ ଗିରଫ

କୁଜଙ୍ଗ,୨୫।୫(ଡି.ଏନ.ଏ.)

କୁଜଙ୍ଗ ଥାନ ଅନ୍ତର୍ଗତ ନଳକଣି ଗାଁର ଭାଗବତ ସ୍ୱାଇଁଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଚୋରି କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ୨ଜଣ ଧରା ପଡିଛନ୍ତି। ଦୁଇ ଅଭିଯୁକ୍ତ ବାଇକ୍ ନଂ. ଓଆର ୦୫ଏପି ୩୭୨୮ ଯୋଗେ ଆସିଥିଲେ। ସେମାନେ ସାଙ୍ଗରେ ଏକ ମୁନିଆ ଲୁହା ରଡ ଓ ଟର୍ଚ୍ଚ ଆଣିଥିଲେ। ଚୋରି ପାଇଁ ଭାଗବତଙ୍କ ଘର ଉପରକୁ ଟର୍ଚ୍ଚ ପକାଇବା ଭିତରେ ଗାଁର କୌଣସି ଲୋକଙ୍କ ନଜରକୁ ଆସିଥିଲା। ସେ ସନ୍ଦେହ କରି ଡକାଡକି କରି ଆସି ଅଭିଯୁକ୍ତ ଦ୍ୱୟଙ୍କୁ ମାଡି ବସିବା ସହ ଘଟଣାସ୍ଥଳରେ ବାନ୍ଧି ପକାଇଥିଲେ। ବୁଧବାର ସକାଳୁ ଖବର ପାଇ ପୋଲିସ ଆସି ଦୁଇଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରା ଉଚରା କରିବା ସହ ସେମାନଙ୍କ ନାମରେ ନଂ. ୨୦୩/୨୨ରେ ମାମଲା ରୁଜୁ କରିଛି। ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ କୁଜଙ୍ଗ ଥାନା ଅନ୍ତର୍ଗତ କାଳିଆପାଟ ଗାଁର ବାପିନା ପାଣି ହୋଇଥିବା ବେଳେ ଅନ୍ୟ ଜଣେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ବଡିଲୋ ଗାଁର ଶିବ ପ୍ରସାଦ ନାୟକ ବୋଲି ତଦନ୍ତକାରୀ ଅଧିକାରିଣୀ କଲ୍ୟାଣୀ ଷେଣ୍ଡଙ୍କଠାରୁ ପ୍ରକାଶ। ବାପିନାଙ୍କ ନାମରେ ପୂର୍ବରୁ ବହୁ ଚୋରି ମାମଲା ଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ଜିଲାସ୍ତରୀୟ ଉତ୍ସବ ପାଇଁ ପ୍ରସ୍ତୁତି ଜୋର୍‌ଦାର

ଜୁନ୍ ୨ୟ ସପ୍ତାହରେ ୫-ଟି ରୂପାନ୍ତରଣ ସ୍କୁଲ୍‌ର ଲୋକାର୍ପଣ ଉତ୍ସବ

ରସୁଲପୁର,୨୫।୫(ଡି.ଏନ.ଏ.):

ରସୁଲପୁର ବ୍ଲକ ଅଧୀନ ଜାବରା ସରକାରୀ ଉଚ୍ଚ ବିଦ୍ୟାଳୟକୁ ଦ୍ୱିତୀୟ ଦଫା ୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଜୁନ୍ ୨ୟ ସପ୍ତାହରେ ରାଜ୍ୟରେ ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଲୋକାର୍ପିତ ହେବାର ସମ୍ଭାବନା ରହିଛି। ସେହି ମୁତାବକ ଲୋକାର୍ପଣ ଉତ୍ସବକୁ ସଫଳ ପାଇଁ ପ୍ରସ୍ତୁତି ଜୋରସୋର ଚାଲିଛି। ଜିଲାସ୍ତରୀୟ ଲୋକାର୍ପଣ ଉତ୍ସବ କେଉଁଠି ଆୟୋଜନ ହେବ ସେ ନେଇ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଉପଯୁକ୍ତ ଭିତ୍ତିଭୂମି ଥିବା ବିଦ୍ୟାଳୟ ଅନୁସନ୍ଧାନରେ ଅଛନ୍ତି। ଦ୍ୱିତୀୟ ଦଫାରେ ଜିଲାରେ ୧୯୫ଟି ବିଦ୍ୟାଳୟ ରୂପାନ୍ତରଣରେ ସାମିଲ ହୋଇଛି। ଲୋକାର୍ପଣ ଉତ୍ସବ ଆୟୋଜନ ବେଳକୁ ଅନ୍ୟୁନ୍ ୧୫୦ଟି ବିଦ୍ୟାଳୟର କାର୍ଯ୍ୟ ସରିଯିବ। ସେ ସବୁ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଆଭାସି ଜରିଆରେ ଲୋକାର୍ପଣ କରିବେ। ଉକ୍ତ ଜିଲାସ୍ତରୀୟ ଉତ୍ସବ ଜାବରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜନ ହେବା ନେଇ ଯୋଜନା କରାଯାଉଛି। କାର୍ଯ୍ୟକ୍ରମ ପାଇଁ ଉପଯୁକ୍ତ ଭିତ୍ତିଭୂମି ଥିବା ବିଦ୍ୟାଳୟଗୁଡିକ ମଧ୍ୟରୁ ଜାବରା ସରକାରୀ ଉଚ୍ଚ ବିଦ୍ୟାଳୟ ଆଗରେ ରହିଛି। ତେଣୁ ଉକ୍ତ ବିଦ୍ୟାଳୟର ଭିତ୍ତିଭୂମି ପରିଖିବା ପାଇଁ ଜିଲାପାଳ ନିକଟରେ ଜାବରା ସ୍କୁଲରେ ପହଞ୍ଚିଥିଲେ। ବିଦ୍ୟାଳୟ ପରିସରରେ ଏକ ବଡ ପଡିଆ ରହିଛି। ଉକ୍ତ ପଡିଆରେ କାର୍ଯ୍ୟକ୍ରମ ଆୟୋଜନ ହେବା ସମ୍ଭବପର ହେବ ବୋଲି ଜିଲାପାଳ ଅନୁଭବ କରିଥିଲେ। ସେହିପରି ଯାଜପୁର ବିଧାୟକ ତଥା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବିଦ୍ୟାଳୟର ଭିତ୍ତିଭୂମି ମଧ୍ୟ ପରଖିଛନ୍ତି। ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ବିଡିଓ ଉମାକାନ୍ତ ପରିଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳଙ୍କ ସମେତ ଏକାଧିକ କନିଷ୍ଠ ଯନ୍ତ୍ରୀ ବିଦ୍ୟାଳୟ କ୍ଷେତ୍ର ପରିଦର୍ଶନ କରି ରୂପାନ୍ତରଣ କାର୍ଯ୍ୟ ତଦାରଖ କରୁଛନ୍ତି। ଏହି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପରିବେଷଣ ପାଇଁ ଏକ ଡାଇନିଂ ହଲର ବ୍ୟବସ୍ଥା କରାଯାଉଛି, ଯାହାକି ଅନ୍ୟ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟଠାରୁ ସ୍ୱତନ୍ତ୍ର ବୋଲି କୁହାଯାଉଛି। ଉକ୍ତ ରୂପାନ୍ତରଣ କାର୍ଯ୍ୟକୁ ନେଇ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଛି। କାର୍ଯ୍ୟକ୍ରମକୁ ସଫଳ ପାଇଁ ରାଜନୈତିକ ଓ ପ୍ରଶାସନିକସ୍ତରରେ ଉଦ୍ୟମ ଜାରି ରହିଥିବା ଦେଖାଯାଉଛି।


ଦୁଇ ବିଧାୟକ ଜାବରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ।

# ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅବମାନନା

## ଖଣି ମାଲିକ, ପରିବହନ ସଂସ୍ଥା ବିରୋଧରେ ଥାନାରେ ଅଭିଯୋଗ

କାଳିଆପାଣି,୨୫।୫(ଡି.ଏନ.ଏ.):

୧୨ ବର୍ଷ ବିତିଯାଇଥିଲେ ବି, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଖଣି ମାଲିକ ଓ ପରିବହନ ସଂସ୍ଥା ଅବମାନନା କରୁଛନ୍ତି। ଏନେଇ କାଳିଆପାଣି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଖଣି ମାଲିକ ଓ ପରିବହନ ସଂସ୍ଥାକୁ ଉଚ୍ଚ ନ୍ୟାୟାଳୟ ଜାରି କରିଥିବା ୭ ନିର୍ଦ୍ଦେଶର ଦସ୍ତାବିଜ ସହିତ ତୁରନ୍ତ ସେଗୁଡିକ କାର୍ଯ୍ୟକାରୀ କରିବାକୁ ଏକ ଅଭିଯୋଗପତ୍ର ଆଇଆଇସି ସୁଶାନ୍ତ କୁମାର ଦାସଙ୍କୁ ବୁଧବାର ମାଧପୁର ଗ୍ରାମର ଅମଳେନ୍ଦୁ ବେହୁରା ପ୍ରଦାନ କରିଛନ୍ତି। ଖଣି ମାଲିକ ଓ ପରିବହନ ସଂସ୍ଥା କ୍ରୋମାଇଟ ପରିବହନରେ ବହୁ ଅନିୟମିତତା କରୁଥିବାରୁ ସେଗୁଡ଼ିକ ବନ୍ଦ କରି ଯଥାର୍ଥ ନିୟମ ପାଳନ କରିବାକୁ ୨୦୦୯ରେ ଅମଳେନ୍ଦୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶପତ୍ର ସଂଖ୍ୟା ୧୦୨୨୯/ ୧୩/୧୧/୦୯ରେ ଉଲ୍ଲେଖ ଥିଲା ଯେ, ସୁକିନ୍ଦା କ୍ରୋମାଇଟ ଖଣି ଉପତ୍ୟକାରେ ସମସ୍ତ ଖଣିରେ ଫାଷ୍ଟ କମ୍ ଫାଷ୍ଟ ଲୋଡ଼ ଟ୍ରକ ମାଲିକ ସଂଘ ଦ୍ୱାରା ନିୟନ୍ତ୍ରଣରେ ପରିଚାଳିତ ହେବ। ସତନ୍ତ୍ର ବା ସ୍ପେସିଆଲ ସୁବିଧା ଲୋଡିଂ ବନ୍ଦ ରହିବ। ଟ୍ରକ୍ ମାଲିକ ସଂଘ ଦ୍ୱାରା ଟ୍ରକ୍‌ର ଆଇ କାର୍ଡ ବ୍ୟବସ୍ଥା କରାଯିବ। ଡମ୍ପର, ଟିପର, ଖଣିରେ କ୍ରୋମାଇଟ ପରିବହନକୁ ବନ୍ଦ କରିବା ସହ ୧୦ ଚକିଆରେ ଝାରସୁଗୁଡ଼ା, ରାଉଲକେଲା ଆଦି ସ୍ଥାନକୁ ପରିବହନ ଅନୁମତି ଦିଆଯିବ। ସମସ୍ତ ଖଣି ମାଲିକ ନିଜେ ନିଜର ପାର୍କିଂ ୟାର୍ଡ କରି ଓ ସେହିଠାରେ ରହୁଥିବା ଟ୍ରକ୍‌କୁ ଲୋଡିଂ ଦେବେ। ପରିବହନ ସଂସ୍ଥା କ୍ରୋମାଇଟ ଲୋଡିଂ ପାଇଁ ଗୋଟାଏ ଦିନ ପୂର୍ବରୁ ଟ୍ରକ ମାଲିକ ସଂଘର ରିକୋଶନ ମାଗିବେ ଓ ଦୈନିକ କ୍ରୋମାଇଟ୍ ଲୋଡିଂ କରୁଥିବା ଟ୍ରକ୍‌ର ବିବରଣୀ ଟ୍ରକ ମାଲିକ ସଂଘକୁ ପରିବହନ ସଂସ୍ଥା ଅବଗତ କରିବେ। ମାତ୍ର ସ୍ପେସିଆଲ ସୁବିଧା ଓ ଟିପର ବନ୍ଦ କରିବାରେ ପ୍ରଶାସନ ସଫଳ ହୋଇଥିବାବେଳେ ଆଉ ୫ଟି ବେଆଇନ କାର୍ଯ୍ୟ ପୂର୍ବ ଭଳି ବଳବତ୍ତର ରହିଛି, ଯାହାକୁ ନେଇ ଖଣି ଅଞ୍ଚଳରେ ପ୍ରଶାସନର କମ୍ପାନୀ ପ୍ରୀତି ଜଳଜଳ ହୋଇ ଦେଖାଯାଉଛି ବୋଲି ବିଭିନ୍ନ ସ୍ଥାନରେ ଆଲୋଚନାର ବିଷୟ ବସ୍ତୁ ପାଲଟିଛି। ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ହେଙ୍ଗାନ କରିଚାଲିଥିବା କମ୍ପାନୀ ଓ ପରିବହନ ସଂସ୍ଥା ବିରୋଧରେ କଡ଼ା କାର୍ଯ୍ୟାନୁଷାନ ଗ୍ରହଣ କରିବାକୁ ବେହୁରା ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହ ସେ ଜିଲାର ମୁଖ୍ୟ ଅଧିକାରୀମାନଙ୍କ ସହିତ ଆଲୋଚନା କରି ସହଯୋଗ ନିମନ୍ତେ ନିବେଦନ କରିବେ। ତେବେ ଆଶାନୁରୂପ ସହଯୋଗ ନ ମିଳିଲେ ପୁଣି ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେବେ ବୋଲି ଗଣମାଧ୍ୟମ ନିକଟରେ ବେହୁରା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

# ସମବାୟ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରକାଶ

ରସୁଲପୁର,୨୫।୫(ଡି.ଏନ.ଏ.):

ଦୀର୍ଘଦିନର ବ୍ୟବଧାନ ପରେ ରାଜ୍ୟରେ ସମବାୟ ନିର୍ବାଚନ ଅନୁଷ୍ଠିତ ହେବ। ଏହିକ୍ରମରେ ରସୁଲପୁର ବ୍ଲକରେ ୧୧ଟି ସମବାୟ ସମିତିରେ ଭୋଟ ଗ୍ରହଣ କରାଯିବ। ଏଥିସହ ବ୍ଲକ ଅଧୀନ ବିଭିନ୍ନ ତନ୍ତୁବାୟ ପରିଚାଳନା ସମିତିର ସଭାପତି ନିର୍ବାଚିତ ହେବେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଜୁନ ୧୯ରେ ଅନୁଷ୍ଠିତ ହେବାକୁଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଜୁନ ୨୬ରେ ହେବ ବୋଲି ପ୍ରସ୍ତୁତି ଜୋରଦାର ଚାଲିଛି। ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ପ୍ରତ୍ୟେକ ସମିତିର ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ତାଲିକା ପ୍ରତ୍ୟେକ ନିର୍ବାଚନମଣ୍ଡଳୀ(ସମବାୟ ସମିତି) ପାଇଁ ସ୍ୱତନ୍ତ୍ରଭାବରେ ପ୍ରକାଶିତ ହୋଇଛି। ମେ' ୨୫ରୁ ୨୮ ତାରିଖ ମଧ୍ୟରେ ପ୍ରାଥମିକ ଭୋଟର ତାଲିକାକୁ ନେଇ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଅଭିଯୋଗକାରୀ ନିର୍ବାଚନ ଅଧିକାରୀଙ୍କ ନିକଟରେ ସେମାନଙ୍କ ଅଭିଯୋଗ କରିବେ। ମେ'୨୯ରେ ଅଭିଯୋଗର ଶୁଣାଣି ଓ ନିଷ୍ପତ୍ତି ନିଆଯିବ। ମେ' ୩୧ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ନିର୍ବାଚନ ପାଇଁ ଜୁନ୍ ୩ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ମଧ୍ୟରେ ଅମାନତରାଶି ସହ ମନୋନୟନପତ୍ର ଦାଖଲ ଓ ଅପରାହ୍ନ ୩ଟାରେ ମନୋନୟନପତ୍ର ତାଲିକା ପ୍ରକାଶ କରାଯିବ। ଜୁନ୍ ୫ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଘଟିକା ମଧ୍ୟରେ ମନୋନୟନପତ୍ର ଯାଞ୍ଚ କରାଯିବା ସହ ଉପଯୁକ୍ତ କାଗଜାତ୍ ସହ ଆପତ୍ତି ଅଭିଯୋଗ ଦାଖଲ କରାଯିବ। ଜୁନ୍ ୬ରେ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଅଭିଯୋଗର ଶୁଣାଣି କରାଯିବ। ଜୁନ୍ ୭ରେ ଅଭିଯୋଗ ଖଣ୍ଡନ ଉପରେ ଶୁଣାଣି କରାଯିବା ସହ ନିଷ୍ପତ୍ତି ନିଆଯିବ। ଜୁନ୍ ୮ରେ ପ୍ରାର୍ଥୀ ତାଲିକା ପ୍ରକାଶନ, ୯ତାରିଖରେ ମନୋନୟନପତ୍ର ପ୍ରତ୍ୟାହାର ଏବଂ ୧୦ ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ସଂକେତ ସହ ପ୍ରକାଶ କରାଯିବ। ଆବଶ୍ୟକସ୍ଥଳରେ ଜୁନ୍ ୨୬ରେ ଭୋଟ ଗ୍ରହଣ କରାଯିବା ସହ ସେହିଦିନ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

## ନାବାଳକଙ୍କ ମୃତଦେହ ଜବତ

ପାରାଦୀପ,୨୫।୫(ସ୍ୱ.ପ୍ର.):

ପାରାଦୀପ ଆଦର୍ଶ ଥାନା ମଧୁବନ ବୃନ୍ଦାବନ କଲୋନୀ ବେଲ୍ଟଲାଇନ ବସ୍ତି ପାଖ କଂସାରପାଟିଆ ମସ୍ୟଡିଆ ନଦୀରୁ ବୁଧବାର ଜଣେ ନାବାଳକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ନାବାଳକ ହେଲେ ବସ୍ତିର ଦୀପକ ସିଂଙ୍କ ୭ ବର୍ଷୀୟ ପୁଅ ଗଣେଶ। ସେ ମଙ୍ଗଳବାର ସ୍କୁଲ ଛୁଟି ପରେ ଘରକୁ ଫେରି ସାଙ୍ଗମାନଙ୍କ ବାହାରକୁ ଖେଳିବାକୁ ଯାଇଥିଲେ। ତା'ପରଠାରୁ ଘରକୁ ଫେରି ନ ଥିଲେ। ଖୋଜାଖୋଜି ପରେ ନ ପାଇବାରୁ ଥାନାରେ ସୂଚନା ଦେଇଥିଲୁ ବୋଲି ନାବାଳକ ପିତା ଦୀପକ କହିଛନ୍ତି। ବସ୍ତି ପାଖରେ ଥିବା ଉକ୍ତ ନଦୀରୁ ମୃତଦେହ ମିଳିବା ପରେ ପୋଲିସ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ସଚେତନତା ଶୋଭାଯାତ୍ରା କରାଯାଉଛି ।

ଯାଜପୁର ରୋଡ,୨୫।୫(ଡି.ଏନ.ଏ.)

ଇକୋ କ୍ଲବ ପକ୍ଷରୁ ବୁଧବାର ଯାଜପୁର ରୋଡ ଶଶୀଭୂଷଣ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପରିବେଶ ସୁରକ୍ଷା ସମ୍ପର୍କରେ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବୁଧବାର ସମ୍ପନ୍ନ ହୋଇଛି ବୋଲି ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ସୁଶ୍ରୀସଙ୍ଗୀତା ପଣ୍ଡା ସୂଚନା ଦେଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ବେହେରାଙ୍କ ମାର୍ଗଦର୍ଶନରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଦର୍ଶନୀ, ବିଦ୍ୟାଳୟ ପରିସରରେ ପ୍ଲାଷ୍ଟିକ ଏବଂ ପ୍ଲାଷ୍ଟିକ ଜନିତ ବସ୍ତୁର ସନ୍ଧାନ ଓ ଉପଚାର, ପଥପ୍ରାନ୍ତ ନାଟକ, ସ୍ୱଚ୍ଛତା ଅଭିଯାନ, ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ଉଦ୍ଦେଶ୍ୟରେ ଏକ ଜନସଚେତନତା ପଦଯାତ୍ରା ହୋଇଥିଲା। ଏହାସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜୈବ ବିବିଧତା ବିଷୟବସ୍ତୁ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ବିବାହ ବାହାନାରେ ରାଜସ୍ଥାନକୁ ମହିଳା ଚାଲାଣ

■ ଜୁନ୍ ୨ୟ ସପ୍ତାହରେ ୫-ଟି ରୂପାନ୍ତରଣ ସ୍କୁଲ୍‌ର ଲୋକାର୍ପଣ ଉତ୍ସବ
■ପୋଲିସ, ପ୍ରଶାସନ ଚିନ୍ତାଶୂନ୍ୟ

ଯାଜପୁର ଅଫିସ,୨୫।୫

ପ୍ରଶାସନ ଓ ପୋଲିସର ଦୃଷ୍ଟି ଆଢୁଆଳରେ ବିବାହ ଆଳରେ ଗରିବ ଯୁବତୀ ଓ ମହିଳାମାନଙ୍କୁ ବିଭିନ୍ନ ରାଜ୍ୟକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଛି । ଅତୀତରେ ଅନେକ ଅଭିଯୋଗ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ବେଳେ ମଙ୍ଗଳବାର ଯାଜପୁର ଜିଲାର ଜଣେ ବିବାହିତା ମହିଳାଙ୍କୁ ସେହିଭଳି ଭାବେ ରାଜସ୍ଥାନକୁ ଚାଲାଣ କରିବାର ଯୋଜନାକୁ ଜଣେ ଆଇନଜୀବୀଙ୍କ ସମୟୋପଯୋଗୀ ପଦକ୍ଷେପ ଯୋଗୁ ଫସର ଫାଟିଛି । ପୋଲିସର ଉଦାସୀନତା କାରଣରୁ ଏହି ଘଟଣା ପଛରେ ଥିବା ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ ହୋଇ ପାରିନାହିଁ । ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନେ ମଧ୍ୟ ଅନାୟସରେ ଖସିଯିବାରେ ସଫଳ ହୋଇଥିବା ଅଭିଯୋଗ କରିଛନ୍ତି ଚଣ୍ଡିଖୋଲର ବରିଷ୍ଠ ଆଇନଜୀବୀ ଉଦୟନାଥ ସାହୁ ।

ସୂଚନା ଅନୁଯାୟୀ, ଚଣ୍ଡିଖୋଲ କୋର୍ଟରେ କେତେଜଣ ଓଡ଼ିଆ ପୁରୁଷ ଓ ମହିଳାଙ୍କ ସମେତ ଜଣେ ଅଣ ଓଡ଼ିଆ ବ୍ୟକ୍ତିଙ୍କ ଦ୍ୱାରା ଏକ ବିବାହ ସମ୍ପର୍କିତ କାଗଜପତ୍ର ପ୍ରସ୍ତୁତ ହେଉଥିବା ଆଇନଜୀବୀ ସାହୁଙ୍କ ନଜରକୁ ଆସିଥିଲା । ସେମାନଙ୍କ ସନ୍ଦେହଜନକ ଚାଲିଚଳନ ଓ କଥାବାର୍ତ୍ତାରୁ ଦଲାଲଙ୍କ ମାଧ୍ୟମରେ ଏହି ବ୍ୟକ୍ତିମାନେ ଏକ ମହିଳା ଚାଲାଣ ର୍‍ୟାକେଟ୍ ବୋଲି ଆଇନଜୀବୀ ସାହୁ ଆଶଙ୍କା କରିଥିଲେ । ତେଣୁ ସେ ବ୍ୟକ୍ତିଗତ ଭାବେ ଯାଞ୍ଚ କରିବାରେ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିବିଲି ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ରାଜସ୍ଥାନ ରାଜ୍ୟ ଭିଲୱରା ଜିଲା କ୍ରିଷ୍ଣା ନଗର ଅଞ୍ଚଳର ଶ୍ରୀରାମଙ୍କ ୩୫ବର୍ଷୀୟ ପୁଅ କ୍ରିଷ୍ଣା ମୁରାରୀ ମାଲଭ ନାମକ ଯୁବକ ଚଣ୍ଡିଖୋଲ ଅଞ୍ଚଳର ଚଣ୍ଡୀ ମନ୍ଦିରରେ ବିବାହ ସମ୍ପନ୍ନ କରିଥିବା ଦର୍ଶାଇ କେତେଜଣ ଦଲାଲ୍ ଜଣେ ନୋଟାରୀଙ୍କ ନିକଟରେ ନାମକୁ ମାତ୍ର ଏକ ଜାଲ ବିବାହ କାଗଜପତ୍ର ପ୍ରସ୍ତୁତ କରି ତାହା ମାଧ୍ୟମରେ ସମ୍ପୃକ୍ତ ମହିଳାଙ୍କ ସମେତ ତାଙ୍କର ଶିଶୁପୁତ୍ରକୁ ବି ରାଜସ୍ଥାନ ଚାଲାଣ କରିବା ପାଇଁ ଯୋଜନା କରିଥିଲେ । ଏଥିପାଇଁ ଜାଲ କାଗଜପତ୍ର ପ୍ରସ୍ତୁତ ଚାଲିଥିବା ଜାଣି ଆଇନଜୀବୀ ସାହୁ ଏ ସଂକ୍ରାନ୍ତରେ ବଡ଼ଚଣା ଏବଂ ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀଦ୍ୱୟଙ୍କ ସମେତ ଜିଲା ଶିଶୁ କଲ୍ୟାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ବଡ଼ଚଣା ଥାନା ଅଧିକାରୀ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀଙ୍କୁ ସେଠାକୁ ପଠାଇବା ସହ ଜିଲା ଶିଶୁ କଲ୍ୟାଣ ଅଧିକାରୀଙ୍କ ସୂଚନା ଆଧାରରେ ସେହି ଶିଶୁଟିକୁ ଉଦ୍ଧାର କରିବାକୁ ପୁନଶ୍ଚ ବଡ଼ଚଣା ଥାନାର ଆଉ ଜଣେ ମହିଳା ସବ୍ ଇନ୍ସପେକ୍ଟର ସେଠାରେ ଆସି ପହଞ୍ଚିଲେ । କିନ୍ତୁ ପୋଲିସ ପହଞ୍ଚିବା ଭିତରେ ସେମାନେ କୁଆଡେ ଫେରାର ହୋଇଯାଇଥିଲେ । ତେବେ ବାହା ହେବାକୁ ବର ସାଜି ଆସି ସେଠାରେ ଉପସ୍ଥିତ ଥିବା ଲୋକଙ୍କୁ ପୋଲିସ ଅଧିକାରୀମାନେ ପଚରା ଉଚରା କରିବା ସହ ପ୍ରସ୍ତୁତ ବିବାହ ଓ ଶିଶୁପୁତ୍ର ହସ୍ତାନ୍ତର ସମ୍ପର୍କିତ କାଗଜପତ୍ର ତନଖି କରିଥିଲେ। ଏହାସତ୍ତ୍ୱେ ସମ୍ପୃକ୍ତ ପୋଲିସ ଅଧିକାରୀମାନଙ୍କୁ ଆଇନ୍ ବର୍ହିଭୂତ କାର୍ଯ୍ୟ ବୋଲି ପ୍ରତୀୟମାନ ହେଲା ନାହିଁ କିମ୍ବା ଏଥିନେଇ ସେମାନେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରି ପରବର୍ତ୍ତୀ ପଦକ୍ଷେପ ପାଇଁ ପରାମର୍ଶ ଲୋଡ଼ିବାକୁ ଉଚିତ୍ ମନେ କଲେ ନାହିଁ । ପ୍ରସ୍ତୁତ ହୋଇଥିବା କାଗଜପତ୍ରରେ ଉଲ୍ଲେଖ କରାଯାଇଛି ଯେ ମହିଳା ଜଣକ ପୂର୍ବରୁ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଭାଟପଡ଼ା ଗ୍ରାମର କୌଣସି ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ । ତାଙ୍କ ଔରସରୁ ସେ ଗର୍ଭବତୀ ହେବା ଭିତରେ ଏହି ଦମ୍ପତିଙ୍କ ମଧ୍ୟରେ କୌଣସି ବିବାଦ କାରଣରୁ ସେ ଶାଶୁଘର ଛାଡ଼ି ବାଲିବିଲିରେ ଥିବା ତାଙ୍କ ବାପଘରେ ଆସି ରହିବା ସମୟରେ ଗତବର୍ଷ ସେପ୍ଟେମ୍ବରରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହି ତଥାକଥିତ ବିବାହ ସମୟରେ ମହିଳା ଏବଂ କ୍ରିଷ୍ଣା ମୁରାରୀଙ୍କ ପିତାମାତା କିମ୍ବା ସେମାନଙ୍କ କୌଣସି ନିକଟ ସମ୍ପର୍କୀୟ ସେଠାରେ ଉପସ୍ଥିତ ନ ଥିଲେ । ଏଭଳି ଏକ ସ୍ପର୍ଶକାତର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ମହିଳାଙ୍କ ସହିତ ତାଙ୍କ ଶିଶୁପୁତ୍ରକୁ ସୁରକ୍ଷିତ ଉଦ୍ଧାର କରିବାକୁ ଆଇନଜୀବୀ ସାହୁ ଦାବି କରିଛନ୍ତି ।

## ସଂକ୍ଷେପରେ

### ୨୭ରେ ଧାନମଣ୍ଡଳ ସରପଞ୍ଚ ଉପନିର୍ବାଚନ

ଚଣ୍ଡିଖୋଲ,୨୫।୫(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଆସନ୍ତା ୨୭ ତାରିଖ ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହେବ। ସେଥିପାଇଁ ବୁଧବାର ପ୍ରଚାର ଶେଷ ହୋଇଛି। ନିର୍ବାଚନ ପରେ ଶନିବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଭୋଟ ଗଣତି କରାଯିବ ବୋଲି ନିର୍ବାଚନ ଅଧିକାରୀ ତଥା ବଡ଼ଚଣା ବିଡ଼ିଓ ଅଜିତ୍ ନାରାୟଣ ଗିରି ସୂଚନା ଦେଇଛନ୍ତି। ଚଳିତ ନିର୍ବାଚନରେ ୧୩ ବୁଥ୍‌ରେ ୩୮୨୫ଭୋଟର ମତଦାନ କରିବେ। ସେମାନଙ୍କ ମଧ୍ୟରେ ମହିଳା ଭୋଟରଙ୍କ ସଂଖ୍ୟା ୧୮୭୪ ହୋଇଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧୯୫୧ ରହିଛି। ନିର୍ବାଚନ ମଇଦାନରେ ୪ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଦେବାଶିଷ ନାୟକ, ନବଦ୍ୱୀପ ନାୟକ, ଚନ୍ଦନ ପଣ୍ଡା ଓ ନରେନ୍ଦ୍ର ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ତେବେ ଭୋଟ ଗଣତି ପରେ କିଏ ବାଜିମାତ କରିବେ ତାହା ଜଣାପଡ଼ିବ। ସୂଚନା ଥାଉକି, ଗତ ପଞ୍ଚାୟତ ନିର୍ବାଚନ ବେଳେ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣେ ପ୍ରାର୍ଥୀଙ୍କର ମୃତ୍ୟୁ ହୋଇଥିଲା। ଏଥିଯୋଗୁ ନିର୍ବାଚନ ବନ୍ଦ ରହିଥିଲା।

### ନଦୀକୂଳରେ ପଥର ପ୍ୟାକିଂ ଦାବି



ସିଂହପୁର,୨୫।୫(ଡି.ଏନ.ଏ.): ବିଞ୍ଝାରପୁର ଜଳସମ୍ପଦ ବିଭାଗ ଅନ୍ତର୍ଗତ ଜରି ପଞ୍ଚାୟତର ଅଢେଇ ସାହି ଓ ସେଠୀ ସାହି ନିକଟରେ ଖରସ୍ରୋତା ନଦୀର ଅତଡ଼ା ଖାଉଥିବାରୁ ନଦୀକୂଳିଆ ଲୋକେ ବର୍ଷା ଓ ବନ୍ୟା ସମୟରେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ପୂର୍ବରୁ ବନ୍ୟା ସମୟରେ ଏହି ସ୍ଥାନରେ ନଦୀ ଅତଡ଼ା ଧସୁଥିବାରୁ ଜାଫିଲ କରାଯାଇଥିଲା। ତେବେ ସ୍ଥାୟୀ ପଦକ୍ଷେପ ସ୍ୱରୂପ ପଥର ପ୍ୟାକିଂ କରାଯାଉ ନ ଥିବାରୁ ଏହି ସ୍ଥାନର ନଦୀକୂଳ ଲୋକଙ୍କ ବନା ସମୟରେ ନିଦ ହଜିଯାଉଛି। ଆଉ କିଛିଦିନପରେ ବର୍ଷା ଋତୁ ଓ ନଦୀରେ ବନା ଆସିବ। ତେଣୁ ଏହି ସ୍ଥାନରେ ତୁରନ୍ତ ପଥର ପ୍ୟାକିଂ କରାଯିବାକୁ ସ୍ଥାନୀୟ ଅଞ୍ଚଳ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଞ୍ଝାରପୁର ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଓ ସିଂହପୁର ସେକ୍ସନର କନିଷ୍ଠ ଯନ୍ତ୍ରୀ ବିମଳ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ସେମାନେ କହିଛନ୍ତି, ଏହି ଦୁର୍ବଳ ସ୍ଥାନରେ ଶୀଘ୍ର ପଥର ପ୍ୟାକିଂ କରାଯିବ।

### ଜୁନ୍ ୧୮ରୁ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ

ଯାଜପୁର ଟାଉନ,୨୫।୫(ଡି.ଏନ.ଏ.): ସଡ଼କ ସୁରକ୍ଷା ଆମ ଦେଶରେ ଚିନ୍ତାର ଏକ ପ୍ରମୁଖ କାରଣ। ବିଶ୍ୱରେ ସର୍ବାଧିକ ସଡ଼କ ଦୁର୍ଘଟଣା ଭାରତରେ ସଂଗଠିତ ହୋଇଥାଏ, ଯଦ୍ଦ୍ୱାରା ବାର୍ଷିକ ଦେଢ଼ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଥିବା ବେଳେ ୩ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ପଙ୍ଗୁ ଓ ଅକର୍ମଣ୍ୟ ପାଲଟି ଯାଉଛନ୍ତି। ଏଣୁ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ-୨୦୨୨ ଆୟୋଜନ କରାଯାଉଛି, ଯାହାଦେଶରେ ପ୍ରଥମ। ଉକ୍ତ ଉତ୍ସବ ରାଉରକେଲାଠାରେ ଜୁନ ୧୮ ଓ ୧୯ରେ ଏବଂ ପୁରୀଠାରେ ଜୁନ୍ ୨୪ ଓ ୨୫ ତାରିଖରେ ହେବ ବୋଲି ପରିବହନ କମିଶନର ବିଭାଗୀୟ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ସଡ଼କ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବା ସହିତ ଦୁର୍ଘଟଣା ଏବଂ ମୃତ୍ୟୁ ହାରକୁ ହ୍ରାସ କରିବା ଏହି ମହୋତ୍ସବର ମୂଳ ଉଦ୍ଦେଶ୍ୟ। ଓଡ଼ିଶା ଏବଂ ସମଗ୍ର ଦେଶରେ ନିରାପଦ ଗତିଶୀଳତା ସମାଧାନ ପାଇଁ ଚଳଚ୍ଚିତ୍ର ଭିତ୍ତିକ ଅନୁଭୂତି ଏବଂ ଅନୁସନ୍ଧାନ ନିଶ୍ଚିତ ଭାବେ ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇପାରିବ। ଏହି କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ଦୁଇଟି ବର୍ଗରେ ଯଥା- ଓଡ଼ିଆ ଏବଂ ଅଣଓଡ଼ିଆ ଭାଷାରେ କରାଯାଇପାରିବ। ଉତ୍ସବ ପାଇଁ ପ୍ରବେଶାଧିକାର ଉନ୍ମୁକ୍ତ ରହିଛି। ଆସନ୍ତା ଜୁନ୍ ୩ ତାରିଖ ପର୍ଯ୍ୟନ୍ତ ଏହା ଉନ୍ମୋକ୍ତ ରହିବ। ବିଜେତାଙ୍କୁ ୪ ଲକ୍ଷ ଟଙ୍କାର ଅର୍ଥ ରାଶି ପୁରସ୍କାର ଆକାରରେ ଦିଆଯିବ ବୋଲି କମିଶନର ଚିଠିରେ ଉଲ୍ଲେଖ କରିଛନ୍ତି।

# ପ୍ରଭାବିତ ହେବ ଖରିଫ୍ ଧାନ ଚାଷ

- ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇନି ବିହନ
- ଅସ୍ୱାଭାବିକ ପାଣିପାଗ ସମସ୍ୟା ବଢ଼ାଉଛି



ବର୍ଷା ଅଭାବରୁ ଜମି ପଡିଆ ପଡିଛି।

ରସୁଲପୁର,୨୫।୫(ଡି.ଏନ.ଏ.): ରସୁଲପୁର ବ୍ଲକ ଅଞ୍ଚଳର ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଖରିଫ୍ ଧାନଚାଷ କରାଯିବାକୁ ପ୍ରସ୍ତୁତି ହେଉଛି। ତେବେ ଅସ୍ୱାଭାବିକ ପାଣିପାଗ ଯୋଗୁ କ୍ଷେତ ପ୍ରସ୍ତୁତ ହୋଇପାରୁନାହିଁ। କ୍ଷେତରେ ବତର ନ ଥିବାରୁ ଚାଷକାର୍ଯ୍ୟ ଆଗେଇ ପାରୁନାହିଁ। ଅକ୍ଷୟତୃତୀୟାକୁ ୨୨ଦିନ ବିତିଥିଲେ ମଧ୍ୟ ଏଯାଏ ଚାଷୀ ବିହନ କ୍ଷେତକୁ ନେଇନାହାନ୍ତି। ଅନ୍ୟପକ୍ଷରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଖରିଫ ଧାନ ବିହନ ଚାଷୀଙ୍କୁ ପ୍ରଦାନ କରିବା କ୍ଷେତ୍ରରେ ବ୍ଲକ ଅଞ୍ଚଳର ଅଧିକୃତ ଓ କ୍ଷମତାପ୍ରାପ୍ତ ସଂସ୍ଥା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। କ୍ଷେତକୁ ଜଳସେଚିତ କରିବା ସ୍ଥିତି ନୈରାଶ୍ୟଜନକ ହୋଇଥିବାରୁ ଚାଷୀଙ୍କ ପାଖରେ ବର୍ଷାର ବିକଳ୍ପ ନାହିଁ। ସରକାରୀ ସହାୟତା ଠିକ୍ ସମୟରେ ପହଞ୍ଚି ପାରୁ ନ ଥିବାରୁ ଚାଷୀ ନିଜ ଉଦ୍ୟମରେ ସଫଳତା ହାସଲ କରିବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହାଛଡ଼ା ଅମଳବେଳେ ମଣ୍ଡିର ବ୍ୟବସ୍ଥା ଚାଷୀଙ୍କ କାମରେ ନ ଆସିବା ଭଳି ସ୍ଥିତି ସେମାନଙ୍କ ପାଇଁ ଦୁର୍ଗତି ଆଣି ଦେଉଛି। କହିବାକୁ ଗଲେ ଅସ୍ୱାଭାବିକ ପାଣିପାଗ ଓ ଶିଥିଳ ସରକାରୀ ବ୍ୟବସ୍ଥା ଯୋଗୁ ଚଳିତବର୍ଷ ଖରିଫ ଧାନଚାଷ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି।

ଖରିଫ ଋତୁରେ ବ୍ଲକ ଅଞ୍ଚଳ ଚାଷୀ ଧାନକୁ ପ୍ରମୁଖ ଆୟକାରୀ ଫସଲ ଭାବେ ଚାଷ କରୁଛନ୍ତି। ଚଳିତବର୍ଷ ଏହି ଚାଷରେ ବର୍ଷା ବାଧକ ସାଜିଛି। ସ୍ୱଳ୍ପ ବୃଷ୍ଟିପାତ ଓ କାଳବୈଶାଖୀ ବର୍ଷାର ଅଭାବରୁ ଧାନଚାଷ ପ୍ରସ୍ତୁତିରେ ମାନ୍ଦା ଦେଖାଦେଇଛି। ଚାଷ ପାଇଁ ଚାଷୀ ଅକ୍ଷୟ ତୃତୀୟାଠାରୁ ବେଉଷଣ ଆରମ୍ଭ କରିଛନ୍ତି। ହେଲେ ଧାନଚାଷ ପାଇଁ ବେଉଷଣ କାର୍ଯ୍ୟ ଆଗକୁ ବଢ଼ି ପାରୁନାହିଁ। ଦୁର୍ବଳ ଜଳସେଚନ ବ୍ୟବସ୍ଥା ଭିତରେ ଚାଷୀ ପାଇଁ ଅନ୍ୟ ବିକଳ୍ପ ବ୍ୟବସ୍ଥା ନାହିଁ। ପ୍ରକୃତିର ଅନୁକୂଳ ସ୍ଥିତିକୁ ଚାଷୀ ଅପେକ୍ଷା କରିଛନ୍ତି। ତେଣୁ ଚାଷୀଙ୍କୁ କେବଳ ମୌସୁମୀ ବର୍ଷା ସାହା ବୋଲି ସାଧାରଣରେ ଆଲୋଚନା ହେଉଛି। ଚଳିତବର୍ଷ ମେ' ମାସରେ ବାତ୍ୟା ଆସନି ପ୍ରଭାବରେ ଭଲ ବର୍ଷା ହୋଇଥିଲେ ଧାନଚାଷ ସଅଳ ହୋଇଥାନ୍ତା ବୋଲି ଚାଷୀ ଆଶା ବାନ୍ଧିଥିଲେ। ମାତ୍ର ବ୍ଲକରେ ବାତ୍ୟାର ପ୍ରଭାବ ଶୂନ୍ୟ ରହିଥିଲା। ବାତ୍ୟା ଚାଲିଯିବା ପରେ ମୁଣ୍ଡଫଟା ଖରା ପୁଣି ଲେଉଟି ଥିଲା। ଖରାରେ ମାଟିଫାଟି ଆଁ କରିଛି। ସ୍ୱଳ୍ପ ବୃଷ୍ଟିପାତରେ ଧାନ ବୁଣିବାକୁ ଚାଷୀ ସାହସ ଜୁଟାଇ ପାରୁନାହାନ୍ତି। ଅଳପ ବତର ମାଟିରେ ଧାନ ବୁଣିଲେ ଗଜା ମରୁଡ଼ି ହେବା ସମ୍ଭାବନାକୁ ଚାଷୀ ଭୟ କରୁଛନ୍ତି। ପ୍ରଚଣ୍ଡ ଖରା ଓ କାଳବୈଶାଖି ପ୍ରଭାବରେ ବର୍ଷା ସମ୍ଭାବନା କମ୍ ରହୁଛି। ବର୍ଷା ଅଭାବରୁ ଅଧିକାଂଶ କ୍ଷେତ ବେଉଷଣ ହୋଇପାରି ନାହିଁ। ଏଭଳି ସ୍ଥିତିରେ ଚାଷୀ ବିଲରେ ଧାନ ବୁଣିବାକୁ ଅମଙ୍ଗ ହେଉଛନ୍ତି।

ଚଳିତବର୍ଷ ମୌସୁମୀ ସଅଳ ଆସିବ ବୋଲି ପାଣିପାଗ ପକ୍ଷରୁ ପୂର୍ବ ଅନୁମାନ କରାଯାଇଛି। ଏହାର ପ୍ରଭାବରେ ବର୍ଷା ହେଲେ ଚାଷୀ କ୍ଷେତରେ ଧାନ ବୁଣିବା ଆରମ୍ଭ କରିବେ। ଏପରି ସ୍ଥିତିରେ ଖରିଫ ଚାଷରେ ବିଳମ୍ବ ହେବା ଏକ ପ୍ରକାର ଥୟ ବୋଲି ମନେ ହେଉଛି। ଅନ୍ୟପକ୍ଷରେ ଚାଷ ବିଳମ୍ବ ହେଲେ ଅମଳ ପ୍ରଭାବିତ ହେବ। ବର୍ଷକର ଭାତହାଣ୍ଡି ଉଜୁଡ଼ିଯିବ ବୋଲି ଚାଷୀ ମତ ରଖିଛନ୍ତି। ସେପଟେ ଏଯାଏ ସରକାରୀ ଧାନ ବିହନ ବ୍ଲକରେ ପହଞ୍ଚି ପାରିନାହିଁ। ସମବାୟ ସମିତି, ମାର୍କେଫେଡ, ଲାଇସେନ୍ସପ୍ରାପ୍ତ ଡିଲରମାନେ ସରକାରୀ ବିହନ ଉଠାଇ ନ ଥିବା ଘଟଣାରୁ ଏହା ସ୍ପଷ୍ଟ ହୋଇଯାଉଛି। ଏବେ ବ୍ଲକରେ ଖଣ୍ଡଗିରି ଓ ଉଦୟଗିରି କିସମର ଧାନ ବିହନର ଚାହିଦା ରହୁଛି। ଏଥର ସେ ସବୁ କିସମ ଧାନ ବିହନ ସରକାରୀ ଭାବେ ଉପଲବ୍ଧ ହେବ ନାହିଁ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ପୂର୍ବ ବର୍ଷ ଭଳି ଚଳିତବର୍ଷ ଚାଷୀଙ୍କୁ ଘରୋଇ ବିହନକୁ ଭରଷା କରିବାକୁ ପଡ଼ିବ। ଏସବୁ କଷଣ ପରେ ବି ଅମଳ ବେଳେ ଚାଷୀଙ୍କୁ ହଟହଟା ହେବାକୁ ପଡୁଛି। ମଣ୍ଡିରେ ଧାନ ବିକ୍ରି କରିବାରେ ଅସୁବିଧା ହେଉଛି। ଏହି ବ୍ଲକ ଅଞ୍ଚଳରେ ଅଧିକାଂଶ କ୍ଷେତରେ ସ୍ୱଳ୍ପ ମିଆଦୀ ଧାନ ଚାଷ କରାଯାଉଛି। ଅମଳ ବେଳେ ମଣ୍ଡିରେ ଅବ୍ୟବସ୍ଥା ଧାନ କାରବାରରେ ସମସ୍ୟା ସୃଷ୍ଟି କରୁଛି। ବିଶେଷକରି ବିଆଳି ଧାନକୁ ମଣ୍ଡିରେ ଅଣଦେଖା କରାଯାଉଛି। ଏଭଳି ପ୍ରାକୃତିକ ଓ କୃତ୍ରିମ ସମସ୍ୟାରେ ଚାଷୀ ପେଶି ହୋଇଯାଉଛନ୍ତି। ତେବେ ପାଣିପାଗର ଅନିୟମିତତା ସ୍ଥିତିକୁ ମୁକାବିଲା କରିବା ସହ ଚାଷ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ନିମନ୍ତେ ସରକାରୀସ୍ତରରେ ବ୍ୟବସ୍ଥା ପାଇଁ ଚାଷୀଙ୍କ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିଦର୍ଶକ ପଦ୍ମଲୋଚନ ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ଖରିଫ ଧାନ ବିହନ ପ୍ରଦାନ ପାଇଁ ସମବାୟ ସମିତି ଓ ଲାଇସେନ୍ସପ୍ରାପ୍ତ ଡିଲରଙ୍କୁ ଦାୟିତ୍ୱ ଦିଆଯାଇଛି। ମାତ୍ର ସେ ସବୁ ସଂସ୍ଥା ଏଯାଏ ବିହନ ଉଠାଇନାହାନ୍ତି। ତେଣୁ ଶୀଘ୍ର ବିହନ ଉଠାଇବା ପାଇଁ ସେମାନଙ୍କୁ କୁହାଯିବ ବୋଲି ପଣ୍ଡା ମତ ରଖିଛନ୍ତି।

## ପ୍ରଧାନଶିକ୍ଷକଙ୍କ କାର୍ଯ୍ୟରେ ଅଭିଭାବକ ଅତିଷ୍ଠ

ବ୍ରହ୍ମବରଦା,୨୫।୫(ଡି.ଏନ.ଏ.): ରସୁଲପୁର ବ୍ଲକ ରାଉତରାପୁର ପଞ୍ଚାୟତ କୁଣ୍ଡପାଟଣାସ୍ଥିତ ଦର୍ଶନ ସରକାରୀ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ ମନମୁଖି କାର୍ଯ୍ୟ କରୁଛନ୍ତି। ଫଳରେ ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ଅତିଷ୍ଠ ହୋଇ ପଡ଼ିଲେଣି। ଏନେଇ ଯାଜପୁର ଜିଲା ଶିକ୍ଷା ଅଧିକାରୀ, ବରୀ ବିଧାୟିକା ସୁନନ୍ଦା ଦାସ ଓ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କୁ ଗ୍ରାମବାସୀ ଓ ରାଉତରାପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଏହାସତ୍ତ୍ୱେ କୌଣସ ସୁଫଳ ମିଳୁନାହିଁ। ଅଭିଭାବକ ଓ ସରପଞ୍ଚଙ୍କ ଅଭିଯୋଗ ଅନୁଯାୟ, ପ୍ରଧାନଶିକ୍ଷକ ପିଟିଏ ମିଟିଂ ଡକାଇ ଦୀର୍ଘ ସମୟ ଅପେକ୍ଷା କରାଇବା ସହ ସମସ୍ତଙ୍କୁ ଅଣଦେଖା କରୁଛନ୍ତି। ସେହିପରି ଚଳିତ ବୋର୍ଡ ପରୀକ୍ଷା ସମୟରେ ଆଡ୍‌ମିଟ କାର୍ଡ଼ ଦେବା ପାଇଁ ପିଲାଙ୍କ ପିଛା ୭୦ଟଙ୍କା ଲେଖାଏ ଆଦାୟ କରିଥିଲେ। ଗତ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଦେବାସମୟରେ ୧୦୦ଟଙ୍କା ଲେଖାଏ ଆଦାୟ କରିଥିଲେ ବୋଲି ଅଭିଯୋଗ ହୋଇଛି। ତେଣୁ ଏହାର ନିରପେକ୍ଷ ତଦନ୍ତ କରାଯାଇ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏହା ନ ହେଲେ ଅଭିଭାବକ ରାଜରାସ୍ତାକୁ ଓହ୍ଲାଇବେ ବେଲି ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ପଚାରିବାରେ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

# ୪୮ ଖେଳାଳି ରାଜ୍ୟସ୍ତରକୁ ମନୋନୀତ

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ




ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ରସୁଲପୁର,୨୫।୫(ଡି.ଏନ.ଏ.): ରାଜ୍ୟ ଯୁବ ଓ କ୍ରୀଡ଼ା ବ୍ୟାପାର ବିଭାଗ ପକ୍ଷରୁ ରସୁଲପୁର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁନନ୍ଦ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୁଖ୍ୟଅତିଥିଭାବେ ପରିଚାଳନା କମିଟି ସଭାପତି ସତ୍ୟରଞ୍ଜନ ସାହାଣୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ସୁରେଶ ପରିଡ଼ା, ଅଟଳ ବିହାରୀ ବେହେରା, ଅନାଦି ସାହୁ, ପ୍ରଭାକର ପ୍ରଧାନ, ସୁବାସ ବାରିକ, ଶିଳ୍ପା ସ୍ୱାଇଁ, ଫନେନ୍ଦ୍ର ଶତପଥୀ, ବ୍ରଜବନ୍ଧୁ ଗିରି, ସ୍ୱର୍ଣ୍ଣପ୍ରଭା ରାମ, ନସିମ ଖାଁ, ଲିଙ୍ଗରାଜ ରାଉତ, ଧୀରେନ୍ଦ୍ର ନାଥ, ସବିତା ନାୟକ, ରବୀନ୍ଦ୍ର ମହାରଣା ଓ ସିନ୍ଧୁଲତା ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ୧୦ରୁ୧୫ ବର୍ଷ ବିଦ୍ୟାର୍ଥୀଙ୍କୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଉଚ୍ଚତା ଏବଂ ଓଜନ ଆଧାରରେ ଖେଳାଳି ଚୟନ କରାଯାଇଥିଲା। ବିଭାଗ ପକ୍ଷରୁ ୧୨ଟି ଖେଳରେ ଖେଳାଳି ମନୋନୟନ କରାଯିବାକୁ ନିର୍ଦ୍ଦେଶ ରହିଛି। ଏଠାରେ କବାଡ଼ି, ଖୋ-ଖୋ, ଭଲିବଲ, ଆଥଲେଟିକ ଭଳି ଖେଳରେ ଭାଗ ନେଇଥିବା ଖେଳାଳିଙ୍କ ମଧ୍ୟରୁ ୨୭ଜଣ ପୁଅ ଓ ୨୧ଜଣ ଝିଅ ଖେଳାଳିଙ୍କ ସମେତ ମୋଟ ୪୮ଜଣଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି। ଯେଉଁମାନେ ରାଜ୍ୟସ୍ତରରେ ଉନ୍ନତ ଖେଳ ପ୍ରଦର୍ଶନକରି ମନୋନୀତ ହେବେ ସେମାନଙ୍କୁ କ୍ରୀଡ଼ା ଛାତ୍ରାବାସରେ ରହି ପ୍ରଶିକ୍ଷଣ ନେବାର ସୁଯୋଗ ଦିଆଯିବ। ଏଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୨ଟି ବିଦ୍ୟାଳୟରୁ ଶତାଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। କ୍ରୀଡ଼ାକୁ ପରିଚାଳନା କରିବାରେ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

## ବିଭିନ୍ନ ହୋଟେଲରୁ ୧୦ ଶିଶୁ ଶ୍ରମିକ ଉଦ୍ଧାର

ପାଣିକୋଇଲି,୨୫।୫(ଡି.ଏନ.ଏ.): ଯାଜପୁର ଜିଲା ଶିଶୁ ସୁରକ୍ଷା ଓ ଶ୍ରମ ବିଭାଗ ପକ୍ଷରୁ ପାଣିକୋଇଲି ଏବଂ ଷଠିପୁର ଅଞ୍ଚଳର ବିଭିନ୍ନ ହୋଟେଲରେ ଚଢ଼ାଉ କରାଯାଇ ୧୦ ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଷଠିପୁର ଅଞ୍ଚଳର ବିଭିନ୍ନ ହୋଟେଲରେ ଶିଶୁ ଶ୍ରମିକ କାମ କରୁଥିବା ନେଇ ଜିଲାପାଳ ଓ ଶିଶୁ ସୁରକ୍ଷା ବିଭାଗ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ଏହି ଅଭିଯୋଗକୁ ଆଧାରକରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶ୍ରମ ଓ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପାଣିକୋଇଲି ପୋଲିସ ସହାୟତାରେ ପାଣିକୋଇଲିଠାରୁ ଷଠିପୁର ନିକଟରେ ଥିବା ସମସ୍ତ ହୋଟେଲରେ ଚଢ଼ାଉ କରାଯାଇଥିଲା। ସମସ୍ତ ଶିଶୁ ଶ୍ରମିକଙ୍କୁ ପାଣିକୋଇଲି ଥାନାକୁ ଅଣାଯାଇଥିଲା। ସେଠାରେ ୫ଜଣ ଶିଶୁ ଶ୍ରମିକଙ୍କ ଅଭିଭାବକ ଉପଯୁକ୍ତ ପ୍ରମାଣପତ୍ର ଦେଇ ସେମାନଙ୍କ ଶିଶୁଙ୍କୁ ନେଇଥିଲେ। ଅବଶିଷ୍ଟ ୫ ଜଣ ଶିଶୁ ଶ୍ରମିକଙ୍କୁ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟକୁ ପଠାଯାଇଛି। ଚଢ଼ାଉରେ ଶିଶୁ ସୁରକ୍ଷା ବିଭାଗର ବୀରେନ୍ଦ୍ର କୁମାର ଦାସ ଓ ମିହିର କୁମାର ଜେନାଙ୍କ ସମେତ ଶ୍ରମ ବିଭାଗ ଓ ପାଣିକୋଇଲି ଏଏସଆଇ୍ ଉଦୟନାଥ ସୋରେନ ସାମିଲ ହୋଇଥିଲେ।

## ପୋଖରୀ ଖୋଳାରେ ଅନିୟମିତତା



ପୋଖରୀରୁ ଖୋଳାଯାଇଥିବା ମାଟିକୁ ବାହାରେ ବିକ୍ରି କରାଯାଉଛି।

କୋରେଇ,୨୫।୫(ସ୍ୱ.ପ୍ର.): କୋରେଇ ବ୍ଲକ୍ କାଚରାସାହି ପଞ୍ଚାୟତ କାଚରାସାହି ଗ୍ରାମର ସଅରସାହି ପୋଖରୀ ଖୋଳାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପୋଖରୀରୁ ଉଠୁଥିବା ମାଟି ହୁଡ଼ାରେ ପକା ନ ଯାଇ ଏହା ଲୋକଙ୍କୁ ଟ୍ରିପ୍ ପିଛା ୫୦୦ରୁ ୧୦୦୦ ଟଙ୍କାରେ ବିକ୍ରି କରାଯାଉଛି। ତେବେ ପୋଖରୀରୁ ମାଟି ପରିବର୍ତ୍ତେ ମୋରମ ବାହାରୁଥିବାରୁ ବାହାରେ ବିକ୍ରି କରିବାକୁ ସୁବିଧା ହେଉଛି। ପୋଖରୀ ହୁଡାରେ ମାଟି(ମୋରମ) ପକାଗଲେ ଲୋକଙ୍କ ଚଳପ୍ରଚଳ ପାଇଁ ଏହା ସୁବିଧା ହୁଅନ୍ତା। ଏହା ନ କରିବା ଦ୍ୱାରା ବର୍ଷା ସମୟରେ ହୁଡ଼ା କାଦୁଅ ହେବ। ଫଳରେ ଲୋକେ କାରବାର କରିପାରିବେ ନାହିଁ। ପୋଖରୀ ମାଟି ହୁଡ଼ାରେ ପଡିବାର ନିୟମ ଥିଲେ ମଧ୍ୟ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ତତ୍ତ୍ୱାବଧାନରେ ପୋଖରୀ ଖନନ ହେଉଥିବା ବେଳେ ଏଥିପାଇଁ ୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ କରି ନ ଥିଲେ। ଏନେଇ କାର୍ଯ୍ୟ ନିର୍ବାହ ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀବସ୍ସ ରାଉତଙ୍କୁ ପଚାରିବାରେ ସେ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଭଳି ଅନିୟମିତତା ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ




କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ବରୀ,୨୫।୫(ଡି.ଏନ.ଏ.): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ କାର୍ଯ୍ୟକ୍ରମ ବରୀ ଶିକ୍ଷାମଣ୍ଡଳ ଅଧୀନ କୃପାସିନ୍ଧୁ ବିଦ୍ୟାଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାମଣ୍ଡଳ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର୧୦ରୁ ୧୫ ବର୍ଷ ମଧ୍ୟରେ ୯୬ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରେ ୬୭ଜଣ ବାଳିକା ରହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଶମ୍ଭୁନାଥ ଦାଶ ଯୋଗଦେଇ ଛାତ୍ରୀଛାତ୍ର କ୍ରୀଡ଼ା କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ସେମାନଙ୍କ ପ୍ରତିଭା ରାଜ୍ୟସ୍ତରରେ ପରିସ୍ଫୁଟନ କ୍ଷେତ୍ରରେ ଉଦ୍ୟମ ଜାରି ରଖିବା ଉଚିତ୍ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲା ରେଡ୍‌କ୍ରସ ଅଧିକାରୀ ଶଙ୍କର୍ଷଣ ବେହେରା ଉପସ୍ଥିତ ଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁଶ୍ରୀ ଶିଳ୍ପା ଧନ୍ୟବାଦ ଦେଇଥିଲା।

# ଓଲାଶୁଣୀ ପୀଠର ବିକାଶ ପାଇଁ ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ



ଜିଲାପାଳ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ଚଣ୍ଡିଖୋଲ,୨୫।୫(ଡି.ଏନ.ଏ.): ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ଯାଜପୁର ଜିଲାର ଓଲାଶୁଣୀ ପୀଠ ବେଶ ପରିଚିତ। ଏହି ପାହାଡ଼ ପାଦଦେଶରେ ମା' ଓଲାଶୁଣୀ ରହିଥିଲେ ମଧ୍ୟ ଏହାର ଆଖିଦୃଶିଆ ବିକାଶ ହୋଇପାରିନାହିଁ। ସେଥିନେଇ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ବୁଧବାର ଜାତୀୟ ରାଜପଥ ପାର୍ଶ୍ୱ ଓଲାଶୁଣୀ ପାହାଡ଼ର ପୂର୍ବଦିଗରେ ପୂଜିତା ମା' ଓଲାଶୁଣୀଙ୍କ ମନ୍ଦିର ପରିଦର୍ଶନ କରିଛନ୍ତି। ଏହି ସ୍ଥାନରେ ମା'ଙ୍କ ପାଇଁ ସ୍ଥାନୀୟ ପାରମ୍ପରିକ ପ୍ରସ୍ତରଶିଳ୍ପୀଙ୍କ ଦ୍ୱାରା ଏକ ଭବ୍ୟ ଓ ଐତିହ୍ୟମଣ୍ଡିତ ନୂତନ ମନ୍ଦିର ନିର୍ମାଣ ପାଇଁ ଜିଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ଜିଲାପାଳଙ୍କୁ ଏକ ନିବେଦନପତ୍ର ଦିଆଯାଇ ଓଲାଶୁଣୀ ପୀଠର ସାମଗ୍ରିକ ବିକାଶ, ସୌନ୍ଦର୍ଯ୍ୟକରଣ, ନୂତନ ମନ୍ଦିର ନିର୍ମାଣ, ଯାତ୍ରୀ ଓ ପର୍ଯ୍ୟଟକଙ୍କ ରହଣି ସୁବିଧା, ଆବାସିକସ୍ଥଳୀ, କଲ୍ୟାଣମଣ୍ଡପ, ମା'ଙ୍କ ପାଇଁ ରୋଷ ଓ ଷ୍ଟୋର ଗୃହ, ଜାତୀୟ ରାଜପଥ ପାର୍ଶ୍ୱରୁ ଓଲାଶୁଣୀଙ୍କୁ ଯିବା ପଥରେ ସୁଦୃଶ୍ୟ ଐତିହ୍ୟତୋରଣ ନିର୍ମାଣ, ଓଲାଶୁଣୀ ପାହାଡ଼ ପାଦଦେଶରେ ଜଳଫୁଆରା, ମନ୍ଦିର ସଂଲଗ୍ନ ଅଞ୍ଚଳ ଏବଂ ରାସ୍ତାପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକୀକରଣ, ଅନନ୍ତ ଗୁମ୍ଫା ନିକଟରେ ଓଲାଶୁଣୀ ଗୁମ୍ଫା ମହୋତ୍ସବ, ମୁକ୍ତାକାଶ ଉତ୍ସବ ମଣ୍ଡପ ନିର୍ମାଣ, ଓଲାଶୁଣୀ ପର୍ଯ୍ୟଟନ ସୁବିଧା-କେନ୍ଦ୍ରର ପରିଚାଳନା, ପ୍ରାକୃତିକ ପରିବେଶମଣ୍ଡିତ ଓଲାଶୁଣୀ ପାହାଡ଼ରେ ଔଷଧୀୟ ଉଦ୍ୟାନ ପ୍ରତିଷ୍ଠା ସହିତ ଜାତୀୟ ରାଜପଥ ପାର୍ଶ୍ୱରୁ ଓଲାଶୁଣୀ ବାଇଶିପାହାଚ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ପକ୍କାରାସ୍ତାର ପୂର୍ଣ୍ଣାଙ୍ଗକରଣ ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ପରିଦର୍ଶନ ସମୟରେ ଉପସ୍ଥିତ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିଶ୍ୱନାଥ ମାରାଣ୍ଡି, ଉପନିର୍ବାହୀ ଯନ୍ତ୍ରୀ ଜଳନ୍ଧର ବେହେରା ଓ ସହକାରୀ ଯନ୍ତ୍ରୀ ଦିଲୀପ କୁମାର ସାହୁଙ୍କୁ ପ୍ରାୟ କୋଟିଏ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଓଲାଶୁଣୀର ପୂର୍ବପଟ ପକ୍କା ସଡ଼କର ବାକି ଥିବା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ରାଠୋର ପାହାଡ଼ ଶୀର୍ଷରେ ଥିବା ସନ୍ଥ ଅରକ୍ଷିତଙ୍କ ସମାଧି ଦର୍ଶନ କରିବା ସହିତ ବାଇଶିପାହାଚ, ଅନନ୍ତ ଗୁମ୍ଫା, ବନ୍ଦ ହୋଇପଡ଼ିଥିବା ଓଲାଶୁଣୀ ପର୍ଯ୍ୟଟନ ସୁବିଧା କେନ୍ଦ୍ର ଓ କଲ୍ୟାଣମଣ୍ଡପ ମଧ୍ୟ ପରିଦର୍ଶନ କରିଥିଲେ। ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ, ଟ୍ରଷ୍ଟି ମୁଖ୍ୟ ବିରୁପାକ୍ଷ ତ୍ରିପାଠୀ, ରବୀନ୍ଦ୍ର କୁମାର ସାମଲ, ଉମେଶ ଚନ୍ଦ୍ର ସାମଲ ଓ ସରସ୍ୱତୀ ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ।